ISSN-0971-8400

# ଯୋଜନା

ମାର୍ଚ୍ଚ ୨୦୧୮ | ବିକାଶମୂଳକ ମାସିକ ପତ୍ରିକା | ୩୦ ଟଙ୍କା

ବିଶେଷାଙ୍କ

## ସାଧାରଣ ବଜେଟ୍ ୨୦୧୮-୧୯

**କେନ୍ଦ୍ରୀୟ ବଜେଟ ୨୦୧୮-୧୯ ଅର୍ଥନୀତିକୁ ଆଗକୁ ନେବାର ପ୍ରୟାସ**
ଡ. ହସମୁଖ ଅଧିଆ

**ଗରିବୀ ହଟାଓ, କିଷାନ ବଚାଓ ବଜେଟ୍**
ଜେ.ଡି ଅଗରୱାଲ

**ଅର୍ଥନୀତିର ସୁଦୃଢ଼ୀକରଣ ପାଇଁ ଏମ୍ଏସ୍ଏମ୍ଇ ଉପରେ ବଜେଟରେ ଗୁରୁତ୍ୱ**
ଅନିଲ ଭରଦ୍ୱାଜ

**ବଜେଟ ମାଧ୍ୟମରେ ଭିତ୍ତିଭୂମି ସୃଷ୍ଟିର ସମସ୍ୟା**
ଜି. ରଘୁରାମ

ବିଶେଷ ପ୍ରବନ୍ଧ
**ବଜେଟ ଏବଂ ଖାଦ୍ୟ ନିରାପତ୍ତା**
ଏମ୍.ଏସ୍. ସ୍ୱାମୀନାଥନ

ଫୋକସ୍
**ବଜେଟରେ ସ୍ୱାସ୍ଥ୍ୟସେବାକୁ ଅଗ୍ରାଧିକାର**
କେ. ଶ୍ରୀନାଥ ରେଡ୍ଡୀ

ଭିନ୍ନ କଥା
**ଅଭିଳାଷୀ ଜିଲାସମୂହର ପରିବର୍ତ୍ତନ: ଏକ ବିକାଶ ଯାତ୍ରା**
ଅମିତାଭ କାନ୍ତ



# ୨୦୧୮-୧୯ ବଜେଟ ସମ୍ପର୍କରେ ପ୍ରଧାନମନ୍ତ୍ରୀଙ୍କ ମତ



**ବଜେଟ କୃଷକ, ସାଧାରଣ ନାଗରିକ ଓ ବ୍ୟବସାୟ ଅନୁକୂଳ, ଏହା ବ୍ୟବସାୟ ବାତାବରଣ ମୁଖୀ ଓ ବିକାଶମୂଳକ : ପ୍ରଧାନମନ୍ତ୍ରୀ**

**୧ ଫେବୃଆରୀ ୨୦୧୮**

“ କୃଷିଠାରୁ ଭିତ୍ତିଭୂମି ବଜେଟରେ ସବୁ କ୍ଷେତ୍ର ପ୍ରତି ଧ୍ୟାନ ଦିଆଯାଇଛି: ପିଏମ୍ # ନ୍ୟୁଇଣ୍ଡିଆବଜେଟ।

“ ଏହି ବଜେଟଟି କୃଷକ, ସାଧାରଣ ନାଗରିକ ଓ ବ୍ୟବସାୟ ଅନୁକୂଳ ଏବଂ ବିକାଶମୂଳକ: # ନ୍ୟୁଇଣ୍ଡିଆବଜେଟ ମାଧ୍ୟମରେ ଏହା କହିଛନ୍ତି ପ୍ରଧାନମନ୍ତ୍ରୀ।

“ # ନ୍ୟୁଇଣ୍ଡିଆ ବଜେଟ, ଜୀବନଧାରଣକୁ ସହଜ କରିବ କହିଛନ୍ତି ପ୍ରଧାନମନ୍ତ୍ରୀ

“ ବଜେଟ ଗ୍ରାମିଣ ଭାରତ ପାଇଁ ନୂଆ ସୁଯୋଗ ଆଣିବ; ଏହା କୃଷକଙ୍କୁ ବିପୁଳ ଭାବେ ଉପକୃତ କରିବ : ପ୍ରଧାନମନ୍ତ୍ରୀ # ନ୍ୟୁଇଣ୍ଡିଆ ବଜେଟ।

“ ପାଞ୍ଚ କୋଟି ପରିବର୍ତ୍ତେ ଉଜ୍ଜ୍ୱଳା ଯୋଜନାରେ ଏବେ ଆଠ କୋଟି ଗ୍ରାମିଣ ମହିଳା ଉପକୃତ ହେବେ। ଏଥିପାଇଁ ମୁଁ ଅତ୍ୟନ୍ତ ଖୁସୀ : ପ୍ରଧାନମନ୍ତ୍ରୀ # ନ୍ୟୁଇଣ୍ଡିଆବଜେଟ।

“ ଆୟୁଷ୍ମାନ ଭାରତ ଯୋଜନା ବିଶ୍ୱର ସ୍ୱାସ୍ଥ୍ୟ ନିରାପତ୍ତା ସଂକ୍ରାନ୍ତ ସର୍ବବୃହତ୍ ଯୋଜନା: ଏହାଦ୍ୱାରା ଗରିବ ଲୋକେ ପ୍ରଭୂତ ଲାଭ ପାଇବେ : ପ୍ରଧାନମନ୍ତ୍ରୀ # ନ୍ୟୁଇଣ୍ଡିଆବଜେଟ।

“ ବରିଷ୍ଠ ନାଗରିକଙ୍କ ଜୀବନକାଳ ବୃଦ୍ଧିରେ ବଜେଟ ଗୁରୁତ୍ୱ ପ୍ରଦାନ କରିଛି : ପ୍ରଧାନମନ୍ତ୍ରୀ # ନ୍ୟୁଇଣ୍ଡିଆବଜେଟ।

ମାର୍ଚ୍ଚ ୨୦୧୮

# ଯୋଜନା

ଯୁଗ୍ମନିର୍ଦ୍ଦେଶକ (ଉତ୍ପାଦନ) : ଭି. କେ. ମିନା
ବ୍ୟବସାୟ ପରିଚାଳନା : ସୂର୍ଯ୍ୟକାନ୍ତ ଶର୍ମା

ମୁଖ୍ୟ ସଂପାଦକ ଓ ନିର୍ଦ୍ଦେଶକ: ଦୀପିକା କଚ୍ଛଲ
ସଂପାଦକ ଓ ଉପନିର୍ଦ୍ଦେଶକ : ଡକ୍ଟର ଗିରିଶ ଚନ୍ଦ୍ର ଦାଶ

ପଞ୍ଚବିଂଶ ବର୍ଷ / ଷଷ୍ଠ ସଂଖ୍ୟା

## ଏ ସଂଖ୍ୟାରେ...

| ବିଷୟ / ଲେଖକ | ପୃଷ୍ଠା |
|---|---|
| ● ସମ୍ପାଦକୀୟ | ୦୪ |
| ● କେନ୍ଦ୍ରୀୟ ବଜେଟ ୨୦୧୮-୧୯ ଅର୍ଥନୀତିକୁ ଆଗକୁ ନେବାର ପ୍ରୟାସ *ଡ. ହସମୁଖ ଅଧିଆ* | ୫ |
| ● ଗରିବୀ ହଟାଓ, କିଷାନ ବଚାଓ ବଜେଟ୍ *ଜେ.ଡି ଅଗରୱାଲ* | ୮ |
| ● ଅର୍ଥନୀତିର ସୁଦୃଢ଼ୀକରଣ ପାଇଁ ଏମ୍‌ଏସ୍‌ଏମ୍‌ଇ ଉପରେ ବଜେଟରେ ଗୁରୁତ୍ୱ *ଅନିଲ ଭରଦ୍ୱାଜ* | ୧୪ |
| ● ଭିତ୍ତିଭୂମି ସୃଷ୍ଟି ଓ ଏକତ୍ରୀକରଣ *ଜି. ରଘୁରାମ* | ୧୭ |
| ● ଭିନ୍ନ କଥା: ଅଭିଳାଷୀ ଜିଲାସମୂହର ପରିବର୍ତ୍ତନ: ଏକ ବିକାଶ ଯାତ୍ରା *ଅମିତାଭ କାନ୍ତ* | ୨୭ |
| ● କେନ୍ଦ୍ରୀୟ ବଜେଟରେ ଜୀବିକା ସୃଷ୍ଟିର ପ୍ରୟାସ *ଡଃ ରଞ୍ଜିତ ମେହେଟା* | ୪୬ |
| ● ବଜେଟ୍ ୨୦୧୮-୧୯ର ପ୍ରମୁଖ ବିନ୍ଦୁ | ୪୪ |
| ● କେନ୍ଦ୍ର ବଜେଟ୍‌ରେ ଗ୍ରାମ, କୃଷି, କୃଷକ ପ୍ରତି ଗୁରୁତ୍ୱ *ନଟବର ଖୁଣ୍ଟିଆ* | ୫୦ |
| ● ଶିଶୁ କନ୍ୟାଙ୍କ ପାଇଁ ଉଚିତ୍ ପଦକ୍ଷେପ : ସର୍ଭେ | ୫୬ |
| ● ଅର୍ଥନୈତିକ ସର୍ଭେ : କ୍ଷେତ୍ରୱାରୀ ପ୍ରଦର୍ଶନ | ୫୭ |
| ● କେନ୍ଦ୍ର ବଜେଟ୍‌ରେ 'ଆୟୁଷ୍ମାନ୍ ଭାରତ' *ଅନୁପମ ପ୍ରହରାଜ* | ୫୮ |
| ● ବୟୋଜ୍ୟେଷ୍ଠଙ୍କ ପାଇଁ ଆଶ୍ୱସ୍ତି *ସୁମତି କୁଲ୍‌କର୍ଣ୍ଣୀ* | ୬୫ |
| ● ଆପଣ ଜାଣନ୍ତି କି ? | ୭୦ |
| ● ସାମ୍ପ୍ରତିକୀ | ୭୨ |

**ଫୋକସ୍**
ବଜେଟରେ ସ୍ୱାସ୍ଥ୍ୟସେବାକୁ ଅଗ୍ରାଧିକାର
କେ. ଶ୍ରୀନାଥ ରେଡ୍ଡୀ: ୩୯

**ବିଶେଷ ପ୍ରବନ୍ଧ**
ବଜେଟ ଏବଂ ଖାଦ୍ୟ ନିରାପତ୍ତା
ଏମ୍.ଏସ୍. ସ୍ୱାମୀନାଥନ: ୨୨

*Editor*
**YOJANA (ODIA)**
C/O : Public Relations Officer
CRPF, New Delhi

Website : www.publicationsdivision.nic.in
Email : odiayojana@gmail.com
Subscription & Business Queries :
pdjucir@gmail.com
Ph. : 011-26100207

ଯୋଜନାରେ ପ୍ରକାଶିତ ପ୍ରବନ୍ଧରେ ବ୍ୟକ୍ତ ବିଚାର ଲେଖକଙ୍କ ନିଜସ୍ୱ ଅଟେ । 'ଯୋଜନା' ହେଉଛି ପରିକଳ୍ପନା ଓ ଉନ୍ନୟନର ମାସିକ ମୁଖପତ୍ର । ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ହେଉଥିଲେ ମଧ୍ୟ ଏହାର ପରିସର କେବଳ ସରକାରୀ ଦୃଷ୍ଟିକୋଣ ପ୍ରକାଶନରେ ସୀମାବଦ୍ଧ ନୁହେଁ ।

ସମ୍ପାଦକୀୟ

# ଲୋକଙ୍କ ବଜେଟ

ଅର୍ଥ କେଉଁ ବାଟରେ ଖର୍ଚ୍ଚ ହେବ ବଜେଟ ସେ କଥା କହେ; ଟଙ୍କା କୁଆଡ଼େ ଗଲା ସେ ସମ୍ପର୍କରେ ଏହା ବିଶେଷ ଧ୍ୟାନ ଦିଏନାହିଁ। ନିଜ ଘରର ବଜେଟ୍ ପ୍ରସ୍ତୁତ କରିବା ସମୟରେ ଆମେ ସମସ୍ତେ ଆୟ ବ୍ୟୟକୁ ଦୃଷ୍ଟିରେ ରଖି ବିଭିନ୍ନ କାର୍ଯ୍ୟପାଇଁ ଅର୍ଥ ବନ୍ଦୋବସ୍ତ କରିଥାଉଁ। ସେତେବେଳେ ଅପରିଣାମଦର୍ଶୀ ବ୍ୟୟ ପ୍ରତି ସତର୍କ ରହିବା ପାଇଁ ପୁରୁଣା କଥାଟି - 'ଆମଦାନି ଆଠଣା, ଖର୍ଚ୍ଚ ଟଙ୍କାଏ' - ମନେ ପଡ଼େ। ଯେଉଁ ଘରେ ଖର୍ଚ୍ଚ ଉପରେ ହିସାବ ନ'ଥାଏ ସେ ଘରର ଆୟ ବରବାଦ ହୁଏ। ବଜେଟ କରିବା ଅର୍ଥ ଆୟ ବହିର୍ଭୁତ ଖର୍ଚ୍ଚ ନ କରିବାକୁ ଯୋଜନା କରିବା ଏବଂ ନିଜର ଆୟ ଓ ସମ୍ବଳ ମଧ୍ୟରେ ସୀମିତ ରହିବା ପାଇଁ ଚେଷ୍ଟା କରିବା।

ଗୋଟିଏ ଦେଶର ବଜେଟ୍ ମଧ୍ୟ ଏହାର ନାଗରିକଙ୍କ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ। ବିଭିନ୍ନ ସୂତ୍ରରୁ ହେଉଥିବା ଆୟକୁ ହିସାବକୁ ନେଇ ଦେଶର ପ୍ରଶାସକ ଓ ନୀତିନିର୍ଦ୍ଧାରକ ନାନାବିଧ ଖର୍ଚ୍ଚର ବ୍ୟବସ୍ଥା କରିଥାନ୍ତି। ପାରିବାରିକ ବଜେଟ ଭଳି ରାଷ୍ଟ୍ରୀୟ ବଜେଟରେ ମଧ୍ୟ ଶିକ୍ଷା, ସ୍ୱାସ୍ଥ୍ୟ, ଆପାଦ୍‌କାଳୀନ ଖର୍ଚ୍ଚ, ମୌଳିକ ଭିତ୍ତିଭୂମିର ରକ୍ଷଣାବେକ୍ଷଣ ଆଦି ବିଭିନ୍ନ କ୍ଷେତ୍ର ପାଇଁ ଅର୍ଥ ବରାଦ ହୋଇଥାଏ। ଆସନ୍ତା 'ସାଧାରଣ ନିର୍ବାଚନ' ପୂର୍ବରୁ ୨୦୧୮-୧୯ କେନ୍ଦ୍ରୀୟ ବଜେଟ ବର୍ତ୍ତମାନ ସରକାରଙ୍କ ଶେଷ ପୂର୍ଣ୍ଣାଙ୍ଗ ବଜେଟ। ତେଣୁ ସରକାର ଏହି ବଜେଟରେ ଦେଶର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ଯଥା କୃଷି, ଗ୍ରାମ୍ୟ ଉନ୍ନୟନ, ଭିତ୍ତିଭୂମି ବିକାଶ ଓ ସ୍ୱାସ୍ଥ୍ୟ ଆଦି କ୍ଷେତ୍ରରେ ଅର୍ଥ ବ୍ୟୟ ବରାଦ କରିବାବେଳେ ଯଥା ସମ୍ଭବ ଭାରସାମ୍ୟ ରକ୍ଷା କରିବାକୁ ଚେଷ୍ଟା କରିଛନ୍ତି।

ଭାରତ ଭଳି ଦେଶରେ ଯେଉଁଠି କୃଷି ଲୋକଙ୍କର ମୁଖ୍ୟ ଜୀବିକା ସେଠାରେ କୃଷି ଓ କୃଷକର ବିକାଶ ସରକାରୀ କାର୍ଯ୍ୟସୂଚୀରେ ଅଗ୍ରାଧିକାର ପାଇବା ସ୍ୱାଭାବିକ। ଏଥର ବଜେଟରେ କୃଷି କ୍ଷେତ୍ର ପାଇଁ ସରକାର ନାନାବିଧ ପଦକ୍ଷେପ ଗ୍ରହଣ କରିଛନ୍ତି। ଏଥିରେ କୃଷି କ୍ଷେତ୍ରରେ ସଂସ୍କାର ପାଇଁ ପ୍ରୟାସ କରାଯାଇଛି। ଚାଷ ଓ ଚାଷୀଙ୍କ ସ୍ଥିତିରେ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିବା ଲକ୍ଷ୍ୟରେ ନାନାବିଧ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି। 'ଅପରେସନ ଗ୍ରୀନ୍' କାର୍ଯ୍ୟକ୍ରମରେ ଆଳୁ, ପିଆଜ ଓ ଟମାଟୋ ଭଳି ନିତ୍ୟ ବ୍ୟବହାର୍ଯ୍ୟ ପନିପରିବାର ଉପଲବ୍ଧତା ଏବଂ ମୂଲ୍ୟ ସ୍ଥିର ରଖିବାକୁ ଉଦ୍ୟମ ଆରମ୍ଭ ହୋଇଛି। ଖରିଫ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ଦେଢ଼ ଗୁଣ ବୃଦ୍ଧି କରାଯିବା ସହ ଚାଷୀଙ୍କୁ କୃଷି ଋଣ ସୁବିଧାରେ ଯୋଗାଇଦେବାର ବ୍ୟବସ୍ଥା କରାଯାଇଛି। ଆହୁରି ମଧ୍ୟ ୨୨ହଜାର ଗ୍ରାମୀଣ ହାଟକୁ ଗ୍ରାମୀଣ କୃଷି ବଜାରକୁ ଉନ୍ନୀତ କରିବା ପାଇଁ ପଦକ୍ଷେପ ନିଆଯାଇଛି।

ବଜେଟରେ କୃଷକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଗ୍ରାମ୍ୟ ଉନ୍ନୟନ ଓ ତତ୍ ସଂଲଗ୍ନ କ୍ଷେତ୍ରର ବିକାଶ ଅଗ୍ରାଧିକାର ପାଇଛି। ଗ୍ରାମାଞ୍ଚଳ ଭିତ୍ତିଭୂମିର ବିକାଶ କରି ଅଧିକରୁ ଅଧିକ ନିଯୁକ୍ତି ସୃଷ୍ଟି ପାଇଁ ଉଦ୍ୟମ କରାଯାଇଛି। ୨୦୨୨ ସୁଦ୍ଧା ସମସ୍ତ ବାସହୀନଙ୍କୁ ଆବାସ ଯୋଗାଣ ଲକ୍ଷ୍ୟ ପୂରଣ ଉଦ୍ଦେଶ୍ୟରେ ବଜେଟରେ ୨୦୧୯ ସୁଦ୍ଧା ଏକ କୋଟି ଘର ନିର୍ମାଣ କରିବାର ଲକ୍ଷ୍ୟ ରଖାଯାଇ ଆବଶ୍ୟକ ବ୍ୟୟ ବରାଦ କରାଯାଇଛି। ଏହା ସହିତ ସମଗ୍ର ଦେଶରେ ସ୍ୱଚ୍ଛଭାରତ ଯୋଜନାରେ ଆଉ ୨କୋଟି ଶୌଚାଳୟ ନିର୍ମାଣରେ ଲକ୍ଷ୍ୟ ରଖାଯାଇଛି। ମହିଳା ସ୍ୱୟଂସେବୀ ଗୋଷ୍ଠୀଙ୍କ ନିମନ୍ତେ ଅଧିକ ସୁବିଧା ସୁଯୋଗର ବ୍ୟବସ୍ଥା ସହିତ ନିମ୍ନ ମଧ୍ୟବିତ୍ତ ଶ୍ରେଣୀର ମହିଳାଙ୍କ କଲ୍ୟାଣ ପାଇଁ 'ସୌଭାଗ୍ୟ ଯୋଜନା'ର ପରିସରକୁ ବୃଦ୍ଧି କରାଯାଇଛି। ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ର ପାଇଁ ଏଥର ବଜେଟରେ ବ୍ୟୟ ବରାଦ ପୂର୍ବ ବଜେଟ ଅପେକ୍ଷା ଦୁଇଗୁଣ କରାଯାଇ ୨୮୦୦କୋଟି ଟଙ୍କା ହୋଇଛି। ଏଥିରେ ମତ୍ସ୍ୟ, ପଶୁପାଳନ ଆଦି ଆତ୍ମନିଯୁକ୍ତି ସୁଯୋଗ ଥିବା କ୍ଷେତ୍ର ପାଇଁ ଅଧିକ ପାଣ୍ଠି ଯୋଗାଣର ବ୍ୟବସ୍ଥା କରାଯାଇଛି। ସରକାର ଚାଷୀଙ୍କ ଆୟ ବୃଦ୍ଧି ପାଇଁ ଯେଉଁ ଲକ୍ଷ୍ୟ ରଖିଛନ୍ତି, ତଦନୁସାରେ ଜାତୀୟ ବାଉଁଶ ମିଶନର ପୁନର୍ଗଠନ କରି ଏହି କ୍ଷେତ୍ରରେ ଅଧିକ ରୋଜଗାର ସୁଯୋଗ ଓ ଆୟବୃଦ୍ଧି ବ୍ୟବସ୍ଥା କରିବାକୁ ପ୍ରୟାସ କରିଛନ୍ତି।

ବଜେଟରେ ସ୍ୱାସ୍ଥ୍ୟ ସେବାକୁ ବିଶେଷ ଗୁରୁତ୍ୱ ପ୍ରଦାନ କରାଯାଇଛି। ଏଥର ବଜେଟରେ ଯେଉଁ ଜାତୀୟ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନା (ଏନ୍‌ଏଚ୍‌ପିଏସ୍) କରାଯାଇଛି ତାହାକୁ ବିଶ୍ୱର ସବୁଠୁ ବଡ଼ ସ୍ୱାସ୍ଥ୍ୟସେବା ଯୋଜନା ବୋଲି କୁହାଯାଉଛି। ଏହି ଯୋଜନା ମଧ୍ୟରେ ରହିଛି ଦେଶର ୧୦କୋଟି ଗରିବ ଓ ବଞ୍ଚିତ ପରିବାରକୁ ବାର୍ଷିକ ପାଞ୍ଚ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା ସୁବିଧା ଯୋଗାଣ। ସେହିଭଳି ଆୟୁଷ୍ମାନ ଭାରତ କାର୍ଯ୍ୟକ୍ରମରେ ସମଗ୍ର ଦେଶରେ ଦେଢ଼ ଲକ୍ଷ ସ୍ୱାସ୍ଥ୍ୟ ଓ ନିରାମୟ କେନ୍ଦ୍ର ଖୋଲିବାକୁ ୧୨୦୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି।

ଶିକ୍ଷା କ୍ଷେତ୍ରରେ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟମାନ ସ୍ଥାପନ କରିବାକୁ ଯେଉଁ ଘୋଷଣା କରାଯାଇଛି ସେଥିରେ ଆଦିବାସୀ ଅଞ୍ଚଳର ପିଲାଙ୍କୁ ନିଜସ୍ୱ ପରିବେଶ ମଧ୍ୟରେ ଉତ୍ତମମାନର ଶିକ୍ଷା ପ୍ରଦାନ କରିବାର ଲକ୍ଷ୍ୟ ରହିଛି। ଏହା ଏକ ଅଭିନନ୍ଦନୀୟ ପଦକ୍ଷେପ। ପ୍ରଧାନମନ୍ତ୍ରୀ ରିସର୍ଚ୍ଚ ଫେଲୋ (ପ୍ରଧାନମନ୍ତ୍ରୀ ଗବେଷଣା ବୃତ୍ତି) ନାମରେ ଏକ ନୂଆ ଯୋଜନା ସମ୍ପର୍କରେ ଏଥର ବଜେଟରେ ବ୍ୟବସ୍ଥା ହୋଇଛି। ଏଥିରେ ଆଇଆଇଟି ଓ ଆଇଆଇଏସ୍‌ସି ଭଳି ପ୍ରତିଷ୍ଠାନରେ ଗବେଷଣା (ପିଏଚ୍‌ଡି) କରିବାକୁ ଯୋଗ୍ୟ ଏକ ହଜାର ଛାତ୍ରଛାତ୍ରୀଙ୍କୁ ମୋଟା ଅଙ୍କର ବୃତ୍ତି ମିଳିବ।

ବରିଷ୍ଠ ନାଗରିକଙ୍କୁ ଏକ ମର୍ଯ୍ୟାଦାଜନକ ଜୀବନ ଯୋଗାଇଦେବା ଉଦ୍ଦେଶ୍ୟରେ ବଜେଟରେ ନାନା ପ୍ରସ୍ତାବନା ରହିଛି। ଡାକଘର ଓ ବ୍ୟାଙ୍କରେ ବରିଷ୍ଠ ନାଗରିକଙ୍କ ଜମା ଉପରେ ମିଳୁଥିବା ସୁଧର ଆୟକର ଛାଡ଼ ସୀମାକୁ ବୃଦ୍ଧି କରାଯାଇଛି। ଆଗରୁ ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ସୁଧ ଉପରେ ଆୟକର ପଡୁ ନ ଥିଲା। ଏବେ ତାହାକୁ ୫୦ହଜାର ଟଙ୍କାକୁ ବଢ଼ାଇ ଦିଆଯାଇଛି। ସେହିଭଳି ସ୍ୱାସ୍ଥ୍ୟ ବୀମା ପ୍ରିମିୟମ ଓ ମେଡିକାଲ ବ୍ୟୟସୀମାକୁ ୩୦ ରୁ ୫୦ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ପ୍ରଧାନମନ୍ତ୍ରୀ ବୟବନ୍ଦନା କାର୍ଯ୍ୟକ୍ରମରେ ବୟସ୍କ ଲୋକଙ୍କୁ ୭.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜମା ଉପରେ ଆଠ ଶତାଂଶ ହାରରେ ସୁଧ ପ୍ରଦାନର ଯେଉଁ ବ୍ୟବସ୍ଥା ଥିଲା ତାହାର ମିଆଦକୁ ୨୦୨୦ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ସେହିଭଳି ଏହି ଯୋଜନାରେ ଜମାରାଶୀ ପରିମାଣକୁ ଦ୍ୱିଗୁଣିତ ଅର୍ଥାତ ୧୫ ଲକ୍ଷ ଟଙ୍କା କରାଯାଇଛି।

କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗକୁ ଅଭିବୃଦ୍ଧିର ଇଂଜିନ ଭାବେ ବର୍ଣ୍ଣନା କରି ବଜେଟରେ ଏହି କ୍ଷେତ୍ର ପାଇଁ ୩୭୯୪ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ଏହା ଫଳରେ ସଂପୃକ୍ତ ଉଦ୍ୟୋଗକୁ ଋଣ ଯୋଗାଣ, ପୁଞ୍ଜି ଯୋଗାଣ ଓ ଋଣବାବଦ ସହାୟତା ବଢ଼ିବ। ଏହା ଆତ୍ମ ନିଯୁକ୍ତିର ସୁଯୋଗ ସୃଷ୍ଟି କରିବା ସହ ନିଯୁକ୍ତି ପରିସର ବଢ଼ାଇବାରେ ସହାୟକ ହେବ।

ସରକାର ବଜେଟରେ ସୁଗମ ବ୍ୟବସାୟ ବ୍ୟବସ୍ଥାର ସୁବିଧା ସୁଯୋଗକୁ ପ୍ରସାରିତ କରି ଦେଶର ଜନତାଙ୍କ ଜୀବନଯାପନକୁ ସୁଗମ କରିବାକୁ ବାଟ ଫିଟାଇଛନ୍ତି। ଏଥର ବଜେଟରେ ଯେଉଁସବୁ ପ୍ରୟାସ କରାଯାଇଛି ସେସବୁ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ସମାବେଶୀ ବିକାଶ ପାଇଁ ଉଦ୍ଦିଷ୍ଟ ଯାହା ଆର୍ଥିକ ଦୃଷ୍ଟିରୁ ପ୍ରତ୍ୟେକ ନାଗରିକଙ୍କୁ ସଂଯୁକ୍ତ କରୁଛି।

# କେନ୍ଦ୍ରୀୟ ବଜେଟ ୨୦୧୮-୧୯ ଅର୍ଥନୀତିକୁ ଆଗକୁ ନେବାର ପ୍ରୟାସ

● ଡ. ହସମୁଖ ଅଧିଆ

୨୦୧୮-୧୯ ବର୍ଷର କେନ୍ଦ୍ରୀୟ ବଜେଟ ବିଭିନ୍ନ ଦୃଷ୍ଟିରୁ ଅଦ୍ୱିତୀୟ। ଗତ ଦୁଇ ବର୍ଷ ମଧ୍ୟରେ ସରକାର କାର୍ଯ୍ୟକାରୀ କରିଥିବା ଦୁଇଟି ପ୍ରମୁଖ ଢାଞ୍ଚାଗତ ସଂସ୍କାର-ବିମୁଦ୍ରାୟନ ଓ ଜିଏସ୍‌ଟି ପ୍ରବର୍ତ୍ତନ ପରିପ୍ରେକ୍ଷୀରେ ଅର୍ଥନୀତିରେ ସକାରାତ୍ମକ ପ୍ରଭାବ ଦେଖାଦେଇଥିବା ସମୟରେ ଏହି ବଜେଟ ଉପସ୍ଥାପିତ ହୋଇଛି। ଦେଶର ଅର୍ଥନୀତିରେ ସବୁ କ୍ଷେତ୍ରରେ ପ୍ରଗତିର ଲକ୍ଷଣ ପ୍ରକାଶ ପାଉଥିବାବେଳେ ଏହାକୁ ପ୍ରୋତ୍ସାହିତ କରିବାକୁ ବଜେଟରେ ସମସ୍ତ ପ୍ରକାର ପଦକ୍ଷେପ ନିଆଯାଇଛି। ଏହା ଫଳରେ ଏକ ଉତ୍ତମ ଆର୍ଥିକ ପରିବେଶ ସୃଷ୍ଟି ହେବା ସହ ଦେଶର ଅଭିବୃଦ୍ଧି ବାର୍ଷିକ ୮ ଶତାଂଶ ହାରରେ ବଢ଼ିବାର ସମ୍ଭାବନା ଦେଖାଦେଇଛି।

ବିଭିନ୍ନ ଦୃଷ୍ଟିରୁ ଏହି ବଜେଟ ଅନ୍ୟାନ୍ୟ ବଜେଟଠାରୁ ଭିନ୍ନ। ଏହି ବଜେଟର ମୁଖ୍ୟାଂଶ ହେଲା କୃଷି ଓ ଗ୍ରାମ୍ୟ ଅର୍ଥନୀତିର ବିକାଶ ପାଇଁ ଅଧିକ ଅର୍ଥ ବରାଦ। ଏହି କ୍ଷେତ୍ର ପାଇଁ ଅଧିକ ଟଙ୍କା ଖର୍ଚ୍ଚ ହେଲେ ଏହା ଚାଷୀଙ୍କୁ ସାହାଯ୍ୟ କରିବା ସହ ସେମାନଙ୍କ ଆୟ ବୃଦ୍ଧିରେ ସହାୟକ ହେବ। ଏହାଦ୍ୱାରା ମଧ୍ୟ ଦ୍ରବ୍ୟ ଓ ସେବା ପାଇଁ ଅଧିକରୁ ଅଧିକ ଚାହିଦା ସୃଷ୍ଟି ହେବା ସହିତ ପୁଞ୍ଜି ନିବେଶକୁ ପ୍ରୋତ୍ସାହନ ମିଳିବ। ଏଥର ବଜେଟରେ ସର୍ବାଧିକ ଅର୍ଥ ଗ୍ରାମାଞ୍ଚଳ ଭିତ୍ତିଭୂମି ନିର୍ମାଣ ଓ ଗ୍ରାମୀଣ ନିଯୁକ୍ତି ସୃଷ୍ଟି ପାଇଁ ଖର୍ଚ୍ଚ ହେବ। ଗ୍ରାମାଞ୍ଚଳ ଜୀବନଜୀବିକା କାର୍ଯ୍ୟକ୍ରମ ପାଇଁ ଏଥର ବଜେଟରେ ବ୍ୟୟବରାଦ ବଢ଼ିଛି। ଏହାର ସୁଯୋଗ ନେଇ ସ୍ୱୟଂସହାୟକ ଗୋଷ୍ଠୀ, ମୁଖ୍ୟତଃ ମହିଳା, ବିଶେଷ ଲାଭାନ୍ୱିତ ହୋଇପାରିବେ। ସେମାନଙ୍କୁ କର୍ପସ ପାଣ୍ଠି ଓ ବ୍ୟାଙ୍କରୁ ଋଣ ମିଳିବାରେ ଅସୁବିଧା ରହିବ ନାହିଁ।

ଖାଦ୍ୟ ପ୍ରକ୍ରିୟାକରଣ ଓ ଗୋପାଳନ କ୍ଷେତ୍ର ପାଇଁ ଏଥର ବ୍ୟୟ ବରାଦ ଯଥେଷ୍ଟ ବୃଦ୍ଧି କରାଯାଇଛି। ଏହା ଫଳରେ କୃଷି କ୍ଷେତ୍ରର ସହାୟକ ଉଦ୍ୟୋଗ ସମୂହ ଲାଭବାନ ହୋଇପାରିବ। ଏହା ମଧ୍ୟ ପ୍ରାଥମିକ କୃଷିଜାତ ପଦାର୍ଥର ମୂଲ୍ୟ ମିଶ୍ରଣରେ ସହାୟକ ହେବ। ଟମାଟୋ, ପିଆଜ ଓ ଆଳୁ ଏହି ତିନି ପ୍ରମୁଖ ପରିବାର ମୂଲ୍ୟରେ ଯେଉଁ ଅସ୍ଥିରତା ଲାଗିରହୁଛି ତାହାର ଦୂରୀକରଣ ନିମନ୍ତେ ବଜେଟରେ ବ୍ୟବସ୍ଥା କରାଯାଇଛି। ଏଥିପାଇଁ ଅପରେସନ ଗ୍ରୀନ୍ (ସବୁଜ ଅଭିଯାନ) ନାମରେ ଏକ ଯୋଜନା ପ୍ରସ୍ତୁତ ହୋଇ ଅର୍ଥ ବରାଦ ହୋଇଛି। ଏହା ଦୁଗ୍ଧ ବନ୍ୟା ଯୋଜନା ଢାଞ୍ଚାରେ କାର୍ଯ୍ୟକାରୀ ହେବ। ଅପରେସନ ଗ୍ରୀନ୍ କାର୍ଯ୍ୟକ୍ରମ ପାଇଁ ପ୍ରାରମ୍ଭିକ ଭାବେ ୫୦୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ଏଥିରେ ଆଳୁ ପିଆଜ ଓ ଟମାଟୋ ଉତ୍ପାଦନ କେନ୍ଦ୍ର ଏବଂ ବିକ୍ରୟ କେନ୍ଦ୍ରଗୁଡ଼ିକୁ ସଂଯୁକ୍ତ କରାଯିବା ସହ ଏଥିପାଇଁ ଆବଶ୍ୟକ ସହାୟକ ବ୍ୟବସ୍ଥା ପ୍ରସ୍ତୁତ କରାଯିବ। ଉତ୍ପାଦନ ସ୍ଥଳରୁ ଖାଉଟିଙ୍କ ପାଖକୁ ଏସବୁ ଅତ୍ୟାବଶ୍ୟକ ସାମଗ୍ରୀ ପହଞ୍ଚାଇବାକୁ ସରକାର ବ୍ୟବସ୍ଥା ଗ୍ରହଣ କରିବେ। ଆବଶ୍ୟକସ୍ଥଳେ ପ୍ରାକ୍‌ପ୍ରକ୍ରିୟାକରଣ ବ୍ୟବସ୍ଥା, ଶୀତଳଭଣ୍ଡାର, ଗୋଦାମ ଘରମାନ ପ୍ରସ୍ତୁତ କରାଯିବ ଏବଂ କୃଷକ ଉତ୍ପାଦକ ସଂଘ ସମୂହକୁ ଏଥିରେ ସଂପୃକ୍ତ କରାଯିବ। ଯେଉଁ ଚାଷୀ - ଉତ୍ପାଦକ କମ୍ପାନୀ ଏସବୁ ସାମଗ୍ରୀର ପରିବହନ ଓ ବିପଣନରେ ସଂପୃକ୍ତ ସେଗୁଡ଼ିକୁ ଏକଶହ କୋଟି ଟଙ୍କା ପର୍ଯ୍ୟନ୍ତ କାରବାର ଉପରେ ଆୟକର ଛାଡ଼ ଦେବାକୁ ବଜେଟରେ ବ୍ୟବସ୍ଥା



କରାଯାଇଛି। ଏହା ଫଳରେ କୃଷିଜାତ ଦ୍ରବ୍ୟ ପରିବହନ ଓ ପ୍ରକ୍ରିୟାକରଣରେ ସଂପୃକ୍ତ ବୃତ୍ତିଗତ ସଂସ୍ଥା ଉତ୍ସାହିତ ହେବେ।


ଏଥର ବଜେଟରେ ଗ୍ରାମାଞ୍ଚଳ ପାଇଁ ଯେଉଁ ବ୍ୟୟ ବରାଦ କରାଯାଇଛି ତାହାଦ୍ୱାରା ଗ୍ରାମାଞ୍ଚଳ ଅର୍ଥନୀତିରେ ୩୨୧କୋଟି ଶ୍ରମଦିବସ ସୃଷ୍ଟି ହେବ। ଏଥିରେ ମଧ୍ୟ ୫୧ଲକ୍ଷ ନୂଆ ଗ୍ରାମାଞ୍ଚଳ ଆବାସ ନିର୍ମାଣ ସହିତ ୧.୮୮ କୋଟି ଶୌଚାଳୟ, ୩.୧୭ ଲକ୍ଷ କିମି ଗ୍ରାମାଞ୍ଚଳ ସଡ଼କ ନିର୍ମାଣ ଏବଂ ୧.୭୫ କୋଟି ଗ୍ରାମାଞ୍ଚଳ ଘରକୁ ନୂଆ କରି ବିଜୁଳି ସଂଯୋଗର ବ୍ୟବସ୍ଥା ରହିଛି। ଏହାଦ୍ୱାରା ମଧ୍ୟ କୃଷି କ୍ଷେତ୍ରର ଉନ୍ନତି ହେବ।

> ଗ୍ରାମାଞ୍ଚଳ ଜୀବନଜୀବିକା କାର୍ଯ୍ୟକ୍ରମ ପାଇଁ ଏଥର ବଜେଟରେ ବ୍ୟୟବରାଦ ବଢ଼ିଛି। ଏହାର ସୁଯୋଗ ନେଇ ସ୍ୱୟଂସହାୟକ ଗୋଷ୍ଠୀ, ମୁଖ୍ୟତଃ ମହିଳା, ବିଶେଷ ଲାଭାନ୍ୱିତ ହୋଇପାରିବେ। ସେମାନଙ୍କୁ କର୍ପସ ପାଣ୍ଠି ଓ ବ୍ୟାଙ୍କରୁ ଋଣ ମିଳିବାରେ ଅସୁବିଧା ରହିବ ନାହିଁ।

ଏଥର ବଜେଟର ଦ୍ୱିତୀୟ ଗୁରୁତ୍ୱପୂର୍ଣ୍ଣ ବିଷୟଟି ହେଲା - ସ୍ୱାସ୍ଥ୍ୟ, ଶିକ୍ଷା ଓ ଅନ୍ୟାନ୍ୟ ସାମାଜିକ ସୁରକ୍ଷା ଯୋଜନା ଉପରେ ଗୁରୁତ୍ୱ। ଶିକ୍ଷା କ୍ଷେତ୍ରରେ ଉତ୍ତମ ଶିକ୍ଷା ଯୋଗାଣ ଓ ଯୋଗ୍ୟ, ଉନ୍ନତ ମାନର ଶିକ୍ଷକ ନିଯୁକ୍ତିକୁ ବଜେଟରେ ଗୁରୁତ୍ୱ ଦିଆଯୋଇଛି। ଅତିରିକ୍ତ ଶିକ୍ଷା ପାଇଁ ଡିଜିଟାଲ ଟେକନୋଲୋଜିର ଉପଯୋଗ ଅଗ୍ରାଧିକାର ପାଇଛି। ଉଚ୍ଚ ଶିକ୍ଷା କ୍ଷେତ୍ରରେ ଏକ ମହତ୍ୱାକାଂକ୍ଷୀ ଯୋଜନା ରଖାଯାଇଛି। ଏଥିରେ ଅତି ଉନ୍ନତ ଓ ଅଗ୍ରଣୀ ଶିକ୍ଷାନୁଷ୍ଠାନ ନିର୍ମାଣର ଲକ୍ଷ୍ୟ ରହିଛି। ସେହିଭଳି ଏମ୍ସ ଢାଞ୍ଚାର ନୂଆ ହସ୍ପିଟାଲ ଓ ବୈଷୟିକ ଶିକ୍ଷାନୁଷ୍ଠାନ ଅଧିକ ସଂଖ୍ୟାରେ ଖୋଲିବାକୁ

ବଜେଟ୍ ୨୦୧୮-୧୯

## ବଜେଟ୍‌ର ସାଂଖ୍ୟିକ ମୁଖ୍ୟାଂଶ



| କୋଟି ଟଙ୍କାରେ | ୨୦୧୬-୧୭ ବାସ୍ତବିକ | ୨୦୧୭-୧୮ ବଜେଟ୍ ଆକଳନ | ୨୦୧୭-୧୮ ସଂଶୋଧିତ ଆକଳନ | ୨୦୧୭-୧୮ ବଜେଟ୍ ଆକଳନ |
|---|---|---|---|---|
| ରାଜସ୍ୱ ଆୟ | ୧୩,୭୪, ୨୦୩ | ୧୫,୧୫,୭୭୧ | ୧୫,୦୫,୪୨୮ | ୧୭,୨୫,୭୩୮ |
| ପୁଞ୍ଜି ଆୟ * | ୬,୦୦,୯୯୧ | ୬,୩୦,୯୬୪ | ୭,୧୨,୩୨୨ | ୭,୧୬,୪୭୫ |
| ସମଗ୍ର ଆୟ | ୧୯,୭.୧୯୪ | ୨୧,୪୬,୭୩୫ | ୨୨,୧୭,୭୫୦ | ୨୪,୪୨,୨୧୩ |
| ସମଗ୍ର ବ୍ୟୟ | ୧୯,୭.୧୯୪ | ୨୧,୪୬,୭୩୫ | ୨୨,୧୭,୭୫୦ | ୨୪,୪୨,୨୧୩ |
| ରାଜସ୍ୱ ନିଅଣ୍ଟ | ୩,୧୬,୩୮୧ | ୩,୨୧,୧୬୩ | ୪,୩୮,୮୭୭ | ୪,୧୬,୦୩୪ |
| ବାସ୍ତିବକ ରାଜସ୍ୱ ନିଅଣ୍ଟ | ୧,୫୦,୬୪୮ | ୧,୨୫,୮୧୩ | ୨,୪୯,୬୩୨ | ୨,୨୦, ୬୮୯ |
| ବିତ୍ତୀୟ ନିଅଣ୍ଟ | ୫,୩୫,୬୧୮ | ୫,୪୬,୫୩୧ | ୫,୯୪,୮୪୯ | ୬,୨୪,୨୭୬ |
| ପ୍ରାଥମିକ ନିଅଣ୍ଟ | ୫୪,୯୦୪ | ୨୩,୪୫୩ | ୬୪,୦୦୬ | ୪୮,୪୮୧ |

* ବଜାର ସ୍ଥିରୀକରଣ ଯୋଜନା ସମ୍ବନ୍ଧୀୟ ଆୟକୁ ଛାଡ଼ି

PIB/KBK

ବ୍ୟୟବରାଦ ହୋଇଛି । ଆଗାମୀ ଚାରି ବର୍ଷ ମଧ୍ୟରେ ଏଥିପାଇଁ ଏକ ଲକ୍ଷ୍ୟ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ଏବଂ ବଜେଟ ବାହାରେ ଏଥିପାଇଁ ଆବଶ୍ୟକ ଅର୍ଥ ଯୋଗାଡ଼ର ବ୍ୟବସ୍ଥା କରାଯିବ ।

ସେହିଭଳି ସ୍ୱାସ୍ଥ୍ୟ କ୍ଷେତ୍ରରେ ଏକ ଉଚ୍ଚାଭିଳାଷୀ କାର୍ଯ୍ୟକ୍ରମ 'ଆରୋଗ୍ୟ ଭାରତ'ର ପରିକଳ୍ପନା କରାଯାଇ ବ୍ୟୟ ବରାଦ କରାଯାଇଛି । ଏହି ଯୋଜନା ମାଧ୍ୟମରେ ପ୍ରାଥମିକ ସ୍ୱାସ୍ଥ୍ୟସେବା ପାଇଁ ଆରୋଗ୍ୟ କେନ୍ଦ୍ରମାନ ସ୍ଥାପନ ହେବ । ତା'ଛଡ଼ା ସ୍ୱାସ୍ଥ୍ୟ ସେବା ପାଇଁ ବୀମା ବ୍ୟବସ୍ଥା କରାଯାଇଛି ଯାହାଦ୍ୱାରା ପ୍ରତ୍ୟେକ ବିପିଏଲ ପରିବାର ଖର୍ଚ୍ଚ ବହୁଳ ଚିକିତ୍ସା ପାଇଁ ବାର୍ଷିକ ପାଞ୍ଚଲକ୍ଷ ଟଙ୍କାର ବୀମା ସୁବିଧା ପାଇବେ । ଏହି ଯୋଜନାରେ ୧୦କୋଟି ପରିବାର ବା ୫୦କୋଟି ଲୋକ ଅସ୍ତ୍ରୋପଚାର ଓ ଅନ୍ୟାନ୍ୟ ବ୍ୟୟବହୁଳ ଚିକିତ୍ସାର ସୁବିଧା ଲାଭ କରିବେ । ସେମାନେ ଘରୋଇ ହସ୍‌ପିଟାଲରେ ଚିକିତ୍ସିତ ହେଲେ ସେବାବଦରେ ପଇସାଟିଏ ମଧ୍ୟ ସେମାନଙ୍କୁ ଖର୍ଚ୍ଚ କରିବାକୁ ପଡ଼ିବ ନାହିଁ । ଏହାଦ୍ୱାରା ଗରିବ ଲୋକମାନେ କ୍ୟାନ୍‌ସର, ହୃଦ୍‌ରୋଗ ଭଳି ବ୍ୟୟବହୁଳ ଚିକିତ୍ସା ସମୟରେ ରାଷ୍ଟ୍ରର ସହାୟତା ଲାଭ କରିପାରିବେ । କ୍ଷୁଦ୍ର ଓ ମଧ୍ୟମ ଶିଳ୍ପୋଦ୍ୟୋଗ ପାଇଁ ମଧ୍ୟ ଏଥର ବଜେଟରେ ଅନେକ ପଦକ୍ଷେପ ନିଆଯାଇଛି । ଏହି କ୍ଷେତ୍ରର ବିକାଶ ସହିତ ଅଧିକ ନିଯୁକ୍ତି ସୃଷ୍ଟି ଏଥିରେ ଗୁରୁତ୍ୱ ପାଇଛି । ନୂଆ ନିଯୁକ୍ତି ସୃଷ୍ଟି କ୍ଷେତ୍ରରେ କର୍ମଚାରୀଙ୍କ ବେତନର ୧୨ ଶତାଂଶ ସରକାର ବହନ କରିବେ । ଏହାସହିତ କର୍ମଚାରୀଙ୍କ ବେତନର ୩୦ ଶତାଂଶ ଅର୍ଥ ଆୟକର ଆଇନ ଅନୁସାରେ ମାଲିକଙ୍କ ଖର୍ଚ୍ଚରୁ ରିଆତି ହିସାବରେ ଗଣ୍ୟ ହେବ ଯାହାଉପରେ ସେମାନଙ୍କୁ ଆୟକର ଦେବାକୁ ପଡ଼ିବ ନାହିଁ । ବଜେଟରେ ବୟନ ଓ ଚମଡ଼ା ଉଦ୍ୟୋଗକୁ ଅଧିକ ପ୍ରୋତ୍ସାହନ ଦିଆଯାଇଛି ।

> ୨୦୧୮-୧୯ ବର୍ଷର କେନ୍ଦ୍ରୀୟ ବଜେଟ ବିଭିନ୍ନ ଦୃଷ୍ଟିରୁ ଅଦ୍ୱିତୀୟ । ଗତ ଦୁଇ ବର୍ଷ ମଧ୍ୟରେ ସରକାର କାର୍ଯ୍ୟକାରୀ କରିଥିବା ଦୁଇଟି ପ୍ରମୁଖ ଢାଞ୍ଚାଗତ ସଂସ୍କାର- ବିମୁଦ୍ରାୟନ ଓ ଜିଏସ୍‌ଟି ପ୍ରବର୍ତ୍ତନ ପରିପ୍ରେକ୍ଷୀରେ ଅର୍ଥନୀତିରେ ସକାରାତ୍ମକ ପ୍ରଭାବ ଦେଖାଦେଇଥିବା ସମୟରେ ଏହି ବଜେଟ ଉପସ୍ଥାପିତ ହୋଇଛି । ଦେଶର ଅର୍ଥନୀତିରେ ସବୁ କ୍ଷେତ୍ରରେ ପ୍ରଗତିର ଲକ୍ଷଣ ପ୍ରକାଶ ପାଉଥିବାବେଳେ ଏହାକୁ ପ୍ରୋତ୍ସାହିତ କରିବାକୁ ବଜେଟରେ ସମସ୍ତ ପ୍ରକାର ପଦକ୍ଷେପ ନିଆଯାଇଛି । ଏହା ଫଳରେ ଏକ ଉତ୍ତମ ଆର୍ଥିକ ପରିବେଶ ସୃଷ୍ଟି ହେବା ସହ ଦେଶର ଅଭିବୃଦ୍ଧି ବାର୍ଷିକ ୮ ଶତାଂଶ ହାରରେ ବଢ଼ିବାର ସମ୍ଭାବନା ଦେଖାଦେଇଛି ।

ଭିତ୍ତିଭୂମି ବିକାଶ କ୍ଷେତ୍ରରେ ସରକାର ଅଧିକ ପୁଞ୍ଜି ଖଟାଇବାକୁ ବଜେଟରେ ବ୍ୟବସ୍ଥା କରିଛନ୍ତି । ପୁରୁଣା ସଡ଼କ, ରେଳପଥ, ସହରାଞ୍ଚଳ ଭିତ୍ତିଭୂମିର ବିକାଶ ସହିତ ଏଭଳି ନୂଆ ପ୍ରକଳ୍ପମାନ କାର୍ଯ୍ୟକାରୀ କରିବାକୁ ସରକାର ଏକ ବଡ଼ଯୋଜନା ହାତକୁ ନେଇଛନ୍ତି । ବଜେଟ ବାହାରେ ଅର୍ଥ ବ୍ୟବସ୍ଥା କରି ଏବଂ ଋଣ ଆଣି ଏସବୁ କାର୍ଯ୍ୟ କରାଯିବ । ଭିତ୍ତିଭୂମି କ୍ଷେତ୍ରରେ ଆସନ୍ତା ଆର୍ଥିକ ବର୍ଷରେ ୫.୯୭ ଲକ୍ଷ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । ପୂର୍ବ ବଜେଟରେ (୨୦୧୭-୧୮) ଏହି ବ୍ୟୟବରାଦ ଥିଲା ୪.୯୪ ଲକ୍ଷ କୋଟି ।

ଜିଏସ୍‌ଟି ପ୍ରବର୍ତ୍ତନ ଫଳରେ ଅର୍ଥନୀତି ଉପରେ ଯେଉଁ ସାମୟିକ ପ୍ରଭାବ ପଡ଼ିଥିଲା ତାହାଦ୍ୱାରା ପରୋକ୍ଷ କର ଆଦାୟ କ୍ଷେତ୍ରରେ ଅନିଶ୍ଚିତା ପରିଲକ୍ଷିତ ହୋଇଥିଲା । ଏହାସତ୍ତ୍ୱେ ସରକାର ଏକ ବାସ୍ତବବାଦୀ ଓ ବିଜ୍ଞ ଆର୍ଥିକ ସୁଦୃଢ଼ୀକରଣ ନୀତି ଆପଣେଇଛନ୍ତି । ୨୦୧୭-୧୮ ବର୍ଷର ବିତ୍ତୀୟ ନିଅଣ୍ଟ ଜିଡିପିର ୩.୨ ଶତାଂଶ ହେବ ବୋଲି ଯେଉଁ ଲକ୍ଷ୍ୟ ରଖାଯାଇଥିଲା ତାହାକୁ ସଂଶୋଧିତ କରି ୩.୫ ଶତାଂଶ କରାଯାଇଛି । ଫଳରେ ଆସନ୍ତା ବର୍ଷ ଏହି ନିଅଣ୍ଟ ପରିମାଣ ଜିଡିପିର ୩.୩%ରେ ସ୍ଥିର ରହିବା ସମ୍ଭାବନା ଅଧିକ । ୨୦୧୮-୧୯ ବର୍ଷରେ ବିମୁଦ୍ରାୟନ ଓ ଜିଏସ୍‌ଟିର ଉତ୍ତମ ପ୍ରଭାବ ଯୋଗୁଁ ରାଜସ୍ୱ ଆଦାୟ ଆଗାମୀ ଦିନରେ ଅଧିକ ହେବ ବୋଲି ଆଶା କରାଯାଉଛି । ଏହା ଯଦି ହାସଲ ହୁଏ ତେବେ ସରକାରୀ ଯୋଜନାଗୁଡ଼ିକୁ ଅର୍ଥ ଯୋଗାଇବାକୁ ସରକାରଙ୍କୁ ଅଧିକ ପାଣ୍ଠି ମିଳିବ । ମୋଟାମୋଟି ଭାବେ ଏହି ବଜେଟ ଅଭିବୃଦ୍ଧିମୂଳକ । ଏହା ଗ୍ରାମ୍ୟ ଅର୍ଥନୀତିକୁ ସମୃଦ୍ଧ ଓ ଶକ୍ତିଶାଳୀ କରିବା ସହ ଅଧିକ ନିଯୁକ୍ତି ସୃଷ୍ଟି କରିବ ।

**ଲେଖକ ଭାରତ ସରକାରଙ୍କ ଅର୍ଥ ସଚିବ ।**

# ଗରିବୀ ହଟାଓ, କିଷାନ ବଚାଓ ବଜେଟ୍

● ଜେ.ଡି ଅଗରୱାଲ

ଦେଶର ସାଂପ୍ରତିକ ଆର୍ଥିକ, ସାମାଜିକ ଓ ରାଜନୈତିକ ସ୍ଥିତିକୁ ବିଚାରକୁ ନେଇ ଚଳିତ ବର୍ଷର କେନ୍ଦ୍ରୀୟ ବଜେଟକୁ ଅନୁଶୀଳନ କରିବା ଉଚିତ। ଭାରତ ସରକାର ଗତ ଚାରିବର୍ଷ ମଧ୍ୟରେ ଆର୍ଥିକ କ୍ଷେତ୍ରରେ କେତେକ ଢାଞ୍ଚାଗତ ସଂସ୍କାର କାର୍ଯ୍ୟକାରୀ କରିଛନ୍ତି। ଏହା ଫଳରେ ଅର୍ଥନୈତିକ କ୍ଷେତ୍ରରେ ଉନ୍ନତି ଘଟିବା ସହିତ ଦେଶର ଜିଡିପି ଅଭିବୃଦ୍ଧି ହାର ୨୦୧୭-୧୮ ଆର୍ଥିକ ବର୍ଷରେ ୬.୭୫ ଶତାଂଶ ହୋଇଥିଲା। ୨୦୧୮-୧୯ରେ ଏହା ୭.୫ ଶତାଂଶରେ ପହଞ୍ଚିବ ବୋଲି ଆଶା କରାଯାଉଛି। ୨୦୧୬ ନଭେମ୍ବରରେ ନିଆଯାଇଥିବା ବିମୁଦ୍ରାୟନ ପଦକ୍ଷେପ ଏବଂ ୨୦୧୭ ଜୁଲାଇ ପହିଲାରେ ପ୍ରବର୍ତ୍ତିତ ଦ୍ରବ୍ୟ ଓ ସେବାକର (ଜିଏସ୍‌ଟି) କେନ୍ଦ୍ର ସରକାରଙ୍କର ଦୁଇଟି ପ୍ରମୁଖ ଆର୍ଥିକ ସଂସ୍କାରବାଦୀ କାର୍ଯ୍ୟକ୍ରମ। ଏହାଛଡ଼ା ଆଧାରକାର୍ଡ ପ୍ରବର୍ତ୍ତନ, ଏଫ୍‌ଡିଆଇ ଉଦାରୀକରଣ, ଆର୍ଥିକ ଚାପର ସମ୍ମୁଖୀନ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସମୂହଙ୍କୁ ୮୮ ହଜାର କୋଟି ଟଙ୍କାର ପୁଂଜି ଯୋଗଣ ଭଳି ପଦକ୍ଷେପ ଯୋଗୁଁ ନିକଟ ଅତୀତରେ ଦେଶର ଅର୍ଥନୀତିରେ ଉନ୍ନତି ପରିଲକ୍ଷିତ ହୋଇଛି।


ଏସବୁ ସରକାରୀ ପଦକ୍ଷେପର ଫଳସ୍ୱରୂପ ଆର୍ଥିକ ଅଭିବୃଦ୍ଧି ୭.୨ ଶତାଂଶରେ ପହଞ୍ଚିବା ସହିତ ମୁଦ୍ରାସ୍ଫୀତି କ୍ରମାଗତ ସ୍ଥିର ରହିଛି। ଛ'ବର୍ଷ ମଧ୍ୟରେ ଏହା ସର୍ବନିମ୍ନ ସ୍ତରରେ ପହଞ୍ଚିଛି। ଏହାଛଡ଼ା ବିତ୍ତୀୟ ସୁଦୃଢ଼ୀକରଣ, ମାକ୍ରୋ ଇକୋନୋମିକ ସ୍ଥିରତା ରକ୍ଷା ହୋଇଛି ଏବଂ ବୈଦେଶିକ ମୁଦ୍ରା ମହଯୁଦ ପରିମାଣ ୧୪.୧ ଶତାଂଶ ହାରରେ ବଢ଼ି ୪୦୯.୪ ବିଲିୟନ ଡଲାରରେ ପହଞ୍ଚିପାରିଛି। ଏହି ସମୟ ମଧ୍ୟରେ ସରକାର ରାଷ୍ଟ୍ରାୟତ୍ତ ଉଦ୍ୟୋଗରୁ ପୁଂଜି ପ୍ରତ୍ୟାହାର କରି ଏକ ଲକ୍ଷ କୋଟି ଟଙ୍କା ସଂଗ୍ରହ କରିଥିବାବେଳେ ପ୍ରତ୍ୟକ୍ଷ ଲାଭ ପ୍ରଦାନ ଯୋଜନା (ଡିବିଟି)କୁ ଆଧାରଭିତ୍ତିକ କରି ସବ୍‌ସିଡି ବାବଦରେ ୬୫ହଜାର କୋଟି ଟଙ୍କା ସଞ୍ଚୟ କରିପାରିଛନ୍ତି। ଏସବୁ ଉପଲବ୍ଧି ଭାରତୀୟ ଅର୍ଥନୀତିର ସ୍ଥିତିସ୍ଥାପକ ଶକ୍ତିକୁ ପ୍ରମାଣିତ କରେ।

ଭାରତୀୟ ଅର୍ଥନୀତି ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ପ୍ରଦର୍ଶନକାରୀ ଅର୍ଥନୀତି। ବିମୁଦ୍ରାୟନ ଓ ଜିଏସ୍‌ଟି ପ୍ରବର୍ତ୍ତନ ଭଳି ଢାଞ୍ଚାଗତ ସଂସ୍କାର କାର୍ଯ୍ୟକାରୀ ହେବା ପରେ ଅର୍ଥନୀତି ଉପରେ ତାହାର କୁପ୍ରଭାବ ସେପରି ବିଶେଷ ପଡ଼ିନାହିଁ। ସାମୟିକ ବ୍ୟାଘାତ ସତ୍ତ୍ୱେ ଆର୍ଥିକ କ୍ଷେତ୍ରରେ ସରକାର ଭାରସାମ୍ୟ ରଖିବାରେ ସଫଳ ହୋଇଛନ୍ତି। ଏହା ସତ୍ତ୍ୱେ ଭାରତୀୟ ଅର୍ଥନୀତି କେତେକ ଆହ୍ୱାନର ସମ୍ମୁଖୀନ। ୨୦୧୭-୧୮ରେ କୃଷି କ୍ଷେତ୍ରରେ ସ୍ୱଳ୍ପ ଅଭିବୃଦ୍ଧି ହାର ସେଥିମଧ୍ୟରୁ ଅନ୍ୟତମ। ଏହି ସ୍ୱଳ୍ପ ଅଭିବୃଦ୍ଧି



ହାରରେ ମଧ୍ୟ ଦେଶରେ ୨୦୧୬-୧୭ରେ ୨୭୫.୭ ନିୟୁତ ଟନ୍ ଖାଦ୍ୟ ଶସ୍ୟ ଓ ୩୦୦ ନିୟୁତ ଟନ୍ ଫଳ ଓ ପନିପରିବା ଉତ୍ପାଦିତ ହୋଇପାରିଥିଲା। ସେମିତି ଦେଖିଲେ ଏହା ଏକ ବେଶ୍ ଭଲ ଉତ୍ପାଦନ। ଚାଷୀମାନଙ୍କ ଆୟ ଦ୍ୱିଗୁଣିତ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ତତ୍ପରତା ଦୃଷ୍ଟିରୁ କୃଷି ଉତ୍ପାଦନ ବୃଦ୍ଧି ସହିତ ଚାଷୀଙ୍କ ପାଇଁ ଏକ ଲାଭଜନକ ବଜାର ସୃଷ୍ଟି କରିବାକୁ ପଡ଼ିବ। ସେଥିପାଇଁ ଆମ ଭିତ୍ତିଭୂମି ବ୍ୟବସ୍ଥାକୁ ସୁଦୃଢ଼ କରି ଚାଷବାସରେ ସମୃଦ୍ଧ ହେବାକୁ ହେବ। ଏହାସହିତ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଯେଉଁ ସବୁ ସମସ୍ୟା ରହିଛି ତାହାକୁ ଦୂରକରିବା ସହ ଅଧିକରୁ ଅଧିକ ନିଯୁକ୍ତି ସୃଷ୍ଟି କରି ଲୋକଙ୍କୁ ରୋଜଗାର ଦେବାକୁ ପଡ଼ିବ। ଦାରିଦ୍ର୍ୟ ଦୂରୀକରଣ, ମହିଳା ସଶକ୍ତୀକରଣ, ସମସ୍ତଙ୍କୁ ବିଜୁଳି, ପିଇବା ପାଣି ଯୋଗାଣ, ଗ୍ରାମାଞ୍ଚଳ ରାସ୍ତାଘାଟର ଉନ୍ନତି ସହିତ ଉତ୍ତମ ଯୋଗାଯୋଗ ବ୍ୟବସ୍ଥା ଆଦି ଯୋଗାଇ ଦେବାକୁ ହେବ। ଏସବୁ ଅର୍ଥନୀତିକୁ ସମୃଦ୍ଧ କରାଇବାରେ ଅବଶ୍ୟ ସହାୟକ ହେବ। ସବୁ କାମ ପାଇଁ ଅର୍ଥର ଆବଶ୍ୟକତା ରହିଛି। ଦେଶର ବିକାଶରେ ବ୍ୟାଙ୍କସମୂହଙ୍କ ଭୂମିକା ଅନସ୍ୱୀକାର୍ଯ୍ୟ। ମାତ୍ର ମନ୍ଦରଣ ଓ ଅନାଦାୟ ଋଣ ଯୋଗୁଁ ଦେଶର ପ୍ରାୟ ସବୁ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଗୁରୁତର ଆର୍ଥିକ ଚାପର ସମ୍ମୁଖୀନ। ସେ ସମସ୍ୟାର ସମାଧାନ ପାଇଁ ସେସବୁ ବ୍ୟାଙ୍କକୁ ସରକାରଙ୍କୁ ପୁଂଜି ଯୋଗାଇବାକୁ ପଡ଼ିବ।

ତେଣୁ ଏସବୁ ସମସ୍ୟାର ସମାଧାନ ପାଇଁ ଚଳିତ ବର୍ଷର ବଜେଟରେ ସରକାର ଆବଶ୍ୟକ ପଦକ୍ଷେପମାନ ନେଇଛନ୍ତି। କୃଷି, ଗ୍ରାମ୍ୟ ଉନ୍ନୟନ, ସ୍ୱାସ୍ଥ୍ୟ, ଶିକ୍ଷା, ନିଯୁକ୍ତି, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପୋଦ୍ୟୋଗ ଓ ଭିତ୍ତିଭୂମି କ୍ଷେତ୍ରର ବିକାଶକୁ ଏଥର ବଜେଟରେ ଯଥାର୍ଥ ଅଗ୍ରାଧିକାର ଦିଆଯାଇଛି।




**ଆର୍ଥିକ ଅଭିବୃଦ୍ଧି ଓ ବିତ୍ତୀୟ ସୁଦୃଢ଼ୀକରଣ:** ଏଥର ବଜେଟରୁ ସୂଚନା ମିଳିଛି ଯେ ଭାରତର ଅର୍ଥନୀତିର ଆକାର ୨.୫ ଟ୍ରିଲିୟନ ହେବ। ସେ ଦୃଷ୍ଟିରୁ ଅର୍ଥମନ୍ତ୍ରୀ ଯଥାର୍ଥରେ ୮ ଶତାଂଶର ଅଭିବୃଦ୍ଧି ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ତେଣୁ ଅଗାମୀ ଆର୍ଥିକ ବର୍ଷରେ ଅଭିବୃଦ୍ଧି ହାରକୁ ୭.୨ ରୁ ୭.୪ ଶତାଂଶକୁ ବଢ଼ାଇବାକୁ ପଡ଼ିବ। ଏହି ଆର୍ଥିକ ବର୍ଷ ମଧ୍ୟରେ ଭାରତ ମଧ୍ୟ ବିଶ୍ୱର ସବୁଠୁ ଦ୍ରୁତ ଅଭିବୃଦ୍ଧି ହାସଲକାରୀ ରାଷ୍ଟ୍ର ହେବ ବୋଲି ଆକଳନ କରାଯାଇଛି। କୃଷି ଓ ଔଦ୍ୟୋଗିକ କ୍ଷେତ୍ରର ଯଥାର୍ଥ ବିକାଶ ନ' ଘଟିଲେ ଏହି ଲକ୍ଷ୍ୟ ହାସଲ ହୋଇପାରିବ ନାହିଁ। ସରକାର ଏବେ କୃଷି କ୍ଷେତ୍ରକୁ ଅଗ୍ରାଧିକାର ଦେଉଥିବା ବେଳେ ଔଦ୍ୟୋଗିକ ବିକାଶ ପାଇଁ 'ମେକ୍ ଇନ୍ ଇଣ୍ଡିଆ' କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରୁଛନ୍ତି ଏବଂ ଏହା ଏକ ଯଥାର୍ଥ ପ୍ରୟାସ।

ଅର୍ଥମନ୍ତ୍ରୀ ଜିଡିପିର ୩.୨ ଶତାଂଶ ମଧ୍ୟରେ ବିତ୍ତୀୟ ନିଅଣ୍ଟକୁ ସୀମିତ ରଖିବା ଘେନି ବିଶେଷ ଚିନ୍ତିତ ଥିବା ଜଣାପଡୁଛି। ଏହି ନିଅଣ୍ଟ ୨୦୧୦ରେ ୬.୪ ଶତାଂଶ ଥିଲା ଏବଂ ଏହାକୁ ହ୍ରାସ କରି ଭାରତ ଏଥିପାଇଁ ଥିବା ଆନ୍ତର୍ଜାତିକ ସ୍ତରରେ ଗ୍ରହଣଯୋଗ୍ୟ ସୀମା ଭିତରେ ରହିବାକୁ ସକ୍ଷମ ହୋଇଛି। ବିତ୍ତୀୟ ନିଅଣ୍ଟ ହ୍ରାସ ପାଇବା ଫଳରେ ଭାରତର ଋଣ କରିବା ଓ ପରିଶୋଧ

କରିବାର ମାନ (ସଭରେନ ରେଟିଂ)ରେ ଗତବର୍ଷ ଉନ୍ନତି ଆସିଛି। ସଭରେନ ରେଟିଂରେ ବୃଦ୍ଧି ଓ ଖୁଚୁରା କ୍ଷେତ୍ରରେ ଶତପ୍ରତିଶତ ପୁଂଜି ନିବେଶ ଅନୁମତି ସହିତ ସୁଗମ ବ୍ୟବସାୟ ବ୍ୟବସ୍ଥା ପାଇଁ ପଦକ୍ଷେପ ଫଳରେ ସରକାରଙ୍କ ଧାର୍ଯ୍ୟ ଆଭିମୁଖ୍ୟ ପୂରଣ ହୋଇପାରିବ ବୋଲି ଆଶା କରାଯାଏ।

ଗ୍ରାମାଞ୍ଚଳରେ ଜୀବିକା ସୃଷ୍ଟି ତଥା ବିଭିନ୍ନ କଲ୍ୟାଣକାରୀ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବାକୁ ଏଥର ବଜେଟରେ ଯେଉଁ ୧୪.୩୪ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି ତାହା ଉଲ୍ଲେଖଯୋଗ୍ୟ। ଗରିବୀ ହଟାଓ ଲକ୍ଷ୍ୟ ହାସଲ ପାଇଁ ଏ ଯେଉଁ ଅର୍ଥ ବରାଦ ହୋଇଛି ତାହାକୁ ପ୍ରଗତିଶୀଳ, ଦୂରଦର୍ଶୀ ଏବଂ ଠିକଣା ଦିଗରେ ଠିକଣା ପଦକ୍ଷେପ କହିଲେ ଅତ୍ୟୁକ୍ତି ହେବ ନାହିଁ। ବଜେଟରେ ଯେଉଁସବୁ ଢାଞ୍ଚାଗତ ପରିବର୍ତ୍ତନ କରାଯାଇଛି ତାହା ଗରିବ, ଚାଷୀ, ସମାଜର ଦୁର୍ବଳ ବର୍ଗ ଏବଂ ଅନୁନ୍ନତ ଅଞ୍ଚଳର ବିକାଶ ପାଇଁ ବିଶେଷ ସହାୟକ ହେବ।

**କୃଷି ଓ ଗ୍ରାମ୍ୟ ଅର୍ଥନୀତି:**

ଭାରତର ଅର୍ଥନୀତି ଏବେ ମଧ୍ୟ କୃଷି ପ୍ରଧାନ ଏବଂ ୪୯ ଶତାଂଶ ଲୋକ ଚାଷବାସ ସହିତ ପ୍ରତ୍ୟକ୍ଷ ଭାବେ ଜଡ଼ିତ। ଗ୍ରାମାଞ୍ଚଳରେ ଅଧିକ ଲୋକ ବସବାସ କରୁଥିବାରୁ ସେମାନେ ଜୀବିକା ଉପାର୍ଜନ ପାଇଁ ମୁଖ୍ୟତଃ ଚାଷବାସ ଉପରେ ନିର୍ଭର କରିଥାନ୍ତି। ତେଣୁ ବିଭିନ୍ନ ସମୟରେ କେନ୍ଦ୍ର ସରକାର ଗ୍ରାମାଞ୍ଚଳ ଓ କୃଷି ବିକାଶ ଉପରେ ଅଗ୍ରାଧିକାର ଦେଇଆସିଛନ୍ତି। ଏହା ସତ୍ତ୍ୱେ ଗ୍ରାମାଞ୍ଚଳର ଲୋକେ ଉତ୍କଟ ଦାରିଦ୍ର୍ୟ ମଧ୍ୟରେ କାଳାତିପାତ କରିବା ସହ ନାନାଦି ଅସୁବିଧାର ସମ୍ମୁଖୀନ। ତେଣୁ ଏହି କ୍ଷେତ୍ରର ବିକାଶ ଅପରିହାର୍ଯ୍ୟ ଏବଂ ସେଥିପାଇଁ ଉପଯୁକ୍ତ ଯୋଜନା ଓ କାର୍ଯ୍ୟକ୍ରମ ଲୋଡ଼ା। ଗ୍ରାମାଞ୍ଚଳ ଲୋକଙ୍କ ବିକାଶ ପାଇଁ କୃଷି, ସ୍ୱାସ୍ଥ୍ୟ, ଶିକ୍ଷା, ମୌଳିକ ଭିତ୍ତିଭୂମି, ଯୋଗାଯୋଗ ଓ ଆତ୍ମନିଯୁକ୍ତି ଭଳି ସୁବିଧା ସୁଯୋଗ ଲୋଡ଼ା।



ବଜେଟ୍ ୨୦୧୮-୧୯

## ସ୍ୱର୍ଣ୍ଣ ବାଣିଜ୍ୟ ପାଇଁ ପ୍ରୟାସ

- **ସୁନାକୁ ସମ୍ପତ୍ତି ଶ୍ରେଣୀଭୁକ୍ତ କରିବା ପାଇଁ ନୀତି ନିର୍ଦ୍ଧାରଣ କରାଯିବ।**
- **ଗ୍ରାହକ ଓ ବାଣିଜ୍ୟକୁ ସୁହାଇଲା ଭଳି ନିମନ୍ତ୍ରିତ ସ୍ୱର୍ଣ୍ଣ ପ୍ରତିଭୂତି ବିନିମୟ କେନ୍ଦ୍ର ସ୍ଥାପନ କରାଯିବ।**
- **ସ୍ୱର୍ଣ୍ଣ ମୁଦ୍ରାୟନ ଯୋଜନାକୁ ସଂଶୋଧିତ କରାଯିବ। ଏହାଦ୍ୱାରା ଅନାୟାସରେ ସ୍ୱର୍ଣ୍ଣ ଜମାଖାତା ଖୋଲାଯାଇପାରିବ।**



ଦେଶର ସାଂପ୍ରତିକ ଆର୍ଥିକ, ସାମାଜିକ ଓ ରାଜନୈତିକ ସ୍ଥିତିକୁ ବିଚାରକୁ ନେଇ ଚଳିତ ବର୍ଷର କେନ୍ଦ୍ରୀୟ ବଜେଟକୁ ଅନୁଶୀଳନ କରିବା ଉଚିତ। ଭାରତ ସରକାର ଗତ ଚାରିବର୍ଷ ମଧ୍ୟରେ ଆର୍ଥିକ କ୍ଷେତ୍ରରେ କେତେକ ଢାଞ୍ଚାଗତ ସଂସ୍କାର କାର୍ଯ୍ୟକାରୀ କରିଛନ୍ତି। ଏହା ଫଳରେ ଅର୍ଥନୈତିକ କ୍ଷେତ୍ରରେ ଉନ୍ନତି ଘଟିବା ସହିତ ଦେଶର ଜିଡିପି ଅଭିବୃଦ୍ଧି ହାର ୨୦୧୭-୧୮ ଆର୍ଥିକ ବର୍ଷରେ ୬.୭୫ ଶତାଂଶ ହୋଇଥିଲା। ୨୦୧୮-୧୯ରେ ଏହା ୭.୫ ଶତାଂଶରେ ପହଞ୍ଚିବ ବୋଲି ଆଶା କରାଯାଉଛି। ୨୦୧୬ ନଭେମ୍ବରରେ ନିଆଯାଇଥିବା ବିମୁଦ୍ରାୟନ ପଦକ୍ଷେପ ଏବଂ ୨୦୧୭ ଜୁଲାଇ ପହିଲାରେ ପ୍ରବର୍ତ୍ତିତ ଦ୍ରବ୍ୟ ଓ ସେବାକର (ଜିଏସ୍‌ଟି) କେନ୍ଦ୍ର ସରକାରଙ୍କର ଦୁଇଟି ପ୍ରମୁଖ ଆର୍ଥିକ ସଂସ୍କାରବାଦୀ କାର୍ଯ୍ୟକ୍ରମ। ଏହାଛଡ଼ା ଆଧାରକାର୍ଡ ପ୍ରବର୍ତ୍ତନ, ଏଫ୍‌ଡିଆଇ ଉଦାରୀକରଣ, ଆର୍ଥିକ ଚାପର ସମ୍ମୁଖୀନ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସମୂହଙ୍କୁ ୮୮ ହଜାର କୋଟି ଟଙ୍କାର ପୁଂଜି ଯୋଗଣ ଭଳି ପଦକ୍ଷେପ ଯୋଗୁଁ ନିକଟ ଅତୀତରେ ଦେଶର ଅର୍ଥନୀତିରେ ଉନ୍ନତି ପରିଲକ୍ଷିତ ହୋଇଛି।

ଏଥିସହ ୨୦୨୨ ସୁଦ୍ଧା ଚାଷୀଙ୍କ ଆୟ ଦ୍ୱିଗୁଣିତ କରିବାକୁ ପ୍ରଧାନମନ୍ତ୍ରୀ ବିଶେଷ ଆଗ୍ରହୀ ଥିବାରୁ ଚାଷୀଙ୍କୁ ସ୍ୱଳ୍ପ ବ୍ୟୟରେ ଅଧିକ ଫସଲ ଉତ୍ପାଦନ ଓ ଉଚିତ ଲାଭଦାୟକ ମୂଲ୍ୟରେ ସେସବୁର ବିକ୍ରିବଟା ତଥା ବଜାର ସୁବିଧା ଲୋଡ଼ା। ଏସବୁକୁ ବିଚାରରେ ରଖି ଅର୍ଥମନ୍ତ୍ରୀ କୃଷି, ଗ୍ରାମ୍ୟ ଉନ୍ନୟନ ଓ ଗ୍ରାମ୍ୟ ଅର୍ଥନୀତିର ବିକାଶ ପାଇଁ ବଜେଟରେ ଆବଶ୍ୟକ ଯୋଜନା ତଥା ବ୍ୟୟ ବରାଦ କରିଛନ୍ତି।

ବଜେଟରେ ଖରିଫ୍ ଫସଲର ଯେଉଁ ସର୍ବନିମ୍ନ ବିକ୍ରୟ ମୂଲ୍ୟ ଧାର୍ଯ୍ୟ କରିବାର ପ୍ରସ୍ତାବ ରହିଛି ତାହା ଏକ ଉତ୍ତମ ପଦକ୍ଷେପ। ତଦନୁସାରେ ୨୩ଟି ଫସଲ ଉପରେ ସରକାର ଉତ୍ପାଦନ ଖର୍ଚ୍ଚର ଦେଢ଼ଗୁଣ ସର୍ବନିମ୍ନ ବିକ୍ରୟ ମୂଲ୍ୟ ନିର୍ଦ୍ଧାରଣ କରିବେ। କୃଷି ବଜାର ଭିତ୍ତିଭୂମି ପାଣ୍ଠି ପାଇଁ ଅର୍ଥମନ୍ତ୍ରୀ ବଜେଟରେ ୨୦୦୦କୋଟି ଟଙ୍କାର ବ୍ୟୟ ବରାଦ କରିଛନ୍ତି ଏବଂ ଆଳୁପିଆଜ ଆଦି ପନିପରିବାର ଉତ୍ପାଦନ ତଥା ସଂରକ୍ଷଣ ବ୍ୟବସ୍ଥା ବଢ଼ାଇବାକୁ ଅତିରିକ୍ତ ୫୦୦କୋଟି ଟଙ୍କା ବଜେଟରେ ଯୋଗାଇ ଦେଇଛନ୍ତି।


ଗ୍ରାମାଞ୍ଚଳରେ ଅଧିକ ଲୋକ ବସବାସ କରୁଥିବାରୁ ସେମାନେ ଜୀବିକା ଉପାର୍ଜନ ପାଇଁ ମୁଖ୍ୟତଃ ଚାଷବାସ ଉପରେ ନିର୍ଭର କରିଥାନ୍ତି । ତେଣୁ ବିଭିନ୍ନ ସମୟରେ କେନ୍ଦ୍ର ସରକାର ଗ୍ରାମାଞ୍ଚଳ ଓ କୃଷି ବିକାଶ ଉପରେ ଅଗ୍ରାଧିକାର ଦେଇଆସିଛନ୍ତି । ଏହା ସତ୍ତ୍ୱେ ଗ୍ରାମାଞ୍ଚଳର ଲୋକେ ଉତ୍କଟ ଦାରିଦ୍ର୍ୟ ମଧ୍ୟରେ କାଳାତିପାତ କରିବା ସହ ନାନାଦି ଅସୁବିଧାର ସମ୍ମୁଖୀନ । ତେଣୁ ଏହି କ୍ଷେତ୍ରର ବିକାଶ ଅପରିହାର୍ଯ୍ୟ ଏବଂ ସେଥିପାଇଁ ଉପଯୁକ୍ତ ଯୋଜନା ଓ କାର୍ଯ୍ୟକ୍ରମ ଲୋଡ଼ା । ଗ୍ରାମାଞ୍ଚଳ ଲୋକଙ୍କ ବିକାଶ ପାଇଁ କୃଷି, ସ୍ୱାସ୍ଥ୍ୟ, ଶିକ୍ଷା, ମୌଳିକ ଭିତ୍ତିଭୂମି, ଯୋଗାଯୋଗ ଓ ଆତ୍ମନିଯୁକ୍ତି ଭଳି ସୁବିଧା ସୁଯୋଗ ଲୋଡ଼ା ।

ଋଣ ପାଇବା ଚାଷୀଙ୍କ ପାଇଁ ଏକ ବଡ଼ ସମସ୍ୟା । ଅଧିକାଂଶ ଚାଷୀ କ୍ଷୁଦ୍ର ଓ ନାମମାତ୍ର ହୋଇଥିବାରୁ ସେମାନେ ସହଜରେ ଋଣ ପାଆନ୍ତି ନାହିଁ । ଅତଏବ କୃଷି ଋଣ ବାବଦ ଅର୍ଥ ସାଢ଼େ ଆଠକୋଟିରୁ ୧୧ଲକ୍ଷ କୋଟି ଟଙ୍କାକୁ ବଜେଟରେ ବଢ଼ାଇ ଦିଆଯାଇଥିଲେ ହେଁ ସବୁ ଅଭାବୀ ଚାଷୀ ତାହା ଯେପରି ପାଇପାରିବେ ସେଥିପାଇଁ ବ୍ୟବସ୍ଥା ଦରକାର । ସେହିଭଳି କିଷାନ କ୍ରେଡିଟ୍ ବୋର୍ଡ ବ୍ୟବସ୍ଥାକୁ ଅର୍ଥମନ୍ତ୍ରୀ ମତ୍ସ୍ୟ ଓ ପଶୁପାଳନ ତଥା ତତ୍ସଂଲଗ୍ନ ଅନ୍ୟାନ୍ୟ କ୍ଷେତ୍ରକୁ ସଂପ୍ରସାରିତ କରିଛନ୍ତି । ଏବାବଦରେ ବଜେଟରେ ୧୦ହଜାର କୋଟି ଟଙ୍କାର ବ୍ୟୟ ଅଟକଳ ଏକ ବଡ଼ ସଫଳତା । ହେଲେ କେବଳ ବ୍ୟୟ ବରାଦ କରିଦେଲେ ଲକ୍ଷ୍ୟ ସାଧନ ହେବ ନାହିଁ । ଏଥିପାଇଁ ପ୍ରକୃତ ହିତାଧିକାରୀଙ୍କ ପାଖରେ ସମ୍ବଳ ପହଞ୍ଚିବାର ଆବଶ୍ୟକତା ରହିଛି ।

ବଜେଟରେ ୨୨ହଜାର ଗାଁ ହାଟର ବିକାଶ କରି ସେଗୁଡ଼ିକୁ ଗ୍ରାମୀଣ କୃଷି ବଜାରରେ ପରିଣତ କରିବାକୁ ଯେଉଁ ପ୍ରୟାସ ହୋଇଛି ତାହା ସ୍ୱାଗତଯୋଗ୍ୟ । ଏହାଦ୍ୱାରା ୮୬ଶତାଂଶ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ସ୍ୱାର୍ଥ ସାଧନ ହୋଇପାରିବ । ମୋଟ ୧୨୯୦କୋଟି ଟଙ୍କା ବ୍ୟୟରେ ସ୍ଥାପନ କରାଯିବାକୁ ଥିବା ୪୨ଟି ବୃହତ୍ 'ଫୁଡ୍ ପାର୍କ' ଖାଦ୍ୟଶସ୍ୟ ଉତ୍ପାଦନ ବୃଦ୍ଧିରେ ଅବଶ୍ୟ ସହାୟକ ହେବ । ଅମଳ ପରବର୍ତ୍ତୀ ଯତ୍ନ ବାବଦରେ ହେଉଥିବା ଖର୍ଚ୍ଚ ଉପରେ ଟିକସ ରିଆତି ପ୍ରସ୍ତାବ ଚାଷୀ ଓ ଚାଷକୁ ସାହାଯ୍ୟ କରିବ । ଯେଉଁସବୁ କମ୍ପାନୀ ଅମଳ ପରବର୍ତ୍ତୀ ଫସଲ ସଂରକ୍ଷଣ ଓ ପ୍ରଶୋଧନରେ ଅର୍ଥ ବିନିଯୋଗ କରିବେ ସେମାନଙ୍କୁ ଶତପ୍ରତିଶତ ଟିକସ ରିଆତି ଦେବାର ବ୍ୟବସ୍ଥା ହୋଇଛି । ଏହା ଅପଚୟ ରୋକିବା ସହ ରପ୍ତାନୀ ବୃଦ୍ଧିରେ ସହାୟକ ହେବ । ଖାଦ୍ୟଶସ୍ୟ ଓ ଅନ୍ୟାନ୍ୟ କୃଷିଜାତ ପଦାର୍ଥ ରପ୍ତାନୀ ପାଇଁ ଭାରତ ପାଖରେ ବିପୁଳ ସୁଯୋଗ ରହିଛି । ବାର୍ଷିକ ଏକଶହ ବିଲିୟନ ଡଲାର ମୂଲ୍ୟର କୃଷିଜାତ ପଦାର୍ଥ ରପ୍ତାନୀର ଲକ୍ଷ୍ୟ ଭାରତ ପୂରଣ କରିପାରିବ ବୋଲି ଆଶା କରିବା ଅପ୍ରାସଙ୍ଗିକ ହେବ ନାହିଁ । ଏହାଦ୍ୱାରା ଚାଷୀଙ୍କ ଆୟ ବୃଦ୍ଧି ନିଶ୍ଚିତ ଘଟିବ । ଚାଷୀଙ୍କୁ ଶସ୍ତାରେ ସେଚ ସୁବିଧା ଯୋଗାଇଦେବାକୁ ସୌରଚାଳିତ ମୋଟର ପମ୍ପ ବସାଇବାର ଯେଉଁ ପ୍ରସ୍ତାବ ରହିଛି ତାହା ଅଭିନନ୍ଦନୀୟ । ସେହିଭଳି ମାଛ ଚାଷ ଓ ପଶୁପାଳନ କ୍ଷେତ୍ରରେ ଚାଷୀଙ୍କୁ  କିଷାନକାର୍ଡ ଯୋଗାଇବା ବ୍ୟବସ୍ଥା ମଧ୍ୟ ଯୁକ୍ତିଯୁକ୍ତ ।

**ଗ୍ରାମ୍ୟ ଅର୍ଥନୀତି:**

ଦେଶର ଗ୍ରାମାଞ୍ଚଳରୁ ଦାରିଦ୍ର୍ୟ ଦୂରୀକରଣ ଓ ଗ୍ରାମ ଅର୍ଥନୀତିର ଉତ୍ଥାନ ପାଇଁ ଅର୍ଥମନ୍ତ୍ରୀ ବଜେଟରେ କିଛି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛନ୍ତି । ଆଠ କୋଟି ନିମ୍ନ ଓ ମଧ୍ୟବିତ୍ତ ପରିବାରଙ୍କୁ ଉଜ୍ଜ୍ୱଳା



ଯୋଜନାରେ ମାଗଣା ରନ୍ଧନ ଗ୍ୟାସ୍ ଯୋଗାଇଦେବାକୁ ନିଷ୍ପତ୍ତି ନିଆଯାଇଛି । ସେହିଭଳି ସୌଭାଗ୍ୟ ଯୋଜନାରେ ୪କୋଟି ଗରିବ ପରିବାରଙ୍କୁ ମାଗଣା ବିଜୁଳି ସଂଯୋଗ ଯୋଗାଇଦେବାର ବ୍ୟବସ୍ଥା ଗ୍ରହଣ କରାଯାଉଛି । ଏଥିପାଇଁ ୧୬ହଜାର କୋଟି ଟଙ୍କାର ବ୍ୟୟ ବରାଦ ଏକ ଉଲ୍ଲେଖନୀୟ ପଦକ୍ଷେପ । ଏହା ଫଳରେ ଗରିବ ଲୋକେ ପ୍ରଦୂଷଣମୁକ୍ତ ଇନ୍ଧନ ରୋଷେଇ କାମରେ ବ୍ୟବହାର କରିବାର ସୁଯୋଗ ପାଇବେ । ୨୦୧୯ ସୁଦ୍ଧା ଗ୍ରାମାଞ୍ଚଳରେ ୨କୋଟି ନୂଆ ଘର ବାସହୀନଙ୍କ ପାଇଁ ନିର୍ମାଣ, ୨୦୨୨ ସୁଦ୍ଧା ସବୁ ବାସହୀନଙ୍କୁ ଆବାସ ଯୋଗାଣ, ସ୍ୱଚ୍ଛଭାରତ ଯୋଜନାରେ ଆଉ ୨କୋଟି ଶୌଚାଳୟ ନିର୍ମାଣ ଲକ୍ଷ୍ୟ, ଜାତୀୟ ଜୀବନ ଜୀବିକା କାର୍ଯ୍ୟକ୍ରମ ପାଇଁ ୫୭୫୦ କୋଟି ଟଙ୍କା ବରାଦ ଓ ସାମାଜିକ ସୁରକ୍ଷା ଯେଜନାରେ ୯୯୭୫ କୋଟି ଟଙ୍କା ଗୋଟିଏ ବର୍ଷ ପାଇଁ ବ୍ୟୟ ବରାଦ ଗ୍ରାମାଞ୍ଚଳ ଅର୍ଥନୀତିର ବିକାଶରେ ଅବଶ୍ୟ ସହାୟକ ହେବ ।

ଏସବୁ ଯୋଜନାର ଉଦ୍ଦେଶ୍ୟ ମହତ୍; କିନ୍ତୁ ଏହାର ଉପଯୁକ୍ତ ରୂପାୟନ ଏବଂ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଏହା ଶେଷ ହେବାର ଆବଶ୍ୟକତା ରହିଛି । ତା' ନ ହେଲେ ଯୋଜନା ଯୋଜନାରେ ହିଁ ରହିଯିବ ଏବଂ ବରାଦ ଅର୍ଥ ଖର୍ଚ୍ଚ ହୋଇପାରିବ ନାହିଁ କିମ୍ବା ବରବାଦ ହେବ ।

ଶିକ୍ଷା, ସ୍ୱାସ୍ଥ୍ୟ ଓ ସାମାଜିକ ନିରାପତ୍ତା :

ଏକ ସମାଜର ନିରନ୍ତର ତଥା ସହଣୀୟ ବିକାଶ ପାଇଁ ଶିକ୍ଷା ଓ ସ୍ୱାସ୍ଥ୍ୟର ବିକାଶ ଅପରିହାର୍ଯ୍ୟ । ମାନବ ସମ୍ବଳର ବିକାଶ ଦେଶର ସଂପଦ ନିର୍ମାଣ କରିଥାଏ ଏବଂ ଭଲରେ ବଞ୍ôିବା ପାଇଁ ଆୟ ଯୋଗାଣରେ ସହାୟକ ହୁଏ । ଏଥର ସ୍ୱାସ୍ଥ୍ୟ ଓ ଶିକ୍ଷା ପାଇଁ ଅର୍ଥମନ୍ତ୍ରୀ ବଜେଟରେ ଯେଉଁ ବର୍ଦ୍ଧିତ ବ୍ୟୟ ବରାଦ କରିଛନ୍ତି ସେଥିରେ ମୁଁ ଖୁସୀ । ଅନ୍ୟାନ୍ୟ ବିକାଶଶୀଳ ରାଷ୍ଟ୍ରଙ୍କ ତୁଳନାରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ଭାରତର ବ୍ୟୟ ଜିଡିପି ଅନୁପାତରେ କମ୍ ରହିଛି । ସେହିଭଳି ତୁଳନାତ୍ମକ ଭାବେ ଭାରତର ଶିକ୍ଷା ବ୍ୟବସ୍ଥା ଅନଗ୍ରସର । ଅତଏବ ଏହି ଦୁଇ କ୍ଷେତ୍ର ପାଇଁ ଅଧିକ ବ୍ୟୟ ବରାଦ ଯଥାର୍ଥ ।

ପ୍ରତି ତିନିଟି ଲୋକସଭା ନିର୍ବାଚନ ମଣ୍ଡଳୀ ପାଇଁ ଗୋଟିଏ ମେଡିକାଲ କଲେଜ ପ୍ରତିଷ୍ଠା ପ୍ରସ୍ତାବ, ୨୪ଟି ନୂଆ ମେଡିକାଲ ସ୍ଥାପନ, ଦୁଇଟି ନୂଆ ପ୍ଲାନିଂ ଓ ଆର୍କିଟେକଚର ସ୍କୁଲ ସ୍ଥାପନ ସହିତ ଉଚ୍ଚଶିକ୍ଷା ପାଇଁ ୫୦ଲକ୍ଷ ମେଧାବୀଙ୍କ ୨୦୨୦ ସୁଦ୍ଧା ବୃତ୍ତି ଯୋଗାଣ ଆଦି ପଦକ୍ଷେପ ଯଥାର୍ଥ ମନେହୁଏ । ସେହିଭଳି ଆୟୁଷ୍ମାନ ଭାରତ କାର୍ଯ୍ୟକ୍ରମ ଏକ ଅଭିନନ୍ଦନୀୟ ପଦକ୍ଷେପ । ଏହି ଯୋଜନାରେ ୧୨୦୦କୋଟି ଟଙ୍କା ବ୍ୟୟରେ ଦେଶରେ ଦେଢ଼ ଲକ୍ଷ ନିରାମୟ କେନ୍ଦ୍ର ସ୍ଥାପନ କରାଯାଇ ଲୋକଙ୍କୁ ଘର ପାଖରେ ସ୍ୱାସ୍ଥ୍ୟସେବା ଯୋଗାଇଦିଆଯିବ । ଟିବି ରୋଗୀଙ୍କ ପୁଷ୍ଟିସାଧନ ପାଇଁ ସ୍ୱତନ୍ତ୍ର ଖାଦ୍ୟ ଭତ୍ତା ଯୋଜନା ଏକ ଉତ୍ତମ ପଦକ୍ଷେପ ।

ବଜେଟର ସବୁଠୁ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମଟି ହେଲା ଜାତୀୟ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନା । ଏଥିରେ ଦେଶର ଦଶକୋଟି ଗରିବ, ବଞ୍ଚିତ ଓ ଦଳିତ ବର୍ଗର ପରିବାରଙ୍କୁ ବାର୍ଷିକ ପାଞ୍ଚ ଲକ୍ଷ ଟଙ୍କାର ବୀମା ସୁବିଧା ସରକାର ଯୋଗାଇଦେବେ । ଏହି ବୀମାଧାରୀ ଜଟିଳ ବ୍ୟାଧିର ଚିକିତ୍ସା ଓ ଅସ୍ତ୍ରୋପଚାର ପାଇଁ ପ୍ରତିଷ୍ଠିତ ବେସରକାରୀ ହସ୍ପିଟାଲରେ ଭର୍ତ୍ତି ହୋଇ ଚିକିତ୍ସା ସୁବିଧା ପାଇପାରିବେ । ଏହି ଯୋଜନାରେ ପ୍ରାୟ ୫୦ କୋଟି ଲୋକ ଉପକୃତ ହେବେ । ଏହି କାର୍ଯ୍ୟକ୍ରମ ବୀମା ବ୍ୟବସାୟକୁ ବଢ଼ାଇବା ସହ ନିଯୁକ୍ତି ସୃଷ୍ଟିରେ ସହାୟକ ହେବ ।

ଗ୍ରାମାଞ୍ଚଳରେ ଅଧିକରୁ ଅଧିକ ସ୍ୱାସ୍ଥ୍ୟ ଓ ନିରାମୟ କେନ୍ଦ୍ର ତଥା ଚିକିତ୍ସାଳୟ ପ୍ରତିଷ୍ଠା ହେବା ଦ୍ୱାରା ଲୋକେ ସହରକୁ ଯାଇ ଅଯଥା ଖର୍ଚ୍ଚାନ୍ତ ହେବେ ନାହିଁ ଏବଂ ଘର ପାଖରେ ବିଶେଷଜ୍ଞ ଚିକିତ୍ସା ସୁବିଧା ପାଇବେ । ଷୋହଳ କୋଟି ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ଖାତାଧାରୀଙ୍କୁ କ୍ଷୁଦ୍ର ବୀମା ଓ ପେନ୍‌ସନ୍ ଯୋଜନାର ଅନ୍ତର୍ଭୁକ୍ତ କରିବାକୁ ଯେଉଁ ପ୍ରୟାସ ହୋଇଛି ତାହା ବିଚାରମନ୍ତ ମନେହୁଏ । ଏହାଦ୍ୱାରା ଅଧିକରୁ ଅଧିକ ଗରିବ ଲୋକେ ବୀମା ସୁବିଧା ପାଇପାରିବେ । ଆଦିବାସୀ ଅଞ୍ଚଳରେ ନବୋଦୟ ବିଦ୍ୟାଳୟ ଢାଞ୍ଚାରେ ନୂଆ ଏକଲବ୍ୟ ବିଦ୍ୟାଳୟ ପ୍ରତିଷ୍ଠା, ଘରୋଇକ୍ଷେତ୍ରରେ ନୂଆ ନିଯୁକ୍ତିରେ କର୍ମଚାରୀଙ୍କ ପାଇଁ ୧୨% ଇପିଏଫ୍ ଦେୟ ସରକାର ଭରଣା କରିବା ଆଦି ପଦକ୍ଷେପ ବାସ୍ତବବାଦୀ ମନେହୁଏ ।

ବଜେଟରେ ୨୨ହଜାର ଗାଁ ହାଟର ବିକାଶ କରି ସେଗୁଡ଼ିକୁ ଗ୍ରାମୀଣ କୃଷି ବଜାରରେ ପରିଣତ କରିବାକୁ ଯେଉଁ ପ୍ରୟାସ ହୋଇଛି ତାହା ସ୍ୱାଗତଯୋଗ୍ୟ । ଏହାଦ୍ୱାରା ୮୬ଶତାଂଶ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ସ୍ୱାର୍ଥ ସାଧନ ହୋଇପାରିବ । ମୋଟ ୧୨୯୦କୋଟି ଟଙ୍କା ବ୍ୟୟରେ ସ୍ଥାପନ କରାଯିବାକୁ ଥିବା ୪୨ଟି ବୃହତ୍ 'ଫୁଡ୍ ପାର୍କ' ଖାଦ୍ୟଶସ୍ୟ ଉତ୍ପାଦନ ବୃଦ୍ଧିରେ ଅବଶ୍ୟ ସହାୟକ ହେବ । ଅମଳ ପରବର୍ତ୍ତୀ ଯତ୍ନ ବାବଦରେ ହେଉଥିବା ଖର୍ଚ୍ଚ ଉପରେ ଟିକସ ରିଆତି ପ୍ରସ୍ତାବ ଚାଷୀ ଓ ଚାଷକୁ ସାହାଯ୍ୟ କରିବ । ଯେଉଁସବୁ କମ୍ପାନୀ ଅମଳ ପରବର୍ତ୍ତୀ ଫସଲ ସଂରକ୍ଷଣ ଓ ପ୍ରଶୋଧନରେ ଅର୍ଥ ବିନିଯୋଗ କରିବେ ସେମାନଙ୍କୁ ଶତପ୍ରତିଶତ ଟିକସ ରିଆତି ଦେବାର ବ୍ୟବସ୍ଥା ହୋଇଛି । ଏହା ଅପଚୟ ରୋକିବା ସହ ରପ୍ତାନୀ ବୃଦ୍ଧିରେ ସହାୟକ ହେବ । ଖାଦ୍ୟଶସ୍ୟ ଓ ଅନ୍ୟାନ୍ୟ କୃଷିଜାତ ପଦାର୍ଥ ରପ୍ତାନୀ ପାଇଁ ଭାରତ ପାଖରେ ବିପୁଳ ସୁଯୋଗ ରହିଛି । ବାର୍ଷିକ ଏକଶହ ବିଲିୟନ ଡଲାର ମୂଲ୍ୟର କୃଷିଜାତ ପଦାର୍ଥ ରପ୍ତାନୀର ଲକ୍ଷ୍ୟ ଭାରତ ପୂରଣ କରିପାରିବ ବୋଲି ଆଶା କରିବା ଅପ୍ରାସଙ୍ଗିକ ହେବ ନାହିଁ । ଏହାଦ୍ୱାରା ଚାଷୀଙ୍କ ଆୟ ବୃଦ୍ଧି ନିଶ୍ଚିତ ଘଟିବ ।

**ଭିତ୍ତିଭୂମି, ଶିକ୍ଷା ଓ ନିଯୁକ୍ତି:**

ଏଥର ବଜେଟରେ ଭିତ୍ତିଭୂମି, ଶିକ୍ଷା ଓ ନିଯୁକ୍ତି କ୍ଷେତ୍ର ପ୍ରତି ଅର୍ଥମନ୍ତ୍ରୀ ମଧ୍ୟ ଆବଶ୍ୟକ ଗୁରୁତ୍ୱ ଦେଇଛନ୍ତି। ଅର୍ଥନୀତିକୁ ମୌଳିକ ଭିତ୍ତିଭୂମି ଉତ୍‌ପ୍ରେରିତ କରିଥାଏ। ତାହାକୁ ଦୃଷ୍ଟିରେ ରଖି ବଜେଟରେ ୫.୯୭ ଲକ୍ଷ କୋଟି ଟଙ୍କାର ବ୍ୟୟବରାଦ ହୋଇଛି। ଏହା ଫଳରେ ସଡ଼କ, ରେଳପଥ, ବନ୍ଦର ଓ ଉଡ଼ାଣ କ୍ଷେତ୍ର, ଅନ୍ତର୍ଦେଶୀୟ ଜଳପଥ ଆଦିର ବିକାଶ ସହିତ ବାଣିଜ୍ୟ କାରବାର ଓ ପରିବହନ ବ୍ୟବସ୍ଥା ସୁସଂହତ ହେବ। ଏହା ଯୋଗୁଁ ଦେଶକୁ ପର୍ଯ୍ୟଟକଙ୍କ ଆଗମନ ମଧ୍ୟ ବଢ଼ିବ ଓ ଆଭ୍ୟନ୍ତରୀଣ ପର୍ଯ୍ୟଟନ ତ୍ୱରାନ୍ୱିତ ହୋଇପାରିବ। ଗ୍ରାମାଞ୍ଚଳକୁ ଉଚ୍ଚମାନର ବ୍ରଡବ୍ୟାଣ୍ଡ ସେବା ଯୋଗାଇ ଇଣ୍ଟରନେଟ ବ୍ୟବସ୍ଥାର ଉନ୍ନତି ତଥା ଜଗୁଆଳ ବିହୀନ ରେଳଫାଟକଗୁଡ଼ିକର ଉଚ୍ଛେଦ ନିଷ୍ପତ୍ତି ନିଶ୍ଚିତ ଏକ ଭଲ ପ୍ରୟାସ। ଟେଲି ଯୋଗାଯୋଗ କ୍ଷେତ୍ରରେ ୨୦୧୮-୧୯ ବର୍ଷରେ ୧୦ ହଜାର କୋଟି ଟଙ୍କାର ବ୍ୟୟ ବରାଦ ଦେଶର ଗ୍ରାମାଞ୍ଚଳର ଚିତ୍ର ଅବଶ୍ୟ ବଦଳାଇବାରେ ସହାୟକ ହେବ। ତେବେ ଏହି ଯୋଜନାର ରୂପାୟନ ଉପରେ ସବୁ କିଛି ନିର୍ଭର କରୁଛି।

କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଅର୍ଥନୀତିର ଇଞ୍ଜିନ୍ ସ୍ୱରୂପ। ଏହି କ୍ଷେତ୍ରରେ ସର୍ବାଧିକ ନିଯୁକ୍ତି ସୃଷ୍ଟିର ସୁଯୋଗ ରହିଥିବାରୁ ଏହାର ବିକାଶ ପାଇଁ ବଜେଟରେ ୩୭୯୪ କୋଟି ଟଙ୍କାର ବ୍ୟୟ ବରାଦ ହୋଇଛି। ଏହାଦ୍ୱାରା ଏହି ଉଦ୍ୟୋଗର ପୁଂଜି ଓ ଋଣ ଆବଶ୍ୟକତା ପୁରଣ ହେବା ସହ ସେମାନେ ସୁଧ ଉପରେ ସବ୍‌ସିଡି ପାଇବେ। ସେହିଭଳି ପାଞ୍ଚ ଶତାଂଶ ଟିକସ ଛାଡ଼ ପରିସୀମା ବୃଦ୍ଧି କରାଯାଇ ଏହାକୁ ୫୦ ରୁ ୨୫୦ କୋଟି ଟଙ୍କା ବାର୍ଷିକ କାରବାର କରୁଥିବା କମ୍ପାନୀ ଓ ଉଦ୍ୟୋଗଙ୍କ ପାଇଁ ଲାଗୁ କରାଯାଇଛି। ଫଳରେ ବହୁ ଶିକ୍ଷା ସଂସ୍ଥା ଓ କମ୍ପାନୀ ଉପକୃତ ହେବେ। ମୁଦ୍ରା ଋଣ ବାବଦରେ ବଜେଟରେ ୩ ଲକ୍ଷ କୋଟି ଟଙ୍କାର ଅତିରିକ୍ତ ବ୍ୟୟ ବରାଦ ଏହି ଉଦ୍ୟୋଗକୁ ଲାଭ ଦେବ। ବୟନ ଉଦ୍ୟୋଗ ପାଇଁ ୭୧୪୮ କୋଟି ଟଙ୍କାର ବ୍ୟୟ ବରାଦ ଏହି ଉଦ୍ୟୋଗରେ ଅଧିକ ନିଯୁକ୍ତି ସୃଷ୍ଟିରେ ସହାୟକ ହେବ। ଏସବୁ ବ୍ୟବସ୍ଥା ଦ୍ୱାରା ସରକାର ୭୦ଲକ୍ଷ ଆନୁଷ୍ଠାନିକ ନିଯୁକ୍ତି ସୃଷ୍ଟିର ଲକ୍ଷ୍ୟ ରଖିଛନ୍ତି। ଏହା ସଫଳ ହେଲେ ଲୋକଙ୍କ ସାମାଜିକ ଆର୍ଥିକ ସ୍ଥିତିରେ ଉନ୍ନତି ଆସିବ।

> ପ୍ରତି ତିନିଟି ଲୋକସଭା ନିର୍ବାଚନ ମଣ୍ଡଳୀ ପାଇଁ ଗୋଟିଏ ମେଡିକାଲ କଲେଜ ପ୍ରତିଷ୍ଠା ପ୍ରସ୍ତାବ, ୨୪ଟି ନୂଆ ମେଡିକାଲ ସ୍ଥାପନ, ଦୁଇଟି ନୂଆ ପ୍ଲାନିଂ ଓ ଆର୍କିଟେକଚର ସ୍କୁଲ ସ୍ଥାପନ ସହିତ ଉଚ୍ଚଶିକ୍ଷା ପାଇଁ ୫୦ଲକ୍ଷ ମେଧାବୀଙ୍କ ୨୦୨୦ ସୁଦ୍ଧା ବୃତ୍ତି ଯୋଗାଣ ଆଦି ପଦକ୍ଷେପ ଯଥାର୍ଥ ମନେହୁଏ। ସେହିଭଳି ଆୟୁଷ୍ମାନ ଭାରତ କାର୍ଯ୍ୟକ୍ରମ ଏକ ଅଭିନନ୍ଦନୀୟ ପଦକ୍ଷେପ। ଏହି ଯୋଜନାରେ ୧୨୦୦କୋଟି ଟଙ୍କା ବ୍ୟୟରେ ଦେଶରେ ଦେଢ଼ ଲକ୍ଷ ନିରାମୟ କେନ୍ଦ୍ର ସ୍ଥାପନ କରାଯାଇ ଲୋକଙ୍କୁ ଘର ପାଖରେ ସ୍ୱାସ୍ଥ୍ୟସେବା ଯୋଗାଇଦିଆଯିବ। ଟିବି ରୋଗୀଙ୍କ ପୁଷ୍ଟିସାଧନ ପାଇଁ ସ୍ୱତନ୍ତ୍ର ଖାଦ୍ୟ ଭତ୍ତା ଯୋଜନା ଏକ ଉତ୍ତମ ପଦକ୍ଷେପ।

**ଟିକସ ବ୍ୟବସ୍ଥା:**

ବଜେଟରେ ଟିକସ ବ୍ୟବସ୍ଥାରେ ସରକାର ସେପରି ବଡ଼ଧରଣର ଅଦଳବଦଳ କରିନାହାନ୍ତି। ଉଭୟ ବ୍ୟକ୍ତିଗତ ଓ କର୍ପୋରେଟ ଟିକସ ହାର ଅପରିବର୍ତ୍ତିତ ରହିଛି। ଚାକିରିଆ ବର୍ଗର ଲୋକଙ୍କ ପାଇଁ ଷ୍ଟାଣ୍ଡାର୍ଡ ଡିଡକ୍ସନ ବ୍ୟବସ୍ଥା ପୁନର୍ବାର ଆରମ୍ଭ କରାଯାଇଛି ଏବଂ ଏବାବଦରେ ୪୦ ହଜାର ଟଙ୍କାର ରିଆତି ଦିଆଯାଇଛି। ବରିଷ୍ଠ ନାଗରିକଙ୍କ ସ୍ୱାର୍ଥ ପାଇଁ ବ୍ୟାଙ୍କ ଓ ଡାକଘର ଜମା ଉପରେ ୫୦ହଜାର ଟଙ୍କାର ରିଆତି ଦିଆଯାଇଛି। ବରିଷ୍ଠ ନାଗରିକଙ୍କ ସ୍ୱାର୍ଥ ପାଇଁ ବ୍ୟାଙ୍କ ଓ ଡାକଘର ଜମା ଉପରେ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଜମାର ସୁଧ ଟିକସ ମୁକ୍ତ ହୋଇଛି। ସେହିଭଳି ସ୍ୱାସ୍ଥ୍ୟ ବାବଦ ୫୦ହଜାର ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚକୁ ଟିକସ ପରିସରରୁ ମୁକ୍ତ ରଖାଯାଇଛି। ଲଙ୍ଗଟର୍ମ କ୍ୟାପିଟାଲ ଗେନ୍ ଟିକସ ପ୍ରବର୍ତ୍ତନ ଘେନି ସରକାର କେତେକ ମହଲରେ ସମାଲୋଚନାର ସମ୍ମୁଖୀନ ହୋଇଛନ୍ତି। ତେବେ ମେକ୍‌ଇନ୍ ଇଣ୍ଡିଆ ଓ ଅନ୍ୟାନ୍ୟ ବିକାଶମୂଳକ କାର୍ଯ୍ୟକ୍ରମ ପାଇଁ ଯେଉଁ ବିପୁଳ ପାଣ୍ଠିର ଆବଶ୍ୟକତା ରହିଛି ସେଥିପାଇଁ ଟିକସ ବ୍ୟବସ୍ଥା ନ'କରି ସରକାର ଚୁପ୍ ବସିପାରିବେ ନାହିଁ।

**ଉପସଂହାର:**

ମୋଟାମୋଟି ଭାବେ ଚଳିତବର୍ଷର ବଜେଟଟି ପ୍ରଗତିଶୀଳ, ଲୋକାଭିମୁଖୀ, ସମତୁଲ ଏବଂ ପୂର୍ବ ବଜେଟଠାରୁ ଭିନ୍ନ। ଏଥିରେ ଜନତାର ଆଶା ଆକାଂକ୍ଷା ପୂରଣ ପାଇଁ ପ୍ରୟାସ କରାଯାଇଛି। କୃଷି, ଶିକ୍ଷା, ଭିତ୍ତିଭୂମି, ସ୍ୱାସ୍ଥ୍ୟ, ଶିକ୍ଷା, ନିଯୁକ୍ତି ଓ ପୁଂଜିନିବେଶ ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରଗୁଡ଼ିକ ଏଥିରେ ଅଗ୍ରାଧିକାର ପାଇଛି। ସଂକ୍ଷେପରେ କହିଲେ ଏଥର ବଜେଟ ଗରିବୀ ହଟାଓ ଓ କିଷାନ ବଚାଓ ବଜେଟ। ଏହାର ପରିକଳ୍ପନା ଭଲ ଏବଂ ଅର୍ଥ ବ୍ୟବସ୍ଥା ମଧ୍ୟ ଅଭିନବ। ଉଚିତ ରୂପାୟନ ଉପରେ ବଜେଟର ସଫଳତା ନିର୍ଭର କରେ।

ଲେଖକ ଜଣେ ପ୍ରତିଷ୍ଠିତ ଅର୍ଥଶାସ୍ତ୍ରୀ ତଥା ନୂଆଦିଲ୍ଲୀସ୍ଥିତ ଭାରତୀୟ ବିତ୍ତୀୟ ପ୍ରତିଷ୍ଠାନର ଅଧ୍ୟକ୍ଷ।

# ଅର୍ଥନୀତିର ସୁଦୃଢ଼ୀକରଣ ପାଇଁ ଏମ୍‌ଏସ୍‌ଏମ୍‌ଇ ଉପରେ ବଜେଟରେ ଗୁରୁତ୍ୱ

● ଅନିଲ ଭରଦ୍ୱାଜ

୨୦୧୮-୧୯ କେନ୍ଦ୍ରୀୟ ବଜେଟରେ ଅର୍ଥନୀତିର ଚାରିଟି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ଉପରେ ଯେଉଁ ଅଗ୍ରାଧିକାର ପ୍ରଦାନ କରାଯାଇଛି ତାହା ଯଥାର୍ଥ ମନେହୁଏ । ଏହି କ୍ଷେତ୍ରଗୁଡ଼ିକ ହେଲା କୃଷି ଓ ଗ୍ରାମୋଦ୍ୟୋଗ, ଭିତ୍ତିଭୂମି ବିକାଶ, ସ୍ୱାସ୍ଥ୍ୟସେବା ଏବଂ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମାଧ୍ୟମରେ ଅଧିକ ନିଯୁକ୍ତି ସୃଷ୍ଟି । ଏହି ଲେଖାରେ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗର ସ୍ଥିତି, ସମ୍ଭାବନା ଓ ଏଥିପାଇଁ ବଜେଟ ବ୍ୟୟ ବରାଦ ସମ୍ପର୍କରେ ଆଲୋକପାତ କରାଯାଇଛି । ବଜେଟ ପରଦିନ ଏକ କାର୍ଯ୍ୟକ୍ରମରେ ଅର୍ଥମନ୍ତ୍ରୀ କହିଥିଲେ ଯେ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଭାରତୀୟ ଅର୍ଥନୀତିର ପୁନର୍ଗଠନର ଇଞ୍ଜିନ ହେବ । ଶେଷରେ ଏକ ନିରାଟ ସତ୍ୟକୁ ସ୍ୱୀକାର କରିବା ସବୁଠୁ ବଡ଼ କଥା ।

ପ୍ରତିବର୍ଷ ୧୦ ରୁ ୧୨ ନିୟୁତ ଲୋକ ଭାରତରେ ନିଯୁକ୍ତି କ୍ଷେତ୍ରକୁ ଆସୁଛନ୍ତି । ସେମାନଙ୍କ ପାଇଁ ଆବଶ୍ୟକ କର୍ମନିଯୁକ୍ତିର ସୁଯୋଗ ନଥିବାରୁ ଦେଶର ଅର୍ଥନୀତିରେ ଏକ ସଂକଟଜନକ ପରିସ୍ଥିତି ସୃଷ୍ଟି ହୋଇଛି । ସତକଥା ହେଲା ସରକାର ମାନୁଫାକଚରିଙ୍ଗ୍ କ୍ଷେତ୍ରରେ ଜିଡିପିକୁ ଏହାର ଅବଦାନ ହାର ୨୫ ଶତାଂଶରୁ ଅଧିକ କରିବାକୁ ଆପ୍ରାଣ ଉଦ୍ୟମ କରୁଥିଲେ ମଧ୍ୟ ଏହା ୧୫ ରୁ ୧୬ ଶତାଂଶରୁ ଅଧିକ ହେଉନାହିଁ । ଏଥିପାଇଁ କେତେକ ପ୍ରତିବନ୍ଧକ ଓ ବାସ୍ତବତା ରହିଛି । ଫଳରେ ଏହା ଆଶାଜନକ ଭାବେ ଆଗେଇ ପାରୁନାହିଁ । ତେଣୁ ଏ କ୍ଷେତ୍ରରେ ବଡ଼ଧରଣର ସଂସ୍କାରର ଆବଶ୍ୟକତା ରହିଛି ।

ଯାହା ଦେଖାଯାଉଛି, ୨୦୧୮-୧୯ ବଜେଟରେ ସରକାର ଏହି କ୍ଷେତ୍ରର ସ୍ଥିତାବସ୍ଥାରେ କେତେକ ଉଲ୍ଲେଖନୀୟ ପରିବର୍ତ୍ତନ ପାଇଁ ନିଷ୍ଠାପର ଉଦ୍ୟମ କରିଛନ୍ତି । ପ୍ରଥମତଃ- ସରକାର ଏହି କ୍ଷେତ୍ର ପାଇଁ ଠିକା ବା ନିର୍ଦ୍ଦିଷ୍ଟ ସମୟଭିତ୍ତିକ ନିଯୁକ୍ତି ବ୍ୟବସ୍ଥା କରିଛନ୍ତି । ପୂର୍ବରୁ ଏହା କେବଳ ବୟନ ଉଦ୍ୟୋଗରେ ସୀମିତ ଥିଲା । ଏହା ଶ୍ରମ ସଂସ୍କାର ଦିଗରେ ଏକ ବଡ଼ ପଦକ୍ଷେପ । ଏହା ଫଳରେ ଅଧିକରୁ ଅଧିକ ନିଯୁକ୍ତି ସୃଷ୍ଟି ହେବ । ଅନେକ ଉଦ୍ୟୋଗ ଓ କ୍ଷେତ୍ର ରହିଛି ଯେଉଁଠି ନିଯୁକ୍ତି ସାମୟିକ ଏବଂ ଋତୁକାଳୀନ । ଏଭଳି ସ୍ଥିତିରେ ନିଯୁକ୍ତିଦାତା ପୂର୍ଣ୍ଣକାଳୀନ ନିଯୁକ୍ତି ଦେବାକୁ ଅକ୍ଷମ କିମ୍ବା ଠିକା ବା ଚୁକ୍ତିଭିତ୍ତିକ ଶ୍ରମିକ ନେବାକୁ ଆଇନତଃ ଯୋଗ୍ୟ ନୁହଁନ୍ତି । ଫଳରେ ଉତ୍ପାଦନ ବ୍ୟାହତ ହେଉଛି । ନୂଆ ଚୁକ୍ତିଭିତ୍ତିକ / ସାମୟିକ ନିଯୁକ୍ତି ବ୍ୟବସ୍ଥା ଫଳରେ ଉଭୟ ଉଦ୍ୟୋଗୀ ଓ ଶ୍ରମିକ ଉପକୃତ ହେବେ । ନୂଆ ନିଯୁକ୍ତି ସୃଷ୍ଟି ହେବା ସହ ଉତ୍ପାଦନ ଓ ଅଭିବୃଦ୍ଧି ମଧ୍ୟ ବଢ଼ିବ । ତେବେ ଶ୍ରମିକ ସଂଗଠନମାନେ ଠିକା ନିଯୁକ୍ତିକୁ ବିରୋଧ କରୁଥିବାରୁ ଏହି



ଯୋଜନା କେତେ ସଫଳ ହେବ ତାହା କହିବା ଅବଶ୍ୟ କଷ୍ଟ। ଠିକା ନିଯୁକ୍ତି ସହ ମହିଳାମାନଙ୍କୁ ଅଧିକ ପ୍ରୋତ୍ସାହିତ କରିବା ପାଇଁ ବଜେଟରେ ଭବିଷ୍ୟନିଧି ଆଇନରେ ସଂଶୋଧନ କରିବାର ପ୍ରୟାସ କରାଯାଇଛି। ଏହା ଫଳରେ ଅତିରିକ୍ତ ଶ୍ରମ ଶକ୍ତି ଯୋଗାଡ଼ ପ୍ରକ୍ରିୟା ସହଜ ହେବ। ସେହିଭଳି ନୂଆ ଶ୍ରମିକଙ୍କ ପାଇଁ ତିନିବର୍ଷ ନିମନ୍ତେ ସରକାର ଭବିଷ୍ୟନିଧି ବାବଦ ୧୨ ଶତାଂଶ ଦେୟ ମାଲିକଙ୍କ ପକ୍ଷରୁ ଅଂଶ ଆକାରରେ ଯୋଗାଇବେ। ଏହା ଫଳରେ ମାଲିକମାନଙ୍କର ଆର୍ଥିକ ବୋଝ ହ୍ରାସ ପାଇବ।

ଏଥର ବଜେଟର ଆଉ ଏକ ଭଲ କଥା ହେଲା ମାନୁଫାକଚରିଙ୍ଗ ଉଦ୍ୟୋଗକୁ ସମୃଦ୍ଧ କରିବା ପାଇଁ ୪୦ ପ୍ରକାର ଶ୍ରମ ବହୁଳ ଉତ୍ପାଦ ନିମନ୍ତେ ଘରୋଇ ମୂଲ୍ୟ ମିଶ୍ରିତ ବ୍ୟବସ୍ଥା ପ୍ରବର୍ତ୍ତନ। ଏସବୁ ସାମଗ୍ରୀକୁ ବିଦେଶୀ ଶସ୍ତା ସାମଗ୍ରୀର ପ୍ରତିଯୋଗିତାରୁ ସୁରକ୍ଷିତ ରଖିବାକୁ ୫ ରୁ ୧୫ ଶତାଂଶ ଅତିରିକ୍ତ ପ୍ରତିପାତି ସୀମା ଶୁଳ୍କ ଲାଗୁର ବ୍ୟବସ୍ଥା କରାଯାଇଛି। ଏହା ଫଳରେ ବିଦେଶୀ ସାମଗ୍ରୀଗୁଡ଼ିକ ଏସବୁ ଭାରତୀୟ ଉତ୍ପାଦ ତୁଳନାରେ ମହରଗ ହେବ। ଏହି ସୁରକ୍ଷା ବ୍ୟବସ୍ଥାରେ ପ୍ରକ୍ରିୟାକୃତ ଖାଦ୍ୟ, ପ୍ରସାଧନ ଓ ଶୌଚାଳୟରେ ବ୍ୟବହୃତ ସାମଗ୍ରୀ, ଅଟୋମୋବାଇଲ ଓ ଅଟୋପାର୍ଟ, ଜୋତା, ହୀରା, ମୂଲ୍ୟବାନ ପଥର, ଗହଣା, ଇଲେକ୍‌ଟ୍ରୋନିକ୍ସ ଓ ହାଡ଼ୱ୍ୟାର, ଏଲ୍‌ସିଡି, ଏଲ୍‌ଇଡି, ଓ ଏଲ୍‌ଇଡି ପ୍ୟାନେଲ ଓ ଅନ୍ୟାନ୍ୟ ପାର୍ଟସ, ଆସବାବପତ୍ର, ଘଣ୍ଟା ଓ ହାତଘଣ୍ଟା, ଖେଳଣା, ତିନିଚକିଆ ସାଇକଲ, ସ୍କୁଟର, ପେଡାଲ କାର୍, ଖେଳ ସାମଗ୍ରୀ, କଞ୍ଚା କାଜୁ, ଖାଇବା ବନସ୍ପତି ତେଲ, ଅଗ୍ନିସହ ଇଟା ଓ ସେହିଭଳି ପଦାର୍ଥ, ମହମବତି, ସନ୍‌ଗ୍ଲାସ୍ (ରଙ୍ଗୀନ ଚଷମା) ଆଦି ସାମଗ୍ରୀ ରହିଛି।

ଅନ୍ୟପକ୍ଷରେ ସୋଲାର ଟେମ୍ପର୍ଡ୍ ଗ୍ଲାସ୍, ସୋଲାର ସେଲ୍, ସୋଲାର ପ୍ୟାନେଲ / ମୋଡ୍ୟୁଲ୍ସ ଏବଂ ଏହାର କଞ୍ଚାମାଲ ସି-ଇମ୍ପ୍ଲାଟସ୍ ପ୍ରସ୍ତୁତିରେ ବ୍ୟବହୃତ ସାମଗ୍ରୀ ଆଦିକୁ ବହିଃ ଶୁଳ୍କରୁ ମୁକ୍ତ ରଖାଯାଇଛି। ସରକାର ଅନୁଭବ କରିଛନ୍ତି ଯେ ୧୯୯୧ରୁ ବହିଃଶୁଳ୍କ ନିର୍ଦ୍ଧାରଣ କ୍ଷେତ୍ରରେ ଯେଉଁ ନିରପେକ୍ଷ ଏବଂ ଯୁକ୍ତିଯୁକ୍ତ ନୀତି ଗ୍ରହଣ କରଯାଇଆସୁଥିଲା ତାହା ଅଧିକ ବାସ୍ତବବାଦୀ ହେବା ଉଚିତ, ଯ'ଦ୍ୱାରା ଭାରତୀୟ ଉତ୍ପାଦଗୁଡ଼ିକ ସୁରକ୍ଷିତ ଘରୋଇ ବଜାର ପାଇବ। ସରକାର ବିଦେଶୀ ସାମଗ୍ରୀ ଉପରେ ଯେଉଁ ବହିଃ ବା ସୀମା ଶୁଳ୍କ ବୃଦ୍ଧି କରିଛନ୍ତି ତାହା ବିଶ୍ୱ ବାଣିଜ୍ୟ ସଂଗଠନର ନିର୍ଦ୍ଧାରିତ ସୀମା ୨୫ ରୁ ୪୦ ଶତାଂଶ ତଳେ ରହିଛି। ଏହି ପଦକ୍ଷେପକୁ ମଧ୍ୟ କେତେକ ମହଲରେ ସମାଲୋଚନା କରାଯାଇଛି। କେତେକ ବିଶେଷଜ୍ଞ ଏହାକୁ ପ୍ରତିଗାମୀ ବୋଲି ବର୍ଣ୍ଣନା କରିଛନ୍ତି। ଏଭଳି ପ୍ରୟାସ ଫଳରେ ଭାରତୀୟ ଶିଳ୍ପୋଦ୍ୟୋଗ ବିଶ୍ୱସ୍ତରରେ ପ୍ରତିଯୋଗିତା କରିବା ପରିବର୍ତ୍ତେ ଏକ ସୁରକ୍ଷିତ ବଳୟ ଭିତରେ ରହିଯିବ ବୋଲି ଯୁକ୍ତି କରାଯାଉଛି। ସେହିଭଳି ତାରିଫ ବୃଦ୍ଧି ଅଧିକାଂଶ ସମୟରେ ଲବି ଓ ଚାପ ଯୋଗୁଁ କରାଯାଇଥାଏ। ଇସ୍ପାତ ଓ ଆଲୁମିନିୟମ ଭଳି ମୌଳିକ ଧାତବ ସାମଗ୍ରୀର ସୁରକ୍ଷିତ ଘରୋଇ ବଜାର ପାଇଁ ବିଦେଶୀ ଶସ୍ତା ସାମଗ୍ରୀ ଆମଦାନୀ ଉପରେ ଅଧିକ ବହିଃ ଶୁଳ୍କ ଲାଗୁ କରିବାକୁ ପଡ଼େ।

ପ୍ରତିବର୍ଷ ୧୦ ରୁ ୧୨ ନିୟୁତ ଲୋକ ଭାରତରେ ନିଯୁକ୍ତି କ୍ଷେତ୍ରକୁ ଆସୁଛନ୍ତି। ସେମାନଙ୍କ ପାଇଁ ଆବଶ୍ୟକ କର୍ମନିଯୁକ୍ତିର ସୁଯୋଗ ନଥିବାରୁ ଦେଶର ଅର୍ଥନୀତିରେ ଏକ ସଂକଟଜନକ ପରିସ୍ଥିତି ସୃଷ୍ଟି ହୋଇଛି। ସତକଥା ହେଲା ସରକାର ମାନୁଫାକଚରିଙ୍ଗ୍ କ୍ଷେତ୍ରରେ ଜିଡିପିକୁ ଏହାର ଅବଦାନ ହାର ୨୫ ଶତାଂଶରୁ ଅଧିକ କରିବାକୁ ଆପ୍ରାଣ ଉଦ୍ୟମ କରୁଥିଲେ ମଧ୍ୟ ଏହା ୧୫ ରୁ ୧୬ ଶତାଂଶରୁ ଅଧିକ ହେଉନାହିଁ। ଏଥିପାଇଁ କେତେକ ପ୍ରତିବନ୍ଧକ ଓ ବାସ୍ତବତା ରହିଛି। ଫଳରେ ଏହା ଆଶାଜନକ ଭାବେ ଆଗେଇ ପାରୁନାହିଁ। ତେଣୁ ଏ କ୍ଷେତ୍ରରେ ବଡ଼ଧରଣର ସଂସ୍କାରର ଆବଶ୍ୟକତା ରହିଛି।



ଘରୋଇ ଶିଳ୍ପୋଦ୍ୟୋଗକୁ ସରକାର ଏବେ ଯେଉଁ ବଜାର ସୁରକ୍ଷା ଓ ସୁବିଧା ଯୋଗାଉଛନ୍ତି ତାହା ଅଧିକ କାଳ ଯୋଗାଇବା ସମ୍ଭବ ନୁହେଁ। ଆଞ୍ଚଳିକ ପୂର୍ଣ୍ଣାଙ୍ଗ ଅର୍ଥନୈତିକ ଅଂଶୀଦାର (ଆର୍‌ସିଇପି) ଘେନି ଭାରତ ୧୦ଟି ଆସିଆନ ରାଷ୍ଟ୍ରଙ୍କ ମଧ୍ୟରେ ଏକ ମୁକ୍ତ ବାଣିଜ୍ୟ କାରବାର ଚୁକ୍ତି ପାଇଁ ଉଦ୍ୟମ କରୁଛି। ଏଥିରେ ଅଷ୍ଟ୍ରେଲିଆ, ଚୀନ, ଜାପାନ, ଦକ୍ଷିଣ କୋରିଆ ଓ ନ୍ୟୁଜିଲାଣ୍ଡକୁ ସାମିଲ କରିବାକୁ ମଧ୍ୟ ଉଦ୍ୟମ ହେଉଛି। ଏହି ଚୁକ୍ତି ସ୍ୱାକ୍ଷରିତ ହେଲେ ସଭ୍ୟରାଷ୍ଟ୍ର ହିସାବରେ ଭାରତକୁ ସଂପୃକ୍ତ ରାଷ୍ଟ୍ରଙ୍କ ସାମଗ୍ରୀ ଉପରେ ସୀମାଶୁଳ୍କ ଶୂନକୁ ହ୍ରାସ କରିବାକୁ ପଡ଼ିବ। ଭାରତୀୟ ସାମଗ୍ରୀକୁ ଆଉ ସୁରକ୍ଷା ଦେବା ସମ୍ଭବ ହେବନାହିଁ।

ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଓ ଉଦ୍ୟୋଗ ସମୂହ ଖୁବ୍ ଶୀଘ୍ର ଇଲେକ୍‌ଟ୍ରୋନିକ୍ସ ରିସିଭେବଲ ଡିସ୍‌କାଉଣ୍ଟ ସିଷ୍ଟମ (ଟ୍ରେଡ୍) ବ୍ୟବସ୍ଥାର ଅନ୍ତର୍ଭୁକ୍ତ ହେବେ ବୋଲି ସରକାର ଘୋଷଣା କରିଛନ୍ତି। ଏହା କାର୍ଯ୍ୟକାରୀ ହେଲେ ଏହି ଅନ୍‌ଲାଇନ୍ ବିଲ୍ ଡିସ୍‌କାଉଣ୍ଟ ବ୍ୟବସ୍ଥାଟି ଜିଏସ୍‌ଟିଏନ୍ ନେଟ୍‌ୱାର୍କ ସହିତ ସଂଯୁକ୍ତ ହେବ। ଏହା ଫଳରେ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଓ ବଡ଼ବଡ଼ କ୍ରେତାଙ୍କ ମଧ୍ୟରେ ଇଲେକ୍‌ଟ୍ରୋନିକ୍ ବ୍ୟବସ୍ଥାରେ ସବୁ କାରବାର ସ୍ୱୟଂକ୍ରିୟ ଭାବେ ସମ୍ପନ୍ନ କରାଯିବ। ଏହି କାରବାର ସମୟରେ ସଂପୃକ୍ତ ଉଦ୍ୟୋଗର ଦୋଷ ଦୁର୍ବଳତା ଆପଣାଛାଏଁ ଜଣାପଡ଼ିବ। ଡିମ୍‌ଡ ଆକ୍‌ସେପ୍ଟାନ୍ସ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବା ପାଇଁ ଅଧିକ ଆଇନଗତ ପଦକ୍ଷେପ ଲୋଡ଼ା।



ବଜେଟରେ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗକୁ ଋଣ, ସହାୟତା ଓ ସବ୍‌ସିଡି ଆଦି ଯୋଗାଇଦେବା ନିମନ୍ତେ ଯେଉଁ ୩୭୯୪ କୋଟି ଟଙ୍କାର ବ୍ୟୟ ବରାଦ ହୋଇଛି ତାହାକୁ ସଂପୃକ୍ତ ଉଦ୍ୟୋଗ ପକ୍ଷରୁ ମୋଟାମୋଟି ସ୍ୱାଗତ କରାଯାଇଛି। ତେବେ ଏହି ବ୍ୟୟ ବରାଦ ସଂକ୍ରାନ୍ତ ସବିଶେଷ ସରକାରୀ ତଥ୍ୟ ପ୍ରଦାନ କରାଯାଇ ନ ଥିବାରୁ ତା' ଉପରେ ମତାମତ ଦେବା ସମ୍ଭବ ନୁହେଁ।

ଯେଉଁ କମ୍ପାନୀଗୁଡ଼ିକର ବାର୍ଷିକ କାରବାର ୨୫୦ କୋଟି ଟଙ୍କାରୁ କମ୍ ସେଗୁଡ଼ିକର କର୍ପୋରେଟ ଟିକସ ଅନୁପାତ ୨୫ ଶତାଂଶକୁ ବଜେଟରେ ହ୍ରାସ କରାଯାଇଛି। ପୂର୍ବରୁ କେବଳ ୫୦କୋଟିରୁ କମ୍ ଟଙ୍କାର କାରବାର କରୁଥିବା କମ୍ପାନୀ ଏହି ସୁଯୋଗ ପାଉଥିଲେ। ଏହାଦ୍ୱାରା ଅଧିକରୁ ଅଧିକ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପୋଦ୍ୟୋଗ ଉପକୃତ ହେବେ। ସେମାନଙ୍କ ପାଖରେ ଯେଉଁ ପୁଞ୍ଜି ବଳିବ ତାହାକୁ ଉଦ୍ୟୋଗ ବିକାଶରେ ଲଗାଯାଇପାରିବ। ତେବେ ଏହାଦ୍ୱାରା ବହୁ କ୍ଷୁଦ୍ର ଉଦ୍ୟୋଗ ଉପକୃତ ହୋଇପାରିବେ ନାହିଁ; କାରଣ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗର ୯୩ ଶତାଂଶ ସଂସ୍ଥା କମ୍ପାନୀ ଭାବେ ପଞ୍ଜୀକୃତ ନୁହଁନ୍ତି। ଏସବୁ ପାର୍ଟନରସିପ୍ ଓ ପ୍ରୋପ୍ରାଇଟରସିପ୍ (ଫାର୍ମ) ଭିତ୍ତିରେ ପରିଚାଳିତ।

ବଜେଟରେ ଆଉ ଏକ ଭଲ ପ୍ରୟାସର ପ୍ରସ୍ତାବନା ରହିଛି। ସେଇଟି ହେଲା - ଯେଉଁ ସବୁ ଲୋରେଟିଂ କମ୍ପାନୀ ରହିଛି ସେମାନଙ୍କୁ ବଣ୍ଡ ମାର୍କେଟରେ ପ୍ରବେଶ ପାଇଁ ଅନୁମତି ମିଳିବ। ତେବେ ବଡ଼ ବଡ଼ ଉଦ୍ୟୋଗ (କର୍ପୋରେଟ / କମ୍ପାନୀ) ଯଦି ବଣ୍ଡ ମାର୍କେଟରେ ପ୍ରବେଶ କରନ୍ତି ତେବେ ଯାଇ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଅଧିକରୁ ଅଧିକ ବ୍ୟାଙ୍କ ପାଣ୍ଠି ପାଇବାର ସୁଯୋଗ ମିଳିବ।

ମୋଟାମୋଟି ଏଥର କେନ୍ଦ୍ରୀୟ ବଜେଟର ଲକ୍ଷ୍ୟ ଗଠନମୂଳକ ଓ ସକାରାତ୍ମକ ମନେହୁଏ। କୃଷି କ୍ଷେତ୍ର ଓ ଭିତ୍ତିଭୂମି ବିକାଶ ପାଇଁ ବିପୁଳ ବ୍ୟୟ ବରାଦ ଜିଡିପି ଅଭିବୃଦ୍ଧି ନିମନ୍ତେ ଆବଶ୍ୟକ ସୁଯୋଗ ସୁବିଧା ସୃଷ୍ଟି କରିବ। ନିଯୁକ୍ତି ସୁଯୋଗ ସୃଷ୍ଟି ପାଇଁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ସବୁଠୁ ଉତ୍କୃଷ୍ଟ ବିକଳ୍ପ ଭାବେ ଦୃଶ୍ୟମାନ ହେଉଛି। ଆଶା କରିବା ପୁଞ୍ଜି ନିବେଶର ଧାରା ସେହି କ୍ଷେତ୍ରକୁ ଅବ୍ୟାହତ ରହିବ ଏବଂ ଲକ୍ଷ୍ୟ ଫଳବତୀ ହେବାରେ ସହାୟକ ହେବ।


ଲେଖକ ହେଉଛନ୍ତି ନୂଆଦିଲ୍ଲୀସ୍ଥିତ ଭାରତୀୟ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ସଂଘର ଅଧ୍ୟକ୍ଷ।

# ଭିତ୍ତିଭୂମି ସୃଷ୍ଟି ଓ ଏକତ୍ରୀକରଣ

● ଜି. ରଘୁରାମ

୨୦୧୮-୧୯ କେନ୍ଦ୍ରୀୟ ବଜେଟରେ ଭିତ୍ତିଭୂମି କ୍ଷେତ୍ର ପାଇଁ ମୋଟ ୫.୯୭ ଟ୍ରିଲିୟନ (ଏକ ଟ୍ରିଲିୟନ = ଏକ ଲକ୍ଷ କୋଟି) ଟଙ୍କାର ବ୍ୟୟ ବରାଦ କରାଯାଇଛି। ୨୦୧୭-୧୮ ବଜେଟରେ ଏଥିପାଇଁ ୪.୯୪ ଟ୍ରିଲିୟନ ଟଙ୍କା ବ୍ୟୟ ବରାଦ ହୋଇଥିଲା। ଭିତ୍ତିଭୂମି କ୍ଷେତ୍ର ପାଇଁ ସରକାର କେବଳ ବଜେଟରେ ଅଧିକ ଅର୍ଥ ବରାଦ କରୁନାହାନ୍ତି। ମୋଟ୍ ବଜେଟରେ ଏହି କ୍ଷେତ୍ରର ବ୍ୟୟ ବରାଦ ଅଂଶ ମଧ୍ୟ ନିରନ୍ତର ବଢୁଛି। ଭିତ୍ତିଭୂମି କ୍ଷେତ୍ରର ସମସ୍ତ ଉପକ୍ଷେତ୍ର ଯଥା ରେଳବାଇ, ସଡ଼କ ଓ ରାଜପଥ ତଥା ଉଡ଼ାଣ କ୍ଷେତ୍ରରେ ମଧ୍ୟ ବ୍ୟୟ ବରାଦ ବୃଦ୍ଧି ପାଉଛି।

ଭିତ୍ତିଭୂମିର ସବୁଠୁ ଏକ ବଡ଼ ଭାଗ ଅର୍ଥ ରେଳବାଇ କ୍ଷେତ୍ରରେ ବ୍ୟୟ କରାଯାଉଛି। ଏଥରର ବଜେଟରେ ଭିତ୍ତିଭୂମି କ୍ଷେତ୍ରର ଦକ୍ଷତା ବୃଦ୍ଧି ଅଗ୍ରାଧିକାର ପାଇଛି। ତଦନୁସାରେ ଟ୍ରାକ୍ ଡବଲିଂ, ତୃତୀୟ ଓ ଚତୁର୍ଥ ପଥ ନିର୍ମାଣ, ୫୦୦୦ କିମି ପଥ ର ଗେଜ୍ ପରିବର୍ତ୍ତନ କରାଯାଇ ଏହାକୁ ଅଣ ଓସାରିଆରୁ ଓସାରିଆ କରାଯାଉଛି। ଏହାଛଡ଼ା ୬୦୦ ରେଳ ଷ୍ଟେସନର ଉନ୍ନତି ଓ ଆଧୁନିକ ଟ୍ରେନ ଚଳାଚଳର ବ୍ୟବସ୍ଥା କରିବାକୁ ନିଷ୍ପତ୍ତି ନିଆଯାଇଛି। ଗେଜ୍ ପରିବର୍ତ୍ତନର ଲକ୍ଷ୍ୟ ହେଲା ଦେଶରୁ ସବୁ ଅଣଓସାରିଆ ରେଳପଥର ଅବସାନ ଘଟାଇ ଏକ ପ୍ରକାରର ବ୍ରଡଗେଜ୍ (ଓସାରିଆ) ରେଳପଥ ବ୍ୟବସ୍ଥା ପୂର୍ଣ୍ଣାଙ୍ଗ କରିବା। ଏଥର ବଜେଟରେ ମଧ୍ୟ ସହରତଳି ରେଳଚଳାଚଳ ବ୍ୟବସ୍ଥାର ଉନ୍ନତି ଉପରେ ଅଗ୍ରାଧିକାର ଦିଆଯାଇଛି। ଏହା ଫଳରେ ମୁମ୍ବଇ, ବେଙ୍ଗାଲୁରୁ ଭଳି ନଗରୀ ସ୍ୱତନ୍ତ୍ର ଗୁରୁତ୍ୱ ପାଇଛି। ଯାତ୍ରୀ ଭିଡ଼ ରହୁଥିବା ମୁମ୍ବଇ ସହରତଳି ଅଞ୍ଚଳରେ ୩ଟି ପର୍ଯ୍ୟାୟରେ ମୁମ୍ବାଇ ଅର୍ବାନ ଟ୍ରାନ୍ସପୋର୍ଟ ପ୍ରୋଜେକ୍ଟ (ଏମ୍ୟୁଟିପି)ରେ ୦.୫୫ ଟ୍ରିଲିୟନ ଟଙ୍କା ଖର୍ଚ୍ଚ ହେବ।



ଭିତ୍ତିଭୂମିର ସବୁଠୁ ଏକ ବଡ଼ ଭାଗ ଅର୍ଥ ରେଳବାଇ କ୍ଷେତ୍ରରେ ବ୍ୟୟ କରାଯାଉଛି। ଏଥରର ବଜେଟରେ ଭିତ୍ତିଭୂମି କ୍ଷେତ୍ରର ଦକ୍ଷତା ବୃଦ୍ଧି ଅଗ୍ରାଧିକାର ପାଇଛି। ତଦନୁସାରେ ଟ୍ରାକ୍ ଡବଲିଂ, ତୃତୀୟ ଓ ଚତୁର୍ଥ ପଥ ନିର୍ମାଣ, ୫000 କିମି ପଥ ର ଗେଜ୍ ପରିବର୍ତ୍ତନ କରାଯାଇ ଏହାକୁ ଅଣ ଓସାରିଆରୁ ଓସାରିଆ କରାଯାଉଛି। ଏହାଛଡ଼ା ୬୦୦ ରେଳ ଷ୍ଟେସନର ଉନ୍ନତି ଓ ଆଧୁନିକ ଟ୍ରେନ ଚଳାଚଳର ବ୍ୟବସ୍ଥା କରିବାକୁ ନିଷ୍ପତ୍ତି ନିଆଯାଇଛି। ଗେଜ୍ ପରିବର୍ତ୍ତନର ଲକ୍ଷ୍ୟ ହେଲା ଦେଶରୁ ସବୁ ଅଣଓସାରିଆ ରେଳପଥର ଅବସାନ ଘଟାଇ ଏକ ପ୍ରକାରର ବ୍ରଡଗେଜ୍ (ଓସାରିଆ) ରେଳପଥ ବ୍ୟବସ୍ଥା ପୂର୍ଣ୍ଣାଙ୍ଗ କରିବା। ଏଥର ବଜେଟରେ ମଧ୍ୟ ସହରତଳି ରେଳଚଳାଚଳ ବ୍ୟବସ୍ଥାର ଉନ୍ନତି ଉପରେ ଅଗ୍ରାଧିକାର ଦିଆଯାଇଛି। ଏହା ଫଳରେ ମୁମ୍ବଇ, ବେଙ୍ଗାଲୁରୁ ଭଳି ନଗରୀ ସ୍ୱତନ୍ତ୍ର ଗୁରୁତ୍ୱ ପାଇଛି। ଯାତ୍ରୀ ଭିଡ଼ ରହୁଥିବା ମୁମ୍ବଇ ସହରତଳି ଅଞ୍ଚଳରେ ୩ଟି ପର୍ଯ୍ୟାୟରେ ମୁମ୍ବାଇ ଅର୍ବାନ ଟ୍ରାନ୍ସପୋର୍ଟ ପ୍ରୋଜେକ୍ଟ (ଏମ୍ୟୁଟିପି)ରେ 0.୫୫ ଟ୍ରିଲିୟନ ଟଙ୍କା ଖର୍ଚ୍ଚ ହେବ।

କେନ୍ଦ୍ର ବଜେଟରେ ଏଥର ସଡ଼କ ପଥର ବିକାଶ ପାଇଁ ୧.୨୧ଟ୍ରିଲିୟନ ଟଙ୍କାର ବ୍ୟୟ ବରାଦ କରାଯାଇଛି। ଏହି ବ୍ୟୟ ଭାରତମାଳା କାର୍ଯ୍ୟକ୍ରମରେ ବ୍ୟୟ ହେବାକୁ ଥିବା ୫.୩୫ ଟ୍ରିଲିୟନ ଟଙ୍କାର ଅନୁମୋଦିତ ରାଶୀର ଅନ୍ତର୍ଭୁକ୍ତ। ଏଥିରେ ଅର୍ଥନୈତିକ କରିଡର ସମୂହର ବିକାଶ, ଗୁରୁତ୍ୱପୂର୍ଣ୍ଣ ଜାତୀୟ ରାଜପଥ (କରିଡର)ଗୁଡ଼ିକର ଦକ୍ଷତା ବୃଦ୍ଧି, ସୀମାନ୍ତ ପଥ, ଉପକୂଳ ଓ ବନ୍ଦରକୁ ସଂଯୋଗ କରୁଥିବା ସଡ଼କ ପଥର ବିକାଶ କରାଯିବ।

ଉଭୟ ରେଳବାଇ ଓ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ ପାଇଁ ଆଭ୍ୟନ୍ତରୀଣ ବଳକା ପାଣ୍ଠିରୁ ଅର୍ଥ ଯୋଗାଣ ସହିତ ଏହି ଅତିରିକ୍ତ ବଜେଟ ସହାୟତା ବ୍ୟବସ୍ଥା କରାଯାଇଛି। ରେଳବାଇ ତାହାର ପାରମ୍ପାରିକ ବଣ୍ଡ୍ ବ୍ୟବସ୍ଥାରୁ ଅର୍ଥ ସଂଗ୍ରହ କରିବା ସହିତ ସରକାରୀ-ଘରୋଇ (ପିପିପି) ବ୍ୟବସ୍ଥାରେ ଅର୍ଥ ଯୋଗାଡ଼ କରି ରେଳ ଷ୍ଟେସନର ବିକାଶ କରିବ ଓ ନୂଆ ୱାଗନ, ଡବା ଏବଂ ରେଳ ଇଞ୍ଜିନ ତିଆରି କରିବା କାମ ହାତକୁ ନେବ। ଅପର ପକ୍ଷରେ ଅତିରିକ୍ତ ସମ୍ବଳ ସଂଗ୍ରହ ପାଇଁ ଜାତୀୟ ରାଜପଥ ପ୍ରାଧିକରଣ ଟୋଲ୍ ସଂଗ୍ରହ, ଅପରେଟ ଓ ଟ୍ରାନ୍ସଫର (ଟିଓଟି) ବ୍ୟବସ୍ଥାରେ ବଜାରରୁ ଅଂଶଧନ ଉଠାଇବ।


ସାମୁଦ୍ରିକ କ୍ଷେତ୍ରରେ ବନ୍ଦର ଓ ଉପକୂଳ ଅଞ୍ଚଳର ବିକାଶ ପାଇଁ ସାଗରମାଳା ପ୍ରକଳ୍ପକୁ ବଜେଟରେ ଗୁରୁତ୍ୱ ପ୍ରଦାନ କରାଯାଇଛି। ସେହିଭଳି ଉଡ଼ାଣ କ୍ଷେତ୍ରରେ ବିମାନବନ୍ଦରର ଦକ୍ଷତା ବୃଦ୍ଧି, ନୂଆ ବିମାନବନ୍ଦରର ବିକାଶ ତଥା ବିମାନ ସେବା ନ ଥିବା ଅଞ୍ଚଳରେ ଅଧିକରୁ ଅଧିକ ବିମାନ ଘାଟି ଓ ହେଲିପ୍ୟାଡ୍ ନିର୍ମାଣ ବଜେଟରେ ଅଗ୍ରାଧିକାର ପାଇଛି।



ଭିତ୍ତିଭୂମି କ୍ଷେତ୍ରର ଯେଉଁ ଅନ୍ୟାନ୍ୟ ଇଲାକା ରହିଲା ସେସବୁର ବିକାଶ ପାଇଁ ମଧ୍ୟ ସରକାର ବଜେଟରେ ଆବଶ୍ୟକ ନଜର ଦେଇଛନ୍ତି। ସେଥିମଧ୍ୟରେ ୯୯ଟି ସ୍ମାର୍ଟ ସିଟି ନିର୍ମାଣ ପାଇଁ ବ୍ୟୟ ବରାଦ, ଗ୍ରାମାଞ୍ଚଳରେ ଅଧିକରୁ ଅଧିକ ସଡ଼କ ଓ ଆବାସ ନିର୍ମାଣ, ବିଦ୍ୟୁତ୍, ପରିମଳ, ଜଳସେଚନ ଓ ପାନୀୟଜଳ ଯୋଗାଣ ବ୍ୟବସ୍ଥା ଆଦି ଅନ୍ୟତମ।

**ବିନିଯୋଗ ଦକ୍ଷତା ତୁଳନାରେ ଅଧିକ ବ୍ୟୟବରାଦ:**

ଯୋଜନାର ରୂପାୟନ ପାଇଁ କେବଳ ବିପୁଳ ଅର୍ଥ ବରାଦ କରିଦେଲେ ଲକ୍ଷ୍ୟ ସାଧନ ହୋଇ ନ ଥାଏ। ଏଥିପାଇଁ ଏକ ଦକ୍ଷ ରୂପାୟନ ବ୍ୟବସ୍ଥାର ଆବଶ୍ୟକତା ରହିଛି। ଉଦାହରଣ ସ୍ୱରୂପ ୨୦୧୭-୨୦୧୮ରେ ରେଳବାଇ ପାଇଁ ମୋଟ ବଜେଟ ସହାୟତା ୦.୫୫ ଟ୍ରିଲିୟନ ଟଙ୍କା ଥିବା ବେଳେ ସେଥିମଧ୍ୟରୁ ୦.୪୨ ଟ୍ରିଲିୟନ ଟଙ୍କା ପ୍ରକୃତରେ ଖର୍ଚ୍ଚ ହୋଇପାରିବ ବୋଲି ସଂଶୋଧିତ ହିସାବରୁ ଜଣାପଡ଼ିଛି। ସେହିଭଳି ୨୦୧୮-୧୯ ବଜେଟରେ ରେଳବାଇ ପାଇଁ ଯେଉଁ ୦.୫୫ ଟ୍ରିଲିୟନ ଟଙ୍କାର ବଜେଟ ବ୍ୟୟ ବରାଦ ହୋଇଛି ତାହାକୁ ଅନୁଧ୍ୟାନ କଲେ ସ୍ପଷ୍ଟ ହୋଇଥାଏ ଯେ ବାସ୍ତବରେ ବ୍ୟୟ ବରାଦ ବଢ଼ିନାହିଁ; କାରଣ



ଚଳିତ ଆର୍ଥିକ ବର୍ଷରେ ବରାଦ ହୋଇ ଖର୍ଚ୍ଚ ହୋଇପାରି ନ ଥିବା ବଳକା ଟଙ୍କାକୁ ଆଗାମୀ ଆର୍ଥିକ ବର୍ଷର ବ୍ୟୟବରାଦରେ ମିଶାଇ ଦିଆଯାଇଛି।

ଅର୍ଥ ବ୍ୟୟ କରି ନ'ପାରିବାର ଏହି ସ୍ଥିତି ପାଇଁ ବ୍ୟବସ୍ଥାର ଦୁର୍ବଳତା ଦାୟୀ। ସ୍ୱଷ୍ଟ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତିରେ ତ୍ରୁଟି, ନିର୍ମାଣ କାର୍ଯ୍ୟ ତୁରନ୍ତ ଆରମ୍ଭ କରିବାକୁ ଅନୁମତି ଦେବାରେ ବିଳମ୍ବ, ପ୍ରକ୍ରିୟା ଆରମ୍ଭ ଜନିତ ମନ୍ଥରତା, ଆଇନଗତ ଓ ମାଲିମକଦ୍ଦମା ଜନିତ ଜଟିଳତା ଏଥିପାଇଁ ମୁଖ୍ୟ ପ୍ରତିବନ୍ଧକ ସୃଷ୍ଟି କରିଛି। ବିଭିନ୍ନ ପ୍ରକଳ୍ପ ଅଧପନ୍ତରିଆ ଅବସ୍ଥାରେ ଦୀର୍ଘ କାଳ ପଡ଼ିରହୁଥିବାରୁ ଏହା ଉତ୍ପାଦନକ୍ଷମ ହେଉନାହିଁ। ପ୍ରକଳ୍ପ ବିଳମ୍ବ ଯୋଗୁଁ ଖର୍ଚ୍ଚ ବଢୁଛି ଏବଂ ସରକାରଙ୍କୁ ଅଯଥା ସୁଧ ଗଣିବାକୁ ପଡୁଛି। ଏହା ଫଳରେ ଖର୍ଚ୍ଚ ବଢୁଛି; କିନ୍ତୁ ଅଚଳ ପୁଞ୍ଜିର ପରିମାଣ ବୃଦ୍ଧିପାଉଛି। ତେଣୁ ଯେତେ ଶୀଘ୍ର ଧାର୍ଯ୍ୟ ସମୟ ଭିତରେ କାମ ସରିବ ସେତେ ଭଲ। ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ଇତିମଧ୍ୟରେ ପ୍ରକଳ୍ପ ନିର୍ମାଣରେ ପ୍ରତିବନ୍ଧକ ସୃଷ୍ଟି କରୁଥିବା ଅନେକ ମାଲିମକଦ୍ଦମାର ସମାଧାନ କରିବାରେ ସଫଳ ହୋଇଛନ୍ତି। ଏଥିପାଇଁ ମନ୍ତ୍ରଣାଳୟ ଅବଶ୍ୟ

ସାମୁଦ୍ରିକ କ୍ଷେତ୍ରରେ ବନ୍ଦର ଓ ଉପକୂଳ ଅଞ୍ଚଳର ବିକାଶ ପାଇଁ ସାଗରମାଳା ପ୍ରକଳ୍ପକୁ ବଜେଟରେ ଗୁରୁତ୍ୱ ପ୍ରଦାନ କରାଯାଇଛି। ସେହିଭଳି ଉଡ଼ାଣ କ୍ଷେତ୍ରରେ ବିମାନବନ୍ଦରର ଦକ୍ଷତା ବୃଦ୍ଧି, ନୂଆ ବିମାନବନ୍ଦରର ବିକାଶ ତଥା ବିମାନ ସେବା ନ ଥିବା ଅଞ୍ଚଳରେ ଅଧିକରୁ ଅଧିକ ବିମାନ ଘାଟି ଓ ହେଲିପ୍ୟାଡ୍ ନିର୍ମାଣ ବଜେଟରେ ଅଗ୍ରାଧିକାର ପାଇଛି। ଭିତ୍ତିଭୂମି କ୍ଷେତ୍ରର ଯେଉଁ ଅନ୍ୟାନ୍ୟ ଇଲାକା ରହିଲା ସେସବୁର ବିକାଶ ପାଇଁ ମଧ୍ୟ ସରକାର ବଜେଟରେ ଆବଶ୍ୟକ ନଜର ଦେଇଛନ୍ତି। ସେଥିମଧ୍ୟରେ ୯୯ଟି ସ୍ମାର୍ଟ ସିଟି ନିର୍ମାଣ ପାଇଁ ବ୍ୟୟ ବରାଦ, ଗ୍ରାମାଞ୍ଚଳରେ ଅଧିକରୁ ଅଧିକ ସଡ଼କ ଓ ଆବାସ ନିର୍ମାଣ, ବିଦ୍ୟୁତ୍, ପରିମଳ, ଜଳସେଚନ ଓ ପାନୀୟଜଳ ଯୋଗାଣ ବ୍ୟବସ୍ଥା ଆଦି ଅନ୍ୟତମ।

ପ୍ରଶଂସାର ପାତ୍ର। ଏହା ସତ୍ତ୍ୱେ ଆହୁରି ଅନେକ ଆଇନଗତ ବିବାଦ ଓ ପ୍ରତିବନ୍ଧକ ରହିଛି ଏବଂ ତାହାକୁ ଅଗ୍ରାଧିକାର ଭିତ୍ତିରେ ଦୂର କରିବାକୁ ପଡ଼ିବ।

ବଜେଟରେ ପ୍ରତିବର୍ଷ କିଛି ସମୟ ପାଇଁ ଯେଉଁ ଗୁରୁତ୍ୱ ପ୍ରଦାନ କରାଯାଉଛି ଓ ତା' ଉପରେ ଯେଉଁ ଦୃଷ୍ଟି କେନ୍ଦ୍ରୀତ ହେଉଛି ତାହା ଠିକ୍ ମନେ ହୁଏ ନାହିଁ। ବଜେଟ ବ୍ୟୟ ବରାଦର ରୂପାୟନ ଏବଂ ସମୀକ୍ଷା କରିବାର ବ୍ୟବସ୍ଥା କଲେ ବାସ୍ତବ ଫଳାଫଳ ନିୟମିତ ବ୍ୟବଧାନରେ ଜାଣିହୁଅନ୍ତା ଓ କାର୍ଯ୍ୟକ୍ରମର ତ୍ରୁଟି ବିଚ୍ୟୁତିକୁ ସୁଧାରିବାକୁ ଅବକାଶ ମିଳନ୍ତା। ବାର୍ଷିକ ଅର୍ଥନୈତିକ ସର୍ଭେ ରିପୋର୍ଟରେ ଏହା କରାଯାଉଥିଲେ ମଧ୍ୟ କ୍ଷେତ୍ରଗତ ପ୍ରଦର୍ଶନର ସବିଶେଷ ସମୀକ୍ଷା ଏଥିରେ କମ୍ ଥାଏ ଓ ଏହା ଏକ ସ୍ଥୁଳ ମୂଲ୍ୟାୟନ ରିପୋର୍ଟ ଭାବେ ପରିଗଣିତ ହୁଏ। ବଜେଟରେ ରାଜନୈତିକ ବାକ୍‌ପଟୁତା ଓ ଚତୁରତା ଅଗ୍ରାଧିକାର ପାଏ। ଏକା କଥାକୁ ବାରମ୍ବାର କୁହାଯାଏ। ଉଦାହରଣ ସ୍ୱରୂପ ରେଳ ଷ୍ଟେସନରେ ବିକାଶ ନୂଆ ବିମାନବନ୍ଦର ନିର୍ମାଣ ଓ ଉଡ଼ାଣ କ୍ଷେତ୍ରର ବିକାଶ କଥା ଏକାଦିକ୍ରମେ ଅନେକ ବଜେଟରେ କୁହାଯାଇଆସୁଛି। ପୂର୍ବ

ବଜେଟଗୁଡ଼ିକରେ ସେତୁ ଭାରତମ୍ (ରେଳପଥରୁ ଲେଭଲ କ୍ରସିଂ ଉଠାଇବା) 'ସୂତ୍ର' (ପରିବହନ କ୍ଷେତ୍ରରେ ସ୍ୱତନ୍ତ୍ର ଗବେଷଣା), 'ଶ୍ରେଷ୍ଠ' (ରେଳବାଇରେ କୌଶଳାତ୍ମକ ଟେକ୍‌ନୋଲୋଜି ବ୍ୟବହାର) ଆଦି କଥା ବାରମ୍ବାର କୁହାଯାଉଥିଲା। ଏବେ ସେସବୁର ସ୍ଥିତି କ'ଣ ତାହା ଜାଣିବା କଷ୍ଟ।

**ବ୍ୟୟ ପାଇଁ ଉପଯୁକ୍ତ ମାର୍ଗ ନିର୍ଦ୍ଦେଶ:**

ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା, ସାଗରମାଳା, ହାଇସ୍ପିଡ୍, ଭାରତମାଳା ଆଦି ଯେଉଁସବୁ ଭିତ୍ତିଭୂମି ଉନ୍ନୟନ ଯୋଜନା ହାତକୁ ନିଆଯାଇଛି ତାହା ପଛରେ ରହିଛି ଦୀର୍ଘ ମିଆଦୀ ତଥା ବହୁମୁଖୀ ଲକ୍ଷ୍ୟସାଧନ ପ୍ରୟାସ। ହାଇସ୍ପିଡ୍ ରେଳ ଓ ସାଗରମାଳା ପ୍ରକଳ୍ପ ୨୦୧୭ ସେପ୍ଟେମ୍ବର ଓ ଅକ୍ଟୋବରରେ ଯଥାକ୍ରମେ ଆରମ୍ଭ ହୋଇଥିଲା। ସେମିତି ଦେଖିବାକୁ ଗଲେ ଭାରତମାଳା ପ୍ରକଳ୍ପ, ପୂର୍ବର ଜାତୀୟ ରାଜପଥ ବିକାଶ ପ୍ରକଳ୍ପର ଏକ ସଂଶୋଧିତ ରୂପ। ଏସବୁ ପ୍ରକଳ୍ପର ପରିକଳ୍ପନା ପଛରେ ବାର୍ଷିକ ଲକ୍ଷ୍ୟ ହାସଲ ଚାହିଦା ଅପେକ୍ଷା ସ୍ଥିରତା ଓ ଦିଗଭାଗ ଅଧିକ ଗୁରୁତ୍ୱ ପାଏ।

ପ୍ରକଳ୍ପର ପ୍ରାୟୋଜନ ଓ ରୂପାୟନ ଦୁଇଟି ଭିନ୍ନ କଥା। ପ୍ରକଳ୍ପ ପ୍ରାୟୋଜନ କ୍ଷେତ୍ରରେ କେତେକ ସ୍ଥାନରେ ଆମେ ବିଫଳ ହେଉଛୁ। ଉଦାହରଣ ସ୍ୱରୂପ ଭାରତ ନେଟ୍ ପ୍ରୋଜେକ୍ଟ (ପୂର୍ବର ଜାତୀୟ ଅପଟିକାଲ ଫାଇବର ନେଟ୍‌ୱାର୍କ) ଯାହା ଦେଶର ସବୁ ପଞ୍ଚାୟତକୁ ଇଣ୍ଟରନେଟ ସଂଯୋଗ ପ୍ରଦାନ କରିବାକୁ ଉଦ୍ଦିଷ୍ଟ ଥିଲା, ତାହା ରୂପାୟନ କ୍ଷେତ୍ରରେ ସମସ୍ୟାର ସମ୍ମୁଖୀନ। ଏହା ଫଳରେ ଏହି ଯୋଜନା ନିର୍ଦ୍ଧାରିତ ସମୟରେ ଲକ୍ଷ୍ୟ ସାଧନରେ ବିଫଳ ହୋଇଛି। ଏହି ସମସ୍ୟାର ଏକ ବଡ଼ କାରଣ ହେଲା ଯୋଜନାର ରୂପାୟନ କାର୍ଯ୍ୟର ଏକ ବଡ଼ ଅଂଶ ରାଷ୍ଟ୍ରାୟତ୍ତ ଉଦ୍ୟୋଗଙ୍କୁ ପ୍ରଦାନ କରାଯାଇଛି, ଯାହା ସେମାନଙ୍କ ଅଗ୍ରାଧିକାର ତାଲିକାରେ ନାହିଁ।


ଅର୍ଥ ବ୍ୟୟ କରି ନ'ପାରିବାର ଏହି ସ୍ଥିତି ପାଇଁ ବ୍ୟବସ୍ଥାର ଦୁର୍ବଳତା ଦାୟୀ। ସ୍ପଷ୍ଟ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତିରେ ତ୍ରୁଟି, ନିର୍ମାଣ କାର୍ଯ୍ୟ ତୁରନ୍ତ ଆରମ୍ଭ କରିବାକୁ ଅନୁମତି ଦେବାରେ ବିଳମ୍ବ, ପ୍ରକ୍ରିୟା ଆରମ୍ଭ ଜନିତ ମନ୍ଥରତା, ଆଇନଗତ ଓ ମାଲିମକଦ୍ଦମା ଜନିତ ଜଟିଳତା ଏଥିପାଇଁ ମୁଖ୍ୟ ପ୍ରତିବନ୍ଧକ ସୃଷ୍ଟି କରିଛି। ବିଭିନ୍ନ ପ୍ରକଳ୍ପ ଅଧପନ୍ତରିଆ ଅବସ୍ଥାରେ ଦୀର୍ଘ କାଳ ପଡ଼ିରହୁଥିବାରୁ ଏହା ଉତ୍ପାଦନକ୍ଷମ ହେଉନାହିଁ। ପ୍ରକଳ୍ପ ବିଳମ୍ବ ଯୋଗୁଁ ଖର୍ଚ୍ଚ ବଢ଼ୁଛି ଏବଂ ସରକାରଙ୍କୁ ଅଯଥା ସୁଧ ଗଣିବାକୁ ପଡୁଛି। ଏହା ଫଳରେ ଖର୍ଚ୍ଚ ବଢ଼ୁଛି; କିନ୍ତୁ ଅଚଳ ପୁଞ୍ଜିର ପରିମାଣ ବୃଦ୍ଧିପାଉଛି। ତେଣୁ ଯେତେ ଶୀଘ୍ର ଧାର୍ଯ୍ୟ ସମୟ ଭିତରେ କାମ ସରିବ ସେତେ ଭଲ। ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ଇତିମଧ୍ୟରେ ପ୍ରକଳ୍ପ ନିର୍ମାଣରେ ପ୍ରତିବନ୍ଧକ ସୃଷ୍ଟି କରୁଥିବା ଅନେକ ମାଲିମକଦ୍ଦମାର ସମାଧାନ କରିବାରେ ସଫଳ ହୋଇଛନ୍ତି। ଏଥିପାଇଁ ମନ୍ତ୍ରଣାଳୟ ଅବଶ୍ୟ ପ୍ରଶଂସାର ପାତ୍ର। ଏହା ସତ୍ତ୍ୱେ ଆହୁରି ଅନେକ ଆଇନଗତ ବିବାଦ ଓ ପ୍ରତିବନ୍ଧକ ରହିଛି ଏବଂ ତାହାକୁ ଅଗ୍ରାଧିକାର ଭିତ୍ତିରେ ଦୂର କରିବାକୁ ପଡ଼ିବ।

ଗ୍ରାମ୍ୟ ଭିତ୍ତିଭୂମି ନିର୍ମାଣ ପ୍ରସଙ୍ଗରେ ଦେଖିଲେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଅନ୍ୟ ତୁଳନାରେ ସବୁଠୁ ଅଧିକ ସଫଳ ହୋଇଛି। ଏହି ଯୋଜନାର ଦ୍ୱିତୀୟ ପର୍ଯ୍ୟାୟ ସନ୍ତୋଷଜନକ ଭାବେ ଆଗେଇ ଚାଲିଛି ଏବଂ ଏହା ଧାର୍ଯ୍ୟ ସମୟ ୨୦୨୧ ପରିବର୍ତ୍ତେ ୨୦୧୯ରେ ଶେଷ ହେବ। ତେଣୁ ଯୋଜନାର ତୃତୀୟ ପର୍ଯ୍ୟାୟ ଦୁଇବର୍ଷ ପୂର୍ବରୁ ଆରମ୍ଭ ହେବାକୁ ପଥ ପରିଷ୍କାର ହୋଇଯାଇଛି। ଏହି ଯୋଜନାରେ ଅଧିକରୁ ଅଧିକ ଆଭ୍ୟନ୍ତରୀଣ ଗ୍ରାମକୁ ସଡ଼କ ସଂଯୋଗ ପ୍ରତିଷ୍ଠା ସହ ସେସବୁ ରାସ୍ତାର ଉନ୍ନତ ରକ୍ଷଣାବେକ୍ଷଣ ଉପରେ ଗୁରୁତ୍ୱ ଦିଆଯାଉଛି। ଏହା ଫଳରେ ଗ୍ରାମାଞ୍ଚଳରେ ସରକାରୀ ବେସରକାରୀ ସେବା ପହଞ୍ଚିବା ତ୍ୱରାନ୍ୱିତ ହୋଇଛି।

ଗ୍ରାମ ବିଦ୍ୟୁତ୍‌କରଣ କ୍ଷେତ୍ରରେ ମଧ୍ୟ ଏବେ ଗ୍ରାମ ସମୂହକୁ ଶକ୍ତି ଯୋଗାଣ ସହିତ ପ୍ରତିଗ୍ରାମରେ ପ୍ରତ୍ୟେକ ପଡ଼ା ଓ ଘରକୁ ବିଜୁଳି ଯୋଗାଇବା ଅଗ୍ରାଧିକାର ପାଇଛି। ସେହିଭଳି ପରିମଳ କ୍ଷେତ୍ରରେ ପ୍ରତ୍ୟେକ ପରିବାରରେ ଶୌଚାଳୟ ନିର୍ମାଣକୁ ଗୁରୁତ୍ୱ ଦିଆଯାଇଛି। କେବଳ ଶୌଚାଳୟ ନିର୍ମାଣ ଦ୍ୱାରା ଗାଁ ପରିମଳ ରକ୍ଷା ହେବ ନାହିଁ, ଏହାର ବ୍ୟବହାରକୁ ଏକ ଅଭ୍ୟାସରେ ପରିଣତ କରିବାକୁ ହେବ। ଏଥିପାଇଁ ସୁଚିନ୍ତିତ ପ୍ରୟାସ ଲୋଡ଼ା।

**ଆନ୍ତଃକ୍ଷେତ୍ରୀୟ ପ୍ରସଙ୍ଗ:**

ଭିତ୍ତିଭୂମି କ୍ଷେତ୍ରରେ ଆନ୍ତଃକ୍ଷେତ୍ରୀୟ ସହଯୋଗ ପ୍ରସଙ୍ଗ ବିଶେଷ ଗୁରୁତ୍ୱପୂର୍ଣ୍ଣ। ସମନ୍ୱୟ ନ'ରହିଲେ ଏହାର ବିକାଶ ପ୍ରକ୍ରିୟା ତେଢ଼ା ହୋଇଥାଏ। ଉଦାହରଣ ସ୍ୱରୂପ ଆଗ ଅଧିକ ସଡ଼କ ନିର୍ମାଣ ହେବ ନା ଅଧିକ ବିମାନବନ୍ଦର ନିର୍ମାଣ ହେବ ତାହାକୁ ବିଚାରକୁ ନେବାକୁ ପଡ଼ିବ। ଉତ୍ତମ ସଡ଼କ ପଥ ଓ ପରିବହନ ବ୍ୟବସ୍ଥା ହୋଇଗଲେ ବିମାନବନ୍ଦରର ଆବଶ୍ୟକତା ହ୍ରାସ ପାଇବ ଏବଂ ଲୋକେ ସଡ଼କ ପଥରେ ଯାତ୍ରା କରିବାକୁ ଅଧିକ ପସନ୍ଦ କରିବେ। ଏହାଦ୍ୱାରା ମଧ୍ୟ ବିମାନବନ୍ଦରର ଗହଳି କମିଯିବ। ତେଣୁ ଏକ ସମୟରେ ସଡ଼କପଥ ଓ ବିମାନବନ୍ଦର ବିକାଶ ପାଇଁ ଅର୍ଥ ଖର୍ଚ୍ଚ ହେଲେ ଲୋକେ ଶେଷରେ ଅଧିକରୁ ଅଧିକ ସଡ଼କପଥ ବ୍ୟବହାର କରିବେ। ଏହା ଫଳରେ ବିମାନବନ୍ଦର ଭିତ୍ତିଭୂମି ପାଇଁ ଯେଉଁ ବିପୁଳ ଅର୍ଥ ଖର୍ଚ୍ଚ ହୋଇଥିବ କମ୍ ଯାତ୍ରୀଙ୍କ ବ୍ୟବହାର କାରଣରୁ ତାହା ଏକ ଅଣଲାଭଜନକ ବ୍ୟୟ ଭାବେ ପରିଗଣିତ ହେବ। ତେବେ ପାହାଡ଼ିଆ ଇଲାକା ଓ ଭୌଗୋଳିକ ଦୃଷ୍ଟିରୁ ପ୍ରତିକୂଳ ସ୍ଥିତିରେ




ଥିବା ଅଞ୍ଚଳ ପାଇଁ ସଡ଼କ ନିର୍ମାଣ ପରିବର୍ତ୍ତେ ଅଧିକ କ୍ଷୁଦ୍ର ବିମାନବନ୍ଦର/ ହେଲିପ୍ୟାଡ ନିର୍ମାଣ ଅଧିକ ଯୁକ୍ତିଯୁକ୍ତ ମନେହୁଏ।

ଆନ୍ତଃକ୍ଷେତ୍ରୀୟ ପ୍ରସଙ୍ଗ ମଧ୍ୟରେ ଆଉ ଏକ ଉଦାହରଣ ହେଲା ରେଳସେବା ଓ ମେଟ୍ରୋ ଟ୍ରେନ୍ ସେବା। ଦିଲ୍ଲୀ ଓ ବେଙ୍ଗାଲୁରୁ ଭଳି ଯେଉଁସବୁ ସହରରେ ଏବେ ମେଟ୍ରୋ ଟ୍ରେନ୍ ଚାଲିଛି ତାହାର ରକ୍ଷଣାବେକ୍ଷଣ ଓ ଯାତ୍ରୀ ସେବା ଅତି ନିମ୍ନମାନର। ଫଳରେ ଏହା ଯାତ୍ରୀଙ୍କର ପସନ୍ଦ ଯୋଗ୍ୟ ହେଉନାହିଁ। ଚାହିଦା ହ୍ରାସ କାରଣରୁ ଏହି କ୍ଷେତ୍ରରେ ବିନିଯୁକ୍ତ ବିପୁଳ ପାଣ୍ଠି ବସ୍ତୁତଃ ଅକାରଣ ହେଇଯାଉଛି। ସ୍ମାର୍ଟ ହେବା ଓ ସ୍ମାଟ ବ୍ୟବସ୍ଥାର ଉପଯୋଗ କରିବା ବିଚାର ମନ୍ଦ ନୁହେଁ, ତେବେ ଏହି ସ୍ମାର୍ଟନେସ୍ ବ୍ୟୟବହୁଳ ଓ ଅବାସ୍ତବ ହେଲେ ଜନସମୁଦାୟ ପାଖରେ ତାହାର ଚାହିଦା ରହିବ ନାହିଁ। ତେଣୁ ଆମ 'ସ୍ମାର୍ଟ ସିଟି' ପରିକଳ୍ପନାରେ କଳ୍ପନା ସବୁ ବାସ୍ତବବାଦୀ ହେବାର ଆବଶ୍ୟକତା ରହିଛି।

ଉର୍ଜା ଓ ପରିବହନ କ୍ଷେତ୍ରରେ ମଧ୍ୟ ଆନ୍ତଃ ବିଷୟକ ପ୍ରସଙ୍ଗ ରହିଛି। ଏ କ୍ଷେତ୍ରରେ ସରକାର ଉଲ୍ଲେଖନୀୟ ସଚେତନତା ପ୍ରଦର୍ଶନ କରୁଛନ୍ତି। ରେଳପଥର ବିଦ୍ୟୁତ୍‌କରଣକୁ ପ୍ରୋତ୍ସାହିତ କରାଯାଉଛି। ସେଥିପାଇଁ ଅଧିକରୁ ଅଧିକ ଅର୍ଥ ସରକାର ଯୋଗାଇଦେଇଛନ୍ତି। ସେହିଭଳି ରାସ୍ତାରେ ଚଳାଚଳ କରୁଥିବା ସବୁ ଯାନବାହନକୁ ୨୦୩୦ ସୁଦ୍ଧା ବିଦ୍ୟୁତ୍ ଶକ୍ତି ଚାଳିତ କରିବାର ଲକ୍ଷ୍ୟ ରଖାଯାଇଛି। ଏହା ଫଳରେ ପେଟ୍ରୋଲିୟମ ଓ ଗ୍ୟାସ୍ ଭଳି ମହଙ୍ଗା ଇନ୍ଧନର ଚାହିଦା ହ୍ରାସ ପାଇବ। ତେବେ ପ୍ରସଙ୍ଗ ହେଉଛି ଏ କ୍ଷେତ୍ରରେ ସମନ୍ୱୟର ଅଭାବ ପରିଲକ୍ଷିତ ହେଉଛି। ୨୦୩୦ ସୁଦ୍ଧା ସଡ଼କ ପଥର ଯେତିକି ସଂପ୍ରସାରଣ ଓ ବିକାଶ ହେବା କଥା ସେହି ଗତିରେ କାମ ହୋଇପାରୁନାହିଁ। ସେହିଭଳି ଯାନବାହନଗୁଡ଼ିକୁ ହାଇବ୍ରିଡ୍ (ଇନ୍ଧନ ଚାଳିତରୁ ବିଦ୍ୟୁତ୍ ଚାଳିତ) କରିବା ପାଇଁ ଯେଉଁ ପ୍ରୟାସ ଉଦ୍ୟୋଗ ସ୍ତରରେ ହେବା କଥା ତାହା ହେଉନାହିଁ।

**ଉପସଂହାର:**

ଅର୍ଥମନ୍ତ୍ରୀ ତାଙ୍କ ବଜେଟ ଭାଷଣ ଆରମ୍ଭରେ କହିଥିଲେ ଯେ ଭିତ୍ତିଭୂମି କ୍ଷେତ୍ରର ବିକାଶ ପାଇଁ ଭାରତ ୫୦ ଟ୍ରିଲିୟନ ଟଙ୍କା ଦରକାର କରୁଛି। ଏହାଦ୍ୱାରା ଜିଡିପିର ଅଭିବୃଦ୍ଧି ଘଟିବ, ଦେଶର ସଡ଼କ, ରେଳ, ନୌ ଓ ବିମାନ ପରିବହନ ବ୍ୟବସ୍ଥାରେ ଉଲ୍ଲେଖନୀୟ ଅଗ୍ରଗତି ଘଟିବା ସହ ଉତ୍ତମ ମାନର ସେବା ଓ ଗମନାଗମନ ବ୍ୟବସ୍ଥା ଯୋଗାଣ ସମ୍ଭବ ହେବ। ଏଥିପାଇଁ ସରକାର ଅଙ୍ଗୀକୃତ ଏବଂ ଆବଶ୍ୟକ ଅର୍ଥର ବ୍ୟବସ୍ଥା କରିବେ ବୋଲି ସେ କହିଥିଲେ।

ଯୋଜନା ପାଇଁ ଅର୍ଥ ବରାଦ ସେତେ ଆହ୍ୱାନମୂଳକ ନୁହେଁ, ଅସଲ ସମସ୍ୟା ହେଉଛି ଅଗ୍ରାଧିକାର କ୍ଷେତ୍ର ବାଛି ସେଥିପାଇଁ ଉତ୍ତମ ରଣନୀତି ପ୍ରସ୍ତୁତ କରିବା ଏବଂ ପ୍ରକଳ୍ପ କାର୍ଯ୍ୟ ନିର୍ଦ୍ଧାରିତ ସମୟରେ ଶେଷ କରିବା।

ଲେଖକ ହେଉଛନ୍ତି ବାଙ୍ଗାଲୋରସ୍ଥିତ ଭାରତୀୟ ପ୍ରବନ୍ଧନ ସନ୍ଧାନର ନିର୍ଦ୍ଦେଶକ।

# ବଜେଟ ଏବଂ ଖାଦ୍ୟ ନିରାପତ୍ତା

● ଏମ୍‌.ଏସ୍‌. ସ୍ୱାମୀନାଥନ

ବିଶେଷ ପ୍ରବନ୍ଧ

ଭାରତ ବୋଧହୁଏ ବିଶ୍ୱର ଏକମାତ୍ର ଦେଶ ଯେଉଁଠି ଲୋକଙ୍କୁ ଖାଦ୍ୟ ନିରାପତ୍ତା ବ୍ୟବସ୍ଥା ଯୋଗାଇଦେବାକୁ ଦେଶର ସଂସଦ ଆଇନ ପ୍ରଣୟନ କରିଛି। ଏହି ଆଇନ ଦ୍ୱାରା କ୍ଷୁଧା ସମସ୍ୟାର ଦୂରୀକରଣ ପାଇଁ ଯେଉଁ ସାମାଜିକ ସହାୟତା ଲୋଡ଼ା ସେଠାରେ ସେଭଳି ପ୍ରତ୍ୟେକ ଅଭାବୀ ପରିବାରକୁ ଖାଦ୍ୟ ନିରାପତ୍ତା ନିଶ୍ଚିତ କରାଯାଇଛି। ଏହାସତ୍ତ୍ୱେ ଭାରତରେ ବ୍ୟାପକ କ୍ଷୁଧା ଓ ପୁଷ୍ଟିହୀନତା ରହିଛି। ଏହାଫଳରେ ଆମର ଶିଶୁ, ମହିଳା, ପୁରୁଷ ସେମାନଙ୍କ ଶାରୀରିକ, ମାନସିକ ବିକାଶ ପାଇଁ ଯେଉଁ ଆନୁବଂଶିକ ଗୁଣର ଅଧିକାରୀ ତାହାର ସ୍ୱାଭାବିକ ପରିପ୍ରକାଶ ବ୍ୟାହତ ହେଉଛି। ବଜେଟ ଭିତ୍ତିରେ ଓ ଆଉ କେତେକ ପ୍ରସଙ୍ଗରେ ମୁଁ କେତେକ ବିଷୟ ଉଲ୍ଲେଖ କରୁଛି ଯାହା ଆର୍ଥିକ ଓ ବୈଜ୍ଞାନିକ ଦୃଷ୍ଟିରୁ ଅତିରିକ୍ତ ଧ୍ୟାନ ଆକର୍ଷଣ କରେ।

**ମୂଲ୍ୟ ଅସ୍ଥିରତା:**

ଉତ୍ପାଦିତ ସାମଗ୍ରୀ ମୂଲ୍ୟରେ ମାତ୍ରାଧିକ ଅସ୍ଥିରତା ଚାଷୀଙ୍କ ଆୟ ସ୍ଥିରତାକୁ ପ୍ରଭାବିତ କରିଥାଏ। ନିର୍ଦ୍ଦିଷ୍ଟ ଭାବେ ଆଳୁ, ପିଆଜ ଓ ଟମାଟୋ ଭଳି ପନିପରିବାର ମୂଲ୍ୟରେ ସବୁଠୁ ଅଧିକ ଅସ୍ଥିରତା ଦେଖାଦେଉଛି। ଏହି ମୂଲ୍ୟ ଅସ୍ଥିରତା କ୍ରମଶଃ ଏକ ଚିରନ୍ତନ ପ୍ରକ୍ରିୟାରେ ପରିଣତ ହେଲାଣି। ଖାଉଟିଙ୍କୁ ସନ୍ତୁଷ୍ଟ କରିବା ପାଇଁ ଏହି ମୂଲ୍ୟ ଅସ୍ଥିରତା ଜନିତ ସମସ୍ୟାର ସମାଧାନ ସାମୟିକ ଭାବେ ନ'କରି ଏଥିପାଇଁ ସରକାରୀ ଭାବେ ସ୍ଥାୟୀ ପ୍ରତିକାର ଲୋଡ଼ା। ଏଥିପାଇଁ ସହରତଳି ଅଞ୍ଚଳ (ପେରି-ଅର୍‌ବାନ) ପନିପରିବା ଓ ଫଳଚାଷ ଏକ ଗ୍ରହଣଯୋଗ୍ୟ ବାଟ। ଉଭୟ ସହର ଭିତରେ ଓ ବାହାରେ ବିଶେଷତଃ ସହର ତଳି ଇଲାକାରେ ବେଶ କିଛି ଜମି ଏଭଳି ଚାଷବାସ ପାଇଁ ଉପଲବ୍ଧ। ଏହି ଜମିକୁ ପେରିଅର୍ବାନ ହର୍ଟିକଲଚର ଆନ୍ଦୋଳନ ପାଇଁ ବ୍ୟବହାର କରିହେବ। ଏଥିରେ ଟମୋଟୋ, ଆଳୁ, ପିଆଜ, କଞ୍ଚାଲଙ୍କା, ଶାଗ ଓ ଅନ୍ୟାନ୍ୟ ପନିପରିବା ଚାଷ କରାଯାଇପାରିବ। ଆବଶ୍ୟକ ସ୍ଥଳେ ସହରରେ ଘରର ଛାତ ଉପରେ ମଧ୍ୟ ଏସବୁ ପନିପରିବା ଚାଷ କରିହେବ। ଏହାଦ୍ୱାରା ଦୁଇଟି ଲାଭ ମିଳିବ। ପ୍ରଥମତଃ ପନିପରିବାର ମୂଲ୍ୟସ୍ଥିର ରହିବ ଏବଂ ନିରନ୍ତର ପୁଷ୍ଟି ସାଧନ ନିରାପତ୍ତା ନିଶ୍ଚିତ ହୋଇପାରିବ।

**ସମୁଦ୍ର ଜଳରେ ଚାଷ:**

ଏହା ଏକ ନୂଆ ପ୍ରକାର କଥା। କେରଳର କୁଟ୍ଟାନାଡ଼ ଅଞ୍ଚଳରେ  ସମୁଦ୍ର ଉପକୂଳରେ ଏ ଧରଣର ଚାଷ ବେଶ୍‌ ସଫଳତା ଲାଭ କରିଛି। ଭାରତର ଦୀର୍ଘ ୮୦୦୦ କିଲୋମିଟର ସମୁଦ୍ର ଉପକୂଳ ରହିଛି। ସେହି ଉପକୂଳ ଅଞ୍ଚଳରେ ସମୁଦ୍ର ପାଣି ବ୍ୟବହାର କରି ଉଭୟ ଫସଲ ଓ ମାଛଚାଷ ସହଜରେ କରିହେବ। ସମୁଦ୍ର ଜଳକୁ





ଲବଣମୁକ୍ତ କରି କିପରି କୃଷି କାର୍ଯ୍ୟରେ ବ୍ୟବହାର କରିହେବ ସେ ଦିଗରେ ଭାରତ ନେତୃତ୍ୱ ନେବାର ଆବଶ୍ୟକତା ରହିଛି। ସମୁଦ୍ର ଜଳରେ ଚାଷ ଓ ସମୁଦ୍ର ପତ୍ତନଠାରୁ ତଳେ ଥିବା ସ୍ଥାନରେ କିପରି ବିଭିନ୍ନ ପ୍ରକାର ଫସଲ ଚାଷ କରାଯାଇପାରିବ ସେଥିପାଇଁ ଏମ୍.ଏସ୍. ସ୍ୱାମୀନାଥନ ଗବେଷଣା ପ୍ରତିଷ୍ଠାନ ପାଖରେ ଜ୍ଞାନକୌଶଳ ରହିଛି। ଏହି ପ୍ରତିଷ୍ଠାନ ଏ କ୍ଷେତ୍ରରେ ଆବଶ୍ୟକ ତାଲିମ ପ୍ରଦାନ କରିବା ସହ ଦକ୍ଷତା ନିର୍ମାଣରେ ମଧ୍ୟ ସହାୟତା କରୁଛି। ଏହି କାର୍ଯ୍ୟକ୍ରମରେ ସମୁଦ୍ର କୂଳର ଲୁଣା ଜଙ୍ଗଲ ସହିତ ଲୁଣୀ ପରିବେଶକୁ ସହିପାରୁଥିବା ବିଭିନ୍ନ ପ୍ରକାର ଗଛଲତାର ସଂରକ୍ଷଣ ଅନ୍ତର୍ଭୁକ୍ତ।

**ଜାତୀୟ ମିଲେଟ (ବାଜରା) ବର୍ଷ:**

ଭାରତ ସରକାର ୨୦୧୮ ବର୍ଷକୁ ଜାତୀୟ ମିଲେଟ ବା ବାଜରା ଶସ୍ୟର ବର୍ଷ ଭାବେ ଘୋଷଣା କରିଛନ୍ତି। ତାମିଲନାଡୁ ମାଣ୍ଡିଆ ଓ ଅନ୍ୟାନ୍ୟ ସମଗୋତ୍ରୀୟ ଶସ୍ୟ ଚାଷ କ୍ଷେତ୍ରରେ ଭାରତରେ ଅଗ୍ରଗଣ୍ୟ। ସେଠାରେ ମାଣ୍ଡିଆ, ଚିନା, ରାଗି, କୋଦୁଅ, ବାଜରା, ଜଓ୍ୱାର, ସୁଆଁ ଓ ସେହିଭଳି ଛୋଟ ବଡ଼ ଦାନାର ବିଭିନ୍ନ ପ୍ରକାର ଶସ୍ୟ ବ୍ୟାପକ ଭାବେ ଚାଷ କରାଯାଏ। ସେହି ରାଜ୍ୟର କୋଲି ପାର୍ବତ୍ୟାଞ୍ଚଳ ବିଭିନ୍ନ ପ୍ରକାର ମାଣ୍ଡିଆ ଚାଷର କେନ୍ଦ୍ର କହିଲେ ଅତ୍ୟୁକ୍ତି ହେବ ନାହିଁ। ଏସବୁ ମୋଟା ଶସ୍ୟ ବିଶିଷ୍ଟ ଫସଲ କମ୍ ବର୍ଷା, ଅଧିକ ଉତ୍ତାପ ଓ କମ୍ ପରିଶ୍ରମରେ ଅମଳ ହୋଇଥାଏ। ଏହାର ମରୁଡ଼ି ସହିବା ଶକ୍ତି ଅତି ଅଧିକ। ଏହି ଶସ୍ୟ ଅତ୍ୟନ୍ତ ପୁଷ୍ଟିକର ହୋଇଥିବାରୁ ଏହା ଏକ ବିକଳ୍ପ ଖାଦ୍ୟ ଉତ୍ସ ଭାବେ ଖାଦ୍ୟ ନିରାପତ୍ତା ଅଭିଯାନରେ ସାମିଲ ହୋଇପାରିବ। ଅତଏବ ଏକ 'ମିଲେଟ ବାୟୋଭ୍ୟାଲି' ଗଠନ କରି ଏସବୁ ପ୍ରଜାତିର ଫସଲ ସଂରକ୍ଷଣ ଓ ବିକାଶ ସହିତ ତାହାର ଚାଷକୁ ଅନ୍ୟାନ୍ୟ ଅଞ୍ଚଳରେ ପ୍ରୋତ୍ସାହିତ କରିବାର ଆବଶ୍ୟକତା ରହିଛି। ଏହି ଶସ୍ୟକୁ ପ୍ରକ୍ରିୟାକୃତ କରି ଉତ୍ତମ ଜଳଖିଆ ବା ପ୍ରାତଭୋଜନ ଭାବେ ବ୍ୟବହାର କରିହେବ।

**ପଶୁପକ୍ଷୀ ଓ ମାଛ ଚାଷ:**

ଯେଉଁମାନେ ଫସଲ ଚାଷ ପରିବର୍ତ୍ତେ କୁକୁଡ଼ା, ଛେଳି, ମେଣ୍ଢା ଓ ଗୋପାଳନ କିମ୍ବା ମାଛ ଚାଷ କରୁଛନ୍ତି ସେମାନଙ୍କୁ ମଧ୍ୟ କିଷାନ କ୍ରେଡିଟ୍ କାର୍ଡ

ଖାଉଟିଙ୍କୁ ସନ୍ତୁଷ୍ଟ କରିବା ପାଇଁ ଏହି ମୂଲ୍ୟ ଅସ୍ଥିରତା ଜନିତ ସମସ୍ୟାର ସମାଧାନ ସାମୟିକ ଭାବେ ନ'କରି ଏଥିପାଇଁ ସରକାରୀ ଭାବେ ସ୍ଥାୟୀ ପ୍ରତିକାର ଲୋଡ଼ା। ଏଥିପାଇଁ ସହରତଳି ଅଞ୍ଚଳ (ପେରି-ଅର୍ବାନ) ପନିପରିବା ଓ ଫଳଚାଷ ଏକ ଗ୍ରହଣଯୋଗ୍ୟ ବାଟ। ଉଭୟ ସହର ଭିତରେ ଓ ବାହାରେ ବିଶେଷତଃ ସହର ତଳି ଇଲାକାରେ ବେଶ କିଛି ଜମି ଏଭଳି ଚାଷବାସ ପାଇଁ ଉପଲବ୍ଧ। ଏହି ଜମିକୁ ପେରିଅର୍ବାନ ହଟିକଲଚର ଆନ୍ଦୋଳନ ପାଇଁ ବ୍ୟବହାର କରିହେବ। ଏଥିରେ ଟମୋଟୋ, ଆଳୁ, ପିଆଜ, କଞ୍ଚାଲଙ୍କା, ଶାଗ ଓ ଅନ୍ୟାନ୍ୟ ପନିପରିବା ଚାଷ କରାଯାଇପାରିବ। ଆବଶ୍ୟକ ସ୍ଥଳେ ସହରରେ ଘରର ଛାତ ଉପରେ ମଧ୍ୟ ଏସବୁ ପନିପରିବା ଚାଷ କରିହେବ। ଏହାଦ୍ୱାରା ଦୁଇଟି ଲାଭ ମିଳିବ। ପ୍ରଥମତଃ ପନିପରିବାର ମୂଲ୍ୟସ୍ଥିର ରହିବ ଏବଂ ନିରନ୍ତର ପୁଷ୍ଟି ସାଧନ ନିରାପତ୍ତା ନିଶ୍ଚିତ ହୋଇପାରିବ।

ଯୋଗାଇ ଦିଆଯିବା ଉଚିତ୍ । ପଶୁପାଳନ ଓ ମାଛ ଚାଷ ଦ୍ୱାରା କୃଷି କ୍ଷେତ୍ରର ଆୟ ବୃଦ୍ଧି ସହିତ ପୁଷ୍ଟିସାଧନ ଭଳି ଲୋକଙ୍କ ବଡ଼ ଆବଶ୍ୟକତା ପୂଣ ହେଉଛି । ଏହାଦ୍ୱାରା ଚାଷୀ ଅତିରିକ୍ତ ଆୟ ମଧ୍ୟ କରୁଛନ୍ତି ।

**ଧାନ-ବାୟୋପାର୍କ:**

ସେହିଭଳି ଧାନ ପାଇଁ ଜୈବ ପାର୍କ (ରାଇସ ବାୟୋପାର୍କ) ପ୍ରତିଷ୍ଠା ଆଉ ଏକ ବିକଳ୍ପ ଯାହା ଚାଷୀଙ୍କ ପାଇଁ ଲାଭଦାୟକ ହୋଇପାରେ । ଜୈବିକ ଖତ ସାର ଓ ଅନ୍ୟାନ୍ୟ ଜୈବିକ ସାମଗ୍ରୀ ଉପଯୋଗ କରି ଚାଷୀମାନେ ଏହି ବ୍ୟବସ୍ଥାରେ ନିଜର ଆୟ ଦୁଇଗୁଣ କରିପାରିବେ । ଏହାଛଡ଼ା ନଡ଼ା, ପାଳ, ଛଣ, କୁଣ୍ଡା, ଖୁଦ ଓ ଚାଉଳର ବିଭିନ୍ନ ପ୍ରକାର ଉପଯୋଗ କରି ମୂଲ୍ୟ ମିଶ୍ରିତ ବ୍ୟବସ୍ଥାରେ ଚାଷୀ ବିଭିନ୍ନ ସାମଗ୍ରୀ ତିଆରି କରି ଲାଭବାନ ହୋଇପାରିବ । ଡାଲି ଜାତୀୟ ଫସଲ କ୍ଷେତ୍ରରେ ମଧ୍ୟ ଅନୁରୂପ ପାର୍କ ନିର୍ମାଣ କରାଯାଇପାରିବ । ଏହା ଫଳରେ ଜୈବିକ ସାର ବ୍ୟବହାର ଅଗ୍ରାଧିକାର ପାଇବା ସହ କୃଷି କ୍ଷେତ୍ରରେ ନିଯୁକ୍ତି ପରିସର ବଢ଼ିବ ଓ ଚାଷୀଙ୍କ ଆୟ ବୃଦ୍ଧି ପାଇବ ।

**ଜଳବାୟୁ ପରିବର୍ତ୍ତନ ଅନୁସାରୀ ବ୍ୟବସ୍ଥା:**

ବିଶ୍ୱ ଜଳବାୟୁ ପରିବର୍ତ୍ତନ ପରିପ୍ରେକ୍ଷୀରେ ଭାରତ ମଧ୍ୟ ନୂଆ କୃଷି ସମସ୍ୟାର ସମ୍ମୁଖୀନ ହୋଇଛି । ତେଣୁ ପାଣିପାଗର ଅନିଶ୍ଚିତତା ଓ ଦୁର୍ବିପାକ ଜନିତ ପ୍ରଭାବର ମୁକାବିଲା ତଥା



ପରିଚାଳନା ପାଇଁ ପ୍ରତ୍ୟେକ ବ୍ଲକ୍‌ରେ ଅତିକମ୍‌ରେ ଗୋଟିଏ ଲେଖାଏଁ ଗବେଷଣା ଓ ଉନ୍ନୟନ କେନ୍ଦ୍ର ସ୍ଥାପନ କରିବାର ଆବଶ୍ୟକତା ରହିଛି । ଏସବୁ କେନ୍ଦ୍ରରେ ଜଳବାୟୁ ପରିବର୍ତ୍ତନ ଜନିତ ବିପଦର ମୁକାବିଲା କରିପାରୁଥିବା ତାଲିମପ୍ରାପ୍ତ କର୍ମଚାରୀ ଓ ବିଶେଷଜ୍ଞଙ୍କୁ ନିଯୁକ୍ତି ଦିଆଯିବା ଆବଶ୍ୟକ । ପ୍ରତି ପଞ୍ଚାୟତରେ ଅନ୍ତତଃ ପକ୍ଷେ ଜଣେ ମହିଳା ଓ ଜଣେ ପୁରୁଷ ତାଲିମପ୍ରାପ୍ତ କୃଷି କର୍ମଚାରୀଙ୍କୁ ନିଯୁକ୍ତ କରିବାର ଆବଶ୍ୟକତା ରହିଛି । ଜଳବାୟୁ ପରିବର୍ତ୍ତନ ଯୋଗୁଁ ବଡ଼ ବିପ୍ରାତ ସୃଷ୍ଟିର ଆଶଙ୍କା ଥିବାରୁ ତାହାର ମୁକାବିଲା, ପରିଚାଳନା ଏବଂ ନୂଆ ପରିବେଶ, ପରିସ୍ଥିତି ସହ ଖାପ ଖୁଆଇବା ଭଳି ବ୍ୟବସ୍ଥା ଗ୍ରହଣ ଅପରିହାର୍ଯ୍ୟ । ଏଥିପାଇଁ ତାଲିମ ଖସଡ଼ା ଓ ନିର୍ଦ୍ଦେଶାବଳୀ ଏମ୍ ଏସ୍ ସ୍ୱାମୀନାଥନ ରିସର୍ଚ୍ଚ ଫାଉଣ୍ଡେସନ ପାଖରେ ଉପଲବ୍ଧ । ଆଗ୍ରହୀ ପକ୍ଷ ଚାହିଁଲେ ଏହାକୁ ତାଲିମଦାତାଙ୍କ ତାଲିମ ପାଇଁ ବ୍ୟବହାର କରିପାରିବେ ।

**ଫାର୍ମ ସ୍କୁଲ ପ୍ରତିଷ୍ଠା:**

ଫାର୍ମ ବା ଚାଷବାସ ସମ୍ବନ୍ଧୀୟ ସ୍କୁଲ ପ୍ରତିଷ୍ଠା ଆଉ ଏକ ଉତ୍ତମ ବିଚାର । ଚାଷୀ ନିଜ ନିଜ ମଧ୍ୟରେ ଆଲୋଚନା ପୂର୍ବକ ନୂଆ ନୂଆ କଥା ପରସ୍ପରଠାରୁ ଶିଖିବା ଏହି ସ୍କୁଲର ଉଦ୍ଦେଶ୍ୟ । ଏହା ଫଳରେ ଯେଉଁ ଚାଷୀମାନେ ନୂଆ କୌଶଳ ଓ ନୂଆ କଥା ଶିଖିଛନ୍ତି ସେମାନେ ଅନ୍ୟ ଚାଷୀଙ୍କୁ ଶିଖାଇ ବୁଝାଇ ପାରିବେ ।

**ପେରି-ଅର୍ବାନ ହର୍ଟିକଲ୍‌ଚର ବିପ୍ଳବ:**

ଭାରତରେ ସହରୀକରଣ ପ୍ରକ୍ରିୟା ଦ୍ରୁତ ଗତିରେ ଚାଲିଛି । ଖାଦ୍ୟପଦାର୍ଥର ଚାହିଦା ଓ ଯୋଗାଣ ମଧ୍ୟରେ ତାଳମେଳ ରହୁ ନ ଥିବାରୁ ସହରାଞ୍ଚଳରେ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀର ମୂଲ୍ୟ ଚଢ଼ା ରହୁଛି । ସେଥି ମଧ୍ୟରୁ ପନିପରିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ । ଅତଏବ ସହରାଞ୍ଚଳରେ ପନିପରିବାର ଚାହିଦାମୁତାବକ ଉପଲବ୍ଧତା ଉପରେ ଦରଦାମ ନିୟନ୍ତ୍ରଣ ନିର୍ଭର କରେ ।

ତାମିଲନାଡୁ ମାଣ୍ଡିଆ ଓ ଅନ୍ୟାନ୍ୟ ସମଗୋତ୍ରୀୟ ଶସ୍ୟ ଚାଷ କ୍ଷେତ୍ରରେ ଭାରତରେ ଅଗ୍ରଗଣ୍ୟ । ସେଠାରେ ମାଣ୍ଡିଆ, ଚିନା, ରାଗି, କୋଦୁଅ, ବାଜରା, ଜଓ୍ୱାର, ସୁଆଁ ଓ ସେହିଭଳି ଛୋଟ ବଡ଼ ଦାନାର ବିଭିନ୍ନ ପ୍ରକାର ଶସ୍ୟ ବ୍ୟାପକ ଭାବେ ଚାଷ କରାଯାଏ । ସେହି ରାଜ୍ୟର କୋଲି ପାର୍ବତ୍ୟାଞ୍ଚଳ ବିଭିନ୍ନ ପ୍ରକାର ମାଣ୍ଡିଆ ଚାଷର କେନ୍ଦ୍ର କହିଲେ ଅତ୍ୟୁକ୍ତି ହେବ ନାହିଁ । ଏସବୁ ମୋଟା ଶସ୍ୟ ବିଶିଷ୍ଟ ଫସଲ କମ୍ ବର୍ଷା, ଅଧିକ ଉତ୍ତାପ ଓ କମ୍ ପରିଶ୍ରମରେ ଅମଳ ହୋଇଥାଏ । ଏହାର ମରୁଡ଼ି ସହିବା ଶକ୍ତି ଅତି ଅଧିକ । ଏହି ଶସ୍ୟ ଅତ୍ୟନ୍ତ ପୁଷ୍ଟିକର ହୋଇଥିବାରୁ ଏହା ଏକ ବିକଳ୍ପ ଖାଦ୍ୟ ଉତ୍ସ ଭାବେ ଖାଦ୍ୟ ନିରାପତ୍ତା ଅଭିଯାନରେ ସାମିଲ ହୋଇପାରିବ । ଅତଏବ ଏକ 'ମିଲେଟ ବାୟୋଭ୍ୟାଲି' ଗଠନ କରି ଏସବୁ ପ୍ରଜାତିର ଫସଲ ସଂରକ୍ଷଣ ଓ ବିକାଶ ସହିତ ତାହାର ଚାଷକୁ ଅନ୍ୟାନ୍ୟ ଅଞ୍ଚଳରେ ପ୍ରୋତ୍ସାହିତ କରିବାର ଆବଶ୍ୟକତା ରହିଛି । ଏହି ଶସ୍ୟକୁ ପ୍ରକ୍ରିୟାକୃତ କରି ଉତ୍ତମ ଜଳଖିଆ ବା ପ୍ରାତଭୋଜନ ଭାବେ ବ୍ୟବହାର କରିହେବ ।

ଏଥିପାଇଁ ଏକ ଗ୍ରହଣଯୋଗ୍ୟ ବିକଳ୍ପ ହେଲା ସହର ଓ ସହରତଳି ଅଞ୍ଚଳରେ ଉଦ୍ୟାନ କୃଷିକୁ ପ୍ରୋତ୍ସାହିତ କରି ଯୋଜନାବଦ୍ଧ ଭାବେ ପନିପରିବା ଓ ଫଳ ଫୁଲ ଚାଷ କରିବା। ଏହାକୁ ଏକ ଆନ୍ଦୋଳନର ରୂପ ଦେବାକୁ ପଡ଼ିବ। ଏହାକୁ ପେରି-ଅର୍ବାନ ହର୍ଟିକଲଚର ରିଭଲ୍ୟୁସନ କହିଲେ ଅତ୍ୟୁକ୍ତି ହେବନାହିଁ। ଏଥିପାଇଁ ଆବଶ୍ୟକ ବୈଷୟିକ ଓ ବଜାର ସହାୟତା ପ୍ରସ୍ତୁତ କରି ଚାଷୀଙ୍କୁ ଯୋଗାଇବାକୁ ପଡ଼ିବ। ଇସ୍ରାଏଲରେ ଏହି ବ୍ୟବସ୍ଥାଟି ବେଶ୍ ସଫଳ ହୋଇଛି। ଏହାଦ୍ୱାରା ଉଭୟ ଉପଭୋକ୍ତା ଓ ଉତ୍ପାଦକ ଲାଭାବାନ ହେଉଛନ୍ତି ଏବଂ ପନିପରିବାର ମୂଲ୍ୟ ସ୍ଥିର ରହୁଛି। ତେବେ ଏହି ବ୍ୟବସ୍ଥାରେ ଉତ୍ପାଦିତ ସାମଗ୍ରୀର ମାନ ପ୍ରତି ଯତ୍ନବାନ ହେବାକୁ ପଡ଼ିବ। ଏଥିରେ ରାସାୟନିକ ସାର, କୀଟନାଶକ ଆଦିର ପ୍ରୟୋଗ ଯେତେ କମ୍ ହେବ ସେତେ ଭଲ। ଅତଏବ ଏହି ଯୋଜନାଟିର ସଫଳ ରୂପାୟନ ହୋଇପାରିଲେ ପନିପରିବା ଓ ଫଳମୂଳର ଅଭାବ ରହିବ ନାହିଁ ଏବଂ ଲୋକେ ଉଚିତ ମୂଲ୍ୟରେ ଉତ୍ତମ ମାନର ଜିନିଷ ପାଇବେ। ଏହା ଚାଷୀଙ୍କୁ ମଧ୍ୟ ଲାଭବାନ କରିବ।

ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ୨୦୧୩ରେ ବାଜରା ଓ ଅନ୍ୟାନ୍ୟ ମୋଟା ଖାଦ୍ୟ ଶସ୍ୟ ଯୋଗାଣକୁ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ସାମିଲ କରାଯାଇଛି। ନିକଟରେ ପ୍ରକାଶିତ ଏକ ଗଣମାଧ୍ୟମ ରିପୋର୍ଟ ଅନୁସାରେ ଏକର ପିଛା ବାଜରା, ଜଓ୍ୱାର ଓ ମାଣ୍ଡିଆ ଆଦିର ଉତ୍ପାଦନ କର୍ଣ୍ଣାଟକ ସମେତ ବିଭିନ୍ନ ପ୍ରଦେଶରେ ଉଲ୍ଲେଖନୀୟ ଭାବେ ବଢ଼ିଛି। ଏସବୁ ଖାଦ୍ୟ ଶସ୍ୟର ସଂଗ୍ରହ ଏବଂ ଚାଷୀଙ୍କୁ ଲାଭଜନକ ମୂଲ୍ୟ ପ୍ରଦାନ କରାଗଲେ ଏହାକୁ ଅଧିକରୁ ଅଧିକ ଚାଷ କରିବାକୁ କୃଷକ ସମୁଦାୟ ଉତ୍ସାହିତ ହେବେ। କର୍ଣ୍ଣାଟକ ସରକାର ଏ ବର୍ଷ ଏକ ଲକ୍ଷ ଟନ୍‌ରୁ ଅଧିକ ରାଗି (ବାଜରା ଜାତୀୟ ଶସ୍ୟ) ସଂଗ୍ରହ କରିଛନ୍ତି। ଏହାର କୁଇଣ୍ଟାଲ ପିଛା ମୂଲ୍ୟ ୨୦୦୦ଟଙ୍କା ରହିଛି। ଏସବୁ ଖାଦ୍ୟ ଶସ୍ୟର ବ୍ୟବହାର ବଢ଼ିଲେ ନିଶ୍ଚିତ ଏଥିପାଇଁ ଉତ୍ତମ ବଜାର ସୃଷ୍ଟି ହେବ।

ସ୍ୱାମୀନାଥନ ପ୍ରତିଷ୍ଠାନ ପକ୍ଷରୁ ୧୯୯୨ଠାରୁ ତାମିଲନାଡୁର କୋଲି ପାହାଡ଼ ଏବଂ ଓଡ଼ିଶାର କୋରାପୁଟ ଅଞ୍ଚଳରେ ଏଭଳି ଅଣଧାନ ମୋଟା ଖାଦ୍ୟ ଶସ୍ୟର ସଂରକ୍ଷଣ ଓ ବ୍ୟବହାର ବୃଦ୍ଧି ଦିଗରେ କାର୍ଯ୍ୟ କରାଯାଉଛି। ଏସବୁ ପଦାର୍ଥର ବ୍ୟବସାୟିକ ଚାଷ ଓ ବିକ୍ରିବଟା ବୃଦ୍ଧି ପାଇଁ ଉଦ୍ୟମ ଚାଲିଛି। ୨୦୧୩ ଖାଦ୍ୟ ନିରାପତ୍ତା ଆଇନରେ ଯେଉଁସବୁ ଖାଦ୍ୟଶସ୍ୟ ସାଧାରଣ ବଣ୍ଟନ ବ୍ୟବସ୍ଥା ମାଧ୍ୟମରେ ଯୋଗାଇଦେବାର ବ୍ୟବସ୍ଥା ହୋଇଛି ସେଥିରେ ରାଗି, ଜଓ୍ୱାର, ବାଜରା ଭଳି ଶସ୍ୟ ଅନ୍ତର୍ଭୁକ୍ତ। ଚାଉଳ ଓ ଗହମ ସହିତ ଏସବୁ ମୋଟା ଖାଦ୍ୟଶସ୍ୟ ଯୋଗାଣ ଏକ ଭଲ ବିଚାର; କାରଣ ସେ ଏସବୁ ଖାଦ୍ୟ ଶସ୍ୟ ଅତ୍ୟନ୍ତ ପୁଷ୍ଟିକର ତଥା ପାଣିପାଗ ଅନୁକୂଳ। କମ୍ ବର୍ଷା ଓ ମରୁଡ଼ିଆ ପାଗ ଯୋଗୁଁ ଏସବୁ ଫସଲ ଉତ୍ପାଦନ ବିଶେଷ ବ୍ୟାହତ ହୁଏନାହିଁ। ଅତି କମ୍ ପାଣିରେ ଏସବୁ ଫସଲ ଅମଳ ଦେବାକୁ ସକ୍ଷମ। ଦେଶର ଶୁଷ୍କାଞ୍ଚଳରେ ଏସବୁ ଫସଲ ଚାଷକୁ ବ୍ୟାପକ କରିବାକୁ ଚାଷୀଙ୍କୁ ପ୍ରୋତ୍ସାହିତ କରିବାର ଆବଶ୍ୟକତା ରହିଛି। ଅନେକ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ସଂସ୍ଥା ଏସବୁ ଖାଦ୍ୟଶସ୍ୟକୁ ପ୍ରକ୍ରିୟାକୃତ ଓ ପ୍ରଶୋଧନ କରି ବଜାରକୁ ଛାଡ଼ିବାକୁ ମଧ୍ୟ ଆଗ୍ରହ ଦେଖାଉଛନ୍ତି। ଖାଦ୍ୟ ନିରାପତ୍ତା ଏବଂ ସ୍କୁଲ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମରେ ଏସବୁ ଖାଦ୍ୟ ଶସ୍ୟର ବ୍ୟବହାର ଅଧିକରୁ ଅଧିକ ହେବାର ଆବଶ୍ୟକତା ରହିଛି। ଏହାକୁ ମୋଟାଶସ୍ୟ (କୋର୍ସ ଗ୍ରେନ୍) ନ କହି ଏଣିକି ଜଳବାୟୁ ଅନୁକୂଳ ପୁଷ୍ଟିକର ଖାଦ୍ୟ କହିବା ସହ ଏହାର ବ୍ୟବହାରକୁ ପ୍ରୋତ୍ସାହିତ କରିବା ଉଚିତ। ଅପେକ୍ଷାକୃତ ଅତି କମ୍ ଉପଯୋଗ ହେଉଥିବା ଜୈବ ସମୃଦ୍ଧ ଏହି ଖାଦ୍ୟ ଶସ୍ୟ ପାଇଁ ଚଳିତ ଦଶନ୍ଧିର ଗୋଟିଏ ବର୍ଷକୁ ଆନ୍ତର୍ଜାତିକ ବର୍ଷ ଭାବେ ମାନ୍ୟତା ଦେବାକୁ ଆମେ ମିଳିତ

ବିଶ୍ୱ ଜଳବାୟୁ ପରିବର୍ତ୍ତନ ପରିପ୍ରେକ୍ଷୀରେ ଭାରତ ମଧ୍ୟ ନୂଆ କୃଷି ସମସ୍ୟାର ସମ୍ମୁଖୀନ ହୋଇଛି। ତେଣୁ ପାଣିପାଗର ଅନିଶ୍ଚିତତା ଓ ଦୁର୍ବିପାକ ଜନିତ ପ୍ରଭାବର ମୁକାବିଲା ତଥା ପରିଚାଳନା ପାଇଁ ପ୍ରତ୍ୟେକ ବ୍ଲକ୍‌ରେ ଅତିକମ୍‌ରେ ଗୋଟିଏ ଲେଖାଏଁ ଗବେଷଣା ଓ ଉନ୍ନୟନ କେନ୍ଦ୍ର ସ୍ଥାପନ କରିବାର ଆବଶ୍ୟକତା ରହିଛି। ଏସବୁ କେନ୍ଦ୍ରରେ ଜଳବାୟୁ ପରିବର୍ତ୍ତନ ଜନିତ ବିପଦର ମୁକାବିଲା କରିପାରୁଥିବା ତାଲିମପ୍ରାପ୍ତ କର୍ମଚାରୀ ଓ ବିଶେଷଜ୍ଞଙ୍କୁ ନିଯୁକ୍ତି ଦିଆଯିବା ଆବଶ୍ୟକ। ପ୍ରତି ପଞ୍ଚାୟତରେ ଅନ୍ତତଃ ପକ୍ଷେ ଜଣେ ମହିଳା ଓ ଜଣେ ପୁରୁଷ ତାଲିମପ୍ରାପ୍ତ କୃଷି କର୍ମଚାରୀଙ୍କୁ ନିଯୁକ୍ତ କରିବାର ଆବଶ୍ୟକତା ରହିଛି। ଜଳବାୟୁ ପରିବର୍ତ୍ତନ ଯୋଗୁଁ ବଡ଼ ବିପ୍ରାତ ସୃଷ୍ଟିର ଆଶଙ୍କା ଥିବାରୁ ତାହାର ମୁକାବିଲା, ପରିଚାଳନା ଏବଂ ନୂଆ ପରିବେଶ, ପରିସ୍ଥିତି ସହ ଖାପ ଖୁଆଇବା ଭଳି ବ୍ୟବସ୍ଥା ଗ୍ରହଣ ଅପରିହାର୍ଯ୍ୟ। ଏଥିପାଇଁ ତାଲିମ ଖସଡ଼ା ଓ ନିର୍ଦ୍ଦେଶାବଳୀ ଏମ୍ ଏସ୍ ସ୍ୱାମୀନାଥନ ରିସର୍ଚ୍ଚ ଫାଉଣ୍ଡେସନ ପାଖରେ ଉପଲବ୍ଧ। ଆଗ୍ରହୀ ପକ୍ଷ ଚାହିଁଲେ ଏହାକୁ ତାଲିମଦାତାଙ୍କ ତାଲିମ ପାଇଁ ବ୍ୟବହାର କରିପାରିବେ।

ଜାତିସଂଘକୁ ପ୍ରସ୍ତାବ ଦେବା ଯୁକ୍ତିଯୁକ୍ତ ମନେହୁଏ।

ଆସନ୍ତା ବର୍ଷଟି (୨୦୧୯) ଆନ୍ତର୍ଜାତିକ ଡାଲି ଫସଲ ବର୍ଷ ଭାବେ ପାଳିତ ହେବ। ଡାଲିଜାତୀୟ ଫସଲ ମଧ୍ୟ ଜଳବାୟୁ ଅନୁକୂଳ, ଅର୍ଥାତ୍ ଏହା କମ୍ ପାଣି ଆବଶ୍ୟକ କରିଥାଏ। ଏସବୁ ଜାତିର ଖାଦ୍ୟଶସ୍ୟର ଅଧିକ ଉତ୍ପାଦନ ଓ ଅଧିକ ବ୍ୟବହାର ପାଇଁ ନୀତିଗତ ନିଷ୍ପତ୍ତି ଏବଂ ପ୍ରୋତ୍ସାହନ ବ୍ୟବସ୍ଥା କରିବାର ଆବଶ୍ୟକତା ରହିଛି। ଏହା ହେଲେ ଭାରତ ବିଶ୍ୱର ସର୍ବବୃହତ୍ ପୁଷ୍ଟିହୀନ ଶିଶୁ ଓ ମହିଳାଙ୍କ ଦେଶ ହେବାର କଳଙ୍କରୁ ମୁକ୍ତ ହୋଇପାରିବ।

ଏହି 'ଅନାଥ ଫସଲ'ର ବିକାଶ ଓ ଉପଯୋଗ ପାଇଁ ଅଧିକରୁ ଅଧିକ ଗବେଷଣା ଓ ପୁଞ୍ଜି ନିବେଶର ଜରୁରୀ ଆବଶ୍ୟକତା ରହିଛି। ଏହା ହେଲେ ଏହି ଫସଲର ଉତ୍ପାଦନ ଉଲ୍ଲେଖନୀୟ ଭାବେ ବଢ଼ିବ। ଏହାର ଉତ୍ପାଦକତା ଓ ବଜାର ଚାହିଦା ବଢ଼ିଲେ କ୍ଷୁଦ୍ର ଚାଷୀମାନେ ଏଥିପ୍ରତି ଅଧିକ ଆଗ୍ରହୀ ହେବେ।

ଏହି ଫସଲ ଚାଷ କ୍ଷେତ୍ରରେ ବଡ଼ ସମସ୍ୟା ହେଲା ଅମଳ ପରବର୍ତ୍ତୀ ପରିଚାଳନା। ଏବେ ଉତ୍ପାଦନ ଓ ଅମଳ ପରବର୍ତ୍ତୀ ଟେକ୍ନୋଲୋଜିରେ ଅମେଳ ରହିଛି। ଏହା ଫଳରେ ଉଭୟ ଖାଉଟି ଓ ଉତ୍ପାଦକ କ୍ଷତିଗ୍ରସ୍ତ ହେଉଛନ୍ତି। ତେଣୁ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପର ଆବଶ୍ୟକତା ଏ କ୍ଷେତ୍ରରେ ବିଶେଷ ମହତ୍ୱ ରଖେ। ସୌଭାଗ୍ୟର ବିଷୟ ଯେ ୨୦୧୮-୧୯ ବଜେଟରେ ଖାଦ୍ୟ ନିରାପତ୍ତା ଓ ଖାଦ୍ୟ ପ୍ରକ୍ରିୟାକରଣ ପାଇଁ ଉଲ୍ଲେଖନୀୟ ସମର୍ଥନ ଘୋଷଣା କରାଯାଇଛି। ଅମଳ ପରବର୍ତ୍ତୀ ଟେକ୍ନୋଲୋଜିରେ ଏସବୁ ଖାଦ୍ୟଶସ୍ୟକୁ ମୂଲ୍ୟ ମିଶ୍ରିତ କରି ଉପଯୁକ୍ତ ବଜାର ଚାହିଦା ସୃଷ୍ଟି କରିହେବ। ସେଥିପାଇଁ ଅଧିକ ପୁଞ୍ଜି ନିବେଶକୁ ପ୍ରୋତ୍ସାହିତ କରିବାକୁ ପଡ଼ିବ। ଏଥିପାଇଁ ଶୀତଳ ଭଣ୍ଡାର ଓ ଶୀତଳ ଶୃଙ୍ଖଳ (କୋଲ୍ଡ ଚେନ୍) ବ୍ୟବସ୍ଥା ନିର୍ମାଣ ମଧ୍ୟ ଗୁରୁତ୍ୱ ରଖେ। ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶ ଓ ବିହାରର ସାଂପ୍ରତିକ ଆଳୁ ସଂକଟ ମୁଖ୍ୟତଃ ଆବଶ୍ୟକ ଶୀତଳ ଭଣ୍ଡାର ଅଭାବ ଯୋଗୁ ସୃଷ୍ଟି। ଆବଶ୍ୟକ ଟେକ୍ନୋଲୋଜି, ସରକାରୀ ନୀତି ଓ ଚାଷୀଙ୍କ ସଂପୃକ୍ତି ଦ୍ୱାରା ପନିପରିବା ଭଳି ପଚନଶୀଳ ସାମଗ୍ରୀର ସଂରକ୍ଷଣ ସମ୍ଭବ। ଏ କ୍ଷେତ୍ରରେ ଯେଉଁ ଅଭାବ ରହିଛି ତାହାର ଦୂରୀକରଣ ପ୍ରଥମ ଆବଶ୍ୟକତା।

ନେସ୍ନାଲ ଜିଓଗ୍ରାଫିକ୍ ମ୍ୟାଗାଜିନର ୨୦୧୮ ଫେବୃୟାରୀ ସଂଖ୍ୟାରେ ଏକ ପ୍ରଶ୍ନ ଉତ୍ଥାପିତ କରାଯାଇଛି। ଏହି ପ୍ରଶ୍ନଟି ହେଲା 'ଚୀନକୁ କିଏ ଖାଦ୍ୟ ଯୋଗାଇବ ?'। ଅମଳ ପରବର୍ତ୍ତୀ ଅପଚୟ ଦୃଷ୍ଟିରୁ ଆମକୁ ମଧ୍ୟ ପ୍ରଶ୍ନ କରିବାକୁ ପଡ଼ିବ ଭାରତକୁ କିଏ ଖୁଆଇବ? ଏଣିକି ଆମକୁ କମ୍‌ରୁ କମ୍ ଜମିରୁ ଫସଲ ଅମଳ କରି ଅଧିକରୁ ଅଧିକ ଲୋକଙ୍କୁ ଖାଦ୍ୟ ଯୋଗାଇବାକୁ ପଡ଼ିବ। ଏ କ୍ଷେତ୍ରରେ ଯେଉଁ ଅମେଳ ଥିଲା ତାହାର ଅବସାନ ପାଇଁ ଏଥର ବଜେଟରେ ସେଇ ପ୍ରକ୍ରିୟା ଆରମ୍ଭ ହୋଇଛି।

ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ୨୦୧୩ରେ ବାଜରା ଓ ଅନ୍ୟାନ୍ୟ ମୋଟା ଖାଦ୍ୟ ଶସ୍ୟ ଯୋଗାଣକୁ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ସାମିଲ କରାଯାଇଛି। ନିକଟରେ ପ୍ରକାଶିତ ଏକ ଗଣମାଧ୍ୟମ ରିପୋର୍ଟ ଅନୁସାରେ ଏକର ପିଛା ବାଜରା, ଜଓ୍ୱାର ଓ ମାଣ୍ଡିଆ ଆଦିର ଉତ୍ପାଦନ କର୍ଣ୍ଣାଟକ ସମେତ ବିଭିନ୍ନ ପ୍ରଦେଶରେ ଉଲ୍ଲେଖନୀୟ ଭାବେ ବଢ଼ିଛି। ଏସବୁ ଖାଦ୍ୟ ଶସ୍ୟର ସଂଗ୍ରହ ଏବଂ ଚାଷୀଙ୍କୁ ଲାଭଜନକ ମୂଲ୍ୟ ପ୍ରଦାନ କରାଗଲେ ଏହାକୁ ଅଧିକରୁ ଅଧିକ ଚାଷ କରିବାକୁ କୃଷକ ସମୁଦାୟ ଉତ୍ସାହିତ ହେବେ। କର୍ଣ୍ଣାଟକ ସରକାର ଏ ବର୍ଷ ଏକ ଲକ୍ଷ ଟନ୍‌ରୁ ଅଧିକ ରାଗି (ବାଜରା ଜାତୀୟ ଶସ୍ୟ) ସଂଗ୍ରହ କରିଛନ୍ତି। ଏହାର କୁଇଣ୍ଟାଲ ପିଛା ମୂଲ୍ୟ ୨୦୦୦ଟଙ୍କା ରହିଛି। ଏସବୁ ଖାଦ୍ୟ ଶସ୍ୟର ବ୍ୟବହାର ବଢ଼ିଲେ ନିଶ୍ଚିତ ଏଥିପାଇଁ ଉତ୍ତମ ବଜାର ସୃଷ୍ଟି ହେବ।

ଲେଖକ ଜଣେ ପ୍ରସିଦ୍ଧ କୃଷି ବିଜ୍ଞାନୀ ଓ ଖାଦ୍ୟ ନିରାପତ୍ତା ବିଶେଷଜ୍ଞ। ସେ ମଧ୍ୟ ଏମ୍ ଏସ୍ ସ୍ୱାମୀନାଥନ ରିସର୍ଚ ଫାଉଣ୍ଡେସନର ପ୍ରତିଷ୍ଠାତା ଅଧ୍ୟକ୍ଷ।

# ଅଭିଳାଷୀ ଜିଲାସମୂହର ପରିବର୍ତ୍ତନ: ଏକ ବିକାଶ ଯାତ୍ରା

● ଅମିତାଭ କାନ୍ତ

ଭିନ୍ନ କଥା

ଭାରତ ଏକ ବିଶାଳ ଅଭିବୃଦ୍ଧି ପଥର ଯାତ୍ରୀ। ବିଶ୍ୱବ୍ୟାଙ୍କ, ମୁଡିସ୍ ଇନଭେଷ୍ଟର ସର୍ଭିସ୍ ଭଳି ଆନ୍ତର୍ଜାତିକ ସଂଗଠନଙ୍କ ଆକଳନ ଅନୁସାରେ ୨୦୧୮ରେ ଭାରତ ପୁନର୍ବାର ବିଶ୍ୱର ସବୁଠୁ ଦ୍ରୁତ ବିକାଶଶୀଳ ଅର୍ଥନୀତିର ମର୍ଯ୍ୟାଦା ଲାଭ କରିବ। ସୁଗମ ବ୍ୟବସାୟ ବାଣିଜ୍ୟ ସଂକ୍ରାନ୍ତ ବିଶ୍ୱବ୍ୟାଙ୍କର ସର୍ବଶେଷ ରିପୋର୍ଟ ଅନୁସାରେ ଭାରତ ତାଲିକାରେ ୪୨ଟି ପାହାଚ ଉପରକୁ ଉଠି ତାହାର ସାମର୍ଥ୍ୟ ପ୍ରମାଣିତ କରିଛି। ଏକାଥରକେ ତାଲିକାରେ ଏତେ ଉପରକୁ ଉଠିବା କ୍ଷେତ୍ରରେ ଭାରତ ଏକ ବିରଳ କୃତିତ୍ୱର ଅଧିକାରୀ ହୋଇଛି।

ଦେଶର ଆର୍ଥିକ ଅଭିବୃଦ୍ଧିର ମୋଟାମୋଟି ସ୍ଥିତି ସକାରାତ୍ମକ ଥିବାବେଳେ ସାମାଜିକ କ୍ଷେତ୍ରର ବିକାଶ ବିବିଧ ସମସ୍ୟାର ସମ୍ମୁଖୀନ। ମିଳିତ ଜାତିସଂଘ ବିକାଶ କାର୍ଯ୍ୟକ୍ରମ (ୟୁଏନ୍‌ଡିପି)ର ମାନବ ବିକାଶ ସୂଚୀ (୨୦୧୬)ରେ ଯେଉଁ ୧୮୮ ରାଷ୍ଟ୍ରଙ୍କ ସ୍ଥିତି ନିର୍ଦ୍ଧାରିତ ହୋଇଛି ସେଥିରେ ଭାରତର ସ୍ଥାନ ୧୩୧। ସେହିଭଳି ବିଶ୍ୱ କ୍ଷୁଧା ତାଲିକାରେ ସ୍ଥାନିତ ୧୧୯ ଦେଶଙ୍କ ମଧ୍ୟରେ ଭାରତର ସ୍ଥାନ ୧୦୦। ନିକଟରେ ପ୍ରକାଶିତ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ ଅନୁସାରେ ଦେଶରେ ପ୍ରତି ଦୁଇ ଜଣ ମହିଳାରେ ଜଣେ ରକ୍ତହୀନତାରେ ଆକ୍ରାନ୍ତ। ପ୍ରତି ତିନି ଜଣରେ ଜଣେ ଶିଶୁର ସ୍ୱାଭାବିକ ଶାରୀରିକ ଅଭିବୃଦ୍ଧି ବ୍ୟାହତ, ପ୍ରତି ଚାରିଜଣରେ ଜଣେ ଶିଶୁ ପୃଷ୍ଟିହୀନତାର ସମ୍ମୁଖୀନ ଓ ପ୍ରତି ପାଞ୍ଚ ଜଣରେ ଜଣେ ଶିଶୁ କୃଶ ବା କମ୍ ଓଜନ ବିଶିଷ୍ଟ। ଏସବୁ ସର୍ଭେ ଓ ରିପୋର୍ଟରୁ ମିଳୁଥିବା ତଥ୍ୟାବଳୀକୁ ସାଧାରଣ ଭାବେ ଦେଖିଲେ ଦେଶର ସାମାଜିକ ସ୍ଥିତି ସମ୍ପର୍କରେ ଏକ ନୈରାଶ୍ୟଜନକ ଚିତ୍ର ମିଳିଥାଏ। ତେବେ ଏହାକୁ ଅତି ନିରିଖେଇ ଅନୁଧ୍ୟାନ କଲେ ଜଣାଯାଏ ଯେ ଏସବୁ ତଥ୍ୟାବଳୀ ଜାତୀୟସ୍ତରରେ ସେତେ ଭୟଉଦ୍ରେକକାରୀ ବା ଚିନ୍ତାଜନକ ନୁହେଁ। ଉଦାହରଣସ୍ୱରୂପ କେରଳରେ ସ୍ୱାଭାବିକ ଶାରୀରିକ ଅଭିବୃଦ୍ଧି ଘଟି ନ ଥିବା ଶିଶୁଙ୍କ ଅନୁପାତ ୧୯.୭ ଶତାଂଶ। ବିହାରରେ ଏହି ହାର ୪୮.୩%। ସେହିଭଳି କମ୍ ଓଜନର ଶିଶୁଙ୍କ ହାର ମିଜୋରାମରେ ୧୧.୯ ଭାଗ ହୋଇଥିବାବେଳେ ଝାଡ଼ଖଣ୍ଡରେ ଏହା ୪୭.୮ ଶତାଂଶ। ମିଜୋରାମ ଓ ଆଣ୍ଡାମାନ, ନିକୋବରରେ ଶିଶୁ ମୃତ୍ୟୁ ହାର ପ୍ରତି ଏକ ହଜାରରେ ୧୦ ଥିବା ବେଳେ ଉତ୍ତରପ୍ରଦେଶରେ ଏହା ୬୪। ଏକଲକ୍ଷ ପ୍ରସବରେ ମାତୃ ମୃତ୍ୟୁହାର କେରଳରେ ୬୧ ଓ ଆସାମରେ ୩୦୦। ସେହିଭଳି ପଞ୍ଚମ ଶ୍ରେଣୀରେ ସାଧାରଣ ଗଣିତ ବୁଝିପାରୁ ନ ଥିବା ପିଲାଙ୍କ ସଂଖ୍ୟା ତାମିଲନାଡୁରେ ୫୪ଶତାଂଶ ଥିବାବେଳେ ଛତିଶଗଡ଼ରେ ୩୨ ଶତାଂଶ।



ଦେଶର ଆର୍ଥିକ ଅଭିବୃଦ୍ଧିର ମୋଟାମୋଟି ସ୍ଥିତି ସକାରାତ୍ମକ ଥିବାବେଳେ ସାମାଜିକ କ୍ଷେତ୍ରର ବିକାଶ ବିବିଧ ସମସ୍ୟାର ସମ୍ମୁଖୀନ। ମିଳିତ ଜାତିସଂଘ ବିକାଶ କାର୍ଯ୍ୟକ୍ରମ (ୟୁଏନ୍‌ଡିପି)ର ମାନବ ବିକାଶ ସୂଚୀ (୨୦୧୬)ରେ ଯେଉଁ ୧୮୮ ରାଷ୍ଟ୍ରଙ୍କ ସ୍ଥିତି ନିର୍ଦ୍ଧାରିତ ହୋଇଛି ସେଥିରେ ଭାରତର ସ୍ଥାନ ୧୩୧। ସେହିଭଳି ବିଶ୍ୱ କ୍ଷୁଧା ତାଲିକାରେ ସ୍ଥାନିତ ୧୧୯ ଦେଶଙ୍କ ମଧ୍ୟରେ ଭାରତର ସ୍ଥାନ ୧୦୦। ନିକଟରେ ପ୍ରକାଶିତ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ ଅନୁସାରେ ଦେଶରେ ପ୍ରତି ଦୁଇ ଜଣ ମହିଳାରେ ଜଣେ ରକ୍ତହୀନତାରେ ଆକ୍ରାନ୍ତ। ପ୍ରତି ତିନି ଜଣରେ ଜଣେ ଶିଶୁର ସ୍ୱାଭାବିକ ଶାରୀରିକ ଅଭିବୃଦ୍ଧି ବ୍ୟାହତ, ପ୍ରତି ଚାରିଜଣରେ ଜଣେ ଶିଶୁ ପୃଷ୍ଟିହୀନତାର ସମ୍ମୁଖୀନ ଓ ପ୍ରତି ପାଞ୍ଚ ଜଣରେ ଜଣେ ଶିଶୁ କୃଶ ବା କମ୍ ଓଜନ ବିଶିଷ୍ଟ। ଏସବୁ ସର୍ଭେ ଓ ରିପୋର୍ଟରୁ ମିଳୁଥିବା ତଥ୍ୟାବଳୀକୁ ସାଧାରଣ ଭାବେ ଦେଖିଲେ ଦେଶର ସାମାଜିକ ସ୍ଥିତି ସମ୍ପର୍କରେ ଏକ ନୈରାଶ୍ୟଜନକ ଚିତ୍ର ମିଳିଥାଏ। ତେବେ ଏହାକୁ ଅତି ନିରିଖେଇ ଅନୁଧ୍ୟାନ କଲେ ଜଣାଯାଏ ଯେ ଏସବୁ ତଥ୍ୟାବଳୀ ଜାତୀୟସ୍ତରରେ ସେତେ ଭୟଉଦ୍ରେକକାରୀ ବା ଚିନ୍ତାଜନକ ନୁହେଁ।

ତାମିଲନାଡୁରେ ୫୪ଶତାଂଶ ପିଲା କିଛି ପଢ଼ି ବୁଝିବାକୁ ଅକ୍ଷମ ଥିବା ସମୟରେ ବିହାରରେ ଏହା ୨୯ ଶତାଂଶ। ଘର ଥିବା ଲୋକଙ୍କ ସଂଖ୍ୟା ପାଞ୍ଚଟି ରାଜ୍ୟରେ ଶତ ପ୍ରତିଶତ ଥିବାବେଳେ ଝାଡ଼ଖଣ୍ଡରେ ଏହା ମାତ୍ର ୪୦ ଶତାଂଶ। ମୋଟାମୋଟି ଭାବେ ଦେଶର ପ୍ରାୟ ୨୦୦ ଜିଲା ଶିକ୍ଷା, ସ୍ୱାସ୍ଥ୍ୟ, ଆବାସ ଆଦି କ୍ଷେତ୍ରରେ ଦେଶର ଜାତୀୟ ହାରଠାରୁ ପଛରେ।

ଏ ସବୁକୁ ଦୃଷ୍ଟିରେ ରଖି ଏହି ଅନଗ୍ରସର ଜିଲାଗୁଡ଼ିକୁ ଚିହ୍ନଟ କରି ବିଭିନ୍ନ ସରକାରୀ ବିକାଶମୂଳକ କାର୍ଯ୍ୟକ୍ରମକୁ ଏକୀକୃତ ଭାବେ କାର୍ଯ୍ୟକାରୀ କରିବାକୁ ଏକ ଜାତୀୟ ଯୋଜନାର ପରିକଳ୍ପନା କରାଯାଇଛି। ସଂପୃକ୍ତ ଜିଲାରେ କାର୍ଯ୍ୟକ୍ରମ ସମୂହର ରୂପାୟନର ଉପଯୁକ୍ତ ତଦାରଖ ଜିଲାସ୍ତରରେ କରିବାର ବ୍ୟବସ୍ଥା କରାହେଉଛି। ଏହି ସବୁ ଅନଗ୍ରସର ଜିଲାକୁ ନୂଆ ଯୋଜନାରେ ଅଭିଳାଷୀ ଜିଲାଭାବେ ନାମିତ କରାଯାଇଛି। ବିକାଶ ସୂଚକାଙ୍କରୁ ଦେଶର ବିଭିନ୍ନ ପ୍ରାନ୍ତରେ ବ୍ୟାପକ ବୈଷମ୍ୟ ଉଭୟ ସାମାଜିକ ଓ ଆର୍ଥିକ କ୍ଷେତ୍ରରେ ପରିଲକ୍ଷିତ ହେଉଛି। ୧୯୬୦ ଦଶକରୁ ଦେଶର ନୀତି ନିର୍ଦ୍ଧାରକମାନେ ଏହି ତଥ୍ୟାବଳୀ ସବୁକୁ ଦେଖି ସମସ୍ୟାର ନିରାକରଣ ନେଇ ସଚେତନ ରହିଆସିଛନ୍ତି। ପୂର୍ବରୁ ରାଜସ୍ଥାନ ତଥା ଅବିଭକ୍ତ ବିହାର, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶରେ ଅନଗ୍ରସର ବା ପଛୁଆ ଜିଲା ସଂଖ୍ୟା ଅଧିକ ଥିଲା। ଏସବୁ ଅନଗ୍ରସର ଜିଲାସମୂହର ବିକାଶ ପାଇଁ ଅତୀତରେ ଯେତେସବୁ କମିଟି ଗଠନ ହୋଇଛି ସେ ସବୁ କେବଳ ଅଞ୍ଚଳ / ଇଲାକା ଏବଂ କ୍ଷେତ୍ରଭିତ୍ତିକ କାର୍ଯ୍ୟକ୍ରମ / ଯୋଜନାମାନ କରାଯାଇଥିଲା। ଏହାର ବଡ଼ ଗୁରୁତ୍ୱପୂର୍ଣ୍ଣ ଦିଗଟି ହେଲା ଏସବୁ କାର୍ଯ୍ୟକ୍ରମର ସମନ୍ୱୟନ ଓ କେନ୍ଦ୍ରୀୟ ସ୍ତରରେ ତଦାରଖ ବ୍ୟବସ୍ଥା ହୋଇପାରୁ ନ ଥିଲା। ତଥ୍ୟ ଅନୁସାରେ ବିକାଶ ଯୋଜନାରେ ଯେଉଁ ଅର୍ଥ ସରକାର ଯୋଗାଉଥିଲେ ତାହାର ମାତ୍ର କାଣିଚାଏ ପ୍ରକୃତ ହିତାଧିକାରୀ ଜିଲା ପାଖରେ ପହଞ୍ଚୁଥିଲା। ବିକାଶ କାର୍ଯ୍ୟକ୍ରମର ବିଶ୍ୱସନୀୟ ତଥ୍ୟ ପରିସଂଖ୍ୟାନ ସଂଗ୍ରହ କରିବା ମଧ୍ୟ କଷ୍ଟକର ଥିଲା।

ଏ କ୍ଷେତ୍ରରେ ଆଉ ଏକ ବଡ଼ ଦୁର୍ବଳତା ହେଲା ସବୁ ଅଞ୍ଚଳ ପାଇଁ ଗୋଟିଏ ପ୍ରକାର ବିକାଶ ଯୋଜନା ବା ଢାଞ୍ଚା ଲଦି ଦିଆଯିବା। ଫଳରେ ଭୌଗୋଳିକ, ସାଂସ୍କୃତିକ ଓ ସାମାଜିକ ବିବିଧତା ଯୋଗୁଁ ଏହା ସଫଳ ହେଉ ନ ଥିଲା। ଲୋକଙ୍କ ପ୍ରକୃତ ସାମାଜିକ, ଆର୍ଥିକ ଓ ସାଂସ୍କୃତିକ ସ୍ଥିତିକୁ ବିଚାରକୁ ନ'ନେଇ ସେମାନଙ୍କ ଉପରେ ଲଦି ଦିଆଯାଉଥିବା ବିକାଶ ଢାଞ୍ଚା ବିଫଳ ହେବା ସ୍ୱାଭାବିକ। କାର୍ଯ୍ୟକ୍ରମରେ ଲୋକଙ୍କୁ ସାମିଲ କଲେ ଏବଂ ସେମାନଙ୍କ ଆବଶ୍ୟକତା ଓ ବାସ୍ତବତାକୁ ଅଗ୍ରାଧିକାର ଦେଇ କାର୍ଯ୍ୟ କଲେ ତାହା ସଫଳ ହୋଇଥାଏ। ପୋଲିଓ ନିରାକରଣ କାର୍ଯ୍ୟକ୍ରମରେ ଲୋକଙ୍କୁ ଅଧିକ ମାତ୍ରାରେ ସାମିଲ କରାଯିବା ପରେ ଏହା ସମଗ୍ର ଦେଶରେ ସଫଳ ହୋଇଥିଲା। ଏଥିରୁ ଯୋଜନାକାର ଓ ନୀତି ନିର୍ଦ୍ଧାରକମାନେ ଏକ ନୂଆ ବାର୍ତ୍ତା ପାଇଲେ ଏବଂ ସରକାରୀ ଯୋଜନା ସବୁର ସଫଳ କାର୍ଯ୍ୟକାରିତା କ୍ଷେତ୍ରରେ ଜନତାଙ୍କ ଅଂଶଗ୍ରହଣକୁ ଏକ ସୂତ୍ରଭାବେ ଗ୍ରହଣ କଲେ। ଅନ୍ୟ କଥାରେ ଏକ ଗଣ ଆନ୍ଦୋଳନ ଜରିଆରେ ହିଁ ପରିବର୍ତ୍ତନ ସମ୍ଭବ।

ବିକାଶ ଯାତ୍ରାର ଅଭିଜ୍ଞତାକୁ ପୁଞ୍ଜି କରି ଭାରତ ସରକାର ନିକଟରେ ଅଭିଳାଷୀ ଜିଲା ସମୂହର ପରିବର୍ତ୍ତନ କର୍ଯ୍ୟକ୍ରମ (ଟ୍ରାନ୍ସଫର୍ମେସନ ଅଫ୍ ଆସ୍‌ପିରେସନାଲ ଡିଷ୍ଟ୍ରିକ୍ଟସ୍ ପ୍ରୋଗ୍ରାମ୍) ଆରମ୍ଭ କରିଛନ୍ତି। ଭାରତଛାଡ଼ ଆନ୍ଦୋଳନର ୭୫ବର୍ଷ ପୂର୍ତ୍ତି ପାଳନ ଅବସରରେ ପ୍ରଧାନମନ୍ତ୍ରୀ ୨୦୧୭ ଅଗଷ୍ଟ ୯ ତାରିଖରେ ଜିଲାପାଳମାନଙ୍କ ସହ ଭିଡିଓ କନ୍‌ଫରେନ୍ସ ଜରିଆରେ ଆଲୋଚନା ସମୟରେ କହିଥିଲେ ଯେ ଯେତେବେଳେ ଦେଶର ଏକଶହ ଅତି ପଛୁଆ ଜିଲାର ଲୋକଙ୍କ ସାମାଜିକ-ଆର୍ଥିକ ସ୍ଥିତିରେ ଉନ୍ନତି ଆସିବ ସେତେବେଳେ ଯାଇ ଦେଶର ସାମଗ୍ରିକ ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହେବ। ଏହି ନୂଆ କାର୍ଯ୍ୟକ୍ରମର ସ୍ଥୁଳ ରୂପରେଖ ହେଲା - ୧) କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନା ସବୁର ମିଶ୍ରଣ, ୨) କେନ୍ଦ୍ର ସରକାରଙ୍କ ପକ୍ଷରୁ ସଂପୃକ୍ତ ରାଜ୍ୟ ପାଇଁ ଜଣେ ଅଧିକାରୀ (ପ୍ରଭାରୀ) ନିଯୁକ୍ତି ଓ ଜିଲାପାଳଙ୍କୁ ଦାୟିତ୍ୱ ପ୍ରଦାନ ପୂର୍ବକ ସହଯୋଗ ଭିତ୍ତିରେ ଯୋଜନାର ରୂପାୟନ, ୩) ବିକାଶ ଯୋଜନାର

କାର୍ଯ୍ୟକାରିତାରେ ରାଜ୍ୟକୁ ଚାଳକର ଭୂମିକା ପ୍ରଦାନ, ୪) ବିଭିନ୍ନ ବିକାଶ ଯୋଜନା ଓ କାର୍ଯ୍ୟକ୍ରମର ଅଦଳବଦଳ ଓ ସମାୟନ ଏବଂ ନିର୍ଭୁଲ ଓ ବିଶ୍ୱସନୀୟ ତଥ୍ୟାବଳୀ ସଂଗ୍ରହ, ୫) ବିକାଶମୂଳକ କାର୍ଯ୍ୟକ୍ରମର କାର୍ଯ୍ୟକାରିତା କ୍ଷେତ୍ରରେ ଜିଲା ସମୂହ ମଧ୍ୟରେ ପ୍ରତିଯୋଗିତା ଏବଂ ୬) ବିକାଶ କାର୍ଯ୍ୟକ୍ରମରେ ଲୋକଙ୍କୁ ସାମିଲ କରି ଏହାକୁ ଏକ ଜନଆନ୍ଦୋଳନରେ ପରିଣତ କରିବା।

ଏହି ଯୋଜନାରେ ଦେଶର ମୋଟ୍ ୧୧୫ଟି ଜିଲା (ଏବଂ ୨୮ଟି ଯାକ ରାଜ୍ୟରୁ ଅତିକମ୍‌ରେ ଗୋଟିଏ)କୁ ସରକାର ଚିହ୍ନଟ କରିଛନ୍ତି। ସେଥିମଧ୍ୟରୁ ୩୦ଟି ଜିଲା ନୀତି ଆୟୋଗ ଦ୍ୱାରା, ୫୦ଟି ଜିଲା କେନ୍ଦ୍ରୀୟ ମନ୍ତ୍ରଣାଳୟ ଦ୍ୱାରା ଓ ଅବଶିଷ୍ଟ ୩୫ଟି ଜିଲା ଯେଉଁଠି ବାମପନ୍ଥୀ କାର୍ଯ୍ୟକଳାପ ଚାଲିଛି ତାହାକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଚିହ୍ନଟ କରିଛି। ଏହି କାର୍ଯ୍ୟକ୍ରମର ସଂଯୋଜକ ଦାୟିତ୍ୱ ନୀତି ଆୟୋଗ ନିର୍ବାହ କରିବ। ବିକାଶ କାର୍ଯ୍ୟ ପାଇଁ ଅନଗ୍ରସର ଜିଲା ଚିହ୍ନଟ ସମୟରେ ରାଜ୍ୟ ସରକାରଙ୍କ ଦକ୍ଷତାକୁ ମଧ୍ୟ ବିଚାରକୁ ନିଆଯାଉଛି; କାରଣ କାର୍ଯ୍ୟକ୍ରମର କାର୍ଯ୍ୟକାରିତା ସଂପୃକ୍ତ ରାଜ୍ୟ ସରକାର ହିଁ କରିବେ। ୨୦୨୨ ସୁଦ୍ଧା ସଂପୃକ୍ତ ଜିଲାର ସାମାଜିକ, ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବା ପାଇଁ ଯେଉଁସବୁ କାର୍ଯ୍ୟକ୍ରମ ହାତକୁ ନିଆଯିବ ସେଥିପାଇଁ କେନ୍ଦ୍ର ସରକାର ସହାୟତା ଯୋଗାଇବେ। ଏହି ସହାୟତା କାର୍ଯ୍ୟ ସମନ୍ୱୟ ଦାୟିତ୍ୱ ନୀତି ଆୟୋଗ ତୁଲାଇବ। ବିକାଶର ମାନ ଓ ସ୍ଥିତି ମାପିବା ପାଇଁ ନୀତି ଆୟୋଗ ମଧ୍ୟ ଏକ ମାନକ ନିର୍ଦ୍ଧାରଣ କରିବ।

ଏସବୁ ଅନଗ୍ରସର ଜିଲାର ବିକାଶ ପାଇଁ ନୂଆ ଯୋଜନାରେ ଯେଉଁସବୁ ରଣକୌଶଳ ନିର୍ଦ୍ଧାରିତ ହୋଇଛି ସେଗୁଡ଼ିକ ମଧ୍ୟରେ ପ୍ରମୁଖ ପ୍ରଦର୍ଶନ ସୂଚକାଙ୍କ ବା କେପିସିଆଇ ଚିହ୍ନଟ କରିବା, କାର୍ଯ୍ୟକ୍ରମର ଅଗ୍ରଗତିର ତଦାରଖ ତଦନୁସାରେ କରିବା, ବାର୍ଷିକ ଉପଲବ୍ଧିକୁ ଭିତ୍ତି କରି ବିକାଶକୁ ପାହ୍ୟା (ର୍‍ୟାଙ୍କ) ଦେବା ଆଦି ଅନ୍ୟତମ। ଲୋକଙ୍କ ସାମାଜିକ ସୂଚକାଙ୍କରେ ଉନ୍ନତି ଆଣିବା ସହ ମୌଳିକ ଭିତ୍ତିଭୂମି ନିର୍ମାଣ କରି ସମ୍ପୃକ୍ତ ଜିଲ୍ଲାଗୁଡ଼ିକର ଅଧିବାସୀଙ୍କ ଆୟ ବୃଦ୍ଧି ଉପରେ ଅଗ୍ରାଧିକାର ପ୍ରଦାନ କରାଯିବ। ତଦନୁସାରେ ପାଞ୍ଚଟି କ୍ଷେତ୍ରକୁ ଚିହ୍ନଟ କରାଯାଇଛି। ସେଗୁଡ଼ିକ ହେଲା - ୧) ସ୍ୱାସ୍ଥ୍ୟ ଓ ପୁଷ୍ଟିସାଧନ, ୨) ଶିକ୍ଷା, ୩) କୃଷି ଓ ଜଳସମ୍ପଦର ବିକାଶ, ୪) ମୌଳିକ ଭିତ୍ତିଭୂମି ନିର୍ମାଣ ଏବଂ ଆର୍ଥିକ ସମାବେଶୀ ବ୍ୟବସ୍ଥା ଓ ୫) ଦକ୍ଷତା ବିକାଶ। ଏସବୁ କ୍ଷେତ୍ରର ସମସ୍ୟା ବିଭିନ୍ନ ପଛୁଆ ଜିଲାରେ ଭିନ୍ନଭିନ୍ନ। ତେଣୁ ଜିଲାଭିତ୍ତିରେ ନିର୍ଦ୍ଦିଷ୍ଟ କେପିଆଇ (ପ୍ରମୁଖ ପ୍ରଦର୍ଶନ ସୂଚକାଙ୍କ) ପ୍ରସ୍ତୁତ କରାଯିବ ଏବଂ ଏହା ସବୁ ଜିଲା ପାଇଁ ଏକ ପ୍ରକାର ହେବ ନାହିଁ, ଏଥିରେ ଲୋକଙ୍କ ଉଦ୍ୟମ, ଅଙ୍ଗୀକାର, ଉନ୍ନତି ପ୍ରୟାସକୁ ମଧ୍ୟ ଯୋଡ଼ାଯିବ।

ଏହି କେପିସିଆଇର ମୂଳାଧାର ହେବ ବିନିଯୋଗ, ଫଳାଫଳ ଓ ପରିଣତି। ଏହାକୁ ମୂଲ୍ୟାୟନ କରି ବିକାଶ ଯୋଜନାକୁ ଆଗକୁ ବଢ଼ାଯିବ। ସ୍ୱାସ୍ଥ୍ୟ ଓ ପୁଷ୍ଟିସାଧନ କାର୍ଯ୍ୟକ୍ରମରେ ଶିଶୁ ଓ ମାତୃ ସ୍ୱାସ୍ଥ୍ୟ, କମ୍ ବୟସ୍କ ଶିଶୁଙ୍କ ପୁଷ୍ଟିସାଧନ, ଜନ୍ମ ପୂର୍ବ ଓ ପରବର୍ତ୍ତୀ ଯତ୍ନ, ଟିକାକରଣ, ଭୌତିକ ଢାଞ୍ଚା ନିର୍ମାଣ, ସ୍ୱାସ୍ଥ୍ୟ ସେବା ପାଇଁ ଯୋଗ୍ୟ ମାନବସମ୍ବଳ ପ୍ରସ୍ତୁତି ଓ ତାହାର ଉପଯୋଗ ବ୍ୟବସ୍ଥା ରହିବ। ସେହିଭଳି ଶିକ୍ଷା କ୍ଷେତ୍ରରେ ବିକାଶର ମୌଳିକ ସୂଚକାଙ୍କଗୁଡ଼ିକ ମଧ୍ୟରେ ନିଟ୍ ନାମ ଲେଖା ଅନୁପାତ, ଶିକ୍ଷାନୁଷ୍ଠାନ ନିର୍ମାଣ, ଶିକ୍ଷକ ନିଯୁକ୍ତି ଓ ଶୈକ୍ଷିକ ପରିବେଶ ସୃଷ୍ଟି, ପାଠ ପଢ଼ୁଥିବା ପିଲାଙ୍କର ସ୍ଥିତି ଆକଳନ, ସାକ୍ଷରତା ହାର ଆଦି ଅନ୍ତର୍ଭୁକ୍ତ।

ସେହିଭଳି କୃଷି କ୍ଷେତ୍ରରେ ଜଳସେଚନର ଭିତ୍ତିଭୂମି ନିର୍ମାଣ, ଏଥିପାଇଁ ଯଥାର୍ଥ ପ୍ରକଳ୍ପରେ ଅର୍ଥ ବିନିଯୋଗ, ନିଯୁକ୍ତି, ଫସଲ ବୀମା, (ପିଏମ୍ଏଫ୍‌ବିୱାଇ) ଆଦି ଅନ୍ତର୍ଭୁକ୍ତ। ମୌଳିକ ଭିତ୍ତିଭୂମି ନିର୍ମାଣରେ ସଡ଼କ, ପାନୀୟଜଳ, ଶୌଚାଳୟ, ଆବାସ, ବିଜୁଳି, ଇଣ୍ଟରନେଟ ସଂଯୋଗ ଆଦିକୁ ଅନ୍ତର୍ଭୁକ୍ତ କରାଯାଇଛି। ଟାଟା ଟ୍ରଷ୍ଟ ଏବଂ ବିଲ ଓ ମିଲିନ୍ଦା ଗେଟ୍‌ସ ଫାଉଣ୍ଡେସନ ଏହି ଯୋଜନାରେ ସମ୍ପୃକ୍ତ ଜିଲାରେ ପ୍ରତି ତିନି

ବିକାଶ ସୂଚକାଙ୍କରୁ ଦେଶର ବିଭିନ୍ନ ପ୍ରାନ୍ତରେ ବ୍ୟାପକ ବୈଷମ୍ୟ ଉଭୟ ସାମାଜିକ ଓ ଆର୍ଥିକ କ୍ଷେତ୍ରରେ ପରିଲକ୍ଷିତ ହେଉଛି। ୧୯୬୦ ଦଶକରୁ ଦେଶର ନୀତି ନିର୍ଦ୍ଧାରକମାନେ ଏହି ତଥ୍ୟାବଳୀ ସବୁକୁ ଦେଖି ସମସ୍ୟାର ନିରାକରଣ ନେଇ ସଚେତନ ରହିଆସିଛନ୍ତି। ପୂର୍ବରୁ ରାଜସ୍ଥାନ ତଥା ଅବିଭକ୍ତ ବିହାର, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶରେ ଅନଗ୍ରସର ବା ପଛୁଆ ଜିଲା ସଂଖ୍ୟା ଅଧିକ ଥିଲା। ଏସବୁ ଅନଗ୍ରସର ଜିଲାସମୂହର ବିକାଶ ପାଇଁ ଅତୀତରେ ଯେତେସବୁ କମିଟି ଗଠନ ହୋଇଛି ସେ ସବୁ କେବଳ ଅଞ୍ଚଳ / ଇଲାକା ଏବଂ କ୍ଷେତ୍ରଭିତ୍ତିକ କାର୍ଯ୍ୟକ୍ରମ / ଯୋଜନାମାନ କରାଯାଇଥିଲା। ଏହାର ବଡ଼ ଗୁରୁତ୍ୱପୂର୍ଣ୍ଣ ଦିଗଟି ହେଲା ଏସବୁ କାର୍ଯ୍ୟକ୍ରମର ସମନ୍ୱୟନ ଓ କେନ୍ଦ୍ରୀୟ ସ୍ତରରେ ତଦାରଖ ବ୍ୟବସ୍ଥା ହୋଇପାରୁ ନ ଥିଲା। ତଥ୍ୟ ଅନୁସାରେ ବିକାଶ ଯୋଜନାରେ ଯେଉଁ ଅର୍ଥ ସରକାର ଯୋଗାଉଥିଲେ ତାହାର ମାତ୍ର କାଣିଚାଏ ପ୍ରକୃତ ହିତାଧିକାରୀ ଜିଲା ପାଖରେ ପହଞ୍ଚୁଥିଲା। ବିକାଶ କାର୍ଯ୍ୟକ୍ରମର ବିଶ୍ୱସନୀୟ ତଥ୍ୟ ପରିସଂଖ୍ୟାନ ସଂଗ୍ରହ କରିବା ମଧ୍ୟ କଷ୍ଟକର ଥିଲା।

ଲୋକଙ୍କ ସାମାଜିକ ସୂଚକାଙ୍କରେ ଉନ୍ନତି ଆଣିବା ସହ ମୌଳିକ ଭିତ୍ତିଭୂମି ନିର୍ମାଣ କରି ସମ୍ପୃକ୍ତ ଜିଲ୍ଲାଗୁଡ଼ିକର ଅଧିବାସୀଙ୍କ ଆୟ ବୃଦ୍ଧି ଉପରେ ଅଗ୍ରାଧିକାର ପ୍ରଦାନ କରାଯିବ। ତଦନୁସାରେ ପାଞ୍ଚଟି କ୍ଷେତ୍ରକୁ ଚିହ୍ନଟ କରାଯାଇଛି। ସେଗୁଡ଼ିକ ହେଲା – ୧) ସ୍ୱାସ୍ଥ୍ୟ ଓ ପୁଷ୍ଟିସାଧନ, ୨) ଶିକ୍ଷା, ୩) କୃଷି ଓ ଜଳସମ୍ପଦର ବିକାଶ, ୪) ମୌଳିକ ଭିତ୍ତିଭୂମି ନିର୍ମାଣ ଏବଂ ଆର୍ଥିକ ସମାବେଶୀ ବ୍ୟବସ୍ଥା ଓ ୫) ଦକ୍ଷତା ବିକାଶ। ଏସବୁ କ୍ଷେତ୍ରର ସମସ୍ୟା ବିଭିନ୍ନ ପଛୁଆ ଜିଲାରେ ଭିନ୍ନଭିନ୍ନ। ତେଣୁ ଜିଲାଭିତ୍ତିରେ ନିର୍ଦ୍ଦିଷ୍ଟ କେପିଆଇ (ପ୍ରମୁଖ ପ୍ରଦର୍ଶନ ସୂଚକାଙ୍କ) ପ୍ରସ୍ତୁତ କରାଯିବ ଏବଂ ଏହା ସବୁ ଜିଲା ପାଇଁ ଏକ ପ୍ରକାର ହେବ ନାହିଁ, ଏଥିରେ ଲୋକଙ୍କ ଉଦ୍ୟମ, ଅଙ୍ଗୀକାର, ଉନ୍ନତି ପ୍ରୟାସକୁ ମଧ୍ୟ ଯୋଡ଼ାଯିବ। ଏହି କେପିସିଆଇର ମୂଳାଧାର ହେବ ବିନିଯୋଗ, ଫଳାଫଳ ଓ ପରିଣତି। ଏହାକୁ ମୂଲ୍ୟାୟନ କରି ବିକାଶ ଯୋଜନାକୁ ଆଗକୁ ବଢ଼ାଯିବ। ସ୍ୱାସ୍ଥ୍ୟ ଓ ପୁଷ୍ଟିସାଧନ କାର୍ଯ୍ୟକ୍ରମରେ ଶିଶୁ ଓ ମାତୃ ସ୍ୱାସ୍ଥ୍ୟ, କମ୍ ବୟସ୍କ ଶିଶୁଙ୍କ ପୁଷ୍ଟିସାଧନ, ଜନ୍ମ ପୂର୍ବ ଓ ପରବର୍ତ୍ତୀ ଯତ୍ନ, ଟିକାକରଣ, ଭୌତିକ ଢାଞ୍ଚା ନିର୍ମାଣ, ସ୍ୱାସ୍ଥ୍ୟ ସେବା ପାଇଁ ଯୋଗ୍ୟ ମାନବସମ୍ବଳ ପ୍ରସ୍ତୁତି ଓ ତାହାର ଉପଯୋଗ ବ୍ୟବସ୍ଥା ରହିବ। ସେହିଭଳି ଶିକ୍ଷା କ୍ଷେତ୍ରରେ ବିକାଶର ମୌଳିକ ସୂଚକାଙ୍କଗୁଡ଼ିକ ମଧ୍ୟରେ ନିଟ୍ ନାମ ଲେଖା ଅନୁପାତ, ଶିକ୍ଷାନୁଷ୍ଠାନ ନିର୍ମାଣ, ଶିକ୍ଷକ ନିଯୁକ୍ତି ଓ ଶୈକ୍ଷିକ ପରିବେଶ ସୃଷ୍ଟି, ପାଠ ପଢୁଥିବା ପିଲାଙ୍କର ସ୍ଥିତି ଆକଳନ, ସାକ୍ଷରତା ହାର ଆଦି ଅନ୍ତର୍ଭୁକ୍ତ।

ମାସରେ ର୍ୟାଣ୍ଡମ୍ ସର୍ଭେ ପ୍ରଣାଳୀରେ ଡାଟା ସଂଗ୍ରହ କରି ବିକାଶ ଯୋଜନାର ସଫଳତା, ବିଫଳତାର ତଥ୍ୟ ସଂଗ୍ରହ କରିବେ। ଏହି ଯୋଜନାର ଏକ ଅଭିନବ ଦିଗ ହେଲା ପ୍ରହରୀ ଓ ନୋଡାଲ ଅଧିକାରୀ ନିଯୁକ୍ତି। ଜଣେ ଅତିରିକ୍ତ / ଯୁଗ୍ମ ସଚିବ ପାହ୍ୟାର ଅଧିକାରୀଙ୍କୁ ସମ୍ପୃକ୍ତ ପଛୁଆ ଜିଲାର କେନ୍ଦ୍ରୀୟ ପ୍ରହରୀ ଭାବେ ଓ ଆଉ ଜଣକୁ ନୋଡାଲ ଅଫିସର ଭାବେ ନିଯୁକ୍ତି ଦିଆଯିବ। ସେ ଦୁଇଜଣ ସେମାନଙ୍କର ଦୀର୍ଘ ପ୍ରଶାସନିକ ଅନୁଭୂତିକୁ ପୁଞ୍ଜି କରି ଜିଲାସ୍ତରୀୟ ବିକାଶ କାର୍ଯ୍ୟକ୍ରମର ରୂପାୟନ ତଦାରଖ କରିବା ସହ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହିତ ସମ୍ପର୍କର ସେତୁ ସ୍ଥାପନ କରି କାର୍ଯ୍ୟ କରିବେ।

ଜିଲାସ୍ତରରେ ମୁଖ୍ୟ ଅଧିକାରୀ ରହିବେ ଜିଲାପାଳ ବା କଲେକ୍ଟର। ସମ୍ପୂର୍ଣ୍ଣ ଯୋଜନାର ରୂପାୟନ ଓ ତଦାରଖ କାର୍ଯ୍ୟ ଦେଖିବା ପାଇଁ କେନ୍ଦ୍ରରେ ସଚିବସ୍ତରୀୟ ଏକ କ୍ଷମତାସମ୍ପନ୍ନ କମିଟି (ଇସିଏସ୍) ରହିବ। ଏହି କମିଟି ଯୋଜନାର ରୂପାୟନ, ଆକଳନ, ତଦାରଖ କରିବା ସମୟରେ ଆବଶ୍ୟକସ୍ଥଳେ ନୀତି ଅଦଳବଦଳ / ପରିବର୍ତ୍ତନ ସଂକ୍ରାନ୍ତ ନିଷ୍ପତ୍ତି ନେବେ। ସେହିଭଳି ପ୍ରାଦେଶିକ ସ୍ତରରେ ମୁଖ୍ୟ ସଚିବଙ୍କ ଅଧକ୍ଷତାରେ ଏକ କମିଟି ରାଜ୍ୟ ସରକାର ଗଠନ କରିବେ ଯେଉଁଥିରେ ଯୋଜନା ଓ ଅର୍ଥ ସଚିବ ସଦସ୍ୟ ରହିବେ। ସେମାନେ ରାଜ୍ୟରେ ଯୋଜନାର ରୂପାୟନ ଓ ଅଗ୍ରଗତି କାର୍ଯ୍ୟ ତଦାରଖ କରିବା ସହ ଆବଶ୍ୟକତା ଅନୁସାରେ ଏଥିରେ ଅଦଳବଦଳ କରିପାରିବେ।

ଜିଲାର ସାମ୍ପ୍ରତିକ ସ୍ଥିତି ଉପରେ ଜିଲାସ୍ତରୀୟ ଟିମ୍ ଏକ ମୌଳିକ ରିପୋର୍ଟ ପ୍ରସ୍ତୁତ କରିବା ସହ ବିଭିନ୍ନ ସୂଚକର ତଥ୍ୟାବଳୀ, ସମ୍ବଳର ଉପଲବ୍ଧତା ଓ ଅନ୍ୟାନ୍ୟ ତଥ୍ୟାବଳୀ ପ୍ରଦାନ କରିବ। ୨୦୨୨ ସୁଦ୍ଧା ଜିଲାର ବିକାଶ ପାଇଁ ବାର୍ଷିକ ଭିତ୍ତିରେ କେଉଁ କେଉଁ ଲକ୍ଷ୍ୟ ପୂରଣ କରାଯିବ ତାହାର ମଧ୍ୟ ପ୍ରସ୍ତାବ ଏହି ଟିମ୍ ଦେବ। କେନ୍ଦ୍ରୀୟ ପ୍ରତିନିଧି ପ୍ରତି ଦୁଇ ମାସରେ ଥରେ ସଂପୃକ୍ତ ଜିଲା ଗସ୍ତ କରିବାକୁ ବାଧ୍ୟ। ସେମାନେ ଯୋଜନାର କାର୍ଯ୍ୟକାରିତା ଓ ଗତିବିଧି ସମ୍ପର୍କରେ ତଥ୍ୟ ସଂଗ୍ରହ କରି ନୀତି ଆୟୋଗକୁ ରିପୋର୍ଟ ପ୍ରଦାନ କରିବେ। ନୀତି ଆୟୋଗ ସେସବୁ ରିପୋର୍ଟ ଅନୁଧ୍ୟାନ କରି ନିଜର ପ୍ରସ୍ତାବନା ସହ ତାହାକୁ କ୍ଷମତାପନ୍ନ ସଚିବ କମିଟି ଆଗରେ ଉପସ୍ଥାପନ କରିବ।

ଚିହ୍ନଟ ହୋଇଥିବା ୧୧୫ଟି ଜିଲା ମଧ୍ୟରୁ ନୀତି ଅୟୋଗ ୩୦ଟି ଜିଲାର କଥା ଦେଖାଶୁଣା କରିବ। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ୩୫ଟି ଜିଲାର କଥା ବୁଝାଶୁଝା କରିବାକୁ ଥିବାବେଳେ ଅବଶିଷ୍ଟ ୫୫ଟି ଜିଲାର ତଦାରଖ ଦାୟିତ୍ୱ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ, ମହିଳା ଓ ଶିଶୁ ବିକାଶ, ପଞ୍ଚାୟତିରାଜ, କୃଷି ଓ କୃଷକ କଲ୍ୟାଣ, ମାନବସମ୍ବଳ ବିକାଶ, ଗ୍ରାମ୍ୟ ଉନ୍ନୟନ, ପାନୀୟଜଳ ଓ ପରିମଳ, ଆବାସ ଓ ସହରାଞ୍ଚଳ ବିକାଶ, ଜଳସମ୍ପଦ, ଶକ୍ତି, ସାମାଜିକ ନ୍ୟାୟ ଓ ଜନଜାତି ବ୍ୟାପାର ମନ୍ତ୍ରଣାଳୟ ମଧ୍ୟରେ ବାଣ୍ଟି ଦିଆଯିବ।

୨୦୧୮ ଏପ୍ରିଲ ପହିଲାରୁ ଏହି ଯୋଜନାର ରୂପାୟନ କାର୍ଯ୍ୟ ଆରମ୍ଭ ହେବ ବୋଲି ଆଶା କରାଯାଉଛି। ଜିଲାର ମୌଳିକ ତଥ୍ୟାବଳୀ ଆଧାରରେ ସେଠାକାର ଅଧିବାସୀଙ୍କ ସ୍ଥିତିରେ ଧାର୍ଯ୍ୟ ସମୟସୀମା ମଧ୍ୟରେ ଉନ୍ନତି ଆଣିବା ପାଇଁ ରାଜ୍ୟ-ରାଜ୍ୟ ମଧ୍ୟରେ ପ୍ରତିଯୋଗିତା ଆରମ୍ଭ ପାଇଁ ଏହା ଅବକାଶ ଯୋଗାଇବ। ଦେଶର ଅନଗ୍ରସର ଜିଲାସମୂହର ବିକାଶ ସହିତ ସେସବୁର ଚିତ୍ର ବଦଳାଇବା ଏକ ନୂଆ ଚିନ୍ତନ କିମ୍ବା ନୂତନ ପ୍ରୟାସ ନୁହେଁ। ବଡ଼ କଥା ହେଉଛି ଏଥର ସରକାର ଏହି କାର୍ଯ୍ୟକୁ ଭିନ୍ନ ଢଙ୍ଗରେ କରିବାକୁ ଯାଉଛନ୍ତି। କୁହାଯାଏ ଯେଉଁମାନେ ବିଜୟୀ ସେମାନେ କିଛି ଭିନ୍ନ କଥା କରନ୍ତି ନାହିଁ, ସେମାନେ କାମକୁ ଭିନ୍ନ ଢଙ୍ଗରେ କରିଥାନ୍ତି। ଏହା ସଫଳ ହେଲେ ଅଭିଳାଷୀ ଜିଲାସମୂହର ସ୍ଥିତି ବଦଳିଯିବ।

## ୧୧୫ ଅଭିଳାଷୀ ଜିଲ୍ଲା ସମୂହର ତାଲିକା

| ରାଜ୍ୟ | ନୀତି ଆୟୋଗର ୩୦ ଜିଲା | ବିଭିନ୍ନ ମନ୍ତ୍ରଣାଳୟର ୫୦ଟି ଜିଲା | ମାଓ ଅଧ୍ୟୁସିତ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଦାୟିତ୍ୱର ଜିଲା |
|---|---|---|---|
| ଆନ୍ଧ୍ରପ୍ରଦେଶ | | ବିଜୟନଗରମ | ବିଶାଖାପାଟଣା |
| ଆନ୍ଧ୍ରପ୍ରଦେଶ | | କଡ୍ଡାପା | |
| ଅରୁଣାଚଳପ୍ରଦେଶ | | ନମସାଇ | |
| ଆସାମ | ଦାରଙ୍ଗ | ଉଦାଳଗିରି | |
| ଆସାମ | ଧୁବ୍ରୀ | ହଇଲାଖଣ୍ଡି | |
| ଆସାମ | ବାରପେଟା | | |
| ଆସାମ | ଗୋଆଲପଡ଼ା | | |
| ଆସାମ | ବକ୍ସା | | |
| ବିହାର | କଟିହାର | ଖଗଡ଼ିଆ | ଔରଙ୍ଗାବାଦ |
| ବିହାର | ବେଗୁସରାଇ | ପୂର୍ଣ୍ଣିଆ | ବାଙ୍କା |
| ବିହାର | ଶେଖପୁରା | | ଗୟା |
| ବିହାର | ଅରାରିଆ | | ଜାମୁଇ |
| ବିହାର | ସୀତାମାଢ଼ୀ | | ମୁଜାଫରପୁର |
| ବିହାର | | | ନଓ୍ୱାଦା |
| ଛତିଶଗଡ଼ | | କୋର୍ବା | ବସ୍ତର |
| ଛତିଶଗଡ଼ | | ମହାସମୁନ୍ଦ | ବିଜାପୁର |
| ଛତିଶଗଡ଼ | | | ଦନ୍ତେଓ୍ୱାଡ଼ା |
| ଛତିଶଗଡ଼ | | | କାଙ୍କେର |
| ଛତିଶଗଡ଼ | | | କୋଣ୍ଡଗାଁଓ |
| ଛତିଶଗଡ଼ | | | ନାରାୟଣପୁର |
| ଛତିଶଗଡ଼ | | | ରାଜନନ୍ଦଗାଁଓ |
| ଛତିଶଗଡ଼ | | | ସୁକ୍‌ମା |
| ଗୁଜରାଟ | | ନର୍ମଦା | |
| ଗୁଜରାଟ | | ଦାହୋଡ଼ | |
| ହରିୟାଣା | | ମେଓ୍ୱାଟ | |
| ହିମାଚଳପ୍ରଦେଶ | | ଚାମ୍ବା | |
| ଜାମ୍ମୁ ଓ କାଶ୍ମୀର | | କୁପଓ୍ୱାଡ଼ା | |
| ଜାମ୍ମୁ ଓ କାଶ୍ମୀର | | ବାରାମୁଲା | |

| ରାଜ୍ୟ | ନୀତି ଆୟୋଗର ୩୦ ଜିଲା | ବିଭିନ୍ନ ମନ୍ତ୍ରଣାଳୟର ୫୦ଟି ଜିଲା | ମାଓ ଅଧ୍ୟୁସିତ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଦାୟିତ୍ୱର ଜିଲା |
|---|---|---|---|
| ଝାଡ଼ଖଣ୍ଡ | ସାହେବଗଞ୍ଜ | ଗୋଡ୍ଡା | ଲାଟେହର |
| ଝାଡ଼ଖଣ୍ଡ | ପକାଉର | | ଲୋହରଦଗା |
| ଝାଡ଼ଖଣ୍ଡ | | | ପାଲାମୁ |
| ଝାଡ଼ଖଣ୍ଡ | | | ପୂର୍ବସିଂହଭୂମ |
| ଝାଡ଼ଖଣ୍ଡ | | | ରାମଗଡ଼ |
| ଝାଡ଼ଖଣ୍ଡ | | | ରାଞ୍ଚି |
| ଝାଡ଼ଖଣ୍ଡ | | | ସିମଡେଗା |
| ଝାଡ଼ଖଣ୍ଡ | | | ପଶ୍ଚିମସିଂହଭୂମ |
| ଝାଡ଼ଖଣ୍ଡ | | | ବୋକାରୋ |
| ଝାଡ଼ଖଣ୍ଡ | | | ଚାତ୍ରା |
| ଝାଡଖଣ୍ଡ | | | ଦୁମ୍‌କା |
| ଝାଡଖଣ୍ଡ | | | ଗରୱା |
| ଝାଡଖଣ୍ଡ | | | ଗିରିଡିହ |
| ଝାଡଖଣ୍ଡ | | | ଗୁମଲା |
| ଝାଡଖଣ୍ଡ | | | ହଜାରିବାଗ |
| ଝାଡଖଣ୍ଡ | | | ଖୁଣ୍ଟି |
| କର୍ଣ୍ଣାଟକ | | ଯଦଗିରି | |
| କର୍ଣ୍ଣାଟକ | | ରାଇଚୁର | |
| କେରଳ | | ୱୟାଣ୍ଡା | |
| ମଧ୍ୟପ୍ରଦେଶ | ଦାମୋହ | ଛତରପୁର | |
| ମଧ୍ୟପ୍ରଦେଶ | ସିଙ୍ଗ୍ରାଉଲି | ରାଜଗଡ଼ | |
| ମଧ୍ୟପ୍ରଦେଶ | ବରୱାଣି | ଗୁନା | |
| ମଧ୍ୟପ୍ରଦେଶ | ବିଦିଶା | | |
| ମଧ୍ୟପ୍ରଦେଶ | ଖଣ୍ଡୱା | | |
| ମହାରାଷ୍ଟ୍ର | ନନ୍ଦୁରବାର | ୱାସିମ୍ | ଗଡ଼ଚିରୋଲି |
| ମହାରାଷ୍ଟ୍ର | | ଓସମାନାବାଦ | |
| ମଣିପୁର | | ଚନ୍ଦେଲ | |
| ମେଘାଳୟ | | ରିଭୋଇ | |

| ରାଜ୍ୟ | ନୀତି ଆୟୋଗର ୩୦ ଜିଲା | ବିଭିନ୍ନ ମନ୍ତ୍ରଣାଳୟର ୫୦ଟି ଜିଲା | ମାଓ ଅଧ୍ୟୁସିତ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଦାୟିତ୍ୱର ଜିଲା |
|---|---|---|---|
| ମିଜୋରାମ |  | ମମିତ |  |
| ନାଗାଲାଣ୍ଡ |  | ଖିପିରେ |  |
| ଓଡ଼ିଶା | ରାୟଗଡ଼ା | କନ୍ଧମାଳ | କୋରାପୁଟ |
| ଓଡ଼ିଶା | କଳାହାଣ୍ଡି | ଗଜପତି | ମାଲକାନଗିରି |
| ଓଡ଼ିଶା |  | ଢେଙ୍କାନାଳ |  |
| ଓଡ଼ିଶା |  | ବଲାଙ୍ଗୀର |  |
| ପଞ୍ଜାବ |  | ଫିରୋଜପୁର |  |
| ପଞ୍ଜାବ |  | ମୋଗା |  |
| ରାଜସ୍ଥାନ | ବରଣ | ଢୋଲପୁର |  |
| ରାଜସ୍ଥାନ | ଜୟସଲ୍‌ମେର୍ | କରାଉଲି |  |
| ରାଜସ୍ଥାନ |  | ସିରୋହି |  |
| ସିକ୍କିମ୍ |  | ପଶ୍ଚିମ ସିକ୍କିମ୍ |  |
| ତାମିଲନାଡୁ |  | ରାମନାଥପୁରମ୍ |  |
| ତାମିଲନାଡୁ |  | ବିରୁଧନଗର |  |
| ତେଲଙ୍ଗାନା |  | ଭୂପାଲପାଲି | ଖମମ୍ |
| ତେଲଙ୍ଗାନା |  | ଅସିଫାବାଦ |  |
| ତ୍ରିପୁରା |  | ଧଲାଇ |  |
| ଉତ୍ତରପ୍ରଦେଶ | ଚିତ୍ରକୂଟ | ଚାନ୍ଦୌଲି |  |
| ଉତ୍ତରପ୍ରଦେଶ | ବଳରାମପୁର | ସିଦ୍ଧାର୍ଥନଗର |  |
| ଉତ୍ତରପ୍ରଦେଶ | ବାହାରାଇଚ | ଫତେପୁର |  |
| ଉତ୍ତରପ୍ରଦେଶ | ସୋନଭଦ୍ରା |  |  |
| ଉତ୍ତରପ୍ରଦେଶ | ଶ୍ରାବସ୍ତୀ |  |  |
| ଉତ୍ତରାଖଣ୍ଡ |  | ହରିଦ୍ୱାର |  |
| ଉତ୍ତରାଖଣ୍ଡ |  | ଉଦ୍ଧମସିଂହନଗର |  |
| ପଶ୍ଚିମବଙ୍ଗ | ମୁର୍ଶୀଦାବାଦ | ନଦିଆ |  |
| ପଶ୍ଚିମବଙ୍ଗ | ମାଳଦା | ଦକ୍ଷିଣ ଦିନାଜପୁର |  |
| ପଶ୍ଚିମବଙ୍ଗ | ବୀରଭୂମ |  |  |
| **ମୋଟ୍** | **୩୦** | **୫୦** | **୩୫** |

## ଅଭିଳାଷୀ ଜିଲ୍ଲାର ବିକାଶ ପାଇଁ ସୂଚକ

**କମ୍ପୋଜିଟି ଇଣ୍ଡେକ୍ସ ପାଇଁ ଉଦ୍ଦିଷ୍ଟ ୱେଟେଜ (ଅଙ୍କ)**

| ବିଭିନ୍ନ କ୍ଷେତ୍ର | ଅଙ୍କ |
|---|---|
| ସ୍ୱାସ୍ଥ୍ୟ ଓ ପୁଷ୍ଟିସାଧନ | ୩୦% |
| ଶିକ୍ଷା | ୩୦% |
| କୃଷି ଓ ଜଳସମ୍ପଦ | ୨୦% |
| ଆର୍ଥିକ ସମାବେଶୀକରଣ ଓ ଦକ୍ଷତା ନିର୍ମାଣ | ୧୦% |
| ମୌଳିକ ଭିତ୍ତିଭୂମି | ୧୦% |
| ମିଳିତ ସୂଚୀ (କମ୍ପୋଜିଟ୍ ଇଣ୍ଡେକ୍ସ) | ୧୦୦% |

## ବିଷୟଗତ କ୍ଷେତ୍ର ପିଛା ସୂଚକର ତାଲିକା

**ସ୍ୱାସ୍ଥ୍ୟ ଓ ପୁଷ୍ଟିସାଧନ**

| କ୍ରମିକ ସଂଖ୍ୟା | ସୂଚକ ସମୂହ | ସ୍ୱାସ୍ଥ୍ୟ ଓ ପୁଷ୍ଟିସାଧନ ସୂଚୀରେ ଗୁରୁତ୍ୱ | ପୂର୍ଣ୍ଣାଙ୍ଗ ମିଳିତ ସୂଚୀରେ ଗୁରୁତ୍ୱ | ଉତ୍ସ / ସମୟ (ସର୍ଭେ ମାଧ୍ୟମରେ ସବୁ ସୂଚକ ମାନ୍ୟତା ପାଇବ) |
|---|---|---|---|---|
| ୧ | ପ୍ରାକ୍ ପ୍ରସବ ସେବା ପାଇଁ ପଞ୍ଜୀକୃତ ମହିଳାଙ୍କ ମଧ୍ୟରୁ ଚାରି କିମ୍ବା ତତୁର୍ଦ୍ଧ ଚିକିତ୍ସା ସେବା ପାଇଥିବା ଗର୍ଭବତୀଙ୍କ ପ୍ରତିଶତ | ୮ | ୨.୪ | ସ୍ୱାସ୍ଥ୍ୟ ପରିଚାଳନା ସୂଚନା ବ୍ୟବସ୍ଥା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ୨୦୧୬-୧୭ / ମାସିକ |
| ୨ | 'ଆଇସିଡିଏସ୍' କାର୍ଯ୍ୟକ୍ରମରେ ଅତିରିକ୍ତ ପୁଷ୍ଟିକର ଖାଦ୍ୟ ନିୟମିତ ଖାଉଥିବା ଗର୍ଭବତୀଙ୍କ ପ୍ରତିଶତ | ୩ | ୦.୯ | ଜିଲ୍ଲାପାଳ / ମାସିକ |
| ୩ | ପ୍ରାକ୍ ପ୍ରସବ ପରୀକ୍ଷା ପାଇଁ ପଞ୍ଜୀକୃତ ଗର୍ଭବତୀଙ୍କ ମଧ୍ୟରୁ ମାତ୍ରାଧିକ ରକ୍ତହୀନ ମହିଳାଙ୍କ ପ୍ରତିଶତ | ୯ | ୨.୭ | ସ୍ୱାସ୍ଥ୍ୟ ପରିଚାଳନା ସୂଚନା ବ୍ୟବସ୍ଥା/ମାସିକ |
| ୪ | ମୋଟ୍ ପ୍ରସବ ମଧ୍ୟରୁ ଆନୁଷ୍ଠାନିକ ପ୍ରସବର ପ୍ରତିଶତ | ୭ | ୨.୧ | ସ୍ୱାସ୍ଥ୍ୟ ପରିଚାଳନା ସୂଚନା ବ୍ୟବସ୍ଥା/ମାସିକ |
| ୫ | ମୋଟ୍ ପ୍ରସବ ମଧ୍ୟରୁ ଧାଈ ବା ତାଲିମପ୍ରାପ୍ତ ସହାୟକଙ୍କ ଉପସ୍ଥିତିରେ ହେଉଥିବା ପ୍ରସବର ପ୍ରତିଶତ | ୩ | ୦.୯ | ସ୍ୱାସ୍ଥ୍ୟ ପରିଚାଳନା ସୂଚନା ବ୍ୟବସ୍ଥା/ମାସିକ |
| ୬ | ଜନ୍ମର ଏକ ଘଣ୍ଟାଣ୍ଟାଣ୍ଣ୍ଣ ପରେ ମା' କ୍ଷୀର ଖାଉଥିବା ନବଜାତଙ୍କ ପ୍ରତିଶତ | ୧୦ | ୩.୦ | ସ୍ୱାସ୍ଥ୍ୟ ପରିଚାଳନା ସୂଚନା ବ୍ୟବସ୍ଥା/ମାସିକ |
| ୭ | ପାଂଚ ବର୍ଷରୁ କମ୍ ବୟସର ସ୍ୱଳ୍ପ ଓଜନ ବିଶିଷ୍ଟ ଶିଶୁଙ୍କ ପ୍ରତିଶତ | ୭ | ୨.୧ | ସର୍ଭେ |
| ୮ | ସ୍ୱାଭାବିକ ଅଭିବୃଦ୍ଧି ଘଟୁ ନ ଥିବା ୫ବର୍ଷରୁ କମ୍ ବୟସର ଶିଶୁଙ୍କ ପ୍ରତିଶତ | ୮ | ୨.୪ | ସର୍ଭେ |
| ୯ | ଅତି ଉତ୍କଟ ପୁଷ୍ଟିହୀନତା | ୫ | ୧.୫ | ସର୍ଭେ |

| | | | | |
|---|---|---|---|---|
| ୧୦ | ୬ ରୁ ୨୩ ମାସର ଶିଶୁ ଯେଉଁମାନେ ପର୍ଯ୍ୟାପ୍ତ ଖାଦ୍ୟ (ମା'କ୍ଷୀର ଓ ଅନ୍ୟାନ୍ୟ ଖାଦ୍ୟ) ପାଉଛନ୍ତି ସେମାନଙ୍କ ପ୍ରତିଶତ | ୫ | ୧.୫ | ସର୍ଭେ |
| ୧୧ | ନ'ରୁ ୧୧ ମାସର ସବୁ ପ୍ରକାର ବିସିଜି+ଡିପିଟି+ଓପିଭି୩+ ମିଜିଲସ୍୧ ନେଇଥିବା ଶିଶୁଙ୍କ ହାର | ୧୦ | ୩.୦ | ସ୍ୱାସ୍ଥ୍ୟ ପରିଚାଳନା ସୂଚନା ସେବା / ମାସିକ |
| ୧୨ | ଏକ ହଜାର ଜନସଂଖ୍ୟାରେ ଟିବିରେ ଆକ୍ରାନ୍ତ ହେଉଥିବା ଲୋକଙ୍କ ସଂଖ୍ୟା | ୫ | ୧.୫ | ଜିଲ୍ଲାପାଳ / ଆର୍‌ଏନ୍ ଟିସିପି ଏମ୍‌ଆଇଏସ୍ / ମାସିକ |
| ୧୩ | ସ୍ୱାସ୍ଥ୍ୟ ଭିତ୍ତିଭୂମି ସୂଚକ | ୨୦ | ୬.୦ | |
| ୧୩ କ | ସ୍ୱାସ୍ଥ୍ୟ ଉପକେନ୍ଦ୍ର / ସହାୟକ କେନ୍ଦ୍ର ଆଦିର ଅନୁପାତ | ୬ | ୧.୮ | ଜିଲ୍ଲାପାଳ |
| ୧୩ ଖ | ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଅନୁପାତ | ୫ | ୧.୫ | ସ୍ୱାସ୍ଥ୍ୟ ପରିଚାଳନା ସୂଚନା ସେବା / ମାସିକ |
| ୧୩ ଗ | କାର୍ଯ୍ୟକ୍ଷମ ପ୍ରଥମ ରେଫରାଲ ୟୁନିଟର ଅନୁପାତ (ପ୍ରତି ୫ ହଜାର ଜନ୍ମ ସଂଖ୍ୟା ହିସାବରେ) | ୩ | ୦.୯ | ସ୍ୱାସ୍ଥ୍ୟ ପରିଚାଳନା ସୂଚନା ସେବା / ମାସିକ |
| ୧୩ ଘ | ଆଇପିଏଚ୍‌ଏସ୍ ନିୟମ ଅନୁସାରେ ଜିଲ୍ଲାସ୍ତରରେ ହସ୍‌ପିଟାଲରେ ବିଶେଷଜ୍ଞ ସେବା ଉପଲବ୍ଧତାର ଅନୁପାତ | ୨ | ୦.୬ | ସ୍ୱାସ୍ଥ୍ୟ ପରିଚାଳନା ସୂଚନା ସେବା / ମାସିକ |
| ୧୩ ଙ | ଅଙ୍ଗନବାଡ଼ି କେନ୍ଦ୍ର / ୟୁପିଏଚ୍‌ସି ଦ୍ୱାରା ଦୈନିକ ହୋଇଥିବା ଅନ୍ତତଃ ଗୋଟିଏ ଗ୍ରାମର ପରିମଳ ଓ ପୁଷ୍ଟିସାଧନ ଶିବିର / ସହରାଂଚଳରେ ମାସିକ ଥରେ ଏଭଳି କାର୍ଯ୍ୟକ୍ରମର ପ୍ରତିଶତ | ୨ | ୦.୬ | ସ୍ୱାସ୍ଥ୍ୟ ପରିଚାଳନା ସୂଚନା ସେବା / ମାସିକ |
| ୧୩ ଚ | ନିଜର ଘର ଥିବା ଅଙ୍ଗନବାଡ଼ିଙ୍କ ଅନୁପାତ | ୨ | ୦.୬ | ସଂପୃକ୍ତ ଅଧିକାରୀ / ଜିଲ୍ଲାପାଳ / ମାସିକ |
| | **ମୋଟ୍** | **୧୦୦%** | **୩୦%** | |

ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ - ୨୦୧୫-୧୬

**ଶିକ୍ଷା**

| କ୍ରମିକ ସଂଖ୍ୟା | ସୂଚକ ସମୂହ | ଶିକ୍ଷା ସୂଚିରେ ଗୁରୁତ୍ୱ | ପୂର୍ଣ୍ଣାଙ୍ଗ ମିଳିତ ସୂଚୀରେ ଗୁରୁତ୍ୱ | ଉତ୍ସ / ସମୟ (ସର୍ଭେ ମାଧ୍ୟମରେ ସବୁ ସୂଚକ ମାନ୍ୟତା ପାଇବ |
|---|---|---|---|---|
| ୧ | ଏନ୍‌ଇଆର (ଏ) ପ୍ରାରମ୍ଭିକ ସ୍ତର | ୧୪ | ୪.୨ | ମାନବସମ୍ବଳ ବିକାଶ ମନ୍ତ୍ରଣାଳୟ - ୟୁଡିଆଇଏସ୍‌ଇ / ବାର୍ଷିକ |
| | ଖ) ମାଧ୍ୟମିକ ସ୍ତର | ୬ | ୧.୮ | ମାନବସମ୍ବଳ ବିକାଶ ମନ୍ତ୍ରଣାଳୟ - ୟୁଡିଆଇଏସ୍‌ଇ / ବାର୍ଷିକ |
| ୨ | ସ୍କୁଲରେ ଶୌଚାଳୟ ପ୍ରତିଶତ ଏବଂ ସଚଳ ବାଳିକା ଶୌଚାଳୟ | ୫ | ୧.୫ | ସର୍ଭେ / ମାସିକ |
| ୩ | ଶିକ୍ଷା ଫଳାଫଳ (ସମସ୍ତ, ବାଳକ, ବାଳିକା, ତଫସିଲଭୁକ୍ତ ଜାତି, ଉପଜାତି ଓ ସଂଖ୍ୟାଲଘୁ | ୫୦ | ୧୫ | ତୃତୀୟ ପକ୍ଷଙ୍କ ଦ୍ୱାରା ହଠାତ୍ ସ୍କୁଲରେ ପରୀକ୍ଷା କରି ମାସିକ ଭିତ୍ତିରେ ଫଳାଫଳ ନିର୍ଦ୍ଧାରଣ |

| | | | | |
|---|---|---|---|---|
| | ୧) ତୃତୀୟ ଶ୍ରେଣୀରେ ଗଣିତରେ ପ୍ରଦର୍ଶନ<br>୨) ତୃତୀୟରେ ଭାଷାର ପ୍ରଦର୍ଶନ<br>୩) ୫ମରେ ଗଣିତ ପ୍ରଦର୍ଶନ<br>୪) ୫ମରେ ଭାଷା ବିଷୟକ ପ୍ରଦର୍ଶନ<br>୫) ୮ମରେ ଗଣିତ ପ୍ରଦର୍ଶନ<br>୬) ୮ମରେ ଭାଷା ବିଷୟକ ଛାତ୍ରଛାତ୍ରୀଙ୍କ ପ୍ରଦର୍ଶନ | | | |
| ୪ | ମହିଳା ସାକ୍ଷରତା ହାର (୧୫+ ବୟସ ଗୋଷ୍ଠୀ) | ୮ | ୨.୪ | ସର୍ଭେ / ତ୍ରୈମାସିକ |
| ୫ | ପାନୀୟ ଜଳ ସୁବିଧା ଥିବା ସ୍କୁଲର ହାର | ୪ | ୧.୨ | ସଂପୃକ୍ତ ଅଧିକାରୀ/ ଜିଲ୍ଲାପାଳ / ମାସିକ+ ସର୍ଭେ / ତ୍ରୈମାସିକ |
| ୬ | ମାଧମିକ ସ୍ତରରେ ବିଜୁଳି ସୁବିଧା ଥିବା ସ୍କୁଲର ହାର | ୧ | ୦.୩ | ସଂପୃକ୍ତ ଅଧିକାରୀ/ ଜିଲ୍ଲାପାଳ / ମାସିକ+ ସର୍ଭେ / ତ୍ରୈମାସିକ |
| ୭ | ପ୍ରାଥମିକ ସ୍କୁଲରେ ଛାତ୍ର-ଶିକ୍ଷକ ଅନୁପାତ / ହାର | ୮ | ୨.୪ | ସଂପୃକ୍ତ ଅଧିକାରୀ/ ଜିଲ୍ଲାପାଳ / ମାସିକ+ ସର୍ଭେ / ତ୍ରୈମାସିକ |
| ୮ | ପଢ଼ା ବର୍ଷ ଆରମ୍ଭ ହେବାର ତିନି ମାସ ମଧରେ ପିଲାଙ୍କୁ ଯୋଗାଇଦିଆଯାଉଥିବା ବହିର ହାର | ୪ | ୧.୨ | ଏମ୍ଏଚ୍ଆରଡି / ବାର୍ଷିକ |
| | **ମୋଟ** | **୧୦୦%** | **୩୦%** | |

**କୃଷି ଓ ଜଳସମ୍ପଦ**

| କ୍ରମିକ ସଂଖ୍ୟା | ସୂଚକ ସମୂହ | କୃଷି ସୂଚୀରେ ଗୁରୁତ୍ୱ | ପୂର୍ଣ୍ଣାଙ୍ଗ ମିଳିତ ସୂଚୀରେ ଗୁରୁତ୍ୱ | ଉତ୍ସ / ସମୟ (ସର୍ଭେ ମାଧମରେ ସବୁ ସୂଚକ ମାନ୍ୟତା ପାଇବ) |
|---|---|---|---|---|
| ୧ | ଜଳ ଉତ୍ସ ସୃଷ୍ଟି ପାଇଁ ନିବେଶ ଓ ନିଯୁକ୍ତି | ୩୦ | ୬ | |
| ୧(କ) | କ୍ଷୁଦ୍ର ଜଳସେଚନ ବ୍ୟବସ୍ଥାରେ ଚାଷ ହେଉଥିବା ଜମିର ପ୍ରତିଶତ | ୧୭.୫ | ୩.୫ | ସଂପୃକ୍ତ ଅଧିକାରୀ, ଜିଲ୍ଲାପାଳ ଓ ସର୍ଭେ / ମାସିକ |
| ୧(ଖ) | ଏମ୍ଜିନରେଗାରେ ପୁନରୁଦ୍ଧାର ହୋଇଥିବା ଜଳଉତ୍ସ ଶତାଂଶ | ୧୨.୫ | ୨.୫ | ସଂପୃକ୍ତ ଅଧିକାରୀ, ଜିଲ୍ଲାପାଳ ଓ ସର୍ଭେ / ଷାଣ୍ମାସିକ |
| ୨ | ଫସଲ ବୀମା ଶତାଂଶ ଓ ମୋଟ ଇଲାକାର ପରିମାଣ (ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ) | ୧୫ | ୩ | ସଂପୃକ୍ତ ଅଧିକାରୀ, ଜିଲ୍ଲାପାଳ ଓ ସର୍ଭେ / ଷାଣ୍ମାସିକ |
| ୩ | ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀର ବ୍ୟବହାର ଓ ଯୋଗାଣରେ ବୃଦ୍ଧି | ୧୭.୫ | ୩.୫ | |
| ୩(କ) | କୃଷି ଋଣ ବୃଦ୍ଧିର ଶତାଂଶ | ୭.୫ | ୧.୫ | ସଂପୃକ୍ତ ଅଧିକାରୀ, ଜିଲ୍ଲାପାଳ ଓ ସର୍ଭେ / ମାସିକ |
| ୩(ଖ) | ପ୍ରମାଣିତ ବିହନ ବଣ୍ଟଣ୍ଟନ | ୭.୫ | ୧.୫ | ସଂପୃକ୍ତ ଅଧିକାରୀ, ଜିଲ୍ଲାପାଳ ଓ ସର୍ଭେ / ଷାଣ୍ମାସିକ |
| ୩(ଗ) | ରାସାୟନିକ ସାର ବ୍ୟବହାର ବୃଦ୍ଧି | ୨.୫ | ୦.୫ | ସଂପୃକ୍ତ ଅଧିକାରୀ, ଜିଲ୍ଲାପାଳ ଓ ସର୍ଭେ / ତ୍ରୈମାସିକ |
| ୪ | ଇ-ନାମ ସହ ସଂପୃକ୍ତ ଜିଲ୍ଲା ମଣ୍ଡିରେ ହେଉଥିବା କାରବାର ସଂଖ୍ୟା | ୧୦ | ୨ | ସଂପୃକ୍ତ ଅଧିକାରୀ, ଜିଲ୍ଲାପାଳ ଓ ସର୍ଭେ / ମାସିକ |

| | | | | |
|---|---|---|---|---|
| ୫ | ଉତ୍ପାଦିତ ହେଉଥିବା ଫସଲର ମୂଲ୍ୟ ଏବଂ ସର୍ବନିମ୍ନ ସହାୟକ ମୂଲ୍ୟ ମଧ୍ୟରେ ରହୁଥିବା ପାର୍ଥକ୍ୟ ଓ ଚାଷୀ ପାଉଥିବା ମୂଲ୍ୟର ପ୍ରତିଶତ | ୫ | ୧ | ସଂପୃକ୍ତ ଅଧିକାରୀ, ଜିଲ୍ଲାପାଳ ଓ ସର୍ଭେ / ମାସିକ |
| ୬ | ଇଲାକାରେ ଚାଷ ହେଉଥିବା ମୋଟ ଫସଲରେ ଉଚ୍ଚ ମୂଲ୍ୟ ଫସଲର ଅଂଶ | ୨.୫ | ୦.୫ | ସଂପୃକ୍ତ ଅଧିକାରୀ, ଜିଲ୍ଲାପାଳ ଓ ସର୍ଭେ / ଷାଣ୍ମାସିକ |
| ୭ | ଧାନ ଓ ଗହମର ଉତ୍ପାଦକତା | ୫ | ୧ | ସଂପୃକ୍ତ ଅଧିକାରୀ, ଜିଲ୍ଲାପାଳ ଓ ସର୍ଭେ / ଷାଣ୍ମାସିକ |
| ୮ | ଟିକା ନେଇଥିବା ଗୃହପାଳିତ ପଶୁଙ୍କ ଶତାଂଶ | ୭.୫ | ୧.୫ | ସଂପୃକ୍ତ ଅଧିକାରୀ, ଜିଲ୍ଲାପାଳ ଓ ସର୍ଭେ / ମାସିକ |
| ୯ | କୃତ୍ରିମ ପ୍ରଜନନର ଅନୁପାତ | ୫ | ୧ | ସଂପୃକ୍ତ ଅଧିକାରୀ, ଜିଲ୍ଲାପାଳ ଓ ସର୍ଭେ / ମାସିକ |
| ୧୦ | ପ୍ରଥମ ପର୍ଯ୍ୟାୟ ତୁଳନାରେ ଦ୍ୱିତୀୟ ପର୍ଯ୍ୟାୟରେ ବଂଟାଯାଇଥିବା ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡର ସଂଖ୍ୟା | ୨.୫ | ୦.୫ | ସଂପୃକ୍ତ ଅଧିକାରୀ, ଜିଲ୍ଲାପାଳ ଓ ସର୍ଭେ / ମାସିକ |
| | **ମୋଟ୍** | **୧୦୦%** | **୨୦%** | |

## ଆର୍ଥିକ ସମାବେଶୀକରଣ ଓ ଦକ୍ଷତା ନିର୍ମାଣ

| **କ୍ରମିକ ସଂଖ୍ୟା** | **ସୂଚକ ସମୂହ** | **ଆର୍ଥିକ ସମାବେଶୀ ସୂଚୀରେ ଏହାର ଗୁରୁତ୍ୱ** | **ପୂର୍ଣ୍ଣାଙ୍ଗ ମିଳିତ ସୂଚୀରେ ଗୁରୁତ୍ୱ** | **ଉତ୍ସ / ସମୟକାଳ (ସବୁ ସୂଚକ ସର୍ଭେଦ୍ୱାରା ମାନ୍ୟତା ପାଇବ)** |
|---|---|---|---|---|
| **ଆର୍ଥିକ ସମାବେଶ** | | | | |
| ୧ | ପ୍ରତି ଏକ ଲକ୍ଷ ଲୋକରେ ମୋଟ ମୁଦ୍ରା ଋଣ ଆବଣ୍ଟନ (ଟଙ୍କାରେ) | ୨୦ | ୧ | ଆର୍ଥିକ ସେବା ବିଭାଗ / ମାସିକ |
| ୨ | ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମା ଯୋଜନା : ଏକ ଲକ୍ଷ ଲୋକରେ ପଂଜୀକୃତ ଲୋକଙ୍କ ହାର | ୨୦ | ୧ | ଆର୍ଥିକ ସେବା ବିଭାଗ / ମାସିକ |
| ୩ | ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା : ପ୍ରତି ଏକ ଲକ୍ଷ ଲୋକରେ ପଂଜୀକୃତ ଲୋକଙ୍କ ହାର | ୨୦ | ୧ | ଆର୍ଥିକ ସେବା ବିଭାଗ / ମାସିକ |
| ୪ | ଅଟଳ ପେନ୍‌ସନ୍ ଯୋଜନା : ପ୍ରତି ଏକ ଲକ୍ଷ ଲୋକରେ ପଂଜୀକୃତଙ୍କ ହାର | ୨୦ | ୧ | ଆର୍ଥିକ ସେବା ବିଭାଗ / ମାସିକ |
| ୫ | ଆଧାର ସହିତ ସଂଯୁକ୍ତ ହୋଇଥିବା ବ୍ୟାଙ୍କ ଜମା ଖାତା : ମୋଟ ଜମାଖାତାରେ ଏହାର ପ୍ରତିଶତ | ୨୦ | ୧ | ଆର୍ଥିକ ସେବା ବିଭାଗ / ମାସିକ |
| | **ମୋଟ୍** | **୧୦୦%** | **୫%** | |

| **କ୍ରମିକ ସଂଖ୍ୟା** | **ସୂଚକ ସମୂହ** | **ଦକ୍ଷତା ନିର୍ମାଣ ସୂଚୀରେ ଗୁରୁତ୍ୱ** | **ସମ୍ପୂର୍ଣ୍ଣ ମିଳିତ ସୂଚୀରେ ଗୁରୁତ୍ୱ** | **ଉତ୍ସ / ସମୟକାଳ (ସବୁ ସୂଚକ ସର୍ଭେଦ୍ୱାରା ମାନ୍ୟତା ପାଇବ)** |
|---|---|---|---|---|
| **ଦକ୍ଷତା ନିର୍ମାଣ** | | | | |
| ୧ | ସ୍ୱଳ୍ପ ଓ ଦୀର୍ଘ ମିଆଦି ତାଲିମ ଯୋଜନାରେ ମାନ୍ୟତାପ୍ରାପ୍ତ ଯୁବକଙ୍କ ସଂଖ୍ୟା / ଜିଲ୍ଲାରେ ୧୫ ରୁ ୨୯ ବର୍ଷ ବୟସ ମଧ୍ୟରେ ଥିବା ଯୁବକଙ୍କ ସଂଖ୍ୟା * | ୨୫ | ୧.୨୫ | ଦକ୍ଷତା ବିକାଶ ମନ୍ତ୍ରଣାଳୟ ଓ ଉଦ୍ୟୋଗ ବିକାଶ ଏବଂ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟ / ମାସିକ |

| | | | | |
|---|---|---|---|---|
| ୨ | ତାଲିମପ୍ରାପ୍ତ ଯୁବକଙ୍କ ନିଯୁକ୍ତି # | ୧୫ | ୦.୭୫ | ଦକ୍ଷତା ବିକାଶ ମନ୍ତ୍ରଣାଳୟ ଓ ଉଦ୍ୟୋଗ ବିକାଶ ଏବଂ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟ / ମାସିକ |
| ୩ | ତାଲିମପ୍ରାପ୍ତ ଶିକ୍ଷାନବିସଙ୍କ ସଂଖ୍ୟା / ପୋର୍ଟାଲରେ ପଂଜୀକୃତ ମୋଟ ତାଲିମ ଗ୍ରହଣକାରୀଙ୍କ ସଂଖ୍ୟା | ୨୫ | ୧.୨୫ | ମହାନିର୍ଦ୍ଦେଶକ ତାଲିମ / ମାସିକ |
| ୪ | ପ୍ରାକ୍ ପଠନ ବ୍ୟବସ୍ଥାରେ ସ୍ୱୀକୃତ ଲୋକଙ୍କ ସଂଖ୍ୟା/ଅଣ ଆନୁଷ୍ଠାନିକ ଦକ୍ଷ ଲୋକ ଶକ୍ତି ** | ୨୫ | ୧.୨୫ | ଦକ୍ଷତା ବିକାଶ ମନ୍ତ୍ରଣାଳୟ ଓ ଜାତୀୟଦକ୍ଷତା ବିକାଶ ନିଗମ / ମାସିକ |
| ୫ | ବିଭିନ୍ନ ବଂଚିତ, ଦୁର୍ବଳ ବର୍ଗର ସାର୍ଟିଫାଏଡ୍ ତାଲିକାପାପ୍ତ ବର୍ଗ :<br>(କ) ମହିଳା<br>(ଖ) ତଫସିଲଭୁକ୍ତ ଜାତି<br>(ଗ) ଜନଜାତି<br>(ଘ) ଅନ୍ୟାନ୍ୟ ପଛୁଆବର୍ଗ<br>(ଙ) ସଂଖ୍ୟାଲଘୁ<br>(ଚ) ଭିନ୍ନକ୍ଷମ | ୧୦ | ୦.୫ | ଦକ୍ଷତା ବିକାଶ ମନ୍ତ୍ରଣାଳୟ ଓ ଜାତୀୟଦକ୍ଷତା ବିକାଶ ନିଗମ / ମାସିକ |
| | **ମୋଟ୍** | **୧୦୦%** | **୫%** | |

**# କେବଳ ପିଏମ୍‌କେଭିୱାଇ (୨୦୧୬-୨୦) ଡାଟା ଏଠାରେ ଉଲ୍ଲେଖ କରାଯାଇଛି।**

*** ନୀତି ଆୟୋଗର ତଥ୍ୟ ଅନୁସାରେ ଜିଲ୍ଲାର ୧୫ ରୁ ୨୯ ବର୍ଷ ବୟସ ବର୍ଗର ତଥ୍ୟାବଳୀ ବ୍ୟବହୃତ।**

**** ୨୦୧୧-୧୨ ଜାତୀୟ ନମୁନା ସର୍ଭେର ତଥ୍ୟ ଅନୁସାରେ ଆନୁଷ୍ଠାନିକ ଭାବେ ଦକ୍ଷ ଲୋକଶକ୍ତିର ତଥ୍ୟ ହିସାବକୁ ନିଆଯାଇଛି।**

## ମୌଳିକ ଭିତିଭୂମି

| କ୍ରମିକ ସଂଖ୍ୟା | ସୂଚକ ସମୂହ | ମୌଳିକ ଭିତିଭୂମି ସୂଚୀରେ ଗୁରୁତ୍ୱ | ପୂର୍ଣ୍ଣାଙ୍ଗ ମିଳିତ ସୂଚୀରେ ଗୁରୁତ୍ୱ | ଉତ୍ସ / ସମୟକାଳ (ସବୁ ସୂଚକ ସର୍ଭେଦ୍ୱାରା ମାନ୍ୟତା ପ୍ରାପ୍ତ ହେବ) |
|---|---|---|---|---|
| ୧ | ବିଦ୍ୟୁତ୍ ସଂଯୋଗ ଥିବା ଘରର ଶତାଂଶ | ୨୦ | ୨ | ସଂପୃକ୍ତ ଅଧିକାରୀ / ଜିଲ୍ଲାପାଳ ଓ ସର୍ଭେ / ମାସିକ |
| ୨ | ଇଂଟରନେଟ ସଂଯୋଗ ଥିବା ଘରର ଶତାଂଶ | ୫ | ୦.୫ | ସଂପୃକ୍ତ ଅଧିକାରୀ / ଜିଲ୍ଲାପାଳ ଓ ସର୍ଭେ / ମାସିକ |
| ୩ | ତିନି କିମି ଭିତରେ ସବୁ ଦିନିଆ ରାସ୍ତା ସଂଯୋଗ ସୁବିଧା ଥିବା ଗାଁର ଶତାଂଶ | ୧୫ | ୧.୫ | ସଂପୃକ୍ତ ଅଧିକାରୀ / ଜିଲ୍ଲାପାଳ ଓ ସର୍ଭେ / ମାସିକ |
| ୪ | ନିଜସ୍ୱ ଶୌଚାଳୟ ଥିବା ଘରର ପ୍ରତିଶତ | ୧୫ | ୧.୫ | ସଂପୃକ୍ତ ଅଧିକାରୀ / ଜିଲ୍ଲାପାଳ ଓ ସର୍ଭେ / ମାସିକ |
| ୫ | ଆବଶ୍ୟକ ପାନୀୟଜଳ ସୁବିଧା ଥିବା ଘରର ପ୍ରତିଶତ। ଗାଁରେ ମୁଣ୍ଡ ପିଛା ଦୈନିକ ୪୦ ଲିଟର ଓ ସହରରେ ମୁଣ୍ଡପିଛା ୧୩୫ ଲିଟର (୧୦ମିଟର ଭିତରେ) | ୨୦ | ୨ | ସଂପୃକ୍ତ ଅଧିକାରୀ / ଜିଲ୍ଲାପାଳ ଓ ସର୍ଭେ / ମାସିକ |
| ୬ | ଗ୍ରାମପଞ୍ଚାୟତ ସ୍ତରରେ ସାଧାରଣ ସେବା କେନ୍ଦ୍ରର ସୁବିଧା | ୫ | ୦.୫ | ସଂପୃକ୍ତ ଅଧିକାରୀ / ଜିଲ୍ଲାପାଳ ଓ ସର୍ଭେ / ମାସିକ |
| ୭ | ନିରାଶ୍ରୟଙ୍କ ପାଇଁ ତିଆରି ହୋଇଥିବା ପକ୍କା ଘର ସଂଖ୍ୟା କିମ୍ବା ଏକ ଅଥବା ଦୁଇ କୋଠାରୀ ବିଶିଷ୍ଟ କଚ୍ଚା ଘର ଲୋକଙ୍କ ପାଇଁ ନିର୍ମିତ ପକ୍କା ଘର ସଂଖ୍ୟା | ୨୦ | ୨ | ସଂପୃକ୍ତ ଅଧିକାରୀ / ଜିଲ୍ଲାପାଳ ଓ ସର୍ଭେ / ମାସିକ |
| | **ମୋଟ୍** | **୧୦୦%** | **୧୦%** | |

ଲେଖକ ନୀତି ଆୟୋଗର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ।

# ବଜେଟରେ ସ୍ୱାସ୍ଥ୍ୟସେବାକୁ ଅଗ୍ରାଧିକାର

● କେ. ଶ୍ରୀନାଥ ରେଡ୍ଡୀ

ଫୋକସ୍

ବିଗତ ଦଶକଗୁଡ଼ିକରେ ସ୍ୱାସ୍ଥ୍ୟସେବା କ୍ଷେତ୍ର ପାଇଁ ପ୍ରାକ୍ ବଜେଟ ଆଶା ଓ ବଜେଟ ପରବର୍ତ୍ତୀ ପ୍ରତିକ୍ରିୟା ସବୁ ଏକ ପ୍ରକାର ଭାଷାରେ ଗଣମାଧ୍ୟମ ରିପୋର୍ଟରେ ପ୍ରକାଶ ପାଉଥିଲା। ବଜେଟ ପୂର୍ବର ଆଶାରେ ରହୁଥିଲା ଏଥର ସ୍ୱାସ୍ଥ୍ୟସେବା କ୍ଷେତ୍ର ପାଇଁ ବଜେଟ ବ୍ୟୟ ବରାଦ ବଢ଼ିବ ଓ ନାନାଦି ବ୍ୟବସ୍ଥା ସରକାର କରିବେ; କିନ୍ତୁ ପରେ ପ୍ରତିକ୍ରିୟା ପ୍ରକାଶ ପାଉଥିଲା ସରକାର ଏହି ଗୁରୁତ୍ୱପୂର୍ଣ୍ଣ ସାମାଜିକ କ୍ଷେତ୍ର ପାଇଁ କିଛି କରିନାହାନ୍ତି ବା ଆବଶ୍ୟକ ଦୃଷ୍ଟି ଦେଇନାହାନ୍ତି। ତେବେ ଏଥର ଏକ ବଡ଼ ବ୍ୟତିକ୍ରମ ଘଟିଚି ଓ ସରକାର ୨୦୧୮-୧୯ ଆର୍ଥିକ ବର୍ଷର କେନ୍ଦ୍ରୀୟ ବଜେଟରେ ସ୍ୱାସ୍ଥ୍ୟସେବା କ୍ଷେତ୍ର ପାଇଁ ଉଲ୍ଲେଖନୀୟ ପଦକ୍ଷେପ ଗ୍ରହଣ କରି ଲୋକଙ୍କୁ ଖୁସୀ କରିଛନ୍ତି। ସେଥିରୁ ଗୋଟିଏ ଥିଲା ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ (ଏନ୍‌ଆର୍‌ଏଚ୍‌ଏମ୍) ଓ ଅନ୍ୟଟି ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନା (ଆର୍‌ଏସ୍‌ବିୱାଇ)। ତା' ନ ହେଲେ କେନ୍ଦ୍ରୀୟ ବଜେଟରେ ସ୍ୱାସ୍ଥ୍ୟସେବା କ୍ଷେତ୍ରଟି ସର୍ବଦା ପ୍ରାନ୍ତରେ ରହିଯାଉଥିଲା। ୨୦୧୮ ବଜେଟରେ କିନ୍ତୁ ସରକାର ଏହି କ୍ଷେତ୍ର ପାଇଁ ବିବିଧ ପଦକ୍ଷେପ ଗ୍ରହଣ କରି ବିପୁଳ ଅର୍ଥରାଶୀ ବ୍ୟୟବରାଦ କରି ଏକ ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କରିଛନ୍ତି। ଏବେ ଚର୍ଚ୍ଚା ହେଉଛି ସରକାରଙ୍କ ଏହି ଉଚ୍ଚାଭିଳାଷୀ ଯୋଜନାଦ୍ୱାରା ସ୍ୱାସ୍ଥ୍ୟସେବା କ୍ଷେତ୍ର ସତରେ କ'ଣ ଉପକୃତ ହେବ ଓ ଯଦି ହେବ ଏହାର ରୂପରେଖ କ'ଣ ହେବ।



ସରକାର ଏହି ଦୁଇ ଯୋଜନାକୁ ଏକୀକୃତ କରି 'ଆୟୁଷ୍ମାନ ଭାରତ' ନାମରେ କାର୍ଯ୍ୟକାରୀ କରିବାକୁ ପ୍ରୟାସ କରିଛନ୍ତି। ଯୋଜନା ଅନୁସାରେ ଦେଶରେ ଥିବା ପ୍ରାୟ ଦେଢ଼ଲକ୍ଷ ସ୍ୱାସ୍ଥ୍ୟ ଉପକେନ୍ଦ୍ର ଓ ସହାୟକ ଚିକିତ୍ସା ସେବା କେନ୍ଦ୍ରକୁ ପୂର୍ଣ୍ଣାଙ୍ଗ ପ୍ରାଥମିକ ସ୍ୱାସ୍ଥ୍ୟ ସେବା କେନ୍ଦ୍ରରେ ପରିଣତ କରାଯିବ। ଅନ୍ୟ ଯୋଜନାରେ ଜାତୀୟ ସ୍ୱାସ୍ଥ୍ୟ ସୁରକ୍ଷା କାର୍ଯ୍ୟକ୍ରମରେ ୧୦କୋଟି ଗରିବ, ବଞ୍ଚିତ ଏବଂ ଦୁର୍ବଳ ପରିବାରର ଲୋକଙ୍କୁ ବାର୍ଷିକ ପାଞ୍ଚ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସାବାବଦ ବୀମା ସୁବିଧା ଯୋଗାଇଦିଆଯିବ।

ଜାତୀୟ ଗ୍ରାମ୍ୟ ସ୍ୱାସ୍ଥ୍ୟ ମିଶନ (ଏନ୍‌ଆର୍‌ଏଚ୍‌ଏସ୍) ବ୍ୟବସ୍ଥା ଉପରେ ପୂର୍ଣ୍ଣାଙ୍ଗ ପ୍ରାଥମିକ ସ୍ୱାସ୍ଥ୍ୟସେବା ଆଧାରିତ ହେବ। ଏହାର ମୌଳିକ ଲକ୍ଷ୍ୟ ହେଲା ପ୍ରାଥମିକ ସ୍ୱାସ୍ଥ୍ୟ ସେବା ଯୋଗାଣ। ଏନ୍‌ଆର୍‌ଏଚ୍‌ଏମ୍‌ରେ ମା ଓ ଶିଶୁ ସ୍ୱାସ୍ଥ୍ୟ ଅଗ୍ରାଧିକାର ପାଇଥିଲା। ଜାତୀୟ ସ୍ୱାସ୍ଥ୍ୟ ନୀତି ୨୦୧୭ରେ ଜାତୀୟ ସ୍ୱାସ୍ଥ୍ୟ ମିଶନର ପରିକଳ୍ପନା କରାଯାଇ ଏହାକୁ ପୂର୍ଣ୍ଣାଙ୍ଗ ଓ ନିରନ୍ତର ପ୍ରାଥମିକ ସେବା ଯୋଗାଣର ବାହନ କରାଯାଇଛି। ଏହା ଫଳରେ ସ୍ୱାସ୍ଥ୍ୟ ସେବାର ଯେଉଁ କ୍ଷେତ୍ରଗୁଡ଼ିକୁ ଆବଶ୍ୟକ ଦୃଷ୍ଟି ଦିଆଯାଉ ନ ଥିଲା ସେଗୁଡ଼ିକ

ପ୍ରତି ଦୃଷ୍ଟି ଦିଆଯିବ। ଏହି କ୍ଷେତ୍ରଗୁଡ଼ିକ ହେଲା ଅଣ ସଂକ୍ରାମକ ବ୍ୟାଧି ଓ ମାନସିକ ବ୍ୟାଧି ଆଦି। ଅତଏବ ଜାତୀୟ ସ୍ୱାସ୍ଥ୍ୟ, ସଂକ୍ରାମକ ଓ ଅଣସଂକ୍ରାମକ ବ୍ୟାଧିର ମୁକାବିଲା, ଗୋଷ୍ଠୀ ସ୍ତରୀୟ ସ୍ୱାସ୍ଥ୍ୟ ସେବା ଆଦି କାର୍ଯ୍ୟର ପରିଚାଳନା, ତଦାରଖ ଓ ସମନ୍ୱୟ ଆଦି କରିବାକୁ ପଡ଼ିବ। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ରୋଗୀଙ୍କୁ ସେବା ଯତ୍ନ ଓ ରୋଗ ନିରାକରଣ ପ୍ରୟାସ ଏକ ନିରନ୍ତର ପ୍ରୟାସ ଲୋଡ଼େ। ଏଥିପାଇଁ ଏକ ଦକ୍ଷ ଓ ନିର୍ଭରଶୀଳ ବ୍ୟବସ୍ଥା ପ୍ରାଥମିକ ସେବାଯତ୍ନ ସ୍ତରରେ ରହିବା ଦରକାର। ଏହି ବ୍ୟବସ୍ଥା ମୌଳିକ, ମାଧ୍ୟମିକ ଓ ତୃତୀୟକ ଦାୟିତ୍ୱ ସୂଚାରୁରୂପେ ନିର୍ବାହ କରିପାରୁଥିବା ଉଚିତ। ଏବେ ଟିବି, ଏଡ୍ସ / ଏଚ୍‌ଆଇଭି, ରକ୍ତଚାପ, ଶିଶୁଙ୍କ ଜନ୍ମ ପରବର୍ତ୍ତୀ ଯତ୍ନ ଆଦି କ୍ଷେତ୍ରରେ ଦୀର୍ଘ ମିଆଦି ଚିକିତ୍ସା ସେବା ଯୋଗାଇଦେବାର ଆବଶ୍ୟକତା ଅନୁଭୂତ ହେଉଛି। ସେହିଭଳି ଅଣ ସଂକ୍ରମିତ ବ୍ୟାଧି ଓ ମସ୍ତିଷ୍କ ବିକୃତି ଆଦି ରୋଗର ଚିକିତ୍ସା ପାଇଁ ନିରନ୍ତର ଦୀର୍ଘକାଳୀନ ଚିକିତ୍ସା ସେବା ଜରୁରୀ ହୋଇଛି। ଏହାକୁ ପ୍ରାଥମିକ ସ୍ତରରେ ଚିହ୍ନଟ କରିବା ଏକାନ୍ତ ଅପରିହାର୍ଯ୍ୟ। ଏହାଛଡ଼ା ଗୋଷ୍ଠୀ ଓ ସଂପ୍ରଦାୟ ମଧ୍ୟରେ ସୁସ୍ଥସବଳ ରହିବା ପାଇଁ ସୁଷମ ଖାଦ୍ୟ ଗ୍ରହଣ ଏବଂ ନିୟମିତ ବ୍ୟାୟାମ ଆଦିର ବାର୍ତ୍ତା ପ୍ରଚାର କରି ସେମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ସଚେତନତାର ବାର୍ତ୍ତା ପ୍ରଚାର କରିବା ପ୍ରାଥମିକ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଆଉ ଏକ ବଡ଼ ଆବଶ୍ୟକତା। ଏହାଦ୍ୱାରା ଲୋକେ ନିଃରୋଗ ରହିପାରିବେ।

ସ୍ୱାସ୍ଥ୍ୟ ଉପକେନ୍ଦ୍ରଗୁଡ଼ିକୁ ସ୍ୱାସ୍ଥ୍ୟ ଓ ନିରାମୟ କେନ୍ଦ୍ରରେ ପରିଣତ କରିବା ପାଇଁ ଯେଉଁ ପ୍ରସ୍ତାବ ରହିଛି ତାହା ଦ୍ୱାରା ପୂର୍ଣ୍ଣାଙ୍ଗ ପ୍ରାଥମିକ ଚିକିତ୍ସା ଓ ଯତ୍ନ ନିରନ୍ତର ଯୋଗାଇ ଦେବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ଏହାଦ୍ୱାରା ଗ୍ରାମାଞ୍ଚଳରେ ମୌଳିକ ସ୍ୱାସ୍ଥ୍ୟସେବାକୁ ଲୋକଙ୍କ ନିକଟତର କରାଯାଇପାରିବ। ଆବଶ୍ୟକସ୍ଥଳେ ନିଜ ଘର ପାଖରେ ସେମାନେ ସ୍ୱାସ୍ଥ୍ୟ ସେବା ପାଇବେ। ସୁବିଧାଭିତ୍ତିକ ସେବା ଓ ଯତ୍ନ ସହିତ ଲୋକେ ସ୍ୱାସ୍ଥ୍ୟ ସଚେତନ ହେବେ ଓ ରୋଗକୁ ଦୂରେଇ ରଖିପାରିବେ। ଏଥିରେ ନର୍ସ ଓ ଅଣଚିକିତ୍ସକ ମାଗଣାରେ ଲୋକଙ୍କୁ ପରୀକ୍ଷା ନିରୀକ୍ଷା କରି ଆବଶ୍ୟକ ଔଷଧପତ୍ର ଯୋଗାଇଦେବେ। ଏହି ସେବା ପ୍ରଦାନକାରୀ ୟୁନିଟରେ ବିଭିନ୍ନ ରୋଗର ଚିକିତ୍ସା ବିଷୟକ ତାଲିକା ରହିବ। ନୂଆ ଜ୍ଞାନକୌଶଳର ଉପଯୋଗ କରାଯାଇ ଚିକିତ୍ସାକେନ୍ଦ୍ର କର୍ତ୍ତୃପକ୍ଷ ନାନା ପ୍ରକାର ସ୍ୱାସ୍ଥ୍ୟ ସୂଚକର ବାସ୍ତବ ତଥ୍ୟାବଳୀ ସଂଗ୍ରହ କରିପାରିବେ। ଏହି କେନ୍ଦ୍ରରେ ଆବଶ୍ୟକସ୍ଥଳେ ଟେଲିମେଡିସିନ୍ ବ୍ୟବସ୍ଥାର ଉପଯୋଗ କରାଯିବ ଏବଂ ମୋବାଇଲ ଫୋନ୍ ଜ୍ଞାନକୌଶଳର ଉପଯୋଗ କରି ଲୋକଙ୍କୁ ଆବଶ୍ୟକ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଇପାରିବ। ଦୂରରେ ରହି ମଧ୍ୟ ଡାକ୍ତର ରୋଗୀଙ୍କୁ ଆବଶ୍ୟକ ପରାମର୍ଶ ଓ ଚିକିତ୍ସା ଦେଇପାରିବେ।

ସ୍ୱାସ୍ଥ୍ୟ ଓ ନିରାମୟ କେନ୍ଦ୍ରଗୁଡ଼ିକୁ ସକ୍ରିୟ କରି ଏହାକୁ ଜନସେବାରେ ଲଗାଇବା ଏକ ଭଲ କଥା ହୋଇଥିବାବେଳେ ପ୍ରାଥମିକ ସ୍ୱାସ୍ଥ୍ୟସେବା ଯେପରି ପ୍ରାଥମିକ ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକରେ ଠିକଣାଭାବେ ପହଞ୍ଚେ ସେଥିପ୍ରତି ଦୃଷ୍ଟି ଦେବାକୁ ପଡ଼ିବ। ଏଥିପାଇଁ କେନ୍ଦ୍ରୀୟ ବଜେଟରେ ଜାତୀୟ ସ୍ୱାସ୍ଥ୍ୟ ମିଶନର ବ୍ୟୟ ବରାଦରେ ସେଭଳି

ବିଗତ ଦଶକଗୁଡ଼ିକରେ ସ୍ୱାସ୍ଥ୍ୟସେବା କ୍ଷେତ୍ର ପାଇଁ ପ୍ରାକ୍ ବଜେଟ ଆଶା ଓ ବଜେଟ ପରବର୍ତ୍ତୀ ପ୍ରତିକ୍ରିୟା ସବୁ ଏକ ପ୍ରକାର ଭାଷାରେ ଗଣମାଧ୍ୟମ ରିପୋର୍ଟରେ ପ୍ରକାଶ ପାଉଥିଲା। ବଜେଟ ପୂର୍ବର ଆଶାରେ ରହୁଥିଲା ଏଥର ସ୍ୱାସ୍ଥ୍ୟସେବା କ୍ଷେତ୍ର ପାଇଁ ବଜେଟ ବ୍ୟୟ ବରାଦ ବଢ଼ିବ ଓ ନାନାଦି ବ୍ୟବସ୍ଥା ସରକାର କରିବେ; କିନ୍ତୁ ପରେ ପ୍ରତିକ୍ରିୟା ପ୍ରକାଶ ପାଉଥିଲା ସରକାର ଏହି ଗୁରୁତ୍ୱପୂର୍ଣ୍ଣ ସାମାଜିକ କ୍ଷେତ୍ର ପାଇଁ କିଛି କରିନାହାନ୍ତି ବା ଆବଶ୍ୟକ ଦୃଷ୍ଟି ଦେଇନାହାନ୍ତି। ତେବେ ଏଥର ଏକ ବଡ଼ ବ୍ୟତିକ୍ରମ ଘଟିଚି ଓ ସରକାର ୨୦୧୮-୧୯ ଆର୍ଥିକ ବର୍ଷର କେନ୍ଦ୍ରୀୟ ବଜେଟରେ ସ୍ୱାସ୍ଥ୍ୟସେବା କ୍ଷେତ୍ର ପାଇଁ ଉଲ୍ଲେଖନୀୟ ପଦକ୍ଷେପ ଗ୍ରହଣ କରି ଲୋକଙ୍କୁ ଖୁସୀ କରିଛନ୍ତି। ସେଥିରୁ ଗୋଟିଏ ଥିଲା ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ (ଏନ୍‌ଆର୍‌ଏଚ୍‌ଏମ୍) ଓ ଅନ୍ୟଟି ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନା (ଆର୍‌ଏସ୍‌ବିୱାଇ)। ତା' ନ ହେଲେ କେନ୍ଦ୍ରୀୟ ବଜେଟରେ ସ୍ୱାସ୍ଥ୍ୟସେବା କ୍ଷେତ୍ରଟି ସର୍ବଦା ପ୍ରାନ୍ତରେ ରହିଯାଉଥିଲା। ୨୦୧୮ ବଜେଟରେ କିନ୍ତୁ ସରକାର ଏହି କ୍ଷେତ୍ର ପାଇଁ ବିବିଧ ପଦକ୍ଷେପ ଗ୍ରହଣ କରି ବିପୁଳ ଅର୍ଥରାଶୀ ବ୍ୟୟବରାଦ କରି ଏକ ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କରିଛନ୍ତି।



ଅଙ୍ଗୀକାର ପ୍ରକାଶ ପାଇନାହିଁ। ଏବାବଦ ବ୍ୟୟ ବରାଦ ପୂର୍ବ ବର୍ଷଠାରୁ ୨.୧ ଶତାଂଶ କମ୍ କରାଯାଇଛି। ଆହୁରି ନୈରାଶ୍ୟଜନକ ହେଲା ଜାତୀୟ ସ୍ୱାସ୍ଥ୍ୟ ମିଶନରେ ପୂର୍ବରୁ ଥିବା ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନର ବିଷୟବସ୍ତୁ ସବୁକୁ ବଜେଟରେ ବସ୍ତୁତଃ ଉପେକ୍ଷା କରାଯାଇଛି। ଉଭୟ ନକ୍ସାଙ୍କନ (ଡିଜାଇନ) ଓ ସେବା ପ୍ରଦାନ କ୍ଷେତ୍ରରେ ସହରାଞ୍ଚଳ ପ୍ରାଥମିକ ସେବା ବ୍ୟବସ୍ଥା ଅବହେଳିତ। ଗ୍ରାମାଞ୍ଚଳରୁ ସହରକୁ ନିୟମିତ ଭାବେ ଲୋକଙ୍କ ପଳାୟନ ଦୃଷ୍ଟିରୁ ନୂଆ ନୂଆ ବସ୍ତି ଗଢ଼ିଉଠୁଛି ଓ ଲୋକେ ଅସ୍ୱାସ୍ଥ୍ୟକର ପରିବେଶରେ ରହିବାକୁ ବାଧ୍ୟ ହେଉଛନ୍ତି। ଏଥିସହିତ ଏସବୁ ବସ୍ତିରେ ସ୍ୱଳ୍ପ ରୋଜଗାରିଆ ଲୋକଙ୍କ ସମାଗମ ବେଶୀ ହେଉଛି। ସେମାନଙ୍କୁ ପ୍ରାଥମିକ ସ୍ୱାସ୍ଥ୍ୟ ସେବା ଯୋଗାଣର ଆବଶ୍ୟକତା ଅଧିକ ଥିବାବେଳେ ବଜେଟରେ ସେମାନଙ୍କୁ ଉପେକ୍ଷା କରିବା ଠିକ୍ ହୋଇନାହିଁ। ସହରାଞ୍ଚଳ ଲୋକଙ୍କ ପାଇଁ ସ୍ୱାସ୍ଥ୍ୟ ଓ ନିରାମୟ କେନ୍ଦ୍ରର ମଧ୍ୟ ଆବଶ୍ୟକତା ରହିଛି।

ସ୍ୱାସ୍ଥ୍ୟ ଓ ନିରାମୟ କେନ୍ଦ୍ର ଗଠନରେ ପ୍ରଥମ ସମସ୍ୟା ହେଉଛି ଯୋଗ୍ୟ ମାନବସମ୍ବଳର ଅଭାବ। ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତରଙ୍କ ଅଭାବ ରହିଥିବାବେଳେ ସ୍ୱାସ୍ଥ୍ୟ ଓ ନିରାମୟ କେନ୍ଦ୍ର ସମୂହର ଅଣ ଚିକିତ୍ସକ ସ୍ୱାସ୍ଥ୍ୟସେବା ଯୋଗାଣକାରୀ ରହିବେ। ଏହି ଦୁଇ କ୍ଷେତ୍ରର ମଧ୍ୟବର୍ତ୍ତୀ ସ୍ତରରେ ତାଲିମପ୍ରାପ୍ତ ନର୍ସ ଓ ଗୋଷ୍ଠୀ ସ୍ୱାସ୍ଥ୍ୟ ସହାୟକଙ୍କୁ ମୁତୟନ କରିବାର ଆବଶ୍ୟକତା ରହିଛି। ସେମାନେ ସେ କ୍ଷେତ୍ରର ସ୍ୱାସ୍ଥ୍ୟସେବା ଆବଶ୍ୟକତା ପୂରଣ କରିପାରିବେ। ଆୟୁଷ ଡାକ୍ତରମାନଙ୍କୁ ଏଲୋପାଥିକ ତାଲିମ ଦେଇ ନିଯୁକ୍ତି କରିବାର ଯେଉଁ ବିଚାର ରହିଛି ତାହା ବିବାଦୀୟ ମନେହୁଏ। ଆୟୁଷ ଚିକିତ୍ସକମାନଙ୍କୁ ସ୍ୱାସ୍ଥ୍ୟ ଓ ନିରାମୟ କେନ୍ଦ୍ରରେ ନିଯୁକ୍ତି ଦେଲେ ଭଲ ହୁଅନ୍ତା। ସେମାନେ ପାରମ୍ପରିକ ଚିକିତ୍ସା ଯୋଗାଇବା ସହ ଲୋକଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ସଚେତନା ସୃଷ୍ଟି କରିପାରିବେ। ଅତିରିକ୍ତ ନର୍ସ ଓ ଧାଈଙ୍କ ବ୍ୟତୀତ ଏ କ୍ଷେତ୍ରରେ ବହୁମୁଖୀ ପୁରୁଷ ସ୍ୱାସ୍ଥ୍ୟକର୍ମୀଙ୍କୁ ନିଯୁକ୍ତି ଦେବା ମଧ୍ୟ ଅଧିକ ଯୁକ୍ତିଯୁକ୍ତ ମନେହୁଏ। ଜଣେ ଲାବରେଟରୀ ଟେକ୍‌ନିସିଆନ୍ ତଥା ଔଷଧ ବଣ୍ଟନକାରୀଙ୍କ ନିଯୁକ୍ତି ମଧ୍ୟ ଲୋଡ଼ା। ସ୍ୱାସ୍ଥ୍ୟ ଓ ନିରାମୟ କେନ୍ଦ୍ର ପାଇଁ ଉପଯୁକ୍ତ ଲୋକଶକ୍ତି ଯୋଗାଡ଼ କରିବା ଛୋଟିଆ କାମ ନୁହେଁ। ତେବେ ଏହାଦ୍ୱାରା ଅନେକ ଯୁବକଯୁବତୀ ନିଯୁକ୍ତିର ସୁଯୋଗ ପାଇପାରନ୍ତେ। ଏହା ହେଲେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଆବଶ୍ୟକ ପଡୁଥିବା ଲୋକଶକ୍ତି ପୂରଣ ହୋଇପାରନ୍ତା।

ଜାତୀୟ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନାରେ ଗରିବ, ବଞ୍ଚିତ, ଉପେକ୍ଷିତ ବର୍ଗର ୧୦କୋଟି ପରିବାରକୁ ବାର୍ଷିକ ପାଞ୍ଚ ଲକ୍ଷ ଟଙ୍କା ଲେଖାଏଁ ବୀମା ସୁବିଧା ଯୋଗାଇ ଦିଆଯିବ। ଏହା ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା



ଜିଲ୍ଲା ହସ୍ପିଟାଲଗୁଡ଼ିକୁ ସମୃଦ୍ଧ କରିବା ପାଇଁ ଅଧିକ ଡାକ୍ତର ଓ ବିଶେଷଜ୍ଞ ସୃଷ୍ଟି କରିବାର ଆବଶ୍ୟକତା ରହିଛି। ସରକାର ମଧ୍ୟ ଏହା ଭଲ ଭାବେ ବୁଝିଛନ୍ତି। ସେଥିପାଇଁ ଏଥର ବଜେଟରେ ଦେଶରେ ୨୪ଟି ନୂଆ ମେଡିକାଲ କଲେଜ ଖୋଲାଯିବ। ଏସବୁ ଜିଲ୍ଲାସ୍ତରୀୟ ମେଡିକାଲ (ହସ୍ପିଟାଲ) ସହ ସଂଯୁକ୍ତ ହେବ। ଆହୁରି ମଧ୍ୟ ପ୍ରତି ତିନିଟି ଲୋକସଭା ନିର୍ବାଚନ ମଣ୍ଡଳୀ ପାଇଁ ଗୋଟିଏ ନୂଆ ମେଡିକାଲ କଲେଜ ପ୍ରତିଷ୍ଠା କରିବାର ପରିକଳ୍ପନା କରାଯାଇଛି। ଏଥିପାଇଁ ଅଧିକ ଅର୍ଥର ଆବଶ୍ୟକତା ରହିଛି। ଘରୋଇ କ୍ଷେତ୍ରରେ ମେଡିକାଲ କଲେଜ ପ୍ରତିଷ୍ଠା ଦେଶର ଅଳ୍ପ କେତେକ ରାଜ୍ୟରେ ସୀମିତ। ତେଣୁ ସମଗ୍ର ଦେଶରେ ଅଧିକରୁ ଅଧିକ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ସରକାର ଉଦ୍ୟମ କରୁଛନ୍ତି। ଏସବୁ ସତ୍ତ୍ୱେ ଏଥରର ସ୍ୱାସ୍ଥ୍ୟ ବଜେଟରେ ପୂର୍ବ ବର୍ଷ ଅପେକ୍ଷା ମାତ୍ର ୨.୮ ଶତାଂଶ ଅଧିକ ବ୍ୟୟ ବରାଦ କରାଯାଇଛି। ଅପରପକ୍ଷରେ ନୂଆ ମେଡିକାଲ କଲେଜ ପ୍ରତିଷ୍ଠା ବାବଦ ବ୍ୟୟବରାଦ ପୂର୍ବାପେକ୍ଷା ୧୨.୫ ଭାଗ କମିଛି। ପ୍ରତିବର୍ଷ ସ୍ୱାସ୍ଥ୍ୟ ସେବା କ୍ଷେତ୍ର ଓ ନୂଆ ମେଡିକାଲ କଲେଜ ପାଇଁ ଅଧିକରୁ ଅଧିକ ଅର୍ଥ ବରାଦ ନ'ହେଲେ ଜାତୀୟ ସ୍ୱାସ୍ଥ୍ୟ ବୀମା ଯୋଜନାର ଲକ୍ଷ୍ୟ ସାଧିତ ହେବା ସମ୍ଭବ ହେବନାହିଁ।

ଯୋଜନା ମାଧ୍ୟମରେ କାର୍ଯ୍ୟକାରୀ ହେବ। ଏହା ଫଳରେ ବ୍ୟୟବହୁଳ ଓ ଜଟିଳ ବ୍ୟାଧିର ଚିକିତ୍ସା ପାଇଁ ବିନା ଖର୍ଚ୍ଚରେ ଏସବୁ ଗରିବ ପରିବାରର ଲୋକ ଉନ୍ନତ ଚିକିତ୍ସାଳୟରେ ଚିକିତ୍ସା ସୁବିଧା ପାଇବେ। ତେବେ ଏହି ବର୍ଗର ଯେଉଁମାନେ ହସ୍ପିଟାଲରେ ଭର୍ତ୍ତି ନ'ହୋଇ ବାହାର ରୋଗୀ (ଆଉଟ ପେସେଣ୍ଟ) ଭାବେ ଚିକିତ୍ସା କରାଇବେ ସେମାନଙ୍କ ଅର୍ଥ ଭରଣା କରିବାର ବ୍ୟବସ୍ଥା ନାହିଁ। ସେମାନଙ୍କ ପାଇଁ ମଧ୍ୟ ସୁବିଧା ଯୋଗାଇଦିଆଯିବା ଆବଶ୍ୟକ। ମାଧ୍ୟମିକ ଓ ତୃତୀୟକ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ମଧ୍ୟ ଗରିବ ଲୋକଙ୍କୁ ବୀମା ସୁବିଧା ଯୋଗାଇଦେବାର ଆବଶ୍ୟକତା ରହିଛି। ଏକ ସଫଳ ପ୍ରାଥମିକ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥାର ଅଭାବରେ ଜାତୀୟ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନାର ଅନିୟନ୍ତ୍ରିତ ଚାହିଦା ନିଶ୍ଚିତ ଭାବେ ସ୍ୱାସ୍ଥ୍ୟ ବଜେଟର ଏକ ଅପଚୟମୁଖୀ ଦିଗ। ଏହାଦ୍ୱାରା ପ୍ରାଥମିକ ଚିକିତ୍ସା ସେବା ଓ ସରକାରୀ ହସ୍ପିଟାଲକୁ ସଶକ୍ତ କରିବା ପ୍ରୟାସରେ ଅର୍ଥାଭାବ ପରିସ୍ଥିତି ସୃଷ୍ଟି ହେବ।

ଏଥର ଏହି ଯୋଜନା ପାଇଁ ମାତ୍ର ୨୦୦୦କୋଟି ଟଙ୍କାର ବ୍ୟୟ ବରାଦ ହୋଇଛି ଏବଂ ଏହି ଯୋଜନା ୨୦୧୮ ଅକ୍ଟୋବରରୁ କାର୍ଯ୍ୟକାରୀ ହେବ। ତେବେ ଜାତୀୟ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନାର ପୂର୍ଣ୍ଣାଙ୍ଗ କାର୍ଯ୍ୟକାରିତା ପାଇଁ ୧୦ ରୁ ୧୨ ହଜାର କୋଟି ଟଙ୍କାର ଆବଶ୍ୟକତା ପଡ଼ିବ। ଏହି ଯୋଜନାରେ ରାଜ୍ୟ ସରକାର ଆବଶ୍ୟକ ପାଣ୍ଠିର ୪୦ଶତାଂଶ ଯୋଗାଇଦେବେ ଏବଂ ୬୦ଶତାଂଶ କେନ୍ଦ୍ର ସରକାର ଦେବାର ବ୍ୟବସ୍ଥା କରାଯାଇଛି। ଏହାସହିତ ରାଜ୍ୟସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନା ଜାତୀୟ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନାରେ ମିଶିଯିବ। ଏହା ଫଳରେ ପାଣ୍ଠି ସଂଗ୍ରହର ପରିସର ବଢ଼ିବା ସହିତ ଯୋଜାନରେ ଅଧିକରୁ ଅଧିକ ଲୋକେ ସାମିଲ ହେବେ। ଗୋଟିଏ ରାଜ୍ୟରୁ ଅନ୍ୟ ରାଜ୍ୟକୁ କାମ ଉଦ୍ଦେଶ୍ୟରେ ଯାଉଥିବା ଲୋକ ମଧ୍ୟ ଏହି ଯୋଜନାର ଲାଭ ପାଇପାରିବେ। ତେବେ ଏଥିପାଇଁ ଦେଶର ସବୁ ରାଜନୈତିକଦଳ ମଧ୍ୟରେ ମତୈକ୍ୟ ପ୍ରକାଶ ପାଇବା ଉଚିତ।

ଜାତୀୟ ସ୍ୱାସ୍ଥ୍ୟ ସୁରକ୍ଷା ନୀତିରେ କୌଶଳାତ୍ମକ ସେବା କ୍ରୟକୁ ଅଗ୍ରାଧିକାର ପ୍ରଦାନ କରାଯାଇଛି। ଏହାର ଅର୍ଥ ହେଲା ସରକାର ବୁଝିବିଚାରି ତାଲିକାଭୁକ୍ତ ସରକାରୀ ଓ ଘରୋଇ ହସ୍ପିଟାଲଗୁଡ଼ିକରୁ ମନୋନୀତ ବର୍ଗର ରୋଗୀଙ୍କ ପାଇଁ ସ୍ୱାସ୍ଥ୍ୟସେବା କିଣିବେ। କେଉଁ ରୋଗ ପାଇଁ କେଉଁଠି ଉତ୍ତମ ଚିକିତ୍ସା ବ୍ୟବସ୍ଥା ଅଛି ଓ ରୋଗ ଚିହ୍ନଟ ପାଇଁ ବିଶ୍ୱସନୀୟ ନିଦାନ ବ୍ୟବସ୍ଥା କେଉଁ ହସ୍ପିଟାଲରେ ଭଲ ତାହା ତାଲିକାଭୁକ୍ତ ହସ୍ପିଟାଲରୁ ବାଛି ସରକାର ସେଠାକୁ ରୋଗୀଙ୍କୁ ଚିକିତ୍ସା ପାଇଁ ପଠାଇବେ। ତେବେ ଏହି ମନୋନୟନବେଳେ ଚିକିତ୍ସା ଓ ନିଦାନର ମାନ, ହସ୍ପିଟାଲର ସୁବିଧାସୁଯୋଗ, ରୋଗୀ ସେବାର ମାନ, ଚିକିତ୍ସା ଖର୍ଚ୍ଚ ଏବଂ ଅନ୍ୟାନ୍ୟ ସୁବିଧାସୁଯୋଗ ଆଦିକୁ ଯତ୍ନର ସହ ପରୀକ୍ଷା ନରୀକ୍ଷା କରି ଦେଖିବାକୁ ପଡ଼ିବ। ଏଥିରେ ରୋଗୀଙ୍କୁ ଠକେଇ, ଦୁର୍ନୀତି ଓ ତଞ୍ଚକତା ଯେପରି ନ'ହୁଏ ସେ ବ୍ୟବସ୍ଥାକୁ ମଧ୍ୟ ନିଶ୍ଚିତ କରିବାକୁ ହେବ। ରୋଗୀ ଠକାମୀରେ ପଡ଼ିଲେ ତାହାର ନିରାକରଣ ଓ ଦୋଷୀ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ନିୟାମକ ବ୍ୟବସ୍ଥା ମଧ୍ୟ ତିଆରି କରିବାକୁ ପଡ଼ିବ। ଯେଉଁମାନେ ଏହି ଯୋଜନାର ହିତାଧିକାରୀ ସେମାନେ ବୀମାଭୁକ୍ତ ହେବା ଦୃଷ୍ଟିରୁ ସେମାନଙ୍କୁ ସ୍ୱାସ୍ଥ୍ୟ ବୀମା ସଂକ୍ରାନ୍ତରେ ସଚେତନ କରାଇବାକୁ ହେବ। ଏସବୁ ସତର୍କତା ବ୍ୟବସ୍ଥା ନ'ରହିଲେ ହସ୍ପିଟାଲରେ ରୋଗୀଙ୍କର ଅନାବଶ୍ୟକ ପରୀକ୍ଷା ନିରୀକ୍ଷା ଓ ଚିକିତ୍ସା କରି କର୍ତ୍ତୃପକ୍ଷ ବୀମା ଅର୍ଥ ହଡ଼ପ୍ କରିନେବାର ଆଶଙ୍କା ରହିଛି। ଜାତୀୟ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନାର ପ୍ରଶାସନିକ ବ୍ୟବସ୍ଥା ଏକ ଟ୍ରଷ୍ଟର ବା ବୀମା କମ୍ପାନୀ ଉପରେ ନ୍ୟସ୍ତ ହେବ। ଅନ୍ତବର୍ତ୍ତୀ ପକ୍ଷ ବାଛିବା ଦାୟିତ୍ୱ ରାଜ୍ୟ ସରକାରଙ୍କ ଉପରେ ନ୍ୟସ୍ତ କରାଯିବ। ସରକାରଙ୍କ ଦ୍ୱାରା ଗଠିତ ଏହି ଟ୍ରଷ୍ଟର ଦାୟିତ୍ୱ ଅଧିକ ଏବଂ ଆର୍ଥିକ ବୋଝ ଅତ୍ୟନ୍ତ କମ୍। କେଉଁ ହସ୍ପିଟାଲରୁ ସେବା କ୍ରୟ ହେବ (ହସ୍ପିଟାଲ ବାଛିବା କାମ) ଏବଂ ରୋଗୀଙ୍କ ବୀମା ବାବଦ ଅର୍ଥ ସେ ହସ୍ପିଟାଲକୁ କେତେ ପ୍ରଦାନ କରାଯିବ ତାହା ଏକ ବୀମା କମ୍ପାନୀ ଉପରେ ନ୍ୟସ୍ତ ହେବ। ସ୍ୱାସ୍ଥ୍ୟ ସେବାରେ ଅଭିଜ୍ଞତା ଥିବା ବୀମା କମ୍ପାନୀଙ୍କୁ ଏ କ୍ଷେତ୍ରରେ ଅଗ୍ରାଧିକାର ପ୍ରଦାନ କରାଯିବ। ସବୁ ବୀମାଧାରୀଙ୍କର ବ୍ୟାଧି ଏବଂ ଚିକିତ୍ସା ଜନିତ ଖର୍ଚ୍ଚ ସମାନ ନୁହେଁ। ତେଣୁ ବୀମା

ଅର୍ଥ ପ୍ରଦାନ ସମୟରେ ବୀମାଧାରୀ ରୋଗୀଙ୍କ ବାବଦ ଦେୟ ରିସ୍କ ପୁଲିଂ ଭିତ୍ତିରେ ହସ୍‌ପିଟାଲକୁ ଦିଆଯାଇପାରେ। ରିସ୍କ ପୁଲିଂ ବ୍ୟବସ୍ଥାରେ ବୀମାଧାରୀ ଓ ରୋଗୀଙ୍କ ମଧ୍ୟରେ ଖର୍ଚ୍ଚ ଆବଶ୍ୟକସ୍ଥଳେ ବଣ୍ଟନ କରାଯାଇପାରେ। ଏହି ଯୋଜନା କେବଳ ଗରିବ, ବଞ୍ଚିତ ଓ ଅନଗ୍ରସର ବର୍ଗଙ୍କ ପାଇଁ ଉଦ୍ଦିଷ୍ଟ ହୋଇଥିଲେ ହେଁ ଅନ୍ୟ ବର୍ଗର ଲୋକେ ସ୍ୱାସ୍ଥ୍ୟ ବୀମା ଯୋଜନାର ପ୍ରିମିୟମ ପ୍ରଦାନ କରି ଏହାର ଲାଭ ଉଠାଇପାରିବେ।

ଜିଲ୍ଲା ହସ୍‌ପିଟାଲଗୁଡ଼ିକୁ ସମୃଦ୍ଧ କରିବା ପାଇଁ ଅଧିକ ଡାକ୍ତର ଓ ବିଶେଷଜ୍ଞ ସୃଷ୍ଟି କରିବାର ଆବଶ୍ୟକତା ରହିଛି। ସରକାର ମଧ୍ୟ ଏହା ଭଲ ଭାବେ ବୁଝିଛନ୍ତି। ସେଥିପାଇଁ ଏଥର ବଜେଟରେ ଦେଶରେ ୨୪ଟି ନୂଆ ମେଡିକାଲ କଲେଜ ଖୋଲାଯିବ। ଏସବୁ ଜିଲ୍ଲାସ୍ତରୀୟ ମେଡିକାଲ (ହସ୍‌ପିଟାଲ) ସହ ସଂଯୁକ୍ତ ହେବ। ଆହୁରି ମଧ୍ୟ ପ୍ରତି ତିନିଟି ଲୋକସଭା ନିର୍ବାଚନ ମଣ୍ଡଳୀ ପାଇଁ ଗୋଟିଏ ନୂଆ ମେଡିକାଲ କଲେଜ ପ୍ରତିଷ୍ଠା କରିବାର ପରିକଳ୍ପନା କରାଯାଇଛି। ଏଥିପାଇଁ ଅଧିକ ଅର୍ଥର ଆବଶ୍ୟକତା ରହିଛି। ଘରୋଇ କ୍ଷେତ୍ରରେ ମେଡିକାଲ କଲେଜ ପ୍ରତିଷ୍ଠା ଦେଶର ଅଳ୍ପ କେତେକ ରାଜ୍ୟରେ ସୀମିତ। ତେଣୁ ସମଗ୍ର ଦେଶରେ ଅଧିକରୁ ଅଧିକ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ସରକାର ଉଦ୍ୟମ କରୁଛନ୍ତି। ଏସବୁ ସତ୍ତ୍ୱେ ଏଥରର ସ୍ୱାସ୍ଥ୍ୟ ବଜେଟରେ ପୂର୍ବ ବର୍ଷ ଅପେକ୍ଷା ମାତ୍ର ୨.୮ ଶତାଂଶ ଅଧିକ ବ୍ୟୟ ବରାଦ କରାଯାଇଛି। ଅପରପକ୍ଷରେ ନୂଆ ମେଡିକାଲ କଲେଜ ପ୍ରତିଷ୍ଠା ବାବଦ ବ୍ୟୟବରାଦ ପୂର୍ବାପେକ୍ଷା ୧୨.୫ ଭାଗ କମିଛି। ପ୍ରତିବର୍ଷ ସ୍ୱାସ୍ଥ୍ୟ ସେବା କ୍ଷେତ୍ର ଓ ନୂଆ ମେଡିକାଲ କଲେଜ ପାଇଁ ଅଧିକରୁ ଅଧିକ ଅର୍ଥ ବରାଦ ନ'ହେଲେ ଜାତୀୟ ସ୍ୱାସ୍ଥ୍ୟ ବୀମା ଯୋଜନାର ଲକ୍ଷ୍ୟ ସାଧିତ ହେବା ସମ୍ଭବ ହେବନାହିଁ। ସୂଚନାଯୋଗ୍ୟ ଯେ ୨୦୨୫ ସୁଦ୍ଧା ସରକାର ସ୍ୱାସ୍ଥ୍ୟକ୍ଷେତ୍ର ପାଇଁ ବଜେଟରେ ଜିଡିପିର ୨.୫ ଶତାଂଶ ଅର୍ଥ ଖର୍ଚ୍ଚ କରିବାକୁ ଲକ୍ଷ୍ୟ ରଖିଛନ୍ତି; କିନ୍ତୁ ବ୍ୟୟ ବରାଦ ସେହି ହାରରେ ବଢୁନାହିଁ।


ବଜେଟରେ ସ୍ୱାସ୍ଥ୍ୟ ବିଷୟକ କିଛି ସାମାଜିକ ଓ ପରିବେଶଗତ ପ୍ରସଙ୍ଗ ପ୍ରତି ଧ୍ୟାନ ଦିଆଯାଇଛି। ଯକ୍ଷ୍ମା ଆକ୍ରାନ୍ତଙ୍କ ସହାୟତା ଓ ସେମାନଙ୍କ ପୁଷ୍ଟି ସାଧନ ପାଇଁ ୬୦୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ପ୍ରତ୍ୟେକ ଟିବି ଆକ୍ରାନ୍ତ ଏଣିକି ମାସିକ ଭତ୍ତା ବାବଦରେ ୫୦୦ ଟଙ୍କା ପାଇବେ। ଏହା ଫଳରେ ସେମାନେ ବିଶେଷ ଉପକୃତ ହେବେ। ସ୍ୱଚ୍ଛଭାରତ ଅଭିଯାନରେ ଅଧିକ ଶୌଚାଳୟ ନିର୍ମାଣ ପାଇଁ ଅର୍ଥ ବରାଦ କରାଯାଇଛି। ଏହାର ଲକ୍ଷ୍ୟ ହେଲା ଖୋଲାରେ ମଳତ୍ୟାଗ ଜନିତ ସମସ୍ୟାର ଦୂରୀକରଣ କରି ସ୍ୱାସ୍ଥ୍ୟଗତ ସମସ୍ୟାର ମୁକାବିଲା କରିବା। ବାୟୁ ପ୍ରଦୂଷଣ ଏବେ ଦ୍ୱିତୀୟ ସର୍ବାଧିକ ରୋଗ ସୃଷ୍ଟିକାରୀ ମାଧ୍ୟମ ପାଲଟିଛି। ବାହ୍ୟ ଓ ଆଭ୍ୟନ୍ତରୀଣ ବାୟୁ ପ୍ରଦୂଷଣ ଯୋଗୁଁ ନାନାଦି ବ୍ୟାଧି ବ୍ୟାପୁଛି। ଦିଲ୍ଲୀର ଆଖପାଖ ରାଜ୍ୟରେ ଚାଷୀମାନେ ବହୁ ସଂଖ୍ୟାରେ ନଡ଼ା ଓ ଫସଲ ଅବଶେଷ ଜମିରେ ପୋଡୁଥିବାରୁ ବାୟୁ ପ୍ରଦୂଷଣ ଭୟଙ୍କର ରୂପ ନେଉଛି। ତାହାର ନିରାକରଣ ପାଇଁ ସେସବୁର ଅଣଦହନ ପରିଚାଳନା ନିମନ୍ତେ ଚାଷୀଙ୍କୁ ଆର୍ଥିକ ସହାୟତା ଯୋଗାଇଦିଆଯିବ। ଏସବୁକୁ ନ'ପୋଡ଼ି ଅନ୍ୟ ଉପାୟରେ ନଷ୍ଟ କରାଯିବ ଯେପରି ପରିବେଶ ପ୍ରଦୂଷଣ ହେବନାହିଁ। ରୋଷେଇ ଘରର ଧୂଆଁ ଆଭ୍ୟନ୍ତରୀଣ ବାୟୁ ପ୍ରଦୂଷଣର ଏକ ମୁଖ୍ୟ ଉତ୍ସ। ଏହାଫଳରେ ଗରିବ ମହିଳା ଏବଂ ସେମାନଙ୍କ ପିଲାମାନେ ବେଶୀ ପ୍ରଭାବିତ ହୋଇଥାନ୍ତି। ସେମାନଙ୍କୁ ଏଥିରୁ ରକ୍ଷା କରିବା ପାଇଁ ସରକାର ଉଜ୍ଜ୍ୱଳା ଯୋଜନା ଆରମ୍ଭ କରିଛନ୍ତି ଏବଂ ଏଲପିଜି ଭଳି ସ୍ୱଚ୍ଛ ଇନ୍ଧନ ଯୋଗାଇଦିଆଯାଉଛି। ଉଜ୍ଜ୍ୱଳା ଯୋଜନାର ପରିସରକୁ ସରକାର ଏଥର ବଜେଟରେ ଆହୁରି ବଢ଼ାଇଦେଇଛନ୍ତି। ଏହା ଏକ ଭଲ ଉଦ୍ୟମ।

୨୦୧୮ କେନ୍ଦ୍ରୀୟ ବଜେଟରେ ଏଥର ସ୍ୱାସ୍ଥ୍ୟସେବା କ୍ଷେତ୍ର ଯେଉଁ ଅଗ୍ରାଧିକାର ପାଇଛି ତାହା ସାଧାରଣରେ ଆଲୋଚନାର ବିଷୟ ହୋଇଛି। ଏଥିରେ ଯେଉଁସବୁ ପ୍ରସ୍ତାବନା ରହିଛି ସେଥିପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ନିୟମିତ ଭିତ୍ତିରେ ଅର୍ଥ ଯୋଗାଇଦେଲେ ଏହା ସଫଳ ହେବା ସହିତ ଦେଶର ସ୍ୱାସ୍ଥ୍ୟ ସେବା କ୍ଷେତ୍ରର ଚିତ୍ର ବଦଳିଯିବ। ଜାତୀୟ ସ୍ୱାସ୍ଥ୍ୟ ନୀତିରେ ରାଜ୍ୟମାନେ ସେମାନଙ୍କ ସ୍ୱାସ୍ଥ୍ୟସେବା କ୍ଷେତ୍ର ବାବଦ ବ୍ୟୟ ବଜେଟରେ ୨୦୨୦ ସୁଦ୍ଧା ଅଧିକ ୮ ଶତାଂଶ କରିବାକୁ ପ୍ରସ୍ତାବ ଦିଆଯାଇଛି। କେନ୍ଦ୍ର ସରକାର ସ୍ୱାସ୍ଥ୍ୟବାବଦ ବ୍ୟୟ ବୃଦ୍ଧି ଜନିତ ନିଜର ଅଙ୍ଗୀକାର ରକ୍ଷା କରୁଥିବାବେଳେ ରାଜ୍ୟ ସରକାର ମଧ୍ୟ ନିଜ ନିଜର ଯଥାର୍ଥ ଭୂମିକା ନିର୍ବାହ କରିବା ଆବଶ୍ୟକ। ଅଧିକ ସମ୍ବଳ ବରାଦ, ପୁଞ୍ଜି ନିବେଶ, ଦକ୍ଷ ଲୋକଶକ୍ତି, ଉଚ୍ଚମାନର ସ୍ୱାସ୍ଥ୍ୟସେବା ଯୋଗାଇପାରୁଥିବା ଚିକିତ୍ସକ ଓ ଅଣଚିକିତ୍ସକଙ୍କ ସଂଖ୍ୟା ବୃଦ୍ଧି, ବହୁସ୍ତରୀୟ ସ୍ୱାସ୍ଥ୍ୟ ଭିତ୍ତିଭୂମି ନିର୍ମାଣ ଆଦି ଦ୍ୱାରା ଦେଶର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଗତି ଘଟିବ। ଏହାର ନିୟନ୍ତ୍ରଣ ଓ ତଦାରଖ ପାଇଁ ମଧ୍ୟ ଏକ ନିୟାମକ ତିଆରି କରିବାକୁ ହେବ। ଏସବୁ ପାଇଁ ବଜେଟରେ ବିଗୁଲ ବାଦନ କାର୍ଯ୍ୟ ଆରମ୍ଭ ହୋଇଛି। ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏବେ ସବୁ ରୂପାୟନ ଉପରେ ନିର୍ଭର କରେ।

ଲେଖକ ହେଉଛନ୍ତି 'ପବ୍ଲିକ୍ ହେଲ୍‌ଥ ଫାଉଣ୍ଡେସନ ଅଫ୍ ଇଣ୍ଡିଆ'ର ଅଧ୍ୟକ୍ଷ।

# ଟଙ୍କାଟିଏ ଆସେ କେମିତି


## ବଜେଟ୍ ୨୦୧୮-୧୯




*ଦ୍ରଷ୍ଟବ୍ୟ: ସମଗ୍ର ଆୟରେ ରାଜ୍ୟଗୁଡ଼ିକର ଟିକସ ଅଂଶ ସମାହିତ ହୋଇଛି*

# ଟଙ୍କାଟିଏ ଯାଏ କୁଆଡ଼େ

## ବଜେଟ୍ ୨୦୧୮-୧୯




*ଦ୍ରଷ୍ଟବ୍ୟ: ସମଗ୍ର ବ୍ୟୟରେ ଟିକସ ଓ କର ଆଦିର ରାଜ୍ୟାଂଶ ସମାହିତ*

# ବଜେଟ୍ ୨୦୧୮-୧୯ର ପ୍ରମୁଖ ବିନ୍ଦୁ

- ସମସ୍ତ ଅଘୋଷିତ ଖରିଫ୍ ଫସଲ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟରେ ଦେଢ଼ଗୁଣ ବୃଦ୍ଧି; ଆନୁଷ୍ଠାନିକ କୃଷି ଋଣ ୮.୫ କୋଟିରୁ (୨୦୧୪-୧୫) ୧୧ ଲକ୍ଷ କୋଟି (୨୦୧୮-୧୯)କୁ ବୃଦ୍ଧି।
- ୨୨ ହଜାର ଗ୍ରାମ୍ୟ ବଜାରଗୁଡ଼ିକର ଗ୍ରାମୀଣ କୃଷକ ବଜାରକୁ ଉନ୍ନତିକରଣ ପ୍ରସ୍ତାବ।
- ଟମାଟ, ପିଆଜ ଓ ଆଳୁର ମୂଲ୍ୟ ସ୍ଥିରୀକରଣ ପାଇଁ ଏବଂ କୃଷକ ଓ ଖାଉଟିଙ୍କ ସୁବିଧା ପାଇଁ 'ଅପରେସନ୍ ଗ୍ରୀନ୍' ଯୋଜନା ଆରମ୍ଭ।
- ମତ୍ସ୍ୟ ଏବଂ ପଶୁପାଳନ ବିଭାଗ ସକାଶେ ୧୦ ହଜାର କୋଟି ଟଙ୍କାର ଦୁଇଟି ପାଣ୍ଠି ଗଠିତ; ପୁନଃ ବ୍ୟବସ୍ଥିତ ଜାତୀୟ ବାଉଁଶ ପ୍ରକଳ୍ପ ପାଇଁ ୧୨୯୦ କୋଟି ଟଙ୍କା ପ୍ରସ୍ତାବିତ।
- ମହିଳା ସ୍ୱୟଂସହାୟକ ଗୋଷ୍ଠୀଗୁଡ଼ିକ ପାଇଁ ଗତ ବର୍ଷର ୪୨,୫୦୦ କୋଟି ଟଙ୍କାକୁ ବୃଦ୍ଧି କରାଯାଇ ୨୦୧୯ ମସିହାରେ ୭୫ ହଜାର କୋଟି ଟଙ୍କାର ବ୍ୟବସ୍ଥା କରିବା ପ୍ରସ୍ତାବିତ।
- ନିମ୍ନ ଏବଂ ମଧ୍ୟବିତ୍ତ ଶ୍ରେଣୀ ପରିବାରକୁ ଦୃଷ୍ଟିରେ ରଖି ନିଶୁଳ୍କ ରନ୍ଧନ ଗ୍ୟାସ୍ ସଂଯୋଗ, ବିଜୁଳି ଏବଂ ଶୌଚାଳୟ ପାଇଁ ଉଜ୍ଜ୍ୱଳା, ସୌଭାଗ୍ୟ ଏବଂ ସ୍ୱଚ୍ଛ ମିଶନ ଅଧିନରେ ଉଚ୍ଚତର ଲକ୍ଷ୍ୟ ଧାର୍ଯ୍ୟ।
- ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ସାମାଜିକ ସୁରକ୍ଷା ପାଇଁ ୧.୩୮ ଲକ୍ଷ କୋଟି ଟଙ୍କା ଆବଣ୍ଟିତ। ୨୦୨୨ ମସିହା ସୁଦ୍ଧା ଦେଶର ପ୍ରତ୍ୟେକ ଆଦିବାସୀ ବ୍ଲକ୍‌ରେ ଗୋଟିଏ ଲେଖାଏଁ ଏକଲବ୍ୟ ଆବାସିକ ବିଦ୍ୟାଳୟ ସ୍ଥାପନ ପାଇଁ ପ୍ରସ୍ତାବ। ଅନୁସୂଚିତ ଜାତିମାନଙ୍କ ସକାଶେ ଉଦ୍ଦିଷ୍ଟ କଲ୍ୟାଣମୂଳକ ରାଶି ପରିମାଣ ବୃଦ୍ଧି।
- ଦେଶର ୧୦ କୋଟି କରିବ ପରିବାର ପାଇଁ ବିଶ୍ୱର ସର୍ବବୃହତ୍ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନାର ଶୁଭାରମ୍ଭ। ସ୍ୱାସ୍ଥ୍ୟ ସେବା ପାଇଁ ପରିବାର ପିଛା ବାର୍ଷିକ ୫ ଲକ୍ଷ ଟଙ୍କାର ବ୍ୟବସ୍ଥା।
- ବିତ୍ତୀୟ ନିଅଣ୍ଟ ୩.୫ ପ୍ରତିଶତ ରଖିବାକୁ ଲକ୍ଷ୍ୟ ଧାର୍ଯ୍ୟ। ୨୦୧୮-୧୯ ଆର୍ଥିକ ବର୍ଷ ପାଇଁ ୩.୩ ପ୍ରତିଶତ ବିତ୍ତୀୟ ନିଅଣ୍ଟ ପରିମାଣ ଅନୁମାନିତ।
- ଭିତ୍ତିଭୂମି ପାଇଁ ୫.୯୭ ଲକ୍ଷ କୋଟି ଟଙ୍କା ଆବଣ୍ଟିତ; ଦେଶର ୧୦ଟି ପ୍ରମୁଖ କେନ୍ଦ୍ରକୁ ଉତ୍କର୍ଷ ପର୍ଯ୍ୟଟନ କେନ୍ଦ୍ର ଭାବେ ବିକଶିତ କରିବାର ପ୍ରସ୍ତାବ।
- ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ସମ୍ପର୍କରେ ଏକ ଜାତୀୟ କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ନୀତି ଆୟୋଗକୁ ଦାୟିତ୍ୱ; ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ରୋବୋଟିକ୍ସ ଓ ଇଣ୍ଟରନେଟ୍ ସମ୍ପର୍କରେ ଉତ୍କର୍ଷ କେନ୍ଦ୍ର ସ୍ଥାପନ ପାଇଁ ପ୍ରସ୍ତାବ।
- ପୁଞ୍ଜି ବିନିଯୋଗ ଲକ୍ଷ୍ୟ ୭୨,୫୦୦ କୋଟି ଡେଇଁ ୧ ଲକ୍ଷ କୋଟି ପର୍ଯ୍ୟନ୍ତ ପହଞ୍ଚିବାର ଲକ୍ଷ୍ୟ।
- ସ୍ୱର୍ଣ୍ଣ ସମ୍ପର୍କିତ ବୃହତ୍ ସ୍ୱର୍ଣ୍ଣ ଯୋଜନା ପରିକଳ୍ପିତ।
- ୨୦୧୮-୧୯ ଆର୍ଥିକ ବର୍ଷରୁ ୫ ବର୍ଷ ପର୍ଯ୍ୟନ୍ତ କୃଷି ଉତ୍ପାଦକ କମ୍ପାନୀ ଅଧୀନରେ ରେଜିଷ୍ଟ୍ରୀଭୁକ୍ତ କମ୍ପାନୀ ଯେଉଁଗୁଡ଼ିକର ବାର୍ଷିକ ଲାଭ ୧୦୦ କୋଟି ଟଙ୍କା ପର୍ଯ୍ୟନ୍ତ ହୋଇଥିବ ସେଗୁଡ଼ିକ ପାଇଁ ଶତ ପ୍ରତିଶତ ଟିକସ ଛାଡ଼ ବ୍ୟବସ୍ଥା।
- ୨୦୧୫-୧୬ ଆର୍ଥିକ ବର୍ଷରେ ବାର୍ଷିକ ୫୦ କୋଟି ଟଙ୍କା କାରବାର କରୁଥିବାର କମ୍ପାନୀମାନଙ୍କ ଉପରେ ୨୫% ଟିକସ ଲାଗୁ କରାଯାଉଥିଲା। ବର୍ତ୍ତମାନ ଏହି ସୁବିଧା ବାର୍ଷିକ ୨୫୦ କୋଟି ଟଙ୍କା କାରବାର କରୁଥିବା କମ୍ପାନୀମାନଙ୍କୁ ମଧ ମିଳିପାରିବ। ଏହାଦ୍ୱାରା ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗୁଡ଼ିକ ଲାଭାନ୍ୱିତ ହେବେ।
- ଯାତ୍ରା ଭତ୍ତାରେ ୪୦ ହଜାର ଟଙ୍କା ପର୍ଯ୍ୟନ୍ତ ଟିକସ ଛାଡ଼ ବ୍ୟବସ୍ଥା। ଏହାଦ୍ୱାରା ପ୍ରାୟ ଅଢ଼େଇ କୋଟି କର୍ମଚାରୀ ଏବଂ ପେନ୍‌ସନ୍‌ଭୋଗୀ ଉପକୃତ ହେବେ।
- ବରିଷ୍ଠ ନାଗରିକଙ୍କ ପାଇଁ ବିଭିନ୍ନ ଟିକସ ରିହାତି ବ୍ୟବସ୍ଥା ପ୍ରସ୍ତାବିତ। ବ୍ୟାଙ୍କ୍/ ପୋଷ୍ଟ ଅଫିସ୍‌ରେ ଜମାଥିବା ପୁଞ୍ଜି ଉପରେ ମିଳୁଥିବା ସୁଧ ଉପରେ ଟିକସ ରିଆତି ବ୍ୟବସ୍ଥା। ଏଥିପାଇଁ ସୁଧ ପରିମାଣ ୧୦ ହଜାରରୁ ୫୦ ହଜାର ଟଙ୍କାକୁ ବୃଦ୍ଧି।
- ବାର୍ଷିକ ୧ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଦୀର୍ଘସୂତ୍ରୀ ପୁଞ୍ଜି ଆୟ ଉପରେ ୧୦ ପ୍ରତିଶତ ଟିକସ ପ୍ରସ୍ତାବିତ। ୨୦୧୮ ମସିହା ୩୧ ଜାନୁଆରୀ ପର୍ଯ୍ୟନ୍ତ ଏହି ବ୍ୟବସ୍ଥା ଲାଗୁ ନୁହଁ।
- ଆୟକର ଏବଂ ଉଦ୍ୟୋଗ କର ଉପରେ ଲାଗୁ କରାଯାଉଥିବା ଉପ-ଟିକସ ୩ ପ୍ରତିଶତରୁ ୪ ପ୍ରତିଶତକୁ ବୃଦ୍ଧି।
- ସମଗ୍ର ଦେଶରେ ଟିକସ ବ୍ୟବସ୍ଥା ସୁନିୟନ୍ତ୍ରିତ କରିବା ପାଇଁ ଇ-ଏସେସ୍‌ମେଣ୍ଟ୍ ବ୍ୟବସ୍ଥା ଲାଗୁ କରିବାକୁ ପ୍ରସ୍ତାବ।

# କେନ୍ଦ୍ରୀୟ ବଜେଟରେ ଜୀବିକା ସୃଷ୍ଟିର ପ୍ରୟାସ

● ଡଃ ରଞ୍ଜୀତ ମେହେତା

ଆଜିର ଦୁନିଆଁରେ ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଉଥିବା ଏକ ଛୋଟିଆ ନିଷ୍ପତ୍ତିର ବହୁମୁଖୀ ପ୍ରଭାବ ସୃଷ୍ଟି ହୋଇଥାଏ। ତେଣୁ ଏକ ନିଷ୍ପତ୍ତିର ପ୍ରଭାବ ମାଧ୍ୟମିକ ଓ ତୃତୀୟକ କ୍ଷେତ୍ର ଉପରେ କିପରି ପଡୁଛି ସେଥିପାଇଁ ସତର୍କ ଓ ଯତ୍ନବାନ ହୋଇ ପଦକ୍ଷେପ ନେବାକୁ ପଡ଼ିଥାଏ। ଭାରତର ଆର୍ଥିକ ନୀତି ନିର୍ଦ୍ଧାରଣରେ ବଜେଟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। ଏହା ଦେଶର ଆର୍ଥିକ କ୍ଷେତ୍ରରେ ବିରାଟ ପରିବର୍ତ୍ତନ ମଧ୍ୟ ଆଣେ। ଏହି ପରିବର୍ତ୍ତନ ଉଭୟ ଭଲ ଓ ମନ୍ଦ ହୋଇପାରେ। ତେଣୁ ସରକାରଙ୍କୁ ବଜେଟ ପ୍ରସ୍ତୁତିରେ ବିଶେଷ ସତର୍କତା ଅବଲମ୍ବନ କରିବାକୁ ପଡ଼ିଥାଏ।

୨୦୧୮-୧୯ର ବଜେଟ କେତେକ କାରଣରୁ ଗୁରୁତ୍ୱପୂର୍ଣ୍ଣ। ପ୍ରଥମତଃ ଏହା ଜିଏସ୍‌ଟି ପ୍ରବର୍ତ୍ତନ ହେବା ପରେ ଦେଶର ପ୍ରଥମ ବଜେଟ। ଦ୍ୱିତୀୟତଃ ଏହା ଚଳିତ ସରକାରଙ୍କର ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ଶେଷ ପୂର୍ଣ୍ଣାଙ୍ଗ ବଜେଟ। ସରକାର ଅର୍ଥନୈତିକ ସଂସ୍କାର ପ୍ରକ୍ରିୟାରେ ଦୀର୍ଘ ପଥ ଅତିକ୍ରମ କରିବା ମଧ୍ୟରେ ଦେଶର ଆର୍ଥିକ ଅଭିବୃଦ୍ଧି ହାର ଦମିତ ସ୍ଥିତିରେ ଥିଲା। ଏହି ସମୟରେ ବିତ୍ତୀୟ ସ୍ଥିତି ଆହ୍ୱାନମୂଳକ ତଥା କୃଷି କ୍ଷେତ୍ର ସଂକଟଜନକ ପରିସ୍ଥିତି ଦେଇ ଗତିକରିଥିଲା। ତେଣୁ ବଜେଟରେ ଦାରିଦ୍ର୍ୟ, ଗ୍ରାମ୍ୟ ଅର୍ଥନୀତି, ସ୍ୱାସ୍ଥ୍ୟସେବା, ଶିକ୍ଷା, ଭିତ୍ତିଭୂମି କ୍ଷେତ୍ର ଓ ଡିଜିଟାଇଜେସନ ଭଳି କ୍ଷେତ୍ର ପ୍ରତି ଦୃଷ୍ଟି କେନ୍ଦ୍ରୀତ କରି ଏକ ଆଧୁନିକ, ସଶକ୍ତ ଏବଂ ଆତ୍ମବିଶ୍ୱାସୀ ଭାରତ ଗଠନର ପ୍ରୟାସ କରାଯାଇଛି। ବିଦାୟୀ ବର୍ଷରେ ଭାରତର ଆର୍ଥିକ ନୀତି ଓ ଢାଞ୍ଚାଗତ ସଂସ୍କାର କ୍ଷେତ୍ରରେ ଉଲ୍ଲେଖନୀୟ ପଦକ୍ଷେପମାନ ଗ୍ରହଣ କରାଯାଇଛି। ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସମୂହଙ୍କୁ ପୁନଃ ପୁଞ୍ଜିଯୋଗାଣ ଏବଂ ଅନାଦାୟ ପୁଞ୍ଜି (ଏନ୍‌ପିଏ) ଭଳି ସମସ୍ୟାର ପୁନରାବୃତ୍ତି ରୋକିବାକୁ ଦୃଢ଼ ପଦକ୍ଷେପ ଗ୍ରହଣ ଦେଶର ବ୍ୟାଙ୍କ ବ୍ୟବସ୍ଥାରେ ଅଣାଯାଇଥିବା ସଂସ୍କାରଗୁଡ଼ିକ ମଧ୍ୟରୁ ଅନ୍ୟତମ। ଏହା ଫଳରେ ବ୍ୟାଙ୍କ ସମୂହଙ୍କର ସ୍ଥିତିରେ ଉନ୍ନତି ଘଟିବ। ଆର୍ଥିକ ଓ ଢାଞ୍ଚାଗତ ସଂସ୍କାର ସଫଳତାର ସହ କାର୍ଯ୍ୟକାରୀ ହୋଇଥିବାରୁ ଭାରତକୁ ଦୀର୍ଘ ୧୩ ବର୍ଷର ବ୍ୟବଧାନ ପରେ କ୍ରେଡିଟ୍ ରେଟିଂରେ ଉଚ୍ଚ ପାହ୍ୟା ମିଳିଛି। ଆନ୍ତର୍ଜାତିକ ରେଟିଂ ସଂସ୍ଥା ମୁଡିସ୍ ଭାରତର ରେଟିଂକୁ ବିଏଏ ୩ରୁ ବିଏଏ ୨କୁ ଉନ୍ନୀତ କରିଛି।

ଅର୍ଥମନ୍ତ୍ରୀ ତାଙ୍କ ବଜେଟ ଭାଷଣରେ ଅଭିବୃଦ୍ଧି ହାସଲ ସହ ଏକ ସଚ୍ଚୋଟ, ସ୍ୱଚ୍ଛ ଓ ନିର୍ମଳ ସରକାର ପ୍ରଦାନ କଥା କହିଛନ୍ତି। ଏଥିପାଇଁ ବଜେଟରେ ମଧ୍ୟ ଉପଯୁକ୍ତ ବ୍ୟୟ ବରାଦ କରାଯାଇଛି। ୨୦୧୮-୧୯ ବଜେଟରେ



ଦେଶର ଆର୍ଥିକ ଅଭିବୃଦ୍ଧି ହାର ୮ ଶତାଂଶ ହେବ ବୋଲି ଆଶା ରଖାଯାଇଛି। ସେହିଭଳି ଭିତ୍ତିଭୂମି କ୍ଷେତ୍ରର ବିକାଶ ସହିତ ଚାଷୀଙ୍କ ଆୟ ଦ୍ୱିଗୁଣିତ କରିବାର ପରିକଳ୍ପନା ରହିଛି। ମୋଟାମୋଟି କହିବାକୁ ଗଲେ ଏଥର ବଜେଟରେ କୃଷି ଓ କୃଷକଙ୍କୁ ସହାୟତା, ଗ୍ରାମାଞ୍ଚଳ କ୍ଷେତ୍ରର ବିକାଶ, ଅଭିବୃଦ୍ଧି ବଢ଼ାଇବା, ନୂଆ ନିଯୁକ୍ତି ସୃଷ୍ଟି ଏବଂ ଘରୋଇ ପୁଞ୍ଜି ନିବେଶ ବଢ଼ାଇବାକୁ ପ୍ରୟାସ କରାଯାଇଛି। ଏକ ଅର୍ଥନୀତି ପାଇଁ ଭିତ୍ତିଭୂମି, ସ୍ୱାସ୍ଥ୍ୟସେବା, ଆବାସ, ଶିକ୍ଷା, କୃଷି, ଶିଳ୍ପ ଉଦ୍ୟୋଗ, ବୟନ ଆଦି କ୍ଷେତ୍ରରେ ଉନ୍ନୟନ ତଥା ସଂପ୍ରସାରିତ ପଦକ୍ଷେପ ଯଥେଷ୍ଟ ମହତ୍ତ୍ୱ ରଖେ। ସେ ଦୃଷ୍ଟିରୁ ଏଥର ବଜେଟରେ ଏସବୁ କ୍ଷେତ୍ରକୁ ଯଥାଯଥ ଅଗ୍ରାଧିକାର ଦିଆଯାଇଛି। ଅଧିକ କର୍ମନିଯୁକ୍ତି ସୃଷ୍ଟି ଏବେ ସବୁଠୁ ଜରୁରୀ ଆବଶ୍ୟକତା ହୋଇଥିବାରୁ ସରକାର ବଜେଟରେ ତାହା ଉପରେ ବିଶେଷ ଗୁରୁତ୍ୱ ଦେଇଛନ୍ତି। ଏହାକୁ ନୀତି ନିର୍ଦ୍ଧାରଣର ଏକ ମୁଖ୍ୟ ଅଂଶ ଭାବେ ଗ୍ରହଣ କରାଯାଇ ଗ୍ରାମ୍ୟ ଭିତ୍ତିଭୂମି ନିର୍ମାଣ ଓ ଜୀବିକାର୍ଜନ ବାବଦରେ ବଜେଟରେ ୧୪.୨୪ ଲକ୍ଷ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ଦେଶର କୃଷିକ୍ଷେତ୍ରରେ ଦେଖାଦେଇଥିବା ସଂକଟ ପରିପ୍ରେକ୍ଷୀରେ ଏଭଳି ପ୍ରୟାସ ନିଶ୍ଚିତ ସ୍ୱାଗତଯୋଗ୍ୟ। ସେହିଭଳି କୃଷି ପାଇଁ ଋଣ ଯୋଗାଣ ପରିମାଣକୁ ଏଗାର ଲକ୍ଷ କୋଟି ଟଙ୍କାକୁ ଏଥର ବଜେଟରେ ବଢ଼ାଇ ଦିଆଯାଇଛି।

ଯେଉଁ ଜାତୀୟ ଧ୍ୱଜାଧାରୀ ବୀମା ଯୋଜନା 'ଆୟୁଷ୍ମାନ ଭାରତ' ନାମରେ ଏଥର ବଜେଟରେ ଆରମ୍ଭ କରାଯାଇଛି ସେଥିରେ ୧୦କୋଟି ପରିବାର ଓ ୫୦କୋଟି ଲୋକଙ୍କୁ ସାମିଲ କରିବାର ଲକ୍ଷ୍ୟ ରଖାଯାଇଛି। ଏହା ବିଶ୍ୱର ସର୍ବବୃହତ୍ ସାଧାରଣ ସ୍ୱାସ୍ଥ୍ୟ ବୀମା ଯୋଜନା। ଏହାଦ୍ୱାରା ସ୍ୱାସ୍ଥ୍ୟସେବାର ମାଧ୍ୟମିକ ଓ ତୃତୀୟକ କ୍ଷେତ୍ର ବିଶେଷ ଉପକୃତ ହୋଇପାରିବ। ଭାରତ ଭଳି ଗୋଟିଏ ଅର୍ଥନୀତିରେ କ୍ଷୁଦ୍ର ଓ ମଧ୍ୟମ

> ୨୦୧୮-୧୯ର ବଜେଟ କେତେକ କାରଣରୁ ଗୁରୁତ୍ୱପୂର୍ଣ୍ଣ। ପ୍ରଥମତଃ ଏହା ଜିଏସ୍‌ଟି ପ୍ରବର୍ତ୍ତନ ହେବା ପରେ ଦେଶର ପ୍ରଥମ ବଜେଟ। ଦ୍ୱିତୀୟତଃ ଏହା ଚଳିତ ସରକାରଙ୍କର ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ଶେଷ ପୂର୍ଣ୍ଣାଙ୍ଗ ବଜେଟ। ସରକାର ଅର୍ଥନୈତିକ ସଂସ୍କାର ପ୍ରକ୍ରିୟାରେ ଦୀର୍ଘ ପଥ ଅତିକ୍ରମ କରିବା ମଧ୍ୟରେ ଦେଶର ଆର୍ଥିକ ଅଭିବୃଦ୍ଧି ହାର ଦମିତ ସ୍ଥିତିରେ ଥିଲା। ଏହି ସମୟରେ ବିତ୍ତୀୟ ସ୍ଥିତି ଆହ୍ୱାନମୂଳକ ତଥା କୃଷି କ୍ଷେତ୍ର ସଂକଟଜନକ ପରିସ୍ଥିତି ଦେଇ ଗତିକରିଥିଲା। ତେଣୁ ବଜେଟରେ ଦାରିଦ୍ର୍ୟ, ଗ୍ରାମ୍ୟ ଅର୍ଥନୀତି, ସ୍ୱାସ୍ଥ୍ୟସେବା, ଶିକ୍ଷା, ଭିତ୍ତିଭୂମି କ୍ଷେତ୍ର ଓ ଡିଜିଟାଇଜେସନ ଭଳି କ୍ଷେତ୍ର ପ୍ରତି ଦୃଷ୍ଟି କେନ୍ଦ୍ରୀତ କରି ଏକ ଆଧୁନିକ, ସଶକ୍ତ ଏବଂ ଆତ୍ମବିଶ୍ୱାସୀ ଭାରତ ଗଠନର ପ୍ରୟାସ କରାଯାଇଛି। ବିଦାୟୀ ବର୍ଷରେ ଭାରତର ଆର୍ଥିକ ନୀତି ଓ ଢାଞ୍ଚାଗତ ସଂସ୍କାର କ୍ଷେତ୍ରରେ ଉଲ୍ଲେଖନୀୟ ପଦକ୍ଷେପମାନ ଗ୍ରହଣ କରାଯାଇଛି।

ଉଦ୍ୟୋଗର ଭୂମିକା ଅନସ୍ୱୀକାର୍ଯ୍ୟ। ତାହାକୁ ନଜରରେ ରଖି ଏଥର ବଜେଟରେ ଏହି ଉଦ୍ୟୋଗର ବିକାଶ ପାଇଁ କମ୍ପାନୀ ଟିକସକୁ (କର୍ପୋରେଟ ଟ୍ୟାକ୍ସ) ୨୫୦ କୋଟି ଟଙ୍କା ପର୍ଯ୍ୟନ୍ତ ବାର୍ଷିକ କାରବାର କରୁଥିବା ସଂସ୍ଥାଙ୍କ ନିମନ୍ତେ ୩୦ ରୁ ୨୫ ଶତାଂଶକୁ ହ୍ରାସ କରାଯାଇଛି। ଟିକସ ରିଟର୍ଣ୍ଣ ଦାଖଲ କରୁଥିବା ୯୯ ଶତାଂଶ କମ୍ପାନୀ / ସଂସ୍ଥା ଏହାର ସୁଯୋଗ ଲାଭ କରିପାରିବେ। ଏହି ସୁବିଧା ଦ୍ୱାରା କ୍ଷୁଦ୍ର ଓ ମଧ୍ୟମ ବର୍ଗର ଉଦ୍ୟୋଗ / ସଂସ୍ଥା ସମୂହ ଲାଭାନ୍ୱିତ ହେବା ସହ ସେସବୁର ଦକ୍ଷତା ବୃଦ୍ଧି ଓ ସଂପ୍ରସାରଣ ସହଜ ହେବ।

କର୍ପୋରେଟ ବଣ୍ଡ୍ ମାର୍କେଟର ପୁନରୁଦ୍ଧାର କଥା କେବେଠାରୁ ଚିନ୍ତା କରାଯାଉଥିଲା। ଏଥର ବଜେଟରେ ସେ ଦିଗରେ କିଛି ପଦକ୍ଷେପ ଗ୍ରହଣ କରାଯାଇଛି। ବଡ଼ ବଡ଼ ଉଦ୍ୟୋଗମାନେ ସେମାନଙ୍କ ଆର୍ଥିକ ଆବଶ୍ୟକତାର ୨୫ ଶତାଂଶ ବଣ୍ଡ୍ ମାର୍କେଟରୁ ଉଠାଇବାକୁ ବାଧ୍ୟତାମୂଳକ ନିୟମ କରିବାକୁ ସରକାର ଏବେ ବିଚାର କରୁଛନ୍ତି। ଏହାଦ୍ୱାରା ବଜାରକୁ ଅଧିକ ବଣ୍ଡ ଆସିବ ଏବଂ ପୁଞ୍ଜି ପ୍ରବାହ ପ୍ରକ୍ରିୟା ତ୍ୱରାନ୍ୱିତ ହେବ। ଉପଯୁକ୍ତ ସୁଧହାର ସହ ଭାରତୀୟ ଉଦ୍ୟୋଗ ଜଗତକୁ ଅର୍ଥ ଯୋଗାଣର ଏକ ବଡ଼ ଉତ୍ସ ଏହା ହୋଇପାରିବ।

'ଗିଫ୍ଟ ସିଟି'ରେ ଆଇଏଫ୍ଏସ୍‌ସି କୋଡ୍ ବିକାଶ କରିବାର ଏକ ପ୍ରସ୍ତାବ ରହିଛି। ସେଠାରେ କେତେକ ଅପ୍ରବାସୀ ଭାରତୀୟଙ୍କ କ୍ୟାପିଟାଲ ଗେନ୍ ଟିକସ ତଥା ପ୍ରତିଭୂତି ଡେରିଭେଟିଭସ୍‌ର ଟ୍ରାନ୍ସଫର ଉପରୁ ଟିକସ ଛାଡ଼ କରିବାର ବ୍ୟବସ୍ଥା ରହିଛି। ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ଏଇଥିପାଇଁ ଯେ ବିଦେଶରେ ଏସବୁର କାରବାର ନ'ହୋଇ ଏହା ଭାରତରେ ହେବାକୁ ବାଟ ଖୋଲିବ। ଏହା ଫଳରେ ସିଙ୍ଗାପୁର, ହଂକଂ ଓ ଦୁବାଇ ଭଳି ପୁଞ୍ଜି ବଜାର ସହ ଭାରତ ପ୍ରତିଯୋଗିତା କରିବାରେ ସକ୍ଷମ ହେବ। ଅହମଦାବାଦସ୍ଥିତ ଗୁଜରାଟ ଇଣ୍ଟରନେଶନାଲ ଫାଇନାନ୍ସ ଟେକ୍‌ସିଟି (ଗିଫ୍ଟ ସିଟି)ରେ ଏକ କେନ୍ଦ୍ରୀକୃତ ନିୟାମକ ବ୍ୟବସ୍ଥା ରହିଛି ଯାହା ସିଙ୍ଗଲ ଉଇଣ୍ଡୋ ବ୍ୟବସ୍ଥାରେ ନିବେଶକଙ୍କ ବିଭିନ୍ନ ସମସ୍ୟାର ସମାଧାନ କରିବା ସହ ଆବଶ୍ୟକ ସାହାଯ୍ୟ ସହଯୋଗ ଯୋଗାଇଦେବାର ବ୍ୟବସ୍ଥା କରାଯାଉଛି।

କେନ୍ଦ୍ର ସରକାର ଏବେ ବିଭିନ୍ନ ରାଷ୍ଟ୍ରାୟତ୍ତ କ୍ଷେତ୍ରରୁ ଅଧିକରୁ ଅଧିକ ପୁଞ୍ଜି ପ୍ରତ୍ୟାହାର ପାଇଁ ଲକ୍ଷ୍ୟ ରଖିଛନ୍ତି। ଏହି କାର୍ଯ୍ୟ ପଛର ଉଦ୍ଦେଶ୍ୟ ହେଲା ଏକ ଭିତ୍ତିଭୂମି ବିକାଶ ଟ୍ରଷ୍ଟ ଗଠନ କରିବା। ଏହି ଟ୍ରଷ୍ଟ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ସମୂହର

ଆଧୁନିକୀକରଣ ଦିଗରେ କାର୍ଯ୍ୟ କରିବ। ଏହି ପ୍ରୟାସ ବେଶ୍ ଗଠନମୂଳକ ଜଣାପଡୁଛି। ଦୁଇଟି ରାଷ୍ଟ୍ରାୟତ୍ତ ବୀମା (ଇନସୁରାନ୍ସ) କମ୍ପାନୀ ସହ ୧୪ଟି କେନ୍ଦ୍ରୀୟ ରାଷ୍ଟ୍ରାୟତ୍ତ ସଂସ୍ଥାକୁ ଷ୍ଟକ୍ ଏକ୍ସଚେଞ୍ଜରେ ତାଲିକାଭୁକ୍ତ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ସେହିଭଳି ୨୪ଟି ରାଷ୍ଟ୍ରାୟତ୍ତ ଉଦ୍ୟୋଗରୁ ରଣନୀତିକ ପୁଞ୍ଜି ପ୍ରତ୍ୟାହାର ପାଇଁ ସରକାର ପ୍ରକ୍ରିୟା ଆରମ୍ଭ କରିଛନ୍ତି। ସେଥିମଧ୍ୟରେ ଏୟାର ଇଣ୍ଡିଆ ରହିଛି। ଏହି ସଂସ୍ଥାର ବିଳମ୍ବିତ ଘରୋଇକରଣ ପ୍ରକ୍ରିୟା ବିଶେଷ ଚର୍ଚ୍ଚାର ବିଷୟ ଏକଦା ପାଲଟିଥିଲା। ଏହି ସବୁ ପଦକ୍ଷେପର ଉଦ୍ଦେଶ୍ୟ ହେଲା ଏସବୁ ସଂସ୍ଥାର ପରିଚାଳନା ଓ ପ୍ରଦର୍ଶନରେ ଉନ୍ନତି ଆଣିବା।

**ଅଧିକ ନିଯୁକ୍ତି ସୃଷ୍ଟିର ପ୍ରୟାସ:**

ଅର୍ଥମନ୍ତ୍ରୀ ତାଙ୍କ ବଜେଟ ଭାଷଣରେ ନୂଆ ନିଯୁକ୍ତି ପରିସର ସୃଷ୍ଟିକୁ ଗୁରୁତ୍ୱ ଦେବା ସହିତ ବୟନ, ଚମଡ଼ା, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଭଳି ଶ୍ରମିକ ବହୁଳ କ୍ଷେତ୍ରରେ କିପରି ଅଧିକରୁ ଅଧିକ ରୋଜଗାର ପରିସର ସୃଷ୍ଟି ହେବ ସେଥିପାଇଁ କେତେକ ପଦକ୍ଷେପ ନେଇଛନ୍ତି।

ଭାରତରେ ପଞ୍ଜୀକୃତ ବେକାରଙ୍କ ସଂଖ୍ୟା ୧୮ ନିୟୁତ। ନିକଟରେ ପ୍ରକାଶିତ ବିଶ୍ୱବ୍ୟାଙ୍କର ଏକ ରିପୋର୍ଟ ଅନୁସାରେ ଭାରତରେ ୧୫ ରୁ ୨୯ବର୍ଷ ବୟସ ମଧ୍ୟରେ ଥିବା ମୋଟ୍ ଜନସଂଖ୍ୟାର ୩୦ ଭାଗ ଯୁବବର୍ଗ ଏବେ ଶିକ୍ଷା, ନିଯୁକ୍ତି ଓ ତାଲିମ ପରିସରର ବାହାରେ ଅଛନ୍ତି। ଏହି ତିନିଟି ପ୍ରମୁଖ ଯୋଗ୍ୟତାରୁ ବାଦପଡ଼ିଥିବା ୩୦ଶତାଂଶ ନିଯୁକ୍ତି ପ୍ରତ୍ୟାଶୀଙ୍କୁ କର୍ମନିଯୁକ୍ତି ଦେବା ଅତି କଠିନ ବ୍ୟାପାର। ଏହା ମଧ୍ୟ ଦେଶର ବିକାଶ କ୍ଷେତ୍ରରେ ଏକ ବଡ଼ ପ୍ରତିବନ୍ଧକ। ଭାରତରେ ସାମଗ୍ରିକ ନିଯୁକ୍ତି ହାର ୩.୫ ଶତାଂଶ ଥିବାବେଳେ ଚିନ୍ତାଜନକ ବିଷୟ ହେଲା ୧୫ ରୁ ୨୫ ବର୍ଷ ବୟସ ଗୋଷ୍ଠୀରେ ବେକାରୀ ହାର ଅଧିକ। ଆନ୍ତର୍ଜାତିକ ଶ୍ରମ ସଂଗଠନର ତଥ୍ୟ ଅନୁସାରେ ପ୍ରଥମଥର ପାଇଁ କର୍ମନିଯୁକ୍ତି ନିମନ୍ତେ ବଜାରକୁ ଆସୁଥିବା ଭାରତୀୟଙ୍କ ସଂଖ୍ୟା ୨୦୧୪ରେ ୧୦ ଶତାଂଶ ଥିବାବେଳେ ୨୦୧୭ରେ ଏହା ୧୦.୫ ଶତାଂଶକୁ ବୃଦ୍ଧି ପାଇଥିଲା। ଏହାଛଡ଼ା ଭାରତରେ ପ୍ରତି ମାସରେ ୧୦ଲକ୍ଷ ଲୋକ ଦେଶର ଶ୍ରମ ବଜାରରେ ସାମିଲ ହେଉଛନ୍ତି। ସେମାନଙ୍କର ନିଯୁକ୍ତି ଦରକାର ହେଉଛି। ଅତଏବ ଦେଶରେ ଚାହିଦା ମୁତାବକ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରୁନାହିଁ। ୨୦୧୬ଠାରୁ ପ୍ରଧାନମନ୍ତ୍ରୀ ରୋଜଗାର ପ୍ରୋତ୍ସାହନ ଯୋଜନାରେ ୨,୧୬୪,୫୭୫ ଚାକିରି ପ୍ରତ୍ୟାଶୀ ଦେଶର ୩୦,୪୭୫ ପ୍ରତିଷ୍ଠାନରେ ନାମ ପଞ୍ଜୀକରଣ କରିଛନ୍ତି। ସେମାନଙ୍କ ମଧ୍ୟରୁ କେତେଜଣଙ୍କୁ ନିଯୁକ୍ତି ମିଳିବ ତାହା କହିବା କଷ୍ଟ।

୧) କୃଷି ପରେ ନିର୍ମାଣ କ୍ଷେତ୍ର ଭାରତରେ ସବୁଠୁ ଅଧିକ ଲୋକଙ୍କୁ ଋତୁକାଳୀନ ନିଯୁକ୍ତି ଯୋଗାଇଥାଏ। ଏହି କ୍ଷେତ୍ରରେ ପ୍ରତିବର୍ଷ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ୪୫ ନିୟୁତ କର୍ମସଂସ୍ଥାନ ଅସ୍ଥାୟୀ ଭାବେ ସୃଷ୍ଟି ହୁଏ। ୨୦୧୮-୧୯ ବଜେଟରେ ଉଭୟ ନିର୍ମାଣ ଓ କୃଷି କ୍ଷେତ୍ର ପାଇଁ ଅଧିକ ବ୍ୟୟ ବରାଦ କରାଯାଇଛି। କୃଷି କ୍ଷେତ୍ରରେ ଯେଉଁ ମାନ୍ଦାବସ୍ଥା ଓ ଜଟିଳ ପରିସ୍ଥିତି ସୃଷ୍ଟି ହୋଇଛି ସେଥିରୁ କୃଷିଜୀବୀ ଓ କୃଷି ଶ୍ରମିକମାନଙ୍କୁ ଉଦ୍ଧାର କରି ଥଇଥାନ କରିବା ସହ ବିକଳ୍ପ ରୋଜଗାର ବ୍ୟବସ୍ଥା ଯୋଗାଇବାର ଉଦ୍ୟମ କରାଯାଇଛି। ସେସବୁ ମଧ୍ୟରେ ଗ୍ରାମାଞ୍ଚଳ ସଡ଼କ ନିର୍ମାଣ, ଗ୍ରାମୀଣ ବଜାର, କୃଷି ପ୍ରକ୍ରିୟାକରଣ କେନ୍ଦ୍ର, ଫୁଡ୍ ପାର୍କ ନିର୍ମାଣ, କ୍ଷୁଦ୍ର ଜଳସେଚନ, ୱାଇଫାଇ ହଟସ୍ପଟ, ଶୌଚାଳୟ, ଆବାସ ନିର୍ମାଣ, ସ୍ୱାସ୍ଥ୍ୟ ଓ ନିରାମୟ କେନ୍ଦ୍ର ବ୍ୟବସ୍ଥା, ଜିଲ୍ଲାସ୍ତରୀୟ ହସପିଟାଲ ସମୂହର ଉନ୍ନତି, ଜିଲ୍ଲାସ୍ତରୀୟ ଦକ୍ଷତା ବିକାଶ କେନ୍ଦ୍ର ସ୍ଥାପନ, ମତ୍ସ୍ୟ ଓ ପଶୁ ସମ୍ପଦ ଭିତ୍ତିଭୂମି ପାଣ୍ଠି ଆଦି ବ୍ୟବସ୍ଥା ଅନ୍ୟତମ। ପୂର୍ବରୁ କୌଣସି ବଜେଟରେ ଗ୍ରାମାଞ୍ଚଳର ଏସବୁ ବିଭିନ୍ନ କ୍ଷେତ୍ରର ବିକାଶ ପାଇଁ ଏଭଳି ଅର୍ଥ ଯୋଗାଣର ବ୍ୟବସ୍ଥା ହୋଇ ନ ଥିଲା। ଗ୍ରାମାଞ୍ଚଳରେ ଜୀବନଜୀବିକା କାର୍ଯ୍ୟକ୍ରମ ଓ ଭିତ୍ତିଭୂମି ନିର୍ମାଣ ପାଇଁ ବିଭିନ୍ନ ମନ୍ତ୍ରଣାଳୟ ଜରିଆରେ ମୋଟ୍ ୧୪.୩୪ ଲକ୍ଷ କୋଟି ଟଙ୍କାର ବ୍ୟୟ ବରାଦ ଏଥର ବଜେଟରେ କରାଯାଇଥିବା ଅର୍ଥମନ୍ତ୍ରୀ କହିଛନ୍ତି। ଏହାଛଡ଼ା ୧୧.୯୮ ଲକ୍ଷ କୋଟିର ଅଣ ବଜେଟ ବ୍ୟୟ ବରାଦ ରହିଛି। ବାସ୍ତବରେ ଏହା ଏକ ବିରାଟ ବ୍ୟୟ ବରାଦ। କୃଷି କ୍ଷେତ୍ର ଓ ଆତ୍ମନିଯୁକ୍ତି କ୍ଷେତ୍ର ବାହାରେ ବରାଦ ହୋଇଥିବା ଏହି ବିପୁଳ ଅର୍ଥରାଶି ମାଧ୍ୟମରେ ୩୨୧ କୋଟି ଶ୍ରମ ଦିବସ



ସୃଷ୍ଟି ହୋଇପାରିବ ବୋଲି ଅର୍ଥମନ୍ତ୍ରୀ ଦର୍ଶାଇଛନ୍ତି।

୨) କଣ୍ଟ୍ରାକ୍ଟଭିତ୍ତିକ (ଠିକା) ନିଯୁକ୍ତି ବ୍ୟବସ୍ଥାକୁ ପୋଷାକ ପ୍ରସ୍ତୁତି କ୍ଷେତ୍ର ବାହାରେ ଅନ୍ୟ ଉଦ୍ୟୋଗକୁ ସଂପ୍ରସାରିତ କରାଯାଇଛି। ତ୍ୱରିତ ନିଯୁକ୍ତି ସୁବିଧା ଓ ରୋଜଗାର ପ୍ରଦାନ ଉଦ୍ଦେଶ୍ୟରେ ସରକାର ଏପରି ବ୍ୟବସ୍ଥା କରିଛନ୍ତି। ଏହା ଫଳରେ ନିଯୁକ୍ତିଦାତା ନିର୍ଦ୍ଦିଷ୍ଟ ପ୍ରକଳ୍ପ ବା କାର୍ଯ୍ୟ ପାଇଁ ଠିକା ଭିତ୍ତିରେ ଲୋକନିଯୁକ୍ତି କରିପାରିବେ ଓ ପ୍ରକଳ୍ପ କାର୍ଯ୍ୟ ଶେଷ ହେବା ସହ ସେମାନଙ୍କ ନିଯୁକ୍ତି ଚୁକ୍ତିକୁ ବାତିଲ କରିବାର ସୁଯୋଗ ପାଇବେ। ଏହି ବ୍ୟବସ୍ଥାରେ କେତେକ ସ୍ଥଳେ ସାମୟିକ ଓ ଋତୁକାଳୀନ ଭାବେ ଲୋକଙ୍କୁ କାମ ଯୋଗାଣ ଓ ରୋଜଗାର ସୃଷ୍ଟିର ସମ୍ଭାବନା ରହିଛି।

୩) ଭିତ୍ତିଭୂମି ଶିଳ୍ପ ସବୁଠୁ ବଡ଼ ରୋଜଗାର ପ୍ରଦାନକାରୀ କ୍ଷେତ୍ର। ଏହି କ୍ଷେତ୍ରରେ ଏବେ ଉନ୍ନତି ଆସିଛି। ଏ କ୍ଷେତ୍ରରେ ନିଯୁକ୍ତି ପରିସର ଓ ସୁଯୋଗ ବଢ଼ାଇବା ପାଇଁ ସରକାର ବଜେଟ ଓ ବଜେଟ ବହିର୍ଭୁତ ଅତିରିକ୍ତ ମାର୍ଗରେ ଅଧିକ ୫.୯୭ କୋଟି ଟଙ୍କା ବ୍ୟୟ ବରାଦ କରିଛନ୍ତି। ୨୦୧୭-୧୮ ତୁଳନାରେ ଏହା ୪.୯୪ ଲକ୍ଷ କୋଟି ଟଙ୍କା ଅଧିକ।

୪) କର୍ପୋରେଟ ଟିକସ ହାରକୁ ସରକାର ହ୍ରାସ କରି ୨୫ ଶତାଂଶ କରିଛନ୍ତି। ଏହା ବାର୍ଷିକ ୨୫୦ କୋଟି ଟଙ୍କାରୁ କମ୍ କାରବାର କରୁଥିବା କମ୍ପାନୀ ସମୂହ ପାଇଁ ପ୍ରଯୁଜ୍ୟ। ପୂର୍ବବର୍ଷ ବଜେଟରେ ଏହି ଟିକସ ହାର ବାର୍ଷିକ ୫୦କୋଟିରୁ କମ୍ ଟଙ୍କା ପର୍ଯ୍ୟନ୍ତ କାରବାର କରୁଥିବା କମ୍ପାନୀଙ୍କ ପାଇଁ ପ୍ରଯୁଜ୍ୟ ଥିଲା। ଏହା ଫଳରେ ୯୯ ଶତାଂଶ କମ୍ପାନୀ ଉପକୃତ ହେବେ। ଏହାଦ୍ୱାରା ସେମାନଙ୍କ ପାଖରେ ଟିକସ ହ୍ରାସ ଜନିତ ଯେଉଁ ଅର୍ଥ ବଳକା ରହିବ ସେମାନେ ତାହାକୁ ଉଦ୍ୟୋଗ ବିକାଶ କାର୍ଯ୍ୟରେ ନିୟୋଜିତ କରିବା ସହ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିପାରିବେ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି।

ଭାରତରେ ପଞ୍ଜୀକୃତ ବେକାରଙ୍କ ସଂଖ୍ୟା ୧୮ ନିୟୁତ। ନିକଟରେ ପ୍ରକାଶିତ ବିଶ୍ୱବ୍ୟାଙ୍କର ଏକ ରିପୋର୍ଟ ଅନୁସାରେ ଭାରତରେ ୧୫ ରୁ ୨୯ବର୍ଷ ବୟସ ମଧ୍ୟରେ ଥିବା ମୋଟ୍ ଜନସଂଖ୍ୟାର ୩୦ ଭାଗ ଯୁବବର୍ଗ ଏବେ ଶିକ୍ଷା, ନିଯୁକ୍ତି ଓ ତାଲିମ ପରିସରର ବାହାରେ ଅଛନ୍ତି। ଏହି ତିନିଟି ପ୍ରମୁଖ ଯୋଗ୍ୟତାରୁ ବାଦପଡ଼ିଥିବା ୩୦ଶତାଂଶ ନିଯୁକ୍ତି ପ୍ରତ୍ୟାଶୀଙ୍କୁ କର୍ମନିଯୁକ୍ତି ଦେବା ଅତି କଠିନ ବ୍ୟାପାର। ଏହା ମଧ୍ୟ ଦେଶର ବିକାଶ କ୍ଷେତ୍ରରେ ଏକ ବଡ଼ ପ୍ରତିବନ୍ଧକ। ଭାରତରେ ସାମଗ୍ରିକ ନିଯୁକ୍ତି ହାର ୩.୫ ଶତାଂଶ ଥିବାବେଳେ ଚିନ୍ତାଜନକ ବିଷୟ ହେଲା ୧୫ ରୁ ୨୫ ବର୍ଷ ବୟସ ଗୋଷ୍ଠୀରେ ବେକାରୀ ହାର ଅଧିକ। ଆନ୍ତର୍ଜାତିକ ଶ୍ରମ ସଂଗଠନର ତଥ୍ୟ ଅନୁସାରେ ପ୍ରଥମଥର ପାଇଁ କର୍ମନିଯୁକ୍ତି ନିମନ୍ତେ ବଜାରକୁ ଆସୁଥିବା ଭାରତୀୟଙ୍କ ସଂଖ୍ୟା ୨୦୧୪ରେ ୧୦ ଶତାଂଶ ଥିବାବେଳେ ୨୦୧୭ରେ ଏହା ୧୦.୫ ଶତାଂଶକୁ ବୃଦ୍ଧି ପାଇଥିଲା। ଏହାଛଡ଼ା ଭାରତରେ ପ୍ରତି ମାସରେ ୧୦ଲକ୍ଷ ଲୋକ ଦେଶର ଶ୍ରମ ବଜାରରେ ସାମିଲ ହେଉଛନ୍ତି। ସେମାନଙ୍କର ନିଯୁକ୍ତି ଦରକାର ହେଉଛି। ଅତଏବ ଦେଶରେ ଚାହିଦା ମୁତାବକ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରୁନାହିଁ।

୫) ବଜେଟର ଅନ୍ୟାନ୍ୟ ବିଶେଷତ୍ୱ ମଧ୍ୟରେ ରହିଛି କର୍ମଚାରୀ ଭବିଷ୍ୟନିଧି ପାଣ୍ଠି (ଇପିଏଫ୍ଓ) ନିୟମର ସଂଶୋଧନ କରିବା। ମହିଳା କର୍ମଚାରୀଙ୍କ ହାତକୁ ଅଧିକ ପାଉଣା ଦେବା ଉଦ୍ଦେଶ୍ୟରେ ଭବିଷ୍ୟନିଧି ବାବଦରେ ସେମାନଙ୍କ ଦେୟକୁ ନିଯୁକ୍ତିର ପ୍ରଥମ ତିନିବର୍ଷ ପର୍ଯ୍ୟନ୍ତ ୧୨ରୁ ୮ ଶତାଂଶ କରାଯିବ। ତେବେ ଏହି ସମୟରେ ନିଯୁକ୍ତିଦାତାଙ୍କୁ ପୂର୍ବବତ୍ ୧୨ ଶତାଂଶ ଦେୟ ଭରିବାକୁ ପଡ଼ିବ। ଏହା ଫଳରେ ଅଧିକରୁ ଅଧିକ ମହିଳା କର୍ପୋରେଟ ଜଗତରେ ନିଯୁକ୍ତି ପାଇଁ ଆଗ୍ରହ ପ୍ରକାଶ କରିବେ।

ଏହାଛଡ଼ା ବଜେଟର ଆୟୁଷ୍ମାନ ଭାରତ ଯୋଜନାରେ ଯେଉଁ ବୃହତ୍ ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମ ଆରମ୍ଭ ହେବ ତାହା ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ଏହି ନିଯୁକ୍ତିର ଅଧିକ ଲାଭ ମହିଳା ହିଁ ଉଠାଇବେ। ଏହା ବ୍ୟତୀତ ପ୍ରତି ଜିଲ୍ଲାରେ ଦକ୍ଷତା ବିକାଶ କେନ୍ଦ୍ର ନିର୍ମାଣ, ପ୍ରଧାନମନ୍ତ୍ରୀ ରୋଜଗାର ପ୍ରୋତ୍ସାହନ ଯୋଜନା, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିକାଶ କାର୍ଯ୍ୟକ୍ରମ, ମୁଦ୍ରା ଋଣ ଯୋଜନା ଓ କୃଷି କ୍ଷେତ୍ର ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଯୋଜନା ଲକ୍ଷ ଲକ୍ଷ ନୂଆ ନିଯୁକ୍ତିର ସୁଯୋଗ ସୃଷ୍ଟି କରିବ।

ଏସବୁ କ୍ଷେତ୍ର ପାଇଁ ବଜେଟରେ ଆବଶ୍ୟକ ଅର୍ଥ ବରାଦରେ ସରକାର କାର୍ପଣ୍ୟ ପ୍ରକାଶ କରିନାହାନ୍ତି। ପ୍ରଧାନମନ୍ତ୍ରୀ ରୋଜଗାର ପ୍ରୋତ୍ସାହନ ଯୋଜନାରେ ଏଥର ୧୬୫୨ କୋଟି, ବୟନ ଉଦ୍ୟୋଗ ପାଇଁ ୭୧୪୮ କୋଟି, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପୋଦ୍ୟୋଗ ପାଇଁ ୩୭୯୪କୋଟି, ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗ ପାଇଁ ୧୪୦୦କୋଟି, ମତ୍ସ୍ୟ ଓ ପଶୁ ସଂପଦ କ୍ଷେତ୍ର ନିମନ୍ତେ ୧୦,୦୦୦କୋଟି, ସେଚବିକାଶ ପାଇଁ ୨୬,୦୦୦କୋଟି, ବାଉଁଶ ମିଶନ ନିମନ୍ତେ ୧୨୩୦ କୋଟି, କୃଷି ବିପଣନ ଓ ବଜାର ବ୍ୟବସ୍ଥା ପାଇଁ ୨୦୦୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି।

ଉପସଂହାରରେ ଏତିକି କୁହାଯାଇପାରିବ ଯେ ଆଶାନୁରୂପ ଭାବେ ବଜେଟରେ ନିଯୁକ୍ତି ସୃଷ୍ଟି, କୃଷି, ଗ୍ରାମାଞ୍ଚଳ ବିକାଶ ଓ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଏବଂ ଭିତ୍ତିଭୂମି କ୍ଷେତ୍ରର ଉନ୍ନତି ପାଇଁ ଅଗ୍ରାଧିକାର ପ୍ରଦାନ କରାଯାଇଛି। ସାମାଜିକ କ୍ଷେତ୍ରରେ ସ୍ୱାସ୍ଥ୍ୟ ସେବା ମଧ୍ୟ ଗୁରୁତ୍ୱ ପାଇଛି। ଦେଶର ମୌଳିକ କ୍ଷେତ୍ରଗୁଡ଼ିକର ବିକାଶ କରି ଅଧିକ ନିଯୁକ୍ତି ଓ ଉତ୍ପାଦନ ପାଇଁ ବଜେଟରେ ଯଥାର୍ଥ ଧ୍ୟାନ ଦିଆଯାଇଛି। ଏକ ନୂଆ ଓ ଉଦୟମାନ ଭାରତ ପାଇଁ ଯେଉଁ ପ୍ରୟାସ କରାଯିବା କଥା ବଜେଟରେ ତାହା ହୋଇଛି। ଏହାଦ୍ୱାରା ୮ ଶତାଂଶ ଅଭିବୃଦ୍ଧି ଲକ୍ଷ୍ୟ ହାସଲ ସମ୍ଭବ ହେବ ବୋଲି ଆଶା।

ଲେଖକ ହେଉଛନ୍ତି ନୂଆଦିଲ୍ଲୀସ୍ଥିତ ପିଏଚ୍‌ଡି ସିସିଆଇର ମୁଖ୍ୟ ନିର୍ଦ୍ଦେଶକ।

# କେନ୍ଦ୍ର ବଜେଟ୍‌ରେ ଗ୍ରାମ, କୃଷି ଓ କୃଷକ ପ୍ରତି ଗୁରୁତ୍ୱ

● ନଟବର ଖୁଣ୍ଟିଆ

ଭାରତ ଏକ କୃଷି ପ୍ରଧାନ ଗ୍ରାମ ବହୁଳ ରାଷ୍ଟ୍ର। ବର୍ତ୍ତମାନ ବି ୭୦ ଭାଗ ଲୋକ ଗାଁରେ ବାସ କରନ୍ତି ଏବଂ ସେମାନଙ୍କ ମଧ୍ୟରୁ ୯୦ ଭାଗ ଲୋକ କୃଷି ଓ କୃଷି ଆନୁଷଙ୍ଗିକ ବୃତ୍ତି ଉପରେ ନିର୍ଭର କରି ଜୀବିକା ନିର୍ବାହ କରନ୍ତି, ସୁତରାଂ ମୋଟ ଜନସଂଖ୍ୟାର ପ୍ରାୟ ୬୦ ଭାଗ ଲୋକ କୃଷି ଉପରେ ନିର୍ଭରଶୀଳ। ଆମ ଦେଶର ମୋଟ ଆୟର ମାତ୍ରା ୧୪ପ୍ରତିଶତ କୃଷିରୁ ମିଳୁଥିବା ବେଳେ କୃଷି ଉପରେ ନିର୍ଭର କରନ୍ତି ୬୦ ଭାଗ ଲୋକ। ଅର୍ଥାତ୍ ୬୦ ଭାଗ ଲୋକଙ୍କର ଆୟ ମାତ୍ର ୧୪ ପ୍ରତିଶତ ହେବାବେଳେ ୪୦ ଭାଗ ଲୋକଙ୍କର ଆୟ ୮୬ ପ୍ରତିଶତ। ଜାତୀୟ ନମୂନା ସର୍ଭେ ସଂସ୍ଥା ଦ୍ୱାରା ଆକଳନ କରାଯାଇଛି ଯେ, ଭାରତବର୍ଷରେ ଗୋଟିଏ ଚାଷୀ ପରିବାରର ମାସିକ ହାରାହାରି ଆୟ ମାତ୍ର ୬୪୨୬ ଟଙ୍କା। ଏତିକି ମାତ୍ର ମାସିକ ଆୟରେ ଜଣେ ଚାଷୀ ତା ପରିବାରକୁ ସୁଷମ ଖାଦ୍ୟ, ଆବଶ୍ୟକ ଅନ୍ୟୁନ ବସ୍ତ୍ର, ଶିକ୍ଷା ଖର୍ଚ୍ଚ ଓ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେଇ ପାରିବ କି ? ଭଲ ଘର ଖଣ୍ଡିଏ କରି ବସବାସ କରି ପାରିବ କି ?

ଦେଶ ସ୍ୱାଧୀନ ହେବାବେଳେ ଚାଷୀର ଆୟ ଓ ସମାଜର ଅନ୍ୟାନ୍ୟ ବର୍ଗର ଆୟ ମଧ୍ୟରେ ଯେଉଁ ବୈଷମ୍ୟ ଥିଲା-ତାହା ସ୍ୱାଧୀନୋତ୍ତର ଓଡିଶାରେ ହ୍ରାସ ପାଇବ ବୋଲି ଆଶଙ୍କା କରାଯାଇଥିଲା। ଏହା ଫଳରେ ସମାଜର ଅନ୍ୟାନ୍ୟ ବର୍ଗର ଲୋକଙ୍କ ତୁଳନାରେ ଚାଷୀମାନେ ଅଭାବ ଅନାଟନରେ ରହିବେ ନାହିଁ ବୋଲି ଚାଷୀମାନଙ୍କୁ ପ୍ରତିଶ୍ରୁତି ଦିଆଯାଇଥିଲା। କିନ୍ତୁ ପ୍ରକୃତ କ୍ଷେତ୍ରରେ ସ୍ୱାଧୀନତାପରେ ଚାଷୀ ପରିବାରର ଆୟ ଓ ସମାଜର ଅନ୍ୟାନ୍ୟ ବର୍ଗର ପରିବାରର ଆୟ ମଧ୍ୟରେ ବୈଷମ୍ୟ ହ୍ରାସ ପାଇବ କ'ଣ ବୃଦ୍ଧି ପାଇବାରେ ଲାଗିଛି। କେବଳ ଚାଷ ଉପରେ ନିର୍ଭର କରୁଥିବା ପରିବାର ଲୋକେ ନାମକୁ ମାତ୍ର ଜୀବନଯାପନ କରୁଛନ୍ତି। ଚାଷୀ କିନ୍ତୁ ସ୍ୱାଧୀନ ଭାରତରେ ତାର କର୍ତ୍ତବ୍ୟରେ ଅବହେଳା କରିନାହିଁ। ସେ ମୁଣ୍ଡ ଝାଳ ତୁଣ୍ଡେ ମାରି ଲୁହ ଲହୁକୁ ଏକାକାର କରି ଦେଶର ବର୍ଦ୍ଧିତ ଜନସଂଖ୍ୟାକୁ ଖାଦ୍ୟରେ ଆତ୍ମ ନିର୍ଭରଶୀଳ କରାଇ ପାରିଥିଲେ ବି ସେ ତାର ପ୍ରକୃତ ପ୍ରାପ୍ୟ ପାଇନାହିଁ। ଚାଷୀମାନେ ସଂଗଠିତ ହୋଇ ସେମାନଙ୍କର ନ୍ୟାଯ୍ୟ ଦାବି ହାସଲ ପାଇଁ ଅନ୍ୟାନ୍ୟ ବର୍ଗର ଲୋକଙ୍କ ପରି ଚାଷ କାମ ଛାଡି ବନ୍ଦ, ବିକ୍ଷୋଭ, ଶୋଭାଯାତ୍ରା, ଆନ୍ଦୋଳନ ଆଦି କରି ସରକାରଙ୍କ ଉପରେ ଚାପ ସୃଷ୍ଟି କରି ପାରୁନଥିବାରୁ ସେମାନଙ୍କୁ ଯେତିକି ନ୍ୟାୟ ଦିଆଯିବା କଥା ସେତିକି ନ୍ୟାୟ ସ୍ୱାଧୀନତା ପରଠାରୁ ସରକାରମାନେ ଦେଇନାହାନ୍ତି। ଚାଷୀମାନଙ୍କର ଆୟକୁ ବୃଦ୍ଧି କରିବାକୁ ଦୀର୍ଘ ମିଆଦୀ ଯୋଜନା



ପ୍ରସ୍ତୁତ କରି ତାକୁ ସଫଳତାର ସହ କାର୍ଯ୍ୟକାରୀ କରିବାପାଇଁ ଯେତିକି ଉଦ୍ୟମ ହେବା କଥା ତାହା ହେଲାନାହିଁ। ଚାଷୀ ତାର ଉତ୍ପାଦିତ ଦ୍ରବ୍ୟର କିପରି ଲାଭଜନକ ମୂଲ୍ୟ ପାଇବ ତାହାବି ନିଶ୍ଚିତ କରାଯାଇନାହିଁ। ଚାଷୀ ତାର ଉତ୍ପାଦିତ ସାମଗ୍ରୀକୁ କିପରି ସହଜରେ ବିକ୍ରି କରି ପାରିବ ସେଥିପାଇଁ ବଜାର ହାଟର ସୁବ୍ୟବସ୍ଥା ହୋଇନାହିଁ। ଚାଷୀ ତାର ପରିବାରର ସ୍ୱାସ୍ଥ୍ୟ ସେବା ପାଇବା ପାଇଁ ମଧ ପର୍ଯ୍ୟାପ୍ତ ବ୍ୟବସ୍ଥା ହୋଇନାହିଁ। ଚାଷୀ ଧୀରେ ଧୀରେ ସଚେତନ ହୋଇ ତାକୁ ନ୍ୟାୟ ଦେବାପାଇଁ ଏବେ ସ୍ୱର ଉତ୍ତୋଳନ ଆରମ୍ଭ କରିଲାଣି।

ଉପରୋକ୍ତ ପରିପ୍ରେକ୍ଷୀରେ କେନ୍ଦ୍ର ଅର୍ଥମନ୍ତ୍ରୀ ୨୦୧୮-୧୯ ଆର୍ଥିକ ବର୍ଷ ପାଇଁ ସଂସଦରେ ଯେଉଁ ବଜେଟ୍ ଉପସ୍ଥାପନ କରିଛନ୍ତି ତାକୁ ବିଶ୍ଳେଷଣ କଲେ ଜଣାଯାଏ ଯେ, ଗ୍ରାମାଞ୍ଚଳରେ ବାସ କରୁଥିବା ଲୋକେ, ବିଶେଷକରି ଯେଉଁମାନେ ଚାଷ ଉପରେ ନିର୍ଭର କରୁଛନ୍ତି, ସେମାନେ କିପରି ତାଙ୍କର ଆୟକୁ ୨୦୨୨ ସୁଦ୍ଧା ଦୁଇଗୁଣ କରିବେ, ନିଜର ଉତ୍ପାଦିତ ଦ୍ରବ୍ୟର ଉଚିତ ମୂଲ୍ୟ ପାଇବେ, ଉତ୍ପାଦିତ ଦ୍ରବ୍ୟରେ ବିକ୍ରି ପାଇଁ ବଜାର ହାଟ ପାଇବେ, ନିଜର ସ୍ୱାସ୍ଥ୍ୟ ଯତ୍ନ ନେବା ପାଇଁ ସୁବିଧା ପାଇବେ, ନିଜର ପିଲାମାନଙ୍କୁ ଉପଯୁକ୍ତ ଶିକ୍ଷା ଦେଇପାରିବେ, ଭଲ ଘର ଖଣ୍ଡିଏ ନିର୍ମାଣ କରି ପାରିବେ ସେଥିପ୍ରତି ଗୁରୁତ୍ୱ ଦେଇ ନୂତନ ଯୋଜନା ସବୁ ଘୋଷଣା କରିବା ସହିତ ବ୍ୟୟବରାଦ କରିଛନ୍ତି। ଏବେ ଆସନ୍ତୁ ୨୦୧୮-୧୯ କେନ୍ଦ୍ର ବଜେଟ୍‌ରେ ଗ୍ରାମାଞ୍ଚଳ ବିକାଶ ପାଇଁ କି କି ବ୍ୟବସ୍ଥା ହୋଇଛି ତାର ସମ୍ୟକ ଆଲୋଚନା କରିବା।

**କୃଷିଜାତ ଦ୍ରବ୍ୟର ଅନ୍ୟୁନ ସହାୟକ ମୂଲ୍ୟକୁ ବ୍ୟୟର ଦେଢ଼ଗୁଣ କରିବା:**

ଭାରତର ବିଶିଷ୍ଟ କୃଷି ବୈଜ୍ଞାନିକ ଡକ୍ଟର ଏମ୍ ସ୍ୱାମୀନାଥନ୍‌ଙ୍କ ଅଧ୍ୟକ୍ଷତାରେ ଗଠିତ ଜାତୀୟ କୃଷକ କମିଶନ ସୁପାରିସ କରିଥିଲେ ଯେ ଚାଷୀଙ୍କୁ ତାର ଉତ୍ପାଦିତ ଦ୍ରବ୍ୟର ଉଚିତ୍ ମୂଲ୍ୟ ଦେବାପାଇଁ ସରକାର ଉତ୍ପାଦିତ ଖର୍ଚ୍ଚର ଅନ୍ତତଃ ଦେଢ଼ଗୁଣ ଅନ୍ୟୁନ ସହାୟକ ମୂଲ୍ୟ ଦିଅନ୍ତୁ। ଯଦିଓ କେନ୍ଦ୍ର ସରକାର ଉଭୟ ଖରିଫ ଓ ରବି ଋତୁରେ ଅମଳ ହେଉଥିବା ଫସଲର ଅନ୍ୟୁନ ସହାୟକ ମୂଲ୍ୟ ଘୋଷଣା କରୁଛନ୍ତି, କିନ୍ତୁ ସେହି ମୂଲ୍ୟ ଉତ୍ପାଦନ ଖର୍ଚ୍ଚର ଦେଢ଼ଗୁଣ ଅଧିକାଂଶ ଫସଲରେ ହେଉନାହିଁ। ସେଥିପାଇଁ ଚାଷୀମାନଙ୍କ ତରଫରୁ ଓ ବିଭିନ୍ନ ରାଜ୍ୟର ଲୋକ ପ୍ରତିନିଧିମାନଙ୍କ ତରଫରୁ ଦାବି ହେଉଥିଲା। ଏହି ଦାବିକୁ ଗ୍ରହଣ କରି ଅର୍ଥମନ୍ତ୍ରୀ ବଜେଟ ପ୍ରସ୍ତାବରେ ଘୋଷଣା କରିଛନ୍ତି ଯେ ଆସନ୍ତା ଖରିପ ଋତୁରୁ ଆଉ ଅଧିକ ସଂଖ୍ୟକ ଫସଲକୁ ଅନ୍ୟୁନ ସହାୟକ ମୂଲ୍ୟ ପରିଧିକୁ ଅଣାଯିବ ଓ ଉତ୍ପାଦନ ଖର୍ଚ୍ଚର ଅନ୍ୟୁନ ସହାୟକ ମୂଲ୍ୟ ଦେଢ଼ଗୁଣ ନିର୍ଦ୍ଧାରଣ କରାଯିବ। ଏହି ଖର୍ଚ୍ଚ ଆକଳନ କରିବା ଓ ମୂଲ୍ୟ ନିର୍ଦ୍ଧାରଣ କରିବା ଦାୟିତ୍ୱ ହେଉଛି କୃଷି ମୂଲ୍ୟ ଓ ବ୍ୟୟ ଆୟୋଗ **(Commissiom for Agricultural Prices and Costs- CAPC)**ର ଦାୟିତ୍ୱ। ଏହା ଗୋଟିଏ ଉଚ୍ଚ କ୍ଷମତା ସଂପନ୍ନ ଏବଂ କୃଷି ବିଶେଷଜ୍ଞଙ୍କୁ ନେଇ ଗଠିତ ଆୟୋଗ। ଆଶା କରାଯାଏ ଆସନ୍ତା ଖରିଫ ଋତୁ ଠାରୁ କୃଷକମାନେ ସେମାନଙ୍କର ଉତ୍ପାଦିତ ଦ୍ରବ୍ୟର ଲାଭଜନକ ମୂଲ୍ୟ ପାଇବେ ଏବଂ ସେମାନଙ୍କର ଆୟ ବୃଦ୍ଧିରେ ଏହି ମୂଲ୍ୟ ସହାୟକ ହେବ।

**କୃଷି ଜାତ ଦ୍ରବ୍ୟର ବିକ୍ରି ପାଇଁ ହାଟର ବିକାଶ:**

ଆମ ଦେଶର ମୋଟ ଚାଷୀମାନଙ୍କ ମଧ୍ୟରୁ ୮୬ ଭାଗ ହେଉଛନ୍ତି କ୍ଷୁଦ୍ର ଓ ନାମମାତ୍ର ଚାଷୀ। ସେମାନେ ତାଙ୍କ ଉତ୍ପାଦିତ ଦ୍ରବ୍ୟକୁ ସଦାବେଳେ ସିଧାସଳଖ ବଡ ବଡ ପାଇକାରୀ ବ୍ୟବସାୟୀମାନଙ୍କ ପାଖରେ ପହଁଞ୍ଚାଇ ପାରନ୍ତି ନାହିଁ। ମଧ୍ୟସ୍ଥ ଖୁଚୁରା ବେପାରୀମାନେ ବହୁତ କମ୍ ଦାମରେ ସେମାନଙ୍କଠାରୁ କୃଷିଜାତ ଦ୍ରବ୍ୟ କିଣିନେଇ ପାଇକାରୀ ବ୍ୟବସାୟୀଙ୍କୁ ବିକ୍ରି କରନ୍ତି। ଚାଷୀ ତାର ଉତ୍ପାଦିତ ଦ୍ରବ୍ୟର କମ୍ ମୂଲ୍ୟ ପାଏ। ଏହି ସମସ୍ୟାକୁ କିଛି ପରିମାଣରେ ଦୁର କରିବା





ପାଇଁ ଗ୍ରାମାଞ୍ଚଳରେ ଥିବା ହାଟର ବିକାଶ ପାଇଁ ବଜେଟ୍‌ରେ ବ୍ୟବସ୍ଥା ହୋଇଛି। ୨୨ହଜାର ଗ୍ରାମ୍ୟ ହାଟକୁ ଗ୍ରାମୀଣ କୃଷି ବଜାରରେ ପରିଣତ କରିବା ପାଇଁ ସେସବୁ ହାଟରେ ବିଭିନ୍ନ ପ୍ରକାର ଭିତ୍ତିଭୂମି ଯୋଗାଇ ଦିଆଯିବ। ଏହିସବୁ ହାଟକୁ ସେ ଅଞ୍ଚଳର ବିଭିନ୍ନ ଗ୍ରାମସହ ସଂଯୋଗ କରିବା ପାଇଁ ସବୁଦିନିଆ ପକ୍କା ରାସ୍ତା ସହିତ ଯୋଡ଼ାଯିବ। ଏହିସବୁ ଗ୍ରାମୀଣ କୃଷି ବଜାରକୁ ଜାତୀୟ କୃଷି ବଜାର ସହିତ ଇଣ୍ଟରନେଟ ମାଧ୍ୟମରେ ସଂଯୋଗ କରାଯିବ। ଏହାକୁ ଏପରି ଭାବରେ ପରିଚାଳନା କରାଯିବ ଯେ, ଚାଷୀମାନେ ଖାଉଟିମାନଙ୍କୁ ସିଧାସଳଖ କୃଷି ଜାତ ଦ୍ରବ୍ୟ ବିକ୍ରି କରି ଅଧିକ ଲାଭବାନ ହେବେ। ଖାଉଟିମାନେ ମଧ୍ୟ ଉଚିତ ମୂଲ୍ୟରେ କୃଷିଜାତ ଦ୍ରବ୍ୟ କ୍ରୟ କରିପାରିବେ, କୃଷିଜାତ ଦ୍ରବ୍ୟର ବିକ୍ରୟପାଇଁ ବଜାର ବ୍ୟବସ୍ଥାକୁ ସୁବ୍ୟବସ୍ଥିତ କରିବା ସକାଶେ ୨୨୦୦ କୋଟି ଟଙ୍କାର କୃଷି ବଜାର ଭିତ୍ତିଭୂମି ପାଣ୍ଠି ଗଠନ କରିବାର ପ୍ରସ୍ତାବ ରଖାଯାଇଛି ଯାହାକି ସ୍ୱାଗତଯୋଗ୍ୟ।

ଭାରତ ଏକ କୃଷି ପ୍ରଧାନ ଗ୍ରାମ ବହୁଳ ରାଷ୍ଟ୍ର। ବର୍ତ୍ତମାନ ବି ୭୦ ଭାଗ ଲୋକ ଗାଁରେ ବାସ କରନ୍ତି ଏବଂ ସେମାନଙ୍କ ମଧ୍ୟରୁ ୯୦ ଭାଗ ଲୋକ କୃଷି ଓ କୃଷି ଆନୁଷଙ୍ଗିକ ବୃତ୍ତି ଉପରେ ନିର୍ଭର କରି ଜୀବିକା ନିର୍ବାହ କରନ୍ତି, ସୁତରାଂ ମୋଟ ଜନସଂଖ୍ୟାର ପ୍ରାୟ ୬୦ ଭାଗ ଲୋକ କୃଷି ଉପରେ ନିର୍ଭରଶୀଳ। ଆମ ଦେଶର ମୋଟ ଆୟର ମାତ୍ରା ୧୪ପ୍ରତିଶତ କୃଷିରୁ ମିଳୁଥିବା ବେଳେ କୃଷି ଉପରେ ନିର୍ଭର କରନ୍ତି ୬୦ ଭାଗ ଲୋକ। ଅର୍ଥାତ୍ ୬୦ ଭାଗ ଲୋକଙ୍କର ଆୟ ମାତ୍ର ୧୪ ପ୍ରତିଶତ ହେବାବେଳେ ୪୦ ଭାଗ ଲୋକଙ୍କର ଆୟ ୮୬ ପ୍ରତିଶତ। ଜାତୀୟ ନମୂନା ସର୍ଭେ ସଂସ୍ଥା ଦ୍ୱାରା ଆକଳନ କରାଯାଇଛି ଯେ, ଭାରତବର୍ଷରେ ଗୋଟିଏ ଚାଷୀ ପରିବାରର ମାସିକ ହାରାହାରି ଆୟ ମାତ୍ର ୬୪୨୬ ଟଙ୍କା। ଏତିକି ମାତ୍ର ମାସିକ ଆୟରେ ଜଣେ ଚାଷୀ ତା ପରିବାରକୁ ସୁଷମ ଖାଦ୍ୟ, ଆବଶ୍ୟକଣ୍ଟଅନ୍ୟୁନ ବସ୍ତ୍ର, ଶିକ୍ଷା ଖର୍ଚ୍ଚ ଓ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେଇ ପାରିବ କି? ଭଲ ଘର ଖଣ୍ଡିଏ କରି ବସବାସ କରି ପାରିବ କି?

## ଗୋଟିଏ ଗୋଟିଏ ଫସଲ ପାଇଁ ସ୍ୱତନ୍ତ୍ର ଜିଲ୍ଲା ଚିହ୍ନଟ କରିବା:

ଆମ ଦେଶ ଏକ କୃଷି ପ୍ରଧାନ ରାଷ୍ଟ୍ର। ଦେଶରେ ଅନେକ ପ୍ରକାର କୃଷି ଜଳବାୟୁ ଅଛି ଏବଂ ବିଭିନ୍ନ ପ୍ରକାର ମୃତ୍ତିକା ବି ଅଛି। କେତେକ ଅଞ୍ଚଳ ନିର୍ଦ୍ଦିଷ୍ଟ ଫସଲ ଉତ୍ପାଦନ ପାଇଁ ବିଶେଷ ଉପଯୋଗୀ। ଯଦି ସେହିସବୁ ଅଞ୍ଚଳକୁ ଚିହ୍ନଟ କରି ଗୋଟିଏ ଲେଖା ଜିଲ୍ଲାରେ ସେହି ଜଳବାୟୁରେ ଏବଂ ମୃତ୍ତିକାରେ ଯେଉଁ ଫସଲଟି ଭଲ ଫଳୁଥିବ ସେହି ଫସଲକୁ ଚକ ଆକାରରେ ଚାଷ କରାଯାଆନ୍ତା ତାହାଲେ ସେହି ଫସଲର ବୈଜ୍ଞାନିକ ଚାଷ ପ୍ରଣାଳୀ ସହଜରେ ଅନେକ କୃଷକ ପାଇ ପାରନ୍ତେ। ସେହି ଫସଲକୁ ନେଇ କୃଷି ପ୍ରକ୍ରିୟାକରଣ ଶିଳ୍ପ ସ୍ଥାପନ ହୋଇପାରନ୍ତା। ସେହି ଫସଲକୁ ଭିତ୍ତିକରି ବଜାର ବ୍ୟବସ୍ଥା ହୁଅନ୍ତା। ଏହାକୁ ଦୃଷ୍ଟିରେ ରଖି ଅର୍ଥମନ୍ତ୍ରୀ କହିଛନ୍ତି ଏପରି ସବୁ ଜିଲ୍ଲାକୁ ଚିହ୍ନଟ କରି ସେହି ସବୁ ଜିଲ୍ଲାରେ ଚକ ଆକାରରେ ସେହି ଜିଲ୍ଲାରେ ଯେଉଁସବୁ ଫସଲଚାଷ ପାଇଁ ବିଶେଷ ଉପଯୋଗୀ

ସେହି ସବୁ ଫସଲ ଚକ ଆକାରରେ ଚାଷ ହେବ। ଏହା ଉତ୍ପାଦନ, ଉତ୍ପାଦିକା ଶକ୍ତି ବୃଦ୍ଧି କରି ଚାଷିର ଆୟବୃଦ୍ଧିରେ ସହାୟକ ହେବ। ଏଥିପାଇଁ କୃଷି ଓ କୃଷକ ମଙ୍ଗଳ ମନ୍ତ୍ରଣାଳୟ, ଖାଦ୍ୟ ପ୍ରକ୍ରିୟାକରଣ ମନ୍ତ୍ରଣାଳୟ, ବାଣିଜ୍ୟ ଆଦି ଆନୁଷଙ୍ଗିକ ମନ୍ତ୍ରଣାଳୟ ସହିତ ବିଚାର ବିମର୍ଷ କରି ଚକ ଆକାରରେ ଗୋଟିଏ ଲେଖା ଜିଲ୍ଲାରେ ସ୍ୱତନ୍ତ୍ର ଭାବରେ ନିର୍ଦ୍ଦିଷ୍ଟ ଖାଦ୍ୟ ଫସଲ କିମ୍ବା ଫଳ, ପନିପରିବା ଚାଷ କରିବା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନେବେ ବୋଲି ଘୋଷଣା କରିବା ନିଶ୍ଚିତ ଭାବରେ ସ୍ୱାଗତଯୋଗ୍ୟ।

**ଜୈବିକ କୃଷିର ସଂପ୍ରସାରଣ:**

ଆଜିକା ଦିନରେ ବିଶ୍ୱସାରା ଜୈବିକ କୃଷି ପ୍ରତି ଆଗ୍ରହ ବଢ଼ିଛି। ଜୈବିକ ଚାଷ ମୃତ୍ତିକାର ସ୍ୱାସ୍ଥ୍ୟ ଠିକ୍ ରଖିବା ସହିତ ଜୈବିକ ପ୍ରଣାଳୀରେ ଉତ୍ପାଦିତ ଖାଦ୍ୟଶସ୍ୟ, ପନିପରିବା, ଫଳ, ମୂଳ ସ୍ୱାସ୍ଥ୍ୟ ପକ୍ଷରେ ହିତକର। ରାସାୟନିକ ପ୍ରଣାଳୀରେ ଚାଷ କଲେ ସେଥିରୁ ଉତ୍ପାଦିତ କୃଷି ଜାତ ଦ୍ରବ୍ୟ ସ୍ୱାସ୍ଥ୍ୟ ଉପରେ ପ୍ରତିକୂଳ ପ୍ରଭାବ ପକାଉଛି। ସେଇଥିପାଇଁ ଜୈବିକ ଚାଷକୁ ଉତ୍ସାହିତ କରିବା ପାଇଁ ଚାଷି ଉତ୍ପାଦକ ସଂସ୍ଥା, ଗ୍ରାମ୍ୟ ଉତ୍ପାଦକ ସଂସ୍ଥା ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ଚକ ହିସାବରେ ଜୈବିକ ଚାଷ କରିବାକୁ ପ୍ରୋତ୍ସାହନ ଦିଆଯିବ ବୋଲି ଲକ୍ଷ୍ୟଧାର୍ଯ୍ୟ ହୋଇଛି।

**ଔଷଧୀୟ ବୃକ୍ଷ ଚାଷ ପ୍ରତି ପ୍ରାଥମିକତା:**

ଆମ ଦେଶ ଏକଦା ଆର୍ୟୁବେଦ ଚିକିତ୍ସା ପ୍ରଣାଳୀରେ ବିଶ୍ୱ ବିଖ୍ୟାତ ଥିଲା। ଏବେ ଆର୍ୟୁବେଦ ଶିକ୍ଷାପ୍ରଣାଳୀ ପ୍ରତି ସରକାର ଗୁରୁତ୍ୱ ଦେଉଛନ୍ତି। ବିଭିନ୍ନ ପ୍ରକାର ଔଷଧୀୟ ବୃକ୍ଷ ରୋପଣ କରାଯିବାକୁ ପ୍ରୋତ୍ସାହନ ଦେବା ସହିତ ଆର୍ୟୁବେଦ ଔଷଧ ପ୍ରସ୍ତୁତ କରୁଥିବା ଶିଳ୍ପସଂସ୍ଥା ସହିତ ଯୋଗାଯୋଗ କରି ବିଭିନ୍ନ ପ୍ରକାର ଆର୍ୟୁବେଦ ଔଷଧ ପ୍ରସ୍ତୁତ କରାଯିବ। ସେଥିପାଇଁ ବଜେଟରେ ୨୫୦ କୋଟି ଟଙ୍କା ସ୍ୱତନ୍ତ୍ର ବ୍ୟୟ ବରାଦ ହୋଇଛି।



**କୃଷି ଭିତ୍ତିକ ପ୍ରକ୍ରିୟାକରଣ ଶିଳ୍ପ:**

ବିଭିନ୍ନ ପ୍ରକାର କୃଷିଜାତ ଦ୍ରବ୍ୟକୁ କଞ୍ଚାମାଲ ରୂପେ ବ୍ୟବହାର କରି ବିଭିନ୍ନ ପ୍ରକାର କୃଷିଜାତ ଦ୍ରବ୍ୟର ପ୍ରକ୍ରିୟାକରଣ ଶିଳ୍ପ ପ୍ରତିଷ୍ଠା ପାଇଁ ବଜେଟ୍‌ରେ ଗୁରୁତ୍ୱ ଦିଆଯାଇଛି। ଏହାଦ୍ୱାରା ଚାଷୀ ତାର ଉତ୍ପାଦନର ସଠିକ୍ ମୂଲ୍ୟ ପାଇବ, ଶିଳ୍ପ ସଂସ୍ଥା ଗଠନ ହେଲେ ଅନେକ ନିଯୁକ୍ତି ପାଇବେ ଏବଂ ଆମେ ବିଦେଶକୁ ପ୍ରକ୍ରିୟାକୃତ କୃଷିଜାତ ଦ୍ରବ୍ୟ ଅଧିକ ମୂଲ୍ୟରେ ରପ୍ତାନି କରି ଆମ ଅର୍ଥନୀତିକୁ ସୁଦୃଢ଼ କରିପାରିବା। ଏଇଥିପାଇଁ ପୂର୍ବବର୍ଷ ତୁଳନାରେ ଏ ବର୍ଷ କୃଷି ପ୍ରକ୍ରିୟାକରଣ ଶିଳ୍ପ ପାଇଁ ଦୁଇଗୁଣ ପାଖାପାଖି ବ୍ୟୟ ବରାଦ ହୋଇଛି। ଗତବର୍ଷ ୭୧୫ କୋଟି ଏଥିପାଇଁ ବ୍ୟୟବରାଦ ହୋଇଥିବାବେଳେ ଏ ବର୍ଷ ହୋଇଛି ୧୪୦୦ କୋଟି ଟଙ୍କା।

**ବିଲାତି ବାଇଗଣ, ପିଆଜ ଓ ଆଳୁ ଉତ୍ପାଦନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା:**

ଦେଶସାରା ପ୍ରାୟ ପ୍ରତ୍ୟେକ ରୋଷେଇ ଘରେ ପ୍ରତିଦିନ ଆଳୁ, ପିଆଜ ଓ ବିଲାତି ବାଇଗଣର ଆବଶ୍ୟକତା ଅପରିହାର୍ଯ୍ୟ। କିନ୍ତୁ ଏହି ୩ଗୋଟି ପରିବା ବିଭିନ୍ନ ସମୟରେ ବିଭିନ୍ନ ଅଞ୍ଚଳରେ ଅମଳ ହୁଏ। ଏହାକୁ ସାଧାରଣ ଭାବରେ ଅଧିକ ଦିନ ସାଇତି ରଖିହୁଏ ନାହିଁ। ବଜାର ଚାହିଦା ଅନୁଯାୟୀ ଗୋଟିଏ ଗୋଟିଏ ଋତୁରେ ଅଧିକ ଉତ୍ପାଦନ ହେଉଥିବାରୁ ଅନେକ ସମୟରେ ସବୁ ବିକ୍ରି ହୋଇ ନପାରି ପଚିସଢ଼ି ଯାଏ। ଅନେକ ସମୟରେ ଚାଷୀମାନେ ଦର ଅଦରରେ ବିକ୍ରି କରନ୍ତି। ଯେଉଁ ସମୟରେ ଉତ୍ପାଦନ ନହୁଏ ସେ ସମୟରେ ସେହି ପରିବା ଦର ବୃଦ୍ଧି ଅହେତୁକ ଭାବରେ ହୁଏ। ଆଳୁ, ପିଆଜ, ବିଲାତିବାଇଗଣ ଋତୁ ଅନୁଯାୟୀ ଅମଳ ହେଲେ ବି କିପରି ବର୍ଷସାରା ଚାଷୀ ବିକ୍ରି କରିପାରିବ ଏବଂ ଖାଉଟି ବର୍ଷସାରା ପାଇ ପାରିବେ ସେଥିପାଇଁ ଅପରେସନ୍ ଗ୍ରୀନ୍ ନାମରେ ଏକ ସ୍ୱତନ୍ତ୍ର ଯୋଜନା କାର୍ଯ୍ୟକାରୀ କରିବା ପାଇଁ ଘୋଷଣା କରାଯାଇଛି। ଏହି କାର୍ଯ୍ୟକ୍ରମକୁ ଚାଷୀ ଉତ୍ପାଦକ, ସଂସ୍ଥା ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ଏବଂ ବୈଷୟିକ ପରିଚାଳନା ପାଇଁ ଗଠିତ ସଂସ୍ଥା ମାଧ୍ୟମରେ କାର୍ଯ୍ୟକାରୀ କରିବା ପାଇଁ ୫୦୦ କୋଟି ଟଙ୍କାର ବ୍ୟୟ ବରାଦ ହୋଇଛି।

**ବାଉଁଶ ଚାଷ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା:**

ଅର୍ଥମନ୍ତ୍ରୀ ବାଉଁଶକୁ 'ସବୁଜ ସୁବର୍ଣ୍ଣ' ଭାବେ

ଅଭିହିତ କରିଛନ୍ତି। ଜଙ୍ଗଲ ବାହାରେ ବାଉଁଶ ଚାଷକୁ ପ୍ରୋତ୍ସାହନ ଦେବାପାଇଁ ବାଉଁଶକୁ ବୃକ୍ଷ ନାମରେ ଆଉ ନାମିତ କରାଯିବ ନାହିଁ। ବାଉଁଶ ଚାଷର ସଂପ୍ରସାରଣ ପାଇଁ ଜାତୀୟ ବାଉଁଶ ମିସନ ନାମରେ ଏକ କାର୍ଯ୍ୟକ୍ରମ ଘୋଷଣା କରି ୧୨୯୦ କୋଟି ଟଙ୍କାର ବ୍ୟୟ ବରାଦ କରିଛନ୍ତି।

**ଜଳସେଚନ ପାଇଁ ସ୍ୱତନ୍ତ୍ର ପ୍ରୋତ୍ସାହନ:**

କୃଷି ଉତ୍ପାଦନ ଓ ଉତ୍ପାଦିକାଶକ୍ତିର ବୃଦ୍ଧି ପାଇଁ ଏକ ମୌଳିକ ଆବଶ୍ୟକତା ହେଲା ଜଳସେଚନ। ଜଳସେଚନ ବ୍ୟବସ୍ଥାର କେବଳ ସଂପ୍ରସାରଣ ନୁହେଁ, ଗୁଣାତ୍ମକ ବିକାଶ ପାଇଁ ମଧ୍ୟ ବଜେଟରେ ପଦକ୍ଷେପ ନିଆଯାଇଛି। ନାବାର୍ଡ ମାଧ୍ୟମରେ ଜଳସେଚନ ପ୍ରକଳ୍ପ ସ୍ଥାପନ କରି ଜଳସେଚିତ ଜମିର ବୃଦ୍ଧି ପାଇଁ ଅଧିକ ବ୍ୟୟ ବରାଦ ପାଇଁ ନାବାର୍ଡକୁ ନିର୍ଦ୍ଦେଶ ଦିଆଗଲାବେଳେ ଅଣୁ ଜଳସେଚନ ପାଇଁ ମଧ୍ୟ ଗୁରୁତ୍ୱ ଦିଆଯାଇଛି।

**ଦୁଗ୍ଧ ଉତ୍ପାଦନ, ମତ୍ସ୍ୟଚାଷ ଓ ପଶୁପାଳନ ଉନ୍ନୟନ ପାଣ୍ଠି:**

ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଁ ପୂର୍ବରୁ ଗଠିତ ହୋଇଥିବା ପାଣ୍ଠି ପାଇଁ ଏବର୍ଷ ବଜେଟ୍‌ରେ ଅଧିକ ବ୍ୟୟ ବରାଦ ହେବାବେଳେ ମତ୍ସ୍ୟଚାଷ ଓ ପଶୁପାଳନର ବିସ୍ତାର ପାଇଁ ୧୦ ହଜାର କୋଟି ଟଙ୍କାର ପାଣ୍ଠି ଘୋଷଣା କରାଯାଇଛି। ଏହା ଫଳରେ ଚାଷୀମାନେ ଗୋପାଳନ ଓ ମତ୍ସ୍ୟଚାଷରୁ ନିଜ ନିଜର ଆୟ ବୃଦ୍ଧି କରି ପାରିବେ।

**କୃଷିଋଣ ବୃଦ୍ଧି:**

କୃଷକମାନେ ବିଭିନ୍ନ ପ୍ରକାର କୃଷି ବିକାଶ ଓ ଶସ୍ୟ ଏବଂ ପନିପରିବା ଉତ୍ପାଦନ ପାଇଁ ଆବଶ୍ୟକ କରୁଥିବା ଅର୍ଥକୁ କୃଷିଋଣ ମାଧ୍ୟମରେ ଯୋଗାଇଦେବା ପାଇଁ ୨୦୧୮-୧୯ ଆର୍ଥିକ ବର୍ଷରେ ୧୧ ଲକ୍ଷ କୋଟି ଟଙ୍କାର ବ୍ୟବସ୍ଥା ହୋଇଛି।

**ଭାଗଚାଷୀ ଆଇନ:**

ଯେଉଁମାନେ ଜମି ଭାଗରେ ଚାଷ କରୁଛନ୍ତି, ସେମାନଙ୍କ ମଧ୍ୟରୁ ଅଧିକାଂଶ ମୌଖିକ ଭାବରେ ଚାଷ କରୁଛନ୍ତି। ଯାହାଫଳରେ କୌଣସି ରେକର୍ଡ ତାଙ୍କ ପାଖରେ ନଥିବାରୁ ବ୍ୟାଙ୍କ ଋଣ ଆଣିପାରୁନାହାନ୍ତି, ଶସ୍ୟ ବୀମାରେ ସାମିଲ ହେଉ ନାହାନ୍ତି, ମଣ୍ଡିରେ ଧାନ ବିକ୍ରି କରି ପାରୁନାହାନ୍ତି। ସେଥିପାଇଁ ନୀତି ଆୟୋଗ ପ୍ରସ୍ତୁତ କରିଥିବା ଆଦର୍ଶ ଭାଗଚାଷ ଆଇନକୁ ଯେପରି ରାଜ୍ୟମାନେ ନିଜ ନିଜ ରାଜ୍ୟରେ ପାରିତ କରି ଭାଗଚାଷୀକୁ ଚାଷକରିବା ପାଇଁ ଆଇନଗତ ଅଧିକାର ଦେବେ ସେଥିପାଇଁ କେନ୍ଦ୍ର ସରକାର ରାଜ୍ୟମାନଙ୍କ ସହ ଆଲୋଚନା ଜାରି ରଖିଛନ୍ତି। ଏହି ଆଇନ ରାଜ୍ୟମାନେ ପାରିତ କଲେ, ଭାଗଚାଷୀ ଫସଲ ଉତ୍ପାଦନ ପାଇଁ ବ୍ୟାଙ୍କରୁ ରିହାତି ସୁଧରେ ଋଣ ଆଣି ପାରିବ, ଫସଲ ବୀମା କରି ପାରିବ ଓ ମଣ୍ଡିରେ ଅନ୍ୟୁନ ସହାୟକ ମୂଲ୍ୟରେ ଫସଲ ବିକ୍ରି କରି ପାରିବ।

**ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ସେବାର ବିକାଶ:**

ଆଜିକାଲି ଲୋକେ ସ୍ୱାସ୍ଥ୍ୟ ସଚେତନ ହେଲେଣି। କିନ୍ତୁ ଚିକିତ୍ସା ଖର୍ଚ୍ଚ ଅସମ୍ଭବ ଭାବେ ବୃଦ୍ଧି ପାଉଛି। ଏକ ସର୍ଭେରୁ ଜଣା ପଡିଛି ଯେ, ଗ୍ରାମାଞ୍ଚଳରେ ଚାଷୀମାନେ ଏବେ ଫସଲ ପାଇଁ ଋଣ ଆଣି ଫସଲ ଉତ୍ପାଦନରେ ନଲଗାଇ ପରିବାରର ସଦସ୍ୟଙ୍କ ବ୍ୟୟ ବହୁଳ ଡାକ୍ତରୀ ଚିକିତ୍ସାରେ ବିନିଯୋଗ କରୁଛନ୍ତି। ଏହା ସୂଚାଇଦିଏ ଯେ, ସ୍ୱାସ୍ଥ୍ୟ ସେବାର ଗୁରୁତ୍ୱ କେତେ ? ଅର୍ଥମନ୍ତ୍ରୀ ତାଙ୍କ ବଜେଟ ଭାଷଣରେ ସ୍ୱାସ୍ଥ୍ୟସେବା ପାଇଁ ଯେଉଁ ଜାତୀୟ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନା ଘୋଷଣା କରିଛନ୍ତି ତାହା ଦ୍ୱାରା ଦେଶର ୧୦କୋଟି ଗରିବ ପରିବାର ଉପକୃତ ହେବେ। ପ୍ରତି ପରିବାରର ଚିକିତ୍ସା ପାଇଁ ବାର୍ଷିକ ୫ଲକ୍ଷ ଟଙ୍କାର ବୀମା ବ୍ୟବସ୍ଥା ହୋଇଛି। ଏହା ଏକ ଯୁଗାନ୍ତକାରୀ ଯୋଜନା । ଗ୍ରାମାଞ୍ଚଳରେ ବାସ କରୁଥିବା କୃଷକମାନେ ମୁଖ୍ୟତଃ ଏହି ବୀମା ଯୋଜନାରେ ଉପକୃତ ହେବେ। କେବଳ ସେତିକିନୁହେଁ, ଦେଶରେ ଥିବା ୧.୫ ଲକ୍ଷ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଉନ୍ନତି କରାଯାଇ ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟସେବା ମାଗଣାରେ ଉପଲବଧ କରାଯିବ। ଏତଦ୍‌ବ୍ୟତୀତ କେନ୍ଦ୍ର ସରକାର ଆଉ ୨୪ଟି ମେଡିକାଲ କଲେଜ ଦେଶରେ ସ୍ଥାପନ କରିବେ। ପ୍ରତି ୩ଗୋଟି ସଂସଦୀୟ ନିର୍ବାଚନ ମଣ୍ଡଳୀ ପାଇଁ ଗୋଟିଏ କରି ମେଡିକାଲ କଲେଜ ସ୍ଥାପନ ହେବ ବୋଲି ନୀତି ଘୋଷଣା କରାଯାଇଛି। ଗ୍ରାମାଞ୍ଚଳ ବାସୀଙ୍କ ସ୍ୱାସ୍ଥ୍ୟ ସେବା ପାଇଁ କେନ୍ଦ୍ର ସରକାର ଯଥେଷ୍ଟ ଧ୍ୟାନ ଦେଇଛନ୍ତି ବୋଲି ୨୦୧୮-୧୯ ବଜେଟ୍ ପ୍ରସ୍ତାବରୁ ପ୍ରତୀୟମାନ ହେଉଛି।

**ଗ୍ରାମାଞ୍ଚଳରେ ସମନ୍ୱିତ ବିକାଶ:**

ଆମ ଦେଶର ୭୦ ପ୍ରତିଶତ ଲୋକ ଗ୍ରାମାଞ୍ଚଳରେ ବାସ କରୁଥିବା ଯୋଗୁଁ ଯଦି ଗ୍ରାମାଞ୍ଚଳ ଲୋକେ ସ୍ୱାଚ୍ଛନ୍ଦ୍ୟରେ ରହିବା ପାଇଁ ରାଷ୍ଟ୍ର ଆନୁଷଙ୍ଗିକ ବ୍ୟବସ୍ଥା ନକରେ ତେବେ ଆମ ଦେଶ ବିକଶିତ ରାଷ୍ଟ୍ର ବୋଲି ପରିଚିତ ହୋଇ ପାରିବ ନାହିଁ। ସୁତରାଂ ଏକ ଗଣତାନ୍ତ୍ରିକ ରାଷ୍ଟ୍ରର ଦାୟିତ୍ୱ ହେଲା ଆଞ୍ଚଳିକ ବୈଷମ୍ୟ ଦୂରକରି ସମସ୍ତ ଅଞ୍ଚଳର ଲୋକେ ଅନ୍ୟୁନ ନାଗରିକ ସୁବିଧା ସୁଯୋଗ ପାଇବା ଆବଶ୍ୟକ। ୨୦୧୮-୧୯ ବଜେଟରେ ସେଥିପ୍ରତି ଦୃଷ୍ଟି ଦିଆଯାଇଛି। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୭୫ ହଜାର କୋଟି ଟଙ୍କାର ଋଣ ଯୋଗାଇଦେବାର ଲକ୍ଷ୍ୟ ଧାର୍ଯ୍ୟ ହେବାବେଳେ ଉଜ୍ଜ୍ୱଳା ଯୋଜନା ମାଧ୍ୟମରେ ୮କୋଟି ମହିଳାଙ୍କୁ ମାଗଣାରେ ରନ୍ଧନ ଗ୍ୟାସ ଯୋଗାଣର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଗରିବ ଲୋକଙ୍କୁ ମାଗଣାରେ ବିଦ୍ୟୁତ୍ ସଂଯୋଗ, ସ୍ୱଚ୍ଛ ଭାରତ ଯୋଜନାରେ ୨ କୋଟି ଶୌଚାଳୟ ନିର୍ମାଣ, ୨୦୨୨ ସୁଦ୍ଧା ସବୁ ଗରିବ ଲୋକଙ୍କୁ ଗୃହ ଯୋଗାଣ ଆଦି ଘୋଷଣା ନିଶ୍ଚିତ ଭାବରେ ଗ୍ରାମାଞ୍ଚଳରେ ବାସ କରୁଥିବା ସାଧାରଣ ଲୋକଙ୍କ ଜୀବନ ନିର୍ବାହକୁ ସୁଖମୟ କରିବା ପାଇଁ ସହାୟକ ହେବ ବୋଲି ଆଶା କରାଯାଇପାରେ।

**ଶିକ୍ଷା ବିକାଶ:**

ଶିକ୍ଷାକ୍ଷେତ୍ରରେ ଗ୍ରାମାଞ୍ଚଳବାସୀ କିପରି ଉପକୃତ ହେବେ ସେଥିପାଇଁ ଶିକ୍ଷା ଭିତ୍ତିଭୂମିର ବିକାଶ ପାଇଁ

ବଜେଟରେ ଅନେକ ଗୁଡିଏ ବ୍ୟବସ୍ଥା ହୋଇଛି। ଆସନ୍ତା ଚାରିବର୍ଷରେ ଶିକ୍ଷା ଭିତ୍ତିଭୂମିର ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ୧ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ବଜେଟ୍ ପ୍ରସ୍ତାବରେ କୁହାଯାଇଛି। ସେହିପରି ଆଦିବାସୀ ବହୁଳ ବ୍ଲକମାନଙ୍କରେ ଆଦିବାସୀ ପିଲାମାନଙ୍କର ଶିକ୍ଷା ପାଇଁ ସ୍ୱତନ୍ତ୍ର ଏକଲବ୍ୟ ବିଦ୍ୟାଳୟ ପ୍ରତିଷ୍ଠା ହେବ ବୋଲି ଅର୍ଥମନ୍ତ୍ରୀ ଘୋଷଣା କରିଛନ୍ତି।

ବଜେଟ୍ ବିଶ୍ଳେଷଣରୁ ଏହା ଜଣାଯାଏ ଯେ, ଗ୍ରାମାଞ୍ଚଳର କୃଷକ, କୃଷି ଶ୍ରମିକ, ଆଦିବାସୀ ଦଳିତ ବର୍ଗର ବିକାଶକୁ ତ୍ୱରାନ୍ୱିତ କରିବାକୁ ଅର୍ଥମନ୍ତ୍ରୀ କୃଷି ବିକାଶ, ସ୍ୱାସ୍ଥ୍ୟରକ୍ଷା, ଶିକ୍ଷାବିସ୍ତାର ଓ ଜୀବନକୁ ସୁଖମୟ କରିବାକୁ ଯେଉଁସବୁ ମୌଳିକ ଆବଶ୍ୟକତା-ବିଦ୍ୟୁତ ଶକ୍ତି, ରନ୍ଧନ ଗ୍ୟାସ, ଶୌଚାଳୟ, ଗୃହ ଆଦିର ସହଜ ଉପଲବ୍ଧତା ପାଇଁ ବଜେଟରେ ଯେଉଁ ଆଖି ଦୃଶିଆ ବ୍ୟବସ୍ଥା କରିଛନ୍ତି ତାହା ଗ୍ରାମାଞ୍ଚଳବାସୀଙ୍କର ଜୀବନ ଧାରଣର ମାନ ବୃଦ୍ଧି କରିବାରେ ବିଶେଷ ସହାୟକ ହେବ କହିଲେ ଅତ୍ୟୁକ୍ତି ହେବନାହିଁ।

**ଓଡିଶା କିପରି ଉପକୃତ ହେବ:**

କେନ୍ଦ୍ର ସରକାରଙ୍କର ଏହି ଉଦ୍ୟମ ସ୍ୱାଗତଯୋଗ୍ୟ ହେଲେବି ଏସବୁକୁ କାର୍ଯ୍ୟକାରୀ କରିବେ ରାଜ୍ୟସରକାରମାନେ। ଏକ ସଂଘୀୟ ବ୍ୟବସ୍ଥାରେ କେନ୍ଦ୍ର ଓ ରାଜ୍ୟମଧ୍ୟରେ ସୁସଂପର୍କ ରହିଲେ କେନ୍ଦ୍ର ବଜେଟରେ ଧାର୍ଯ୍ୟ ଲକ୍ଷ୍ୟ ସହଜରେ ହାସଲ ହୋଇ ପାରିବ। ଏହି ପରିପ୍ରେକ୍ଷୀରେ ଓଡିଶା ସରକାର ତତ୍ପରତା ପ୍ରକାଶ କରି ବିଭିନ୍ନ ଯୋଜନା ପାଇଁ ହୋଇଥିବା ବ୍ୟୟବରାଦରୁ କିପରି ନିଜର ଭାଗ ଆଣି ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟକରି ଗ୍ରାମାଞ୍ଚଳ ବିକାଶକୁ ତ୍ୱରାନ୍ୱିତ କରିବେ ସେଥିପାଇଁ ଆବଶ୍ୟକ ପ୍ରତିବଦ୍ଧତା ଓ ସୁଚିନ୍ତିତ କାର୍ଯ୍ୟ ପ୍ରଣାଳୀ ସ୍ଥିର କରିବା ଉଚିତ୍। ବିଭିନ୍ନ ଫସଲର ଯେଉଁ ଅନ୍ୟୁନ ସହାୟକ ମୂଲ୍ୟକୁ ଖର୍ଚ୍ଚର ଦେଢ଼ଗୁଣ କରାଯିବ ବୋଲି ଘୋଷଣା କରାଯାଇଛି, ତାହା ସେହିମାନେ ପାଇବେ ଯେଉଁମାନଙ୍କ ନାମରେ ଜମି ପଟ୍ଟା ଅଛି ଅଥବା ଭାଗଚାଷ କରୁଛନ୍ତି ବୋଲି ବୁଝାମଣା ପତ୍ର ଅଛି। କିନ୍ତୁ ଓଡିଶାରେ ଭାଗଚାଷ ଆଇନ୍‌ର ସଂଶୋଧନ ନହେବାରୁ ଭାଗଚାଷୀମାନଙ୍କ ପାଖରେ କୌଣସି ବୁଝାମଣାପତ୍ର ନଥିବାରୁ ମୌଖିକ ଭାବରେ ଚାଷ କରୁଛନ୍ତି। ମୌଖିକ ଭାଗଚାଷୀଙ୍କୁ ଋଣ ମିଳୁନାହିଁ, ବୀମା ମିଳୁନାହିଁ ଓ ସେମାନେ ମଣ୍ଡିରେ ଧାନ ବିକ୍ରିକରି ପାରୁନାହାନ୍ତି। ଏହି ସ୍ଥିତିରେ ନୀତି ଆୟୋଗ ପ୍ରସ୍ତୁତ କରିଥିବା ଆଦର୍ଶ ଭାଗଚାଷ ଆଇନକୁ ଓଡିଶା ସରକାର ଯଥାଶୀଘ୍ର ରାଜ୍ୟବିଧାନ ସଭାରେ ପାରିତ କରି ଭାଗଚାଷୀଙ୍କୁ ସୁବିଧା ସୁଯୋଗ ଦେଲେ ଓଡିଶାର ଚାଷୀମାନେ ବିଶେଷ ଭାବରେ ଉପକୃତ ହେବେ।

ଗୋଟିଏ ଗୋଟିଏ ଜିଲ୍ଲାରେ ଏକ ପ୍ରକାର ଫସଲର ସଘନ ଚାଷ ପାଇଁ ଯେଉଁ ଯୋଜନା କାର୍ଯ୍ୟକାରୀ ହେବାକୁ ଯାଉଛି, ସେହି କାର୍ଯ୍ୟକ୍ରମରେ ଓଡିଶାର କିପରି ଅଧିକ ଜିଲ୍ଲା ସାମିଲ ହେବେ ସେଥିପାଇଁ ଯୋଜନା ପ୍ରସ୍ତୁତି କରି କେନ୍ଦ୍ର ସରକାରଙ୍କ ନିକଟରେ ଯଥା ସମୟରେ ପ୍ରସ୍ତାବ ଦାଖଲ କଲେ ନିଶ୍ଚିତ ଭାବରେ ଓଡିଶାର ଜିଲ୍ଲାଗୁଡିକ ଉପକୃତ ହେବେ। ସେହିପରି ଗ୍ରାମ୍ୟହାଟ ଓ ରାସ୍ତା ନିର୍ମାଣ ପାଇଁ ବ୍ୟୟ ବରାଦରୁ ଓଡିଶା ଯେପରି ତାର ନ୍ୟାଯ୍ୟ ପ୍ରାପ୍ୟ ପାଇବ ସେଥିପାଇଁ ସେସବୁର ଚିହ୍ନଟ କରି କେନ୍ଦ୍ର ସରକାରଙ୍କ ନିକଟରେ ପ୍ରସ୍ତାବ ଯଥା ସମୟରେ ରଖିଲେ ଓଡିଶାର ଗ୍ରାମାଞ୍ଚଳବାସୀମାନେ ଉପକୃତ ହେବେ। ଜଳସେଚନର ସଂପ୍ରସାରଣ କୁହନ୍ତୁ, ମତ୍ସ୍ୟଚାଷ ଅବା ଦୁଗ୍ଧ ଉତ୍ପାଦନର ସଂପ୍ରସାରଣ କୁହନ୍ତୁ ପ୍ରତ୍ୟେକ କ୍ଷେତ୍ରରେ ଯୋଜନା ପ୍ରସ୍ତୁତି କରି କେନ୍ଦ୍ର ସରକାରଙ୍କ ନିକଟରେ ଉପସ୍ଥାପନ କଲେ ଓଡିଶା ସେହିସବୁ ଯୋଜନାରୁ ଲାଭ ଉଠାଇ ପାରିବ।

ଗୃହନିର୍ମାଣ, ଶୌଚାଳୟ ନିର୍ମାଣ, ବିଦ୍ୟୁତ ଯୋଗାଣ, ରନ୍ଧନଗ୍ୟାସ ଯୋଗାଣ ଆଦି କାର୍ଯ୍ୟକ୍ରମ କିପରି ଓଡିଶାରେ ସୁରୁଖୁରୁରେ କାର୍ଯ୍ୟକାରୀ ହେବ ସେଥିପାଇଁ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ବିଚାର ଆଲୋଚନା ହୋଇ ଲକ୍ଷ୍ୟ ହାସଲ ପାଇଁ ତତ୍ପରତା ପ୍ରକାଶ ପାଇଲେ ଓଡିଶାର ଗ୍ରାମାଞ୍ଚଳ ବାସୀ ନିଶ୍ଚିତ ଉପକୃତ ହେବେ।

ସ୍ୱାସ୍ଥ୍ୟ ବୀମା ଯୋଜନା ଏକ ଯୁଗାନ୍ତକାରୀ ଯୋଜନା। ଏହି ଯୋଜନାରେ ଯେପରି ଗ୍ରାମାଞ୍ଚଳର ଗରିବ ପରିବାର ଅନ୍ତର୍ଭୁକ୍ତ ହେବେ ଓଡିଶା ସରକାର ପ୍ରଥମରୁ ହିଁ କେନ୍ଦ୍ରସରକାରଙ୍କ ସହିତ ସମ୍ପର୍କରେ ରହିବା ଉଚିତ୍। ଓଡିଶାର କେଉଁ କେଉଁ ଡାକ୍ତରଖାନା ଓ ନର୍ସିହୋମରେ ଏହି ବୀମା ସୁବିଧା ମିଳିବ ତାର ଏକ ତାଲିକା ପ୍ରସ୍ତୁତ କରି କେନ୍ଦ୍ର ସରକାରଙ୍କସହ ଯୋଗାଯୋଗ କରି ସେହି ତାଲିକାକୁ ସାଧାରଣ ଲୋକଙ୍କୁ ଜଣାଇଦେଲେ ଲୋକେ ଅସୁବିଧାରେ ପଡିବେ ନାହିଁ। ଘରୋଇ ଡାକ୍ତରଖାନା ଓ ନର୍ସିଂହୋମଗୁଡ଼ିକ ବୀମାଧାରୀ ଯେପରି ନ ଠକନ୍ତି ସେଥିପାଇଁ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟବିଭାଗ ମୂଳରୁ ସଜାଗ ରହିବା ଆବଶ୍ୟକ।

କେନ୍ଦ୍ର ବଜେଟ୍ ୨୦୧୮-୧୯ରେ ଗ୍ରାମାଞ୍ଚଳ ବିକାଶ ପାଇଁ ଗୁରୁତ୍ୱ ଦିଆଯାଇ- ଯଥେଷ୍ଟ ବ୍ୟୟ ବରାଦ କରାଯାଇଛି। ଆମ ରାଜ୍ୟ ସରକାର ଏହିସବୁ ଗ୍ରାମାଞ୍ଚଳ ବିକାଶ ଯୋଜନା ମାଧ୍ୟମରେ କିପରି ଅଧିକ ଅର୍ଥ ଆଣି ଗ୍ରାମାଞ୍ଚଳରେ ବାସ କରୁଥିବା ଗରିବ କୃଷକ, କୃଷି ଶ୍ରମିକ, ଆଦିବାସୀ, ଦଳିତ ବର୍ଗର ଲୋକଙ୍କ ବିକାଶ ପାଇଁ ବ୍ୟୟ କରିବେ ତାହା ବର୍ଷଆରମ୍ଭରୁ କାର୍ଯ୍ୟ ଆରମ୍ଭ କରନ୍ତୁ ଏବଂ ଅର୍ଥମଞ୍ଜୁର ହେବା ପରେ ସେସବୁ ଯୋଜନାର ସଠିକ୍ ରୂପାୟନକୁ ନିୟମିତ ତଦାରଖ କରନ୍ତୁ। ଆଶା କରାଯାଏ, କେନ୍ଦ୍ର ବଜେଟରେ ଗ୍ରାମ, କୃଷି ଓ କୃଷକଙ୍କ ପ୍ରତି ଯେଉଁ ଗୁରୁତ୍ୱ ଦିଆଯାଇଛି ଓଡ଼ିଶା ସରକାର ତାର ସଂପୂର୍ଣ୍ଣ ଉପଯୋଗ କରି ଗ୍ରାମାଞ୍ଚଳ ବିକାଶକୁ ତ୍ୱରାନ୍ୱିତ କରିବେ ଯାହାକି ଗରିବି ହଟାଇବାରେ ସହାୟକ ହେବ।

ଲେଖକ ଜଣେ ପୂର୍ବତନ ବରିଷ୍ଠ ବ୍ୟାଙ୍କ ଅଧିକାରୀ ଓ ସ୍ତମ୍ଭକାର।

# ଶିଶୁ କନ୍ୟାଙ୍କ ପାଇଁ ଉଚିତ୍ ପଦକ୍ଷେପ : ସର୍ଭେ

କେନ୍ଦ୍ର ଅର୍ଥମନ୍ତ୍ରୀଙ୍କ ଦ୍ୱାରା ୨୦୧୮ ଜାନୁଆରୀ ୨୯ରେ ଉପସ୍ଥାପିତ ଗୋଲାପୀ ରଂଗର ଅର୍ଥନୈତିକ ସର୍ଭେ ରିପୋର୍ଟରେ ଲିଙ୍ଗଗତ ପ୍ରସଙ୍ଗ ଏବଂ ପିତାମାତା ଓ ପରିବାରଙ୍କ ଝିଅଙ୍କ ଅପେକ୍ଷା ପୁଅ ପ୍ରୀତି ସମ୍ପର୍କରେ ଚିନ୍ତା ଉଦ୍ରେକକାରୀ ତଥ୍ୟମାନ ପ୍ରଦାନ କରାଯାଇଛି। ଏଥିରେ ଲିଙ୍ଗଗତ ବୈଷମ୍ୟର ବିଭିନ୍ନ କାରଣ ଦର୍ଶାଯାଇଛି। ସନ୍ତାନ ଜନ୍ମ, ସେମାନଙ୍କ ଲାଳନପାଳନ ଜନିତ ବ୍ୟୟ, ପରିବାର ପାଇଁ ଅର୍ଥ ଖର୍ଚ୍ଚ, ନିଜର ଗତିଶୀଳତା ଓ ସ୍ୱାସ୍ଥ୍ୟ ଆଦି କ୍ଷେତ୍ରରେ ମହିଳାଙ୍କ ନିଷ୍ପତ୍ତି ଗ୍ରହଣ ସଂକ୍ରାନ୍ତ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଏଥିରେ ସ୍ଥାନିତ। ଏହାଛଡ଼ା ମହିଳାଙ୍କ ପ୍ରତି ପୁରୁଷ ପ୍ରଧାନ ସମାଜର ମନୋଭାବ, ମହିଳାଙ୍କ ପ୍ରତି ଅସୂୟାମୂଳକ ଆଚରଣ ଓ ହିଂସା, ଝିଅଙ୍କ ବିବାହ ବୟସ, ସେମାନଙ୍କ ପସନ୍ଦ-ଅପସନ୍ଦ ଭାବ, ଶିକ୍ଷା, ନିଯୁକ୍ତି ବିଷୟ, ପୁତ୍ର ଲାଭର ମୋହ ଏବଂ ଏଥିପାଇଁ ଏକାଧିକ କନ୍ୟା ଜନ୍ମ ଆଦି ବିଷୟରେ ରିପୋର୍ଟରେ ତଥ୍ୟ ପ୍ରଦାନ କରାଯାଇଛି। ଏସବୁ ତଥ୍ୟାବଳୀର ମୂଳ ଉଦ୍ଦେଶ୍ୟ ହେଲା ମହିଳାମାନଙ୍କୁ ସଶକ୍ତ, ସୁଦୃଢ଼ କରି ନିଷ୍ପତ୍ତି ଗ୍ରହଣରେ ନିର୍ଣ୍ଣାୟକ ଭୂମିକା ନିର୍ବାହ କରିବାକୁ ସକ୍ଷମ କରିବାକୁ ସରକାର ଯେଉଁସବୁ ଯୋଜନା କାର୍ଯ୍ୟକାରୀ କରୁଛନ୍ତି ତାହାର ଫଳାଫଳ କ'ଣ ହେଉଛି ଏବଂ କେଉଁ କ୍ଷେତ୍ରରେ ଅସୁବିଧା ରହିଛି ତାହା ଜାଣିବା ଓ ପ୍ରତିକାର କରିବା। ଏଥିରେ ଦର୍ଶାଯାଇଛି ଯେ ଲିଙ୍ଗଗତ ସମସ୍ୟା ଦୀର୍ଘ ଦିନର ଏବଂ ଏଥିପାଇଁ ସଂପୃକ୍ତ ସମସ୍ତ ପକ୍ଷ ଦାୟୀ। ତେଣୁ ଭାରତ ଏ କ୍ଷେତ୍ରରେ ଥିବା ସାମାଜିକ ଅଗ୍ରାଧିକାର ଓ ବିଚାରକୁ ବଦଳାଇବା ଉଚିତ। ଏପରିକି ପୁଅଟିଏ ପାଇଁ ଅତି ବ୍ୟଗ୍ରତା ପ୍ରଦର୍ଶନ କରିବାର ଆବଶ୍ୟକତା ନାହିଁ। ପୁଅଙ୍କୁ ଅଗ୍ରାଧିକାର ଦେବା ଫଳରେ ଝିଅ ଅଲୋଡ଼ା ହେଉଥିବାରୁ ପୁଅ-ଝିଅ ଲିଙ୍ଗଗତ ସମତା ଗୁରୁତର ଭାବରେ ବ୍ୟାହତ ହେଉଥିବା ରିପୋର୍ଟରେ କୁହାଯାଇଛି। ମହିଳାଙ୍କ ସଂଖ୍ୟା ହ୍ରାସକୁ ରିପୋର୍ଟ 'ନିରୁଦ୍ଦିଷ୍ଟ' ମହିଳା ବୋଲି ଦର୍ଶାଇଛି। ସମାଜ ଓ ପରିବାରରେ ପୁଅ ପାଇଁ ଅତ୍ୟାଗ୍ରହ କାରଣରୁ ଝିଅମାନେ ଅବହେଳିତ ଓ ଅବାଂଛିତ ହେଉଥିବାରୁ ଏହି ବିଚାରର ଅବସାନ ଉପରେ ରିପୋର୍ଟ ଗୁରୁତ୍ୱ ଦେଇଛି।

ରିପୋର୍ଟ ଅନୁସାରେ ପିତାମାତା ପୁତ୍ର ଅଶାରେ ଏକାଧିକ ସନ୍ତାନ ଜନ୍ମଦେବା ପ୍ରୟାସରେ ଅନେକ କନ୍ୟା ଜନ୍ମ ନେଉଛନ୍ତି। ଏମାନଙ୍କୁ 'ଅବାଂଛିତ' କନ୍ୟା ଭାବେ ଦର୍ଶାଯାଇଛି, ଯେଉଁମାନଙ୍କ ସଂଖ୍ୟା ଭାରତରେ ପ୍ରାୟ ୨୧ ନିୟୁତ। ଏହି ପ୍ରକ୍ରିୟାର ଅବସାନ ଘଟାଇବାକୁ ସମାଜ ଓ ବ୍ୟବସ୍ଥା ଯତ୍ନଶୀଳ ହେବାକୁ ରିପୋର୍ଟରେ କୁହାଯାଇଛି। ଭାରତ ସରକାର ଏହି ପରିପ୍ରେକ୍ଷୀରେ ଯେଉଁ ବେଟି ବଚାଓ, ବେଟି ପଢ଼ାଓ ଓ ସୁକନ୍ୟା ସମୃଦ୍ଧି ଯୋଜନା ଏବଂ ବାଧ୍ୟତାମୂଳକ ମାତୃତ୍ୱ ଛୁଟି ଯୋଜନା ଆରମ୍ଭ କରିଛନ୍ତି ତାହାକୁ ସର୍ଭେ ରିପୋର୍ଟରେ ଯଥାର୍ଥ ଏବଂ ଶିଶୁକନ୍ୟାଙ୍କ ସୁରକ୍ଷା ପାଇଁ ଠିକଣା ପଦକ୍ଷେପ ବୋଲି କୁହାଯାଇଛି।

# ଅର୍ଥନୈତିକ ସର୍ଭେ : କ୍ଷେତ୍ରଓ୍ୱାରୀ ପ୍ରଦର୍ଶନ

ଭାରତର ସକଳ ମୂଲ୍ୟ ମିଶ୍ରିତ (ଗ୍ରସ୍ ଭ୍ୟାଲ୍ୟୁ ଆଡେଡ ବା ଜିଭିଏ) ବ୍ୟବସ୍ଥାରେ ସେବା କ୍ଷେତ୍ରର ଅଂଶ ୫୫.୨ ଶତାଂଶ। ୨୦୧୭-୧୮ ଅର୍ଥନୈତିକ ସର୍ଭେ ରିପୋର୍ଟରେ ଏହି କ୍ଷେତ୍ରର ପ୍ରଦର୍ଶନ ଅବ୍ୟାହତ ରହିଛି ଏବଂ ଏହାର ଅଂଶ ଜିଭିଏରେ ୭୨.୫ ଶତାଂଶକୁ ବୃଦ୍ଧି ପାଇଛି। ୨୦୧୭-୧୮ରେ ଏହି କ୍ଷେତ୍ରର ଅଭିବୃଦ୍ଧି ହାର ୮.୩ ଶତାଂଶ ହେବ ବୋଲି ଆଶା କରାଯାଉଛି। ସେବା ରପ୍ତାନୀ ଅଭିବୃଦ୍ଧି ୨୦୧୭-୧୮ ପ୍ରଥମାର୍ଦ୍ଧରେ ୧୬.୨ ଶତାଂଶ ହେବ ବୋଲି ଆକଳିତ ହୋଇଛି। ଅର୍ଥନୀତିର ଅନ୍ୟାନ୍ୟ ପ୍ରମୁଖ କ୍ଷେତ୍ରଗୁଡ଼ିକର ଅଭିବୃଦ୍ଧି ହାର ଅର୍ଥନୈତିକ ସର୍ଭେ ରିପୋର୍ଟରେ ନିମ୍ନମତେ ହେବ ବୋଲି ଦର୍ଶାଯାଇଛି।

**ପର୍ଯ୍ୟଟନ :**

ପର୍ଯ୍ୟଟନ କ୍ଷେତ୍ରର ସ୍ଥିତି ପ୍ରାୟତଃ ଭଲ ରହିଛି ଓ ଦେଶକୁ ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା ୨.୯ ଶତାଂଶ ବଢ଼ିଛି। ପର୍ଯ୍ୟଟନ କ୍ଷେତ୍ରରୁ ଦେଶର ବୈଦେଶିକ ବିନିମୟ ମୁଦ୍ରା ୨୦୧୬ରେ ୮.୮ ଶତାଂଶ ବଢ଼ି ୨୯.୯ ବିଲିୟନ ଡଲାର ହୋଇଥିଲା। ୨୦୧୭ରେ ଏ କ୍ଷେତ୍ରରେ ଅଧିକ ଅଭିବୃଦ୍ଧି ଘଟି ୧୦.୨ ନିୟୁତ ବିଦେଶୀ ପର୍ଯ୍ୟଟକଙ୍କ ଆଗମନ ସହିତ ୨୭.୭ ବିଲିୟନ ବୈଦେଶିକ ମୁଦ୍ରା ଆୟ ହୋଇଛି, ଯାହାର ଅଭିବୃଦ୍ଧି ହାର ପୂର୍ବବର୍ଷ ତୁଳନାରେ ୨୦.୮ଶତାଂଶ।

ସେହିଭଳି ଘରୋଇ ପର୍ଯ୍ୟଟକଙ୍କ ସଂଖ୍ୟାରେ ୨୦୧୬ରେ ପୂର୍ବବର୍ଷ ଅପେକ୍ଷା ୧୨.୭ ଶତାଂଶ ବଢ଼ିଥିଲା। ଏହିବର୍ଷ ତାମିଲନାଡୁ, ଉତ୍ତରପ୍ରଦେଶ, ଆନ୍ଧ୍ରପ୍ରଦେଶ, ମଧ୍ୟପ୍ରଦେଶ ଓ କର୍ଣ୍ଣାଟକ ପର୍ଯ୍ୟଟକଙ୍କ ପାଇଁ ପ୍ରଥମ ପସନ୍ଦର ପାଞ୍ଚଟି ରାଜ୍ୟ ଥିଲେ।

**ଆଇଟି-ବିପିଏମ୍ :**

ଭାରତର ଆଇଟି ଓ ବିଜନେସ୍ ପ୍ରସେସିଂ ଉଦ୍ୟୋଗ ୨୦୧୬-୧୭ରେ ପୂର୍ବ ବର୍ଷ ଅପେକ୍ଷା ୮.୧ଭାଗ ଅଧିକ ଅଭିବୃଦ୍ଧି ହାସଲ କରିଥିଲା। ଏହି କ୍ଷେତ୍ରର ରପ୍ତାନୀ ମଧ୍ୟ ୭.୬ ଭାଗ ବଢ଼ିଥିଲା ଏବଂ ୧୧୬.୧ ବିଲିୟନ ଡଲାର କାରବାର ହୋଇଥିଲା। ଇ-କମର୍ସ ମାର୍କେଟରେ ଅଭିବୃଦ୍ଧି ୨୦୧୬-୧୭ରେ ୧୯.୧ ଶତାଂଶ ଥିଲା।

**ରିୟଲ ଇଷ୍ଟେଟ :**

ଅର୍ଥନୈତିକ ସର୍ଭେ ରିପୋର୍ଟ ଅନୁସାରେ ଭାରତର ରିୟଲ ଇଷ୍ଟେଟ୍ କ୍ଷେତ୍ରରେ ଉନ୍ନତି ଆସିଛି। ୨୦୧୭ ପ୍ରଥମ ଛ'ମାସରେ ଏହି କ୍ଷେତ୍ରର ମୋଟ ୨୫୭ ନିୟୁତ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜି ନିବେଶ ହୋଇଛି। ଏହି ପରିମାଣ ୨୦୧୬ର ମୋଟ୍ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜି ନିବେଶର ଦୁଇଗୁଣ। କେନ୍ଦ୍ର ସରକାର ରିୟଲ ଇଷ୍ଟେଟ୍ କ୍ଷେତ୍ରର ବିକାଶ ପାଇଁ ନିକଟ ଅତୀତରେ ଯେଉଁସବୁ ପଦକ୍ଷେପ ନେଇଛନ୍ତି ଏହା ତାହାର ଫଳ ବୋଲି କୁହାଯାଇପାରେ।

**ଗବେଷଣା ଓ ଉନ୍ନୟନ :**

ବିଜ୍ଞାନ ଓ କାରିଗରୀ ଉଦ୍ୟୋଗର ଗବେଷଣା ଓ ଉନ୍ନୟନ କ୍ଷେତ୍ରର ସେବାରେ ୨୦୧୪-୧୫ ବର୍ଷରେ ୧୭.୫ ଶତାଂଶ ଅଭିବୃଦ୍ଧି ଘଟିଥିବାବେଳେ ୧୫-୧୬ରେ ଏହା ୪୧.୧ ଶତାଂଶ ବୃଦ୍ଧି ପାଇଛି। ଭାରତ ଭିତ୍ତିକ ଗବେଷଣା ଓ ଉନ୍ନୟନ କମ୍ପାନୀମାନେ ଏହି ସମୟରେ ବିଶ୍ୱ କାରବାରରେ ନିଜର ଅଂଶକୁ ୧୨.୭ରୁ ୨୨ ଶତାଂଶକୁ ବୃଦ୍ଧି କରିଛନ୍ତି। ତେବେ ଗବେଷଣା ଓ ଉନ୍ନୟନ କ୍ଷେତ୍ରରେ ଭାରତର ସକଳ ବ୍ୟୟ ଜିଡିପିର ମାତ୍ର ଏକ ଶତାଂଶ ପାଖାପାଖି ରହିଛି। ଗ୍ଲୋବାଲ ଇନୋଭେସନ ଇଣ୍ଡେକ୍ସ ତାଲିକାରେ ଭାରତ ୨୦୧୭ରେ ୬୦ତମ ସ୍ଥାନରେ ରହିଥିବାବେଳେ ୨୦୧୬ରେ ଏହା ୬୬ତମ ସ୍ଥାନରେ ଥିଲା।

**ମହାକାଶ କ୍ଷେତ୍ର :**

ମହାକାଶ ବିଜ୍ଞାନ କ୍ଷେତ୍ରରେ ଭାରତ ୨୦୧୭ରେ ଉପଗ୍ରହ ପ୍ରେରଣରେ ଭଲ ପ୍ରଦର୍ଶନ କରିଥିଲା। ପିଏସ୍ଏଲ୍ଭି ଦ୍ୱାରା ସେହିବର୍ଷ ୨୫୪ଟି ଉପଗ୍ରହ ପ୍ରେରଣ କରାଯାଇଥିଲା। ବିଦେଶୀ ଉପଗ୍ରହ ପ୍ରେରଣ ଜନିତ କାରବାରରେ ଭାରତ ୨୦୧୫-୧୬ରେ ୨୭୫ କୋଟି ଟଙ୍କା ଆୟ କରିଥିବାବେଳେ ୨୦୧୬-୧୭ରେ ଏହା ୩୯୪ କୋଟି ଟଙ୍କାରେ ପହଞ୍ଚିଥିଲା। ବିଶ୍ୱ ଉପଗ୍ରହ ପ୍ରେରଣ ଜନିତ ସେବାରେ ଭାରତର ଅଂଶ ୨୦୧୫-୧୬ରେ ପୂର୍ବବର୍ଷ ଅପେକ୍ଷା ୧.୧ ଶତାଂଶ ବଢ଼ିଥିଲା।

# କେନ୍ଦ୍ର ବଜେଟ୍‌ରେ ‘ଆୟୁଷ୍ମାନ୍ ଭାରତ’


● ଅନୁପମ ପ୍ରହରାଜ

ସ୍ୱାସ୍ଥ୍ୟ ହିଁ ସମ୍ପଦ। ଉତ୍ତମ ସ୍ୱାସ୍ଥ୍ୟ ହିଁ ବ୍ୟକ୍ତି, ପରିବାର ତଥା ସମାଜକୁ ସମୃଦ୍ଧ କରେ। ବ୍ୟକ୍ତି ସୁସ୍ଥ ରହିଲେ ତା’ର ଚିନ୍ତାଧାରା ସହ କାର୍ଯ୍ୟଦକ୍ଷତା ବଢ଼ିଥାଏ। ସେଥିପାଇଁ ଦେଶର ପ୍ରଧାନମନ୍ତ୍ରୀ ସୁସ୍ଥତାକୁ ଗୁରୁତ୍ୱ ଦେବାକୁ ଯାଇ ‘ସୁସ୍ଥ ଭାରତ, ଶ୍ରେଷ୍ଠ ଭାରତ’ର ସ୍ଲୋଗାନ ଯୋଡ଼ିଛନ୍ତି। ଏପରିକି ସମସ୍ତଙ୍କ ଲାଗି ସ୍ୱାସ୍ଥ୍ୟସେବା ନେଇ ଆରମ୍ଭ ହୋଇଛି ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ନୀତି। ସହସ୍ରାବ୍ଦୀ ଲକ୍ଷ୍ୟ ସାଧନ ହେଉ କିମ୍ବା ୨୦୨୦ ସୁଦ୍ଧା ସମସ୍ତଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ପ୍ରଦାନ କରିବା କ୍ଷେତ୍ରରେ ପ୍ରତି ୫ ବର୍ଷରେ ଥରେ ପ୍ରସ୍ତୁତ ହେଉଛି ସ୍ୱାସ୍ଥ୍ୟ ଖସଡ଼ା। ଲକ୍ଷ୍ୟ ହେଉଛି ସାଧାରଣ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଅଧିକ ମଜବୁତ୍ ତଥା ପ୍ରଭାବୀ କରିବା। ଭାରତରେ ସ୍ୱାସ୍ଥ୍ୟ ସଚେତନତା ସୃଷ୍ଟି, ପ୍ରତିକାର ଓ ନିଦାନ ଭଳି ତିନିଟି କ୍ଷେତ୍ରକୁ ବିଶେଷ ପ୍ରାଥମିକତା ଦିଆଯାଇଛି। ସଚେତନତା ସୃଷ୍ଟି ସହ ପ୍ରତିକାର ଲାଗି ଦେଶରେ ୨୦୧୪ରୁ ଆରମ୍ଭ ହୋଇଛି ବୃହତ୍ ସ୍ୱାସ୍ଥ୍ୟ ଓ ପରିବେଶ ସଚେତନତାଧର୍ମୀ କାର୍ଯ୍ୟକ୍ରମ- ସ୍ୱଚ୍ଛ ଭାରତ ଅଭିଯାନ। ଏହି ଅଭିଯାନ ଆଜି ଏକ ଜନଆନ୍ଦୋଳନର ରୂପ ନେଇଛି। ଏହାର ଉତ୍ତମ ପ୍ରଭାବ ମଧ୍ୟ ଦେଶର ବିଭିନ୍ନ କୋଣ ଅନୁକୋଣରେ ପଡ଼ିବାରେ ଲାଗିଛି। ମହାତ୍ମା ଗାନ୍ଧୀଙ୍କ ଗ୍ରାମ୍ୟ ପରିମଳ ଓ ସ୍ୱଚ୍ଛତାକୁ ନେଇ ଯେଉଁ ସ୍ୱପ୍ନ ଥିଲା ଭାରତ ଧୀରେ ଧୀରେ ତାହାକୁ ହାସଲ କରିବା ଦିଗରେ ଅଗ୍ରସର ହେଉଛି। ସ୍ୱଚ୍ଛତା ହିଁ ଉତ୍ତମ ସ୍ୱାସ୍ଥ୍ୟ ଆରୋହଣ ପଥରେ ପ୍ରଥମ ସୋପାନ।

ସ୍ୱଚ୍ଛ ଭାରତ ଅଭିଯାନ ପରେ ସ୍ୱାସ୍ଥ୍ୟକ୍ଷେତ୍ରକୁ ସୁଦୃଢ଼ କରିବାକୁ ନିରନ୍ତର ଭାବେ କେନ୍ଦ୍ର ଓ ରାଜ୍ୟ ସରକାର ଏକାଧିକ ଯୋଜନା, ଅଭିଯାନ ଓ ପଦକ୍ଷେପ ଗ୍ରହଣ କରିବାରେ ଲାଗିଛନ୍ତି। ସ୍ୱାସ୍ଥ୍ୟସେବାକୁ ଦୁଆର ମୁହଁରେ ପହଞ୍ଚାଇବା ଓ ସମସ୍ତଙ୍କୁ ସୁସ୍ଥ ରଖିବା ଲାଗି ଏକ୍ଷେତ୍ରରେ ବଜେଟ୍ ବ୍ୟୟ ବରାଦ ମଧ୍ୟ କ୍ରମାଗତ ଭାବେ ବଢ଼ିବାରେ ଲାଗିଛି। ଏବେ ନୁହେଁ, କେବେଠାରୁ ଏକ୍ଷେତ୍ରରେ କିଛି କିଛି ପଦକ୍ଷେପ ନିଆଯାଇଆସୁଥିଲେ ମଧ୍ୟ ଭାରତ ଏହାର ଇପ୍‌ସିତ ଲକ୍ଷ୍ୟରେ ଏଯାବତ୍ ପହଞ୍ଚି ନପାରିବା ଦୁର୍ଭାଗ୍ୟପୂର୍ଣ୍ଣ ତଥା ଉଦ୍‌ବେଗର ପ୍ରସଙ୍ଗ ନିଶ୍ଚୟ। ସ୍ୱାସ୍ଥ୍ୟ କ୍ଷେତ୍ରରେ ଭାରତର ସ୍ଥିତି ନେଇ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଚିନ୍ତାଜନକ ରିପୋର୍ଟ ପ୍ରଦାନ କରିଆସିଛି। ଶିଶୁ ଓ ମାତୃମୃତ୍ୟୁ ହାର କ୍ଷେତ୍ରରେ ଏବେ ବି ଭାରତକୁ ବହୁତ କିଛି ପଦକ୍ଷେପ ନେବାକୁ ରହିଛି। ବିଶେଷକରି ଶିଶୁଙ୍କ ପୁଷ୍ଟିସାଧନ ମଧ୍ୟ ଏକ ବୃହତ୍ ଆହ୍ୱାନ ରହିଛି।

ନିକଟରେ ‘ନିତି ଆୟୋଗ’ ବିଭିନ୍ନ ରାଜ୍ୟର ସ୍ୱାସ୍ଥ୍ୟସ୍ଥିତି ସଂପର୍କରେ ରିପୋର୍ଟ ଦେଇଛି। ଏଥିରେ କେରଳ ସର୍ବାଧିକ ଉତ୍ତମ ପ୍ରଦର୍ଶନ କରିଥିବାବେଳେ ଉତ୍ତରପ୍ରଦେଶ ପଛରେ ରହିଛି। ଏହାସତ୍ତ୍ୱେ ଉତ୍ତରପ୍ରଦେଶ ନିକଟ ଅତୀତରେ





କ୍ରମାଗତ ସ୍ୱାସ୍ଥ୍ୟସେବା ପ୍ରଦାନ କ୍ଷେତ୍ରରେ ଉନ୍ନତି କରୁଥିବା ଜଣାପଡିଛି । ଏପରିକି ଝାଡ଼ଖଣ୍ଡ ସ୍ୱାସ୍ଥ୍ୟ ସୂଚକାଙ୍କରେ ପଛୁଆ ରହି ମଧ୍ୟ ସ୍ଥିତିରେ କ୍ରମାଗତ ସୁଧାର ଆଣୁଛି । କେରଳ ଭଳି ଉତ୍ତମ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ପଞ୍ଜାବ, ତାମିଲନାଡୁ ଓ ଗୁଜରାଟ ଭଳି ରାଜ୍ୟ ଉନ୍ନତ ସ୍ଥିତିରେ ଥିବାବେଳେ ଓଡ଼ିଶା, ବିହାର ଓ ରାଜସ୍ଥାନ ଆଦି ରାଜ୍ୟର ପ୍ରଦର୍ଶନ ପୂର୍ବାପେକ୍ଷା ଦୁର୍ବଳ ରହିବା ଏସବୁ ରାଜ୍ୟ ଗୁଡିକ ଲାଗି ସ୍ୱାସ୍ଥ୍ୟ ପ୍ରଶାସନିକ କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବା ଲାଗି ଆହ୍ୱାନ ସୃଷ୍ଟି କରିଛି । 'ସୁସ୍ଥ ରାଜ୍ୟ, ପ୍ରଗତିଶୀଳ ଭାରତ: ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ଗୁଡିକଙ୍କ ର୍ୟାଙ୍କ ରିପୋର୍ଟ'ରେ ଝାଡ଼ଖଣ୍ଡ, ଜମ୍ମୁ-କାଶ୍ମୀର ଓ ଉତ୍ତର ପ୍ରଦେଶ ପଛରେ ଥାଇ ମଧ୍ୟ ନବଜାତ ମୃତ୍ୟୁହାର (ଏନଏମଆର) ଓ ୫ ବର୍ଷରୁ କମ୍ ଶିଶୁ ମୃତ୍ୟୁହାର (ୟୁ୫ଏମଆର) ରୋକିବା, ସଂପୂର୍ଣ୍ଣ ଟିକାକରଣ ଏବଂ ହସ୍ପିଟାଲରେ ପ୍ରସବ ଭଳି କ୍ଷେତ୍ରରେ ସର୍ବାଧିକ ସଫଳତା ହାସଲ କରିବା ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏସବୁ ରାଜ୍ୟର ପ୍ରଶାସନିକ କାର୍ଯ୍ୟାନ୍ୱୟନକୁ ନିଶ୍ଚିତ ରୂପେ ପ୍ରଶଂସା କରାଯାଇପାରେ । ଉତ୍ତର ପୂର୍ବାଞ୍ଚଳର ଛୋଟ ଛୋଟ ରାଜ୍ୟ ମଧ୍ୟରୁ ମିଜୋରାମ ଏକ୍ଷେତ୍ରରେ ଆଗରେ ଥିବାବେଳେ ଏହାପଛକୁ ମଣିପୁର ଓ ଗୋଆ ଭଳି ରାଜ୍ୟ ରହିବା ଏକାଠାର ଉତ୍ତମ ସ୍ୱାସ୍ଥ୍ୟସ୍ଥିତିକୁ ପ୍ରମାଣିତ କରୁଛି । କେନ୍ଦ୍ରଶାସିତ ଅଞ୍ଚଳ ଗୁଡିକ ମଧ୍ୟରେ ଉତ୍ତମ ପ୍ରଦର୍ଶନରେ ଲାକ୍ଷାଦ୍ୱୀପ ସର୍ବାଗ୍ରେ ରହିବା ଯୋଜନାକୁ ଭରପୁର ଉପଯୋଗ କରିପାରିଥିବା ପ୍ରମାଣ ଦିଏ ।

ସ୍ୱଚ୍ଛ ଭାରତ ଅଭିଯାନ ପରେ ସ୍ୱାସ୍ଥ୍ୟକ୍ଷେତ୍ରକୁ ସୁଦୃଢ କରିବାକୁ ନିରନ୍ତର ଭାବେ କେନ୍ଦ୍ର ଓ ରାଜ୍ୟ ସରକାର ଏକାଧିକ ଯୋଜନା, ଅଭିଯାନ ଓ ପଦକ୍ଷେପ ଗ୍ରହଣ କରିବାରେ ଲାଗିଛନ୍ତି । ସ୍ୱାସ୍ଥ୍ୟସେବାକୁ ଦୁଆର ମୁହଁରେ ପହଞ୍ଚାଇବା ଓ ସମସ୍ତଙ୍କୁ ସୁସ୍ଥ ରଖିବା ଲାଗି ଏକ୍ଷେତ୍ରରେ ବଜେଟ୍ ବ୍ୟୟ ବରାଦ ମଧ୍ୟ କ୍ରମାଗତ ଭାବେ ବଢିବାରେ ଲାଗିଛି । ଏବେ ନୁହେଁ, କେବେଠାରୁ ଏକ୍ଷେତ୍ର ପ୍ରତି କିଛି କିଛି ପଦକ୍ଷେପ ନିଆଯାଇଆସୁଥିଲେ ମଧ୍ୟ ଭାରତ ଏହାର ଇପ୍‌ସିତ ଲକ୍ଷ୍ୟରେ ଏଯାବତ୍ ପହଞ୍ଚି ନପାରିବା ଦୁର୍ଭାଗ୍ୟପୂର୍ଣ୍ଣ ତଥା ଉଦ୍‌ବେଗର ପ୍ରସଙ୍ଗ ନିଶ୍ଚୟ । ସ୍ୱାସ୍ଥ୍ୟ କ୍ଷେତ୍ରରେ ଭାରତର ସ୍ଥିତି ନେଇ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଚିନ୍ତାଜନକ ରିପୋର୍ଟ ପ୍ରଦାନ କରିଆସିଛି । ଶିଶୁ ଓ ମାତୃମୃତ୍ୟୁ ହାର କ୍ଷେତ୍ରରେ ଏବେ ବି ଭାରତକୁ ବହୁତ କିଛି ପଦକ୍ଷେପ ନେବାକୁ ରହିଛି । ବିଶେଷକରି ଶିଶୁଙ୍କ ପୁଷ୍ଟିସାଧନ ମଧ୍ୟ ଏକ ବୃହତ୍ ଆହ୍ୱାନ ରହିଛି ।

ନେସନାଲ ହେଲ୍‌ଥ ପଲିସି ୨୦୧୭ (ଜାତୀୟ ସ୍ୱାସ୍ଥ୍ୟ ନୀତି) ସହ ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ୩ (ଉତ୍ତମ ସ୍ୱାସ୍ଥ୍ୟ ଓ ନିରାମୟ ଜୀବନ)କୁ ସଫଳ କରିବା ଲାଗି ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ସୁଦୃଢ କରିବାକୁ ଭାରତ ସରକାର ଉଦ୍ୟମ କରୁଛନ୍ତି । ଦେଶର ଅର୍ଥନୈତିକ ସର୍ଭେ ରିପୋର୍ଟ ୨୦୧୮ରେ ସ୍ୱାସ୍ଥ୍ୟକ୍ଷେତ୍ରକୁ ଅଧିକ ଅର୍ଥବରାଦ ଅନୁଯାୟୀ ବଜେଟ୍‌ରେ ବ୍ୟବସ୍ଥା କରାଯାଇଛି । ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ନୀତି ୨୦୧୭ରେ ଜନସ୍ୱାସ୍ଥ୍ୟ କ୍ଷେତ୍ରରେ ମୋଟ ଜାତୀୟ ଆୟ(ଜିଡ଼ିପି)ର ୧.୧୫ ପ୍ରତିଶତରୁ ୨୦୨୫ ସୁଦ୍ଧା ୨.୫ ପ୍ରତିଶତ ଅର୍ଥ ଏହି କ୍ଷେତ୍ର ଲାଗି ବୃଦ୍ଧି କରାଯିବାକୁ ସ୍ଥିର ହୋଇଛି । ୨୦୧୭ରେ କେନ୍ଦ୍ର ସରକାର ୨୦୨୦ ସୁଦ୍ଧା ପରିବାର ନିଯୋଜନ କ୍ଷେତ୍ରରେ ୩ ଶହ କୋଟି ଟଙ୍କା ବିନିଯୋଗ କରିବେ ବୋଲି ଲଣ୍ଡନରେ ଆୟୋଜିତ ପରିବାର ନିୟୋଜନ ସମ୍ମିଳନୀରେ ନିଜ ପ୍ରତିବଦ୍ଧତାକୁ ଦୋହରାଇଥିଲେ । ଏକ ବିକାଶଶୀଳ ଅର୍ଥନୀତି ଲାଗି ଶିକ୍ଷା ଓ ସ୍ୱାସ୍ଥ୍ୟଭଳି ଜଟିଳ ସାମାଜିକ କ୍ଷେତ୍ରରେ ଅଧିକ ବ୍ୟୟବରାଦର



ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏଥର ବଜେଟ୍‌ରେ କେନ୍ଦ୍ର ସରକାର ବ୍ୟବସ୍ଥା କରିଛନ୍ତି। ବଜେଟ୍‌ରେ ଆବଶ୍ୟକତା ଅନୁଯୋଗୀ ଅର୍ଥ ବରାଦ ନକରିବା, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ଯୋଜନାର ରୂପାୟନ କ୍ଷେତ୍ରରେ ଉତ୍ତମ ସମନ୍ୱୟର ଅଭାବ ଏବଂ ଧାର୍ଯ୍ୟ ଲକ୍ଷ୍ୟ ହାସଲ ଲାଗି ପ୍ରଶାସନିକ ନିରୁତ୍ସାହିତା ଆଦି ଇପ୍‌ସିତ ଲକ୍ଷ୍ୟ ହାସଲ ଦିଗରେ ପ୍ରତିବନ୍ଧକ ସାଜିଥାଏ। ଜନସଂଖ୍ୟା ବୃଦ୍ଧି ଏକ ଗୁରୁତର ସଂକଟ ସୃଷ୍ଟି କରିଛି। ଏଥିଲାଗି ପରିବାର ନିୟୋଜନ ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ତେଣୁ ଜାତୀୟ ସ୍ୱାସ୍ଥ୍ୟ ମିଶନ ଯୋଜନାରେ ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟ (ଆରସିଏଚ) କ୍ଷେତ୍ରରେ ମୋଟ ବଜେଟ୍ ଅର୍ଥର ୪ ପ୍ରତିଶତ ବିନିଯୋଗ ହେଉଛି। ଗତବର୍ଷ ବଜେଟ୍‌ରେ ଏଥିପାଇଁ ଯେଉଁ ବରାଦ ହୋଇଥିଲା ସେଥିରୁ ୬୪ ପ୍ରତିଶତ ବିନିଯୋଗ ହୋଇଥିଲା।

ନରେନ୍ଦ୍ର ମୋଦି ସରକାରଙ୍କ ଇପ୍‌ସିତ ଜାତୀୟ ସ୍ୱାସ୍ଥ୍ୟ ନୀତି ୨୦୧୭କୁ ସଫଳ କରିବା ଲାଗି ଚଳିତ ବଜେଟ୍‌ରେ ଯେଉଁ ବ୍ୟୟବରାଦ କରାଯାଇଛି ତାହାକୁ ନେଇ କେତେକ ଉତ୍ସାହିତ ଥିବାବେଳେ ଆଉ କେତେକ ଅର୍ଥନୀତିଜ୍ଞ ଏହା ଅଭିଳଷିତ ଲକ୍ଷ୍ୟକୁ ସଫଳତା ଦେବାରେ ବିଳମ୍ବ କରିପାରେ ବୋଲି ମଧ୍ୟ ଆଶଙ୍କା ପ୍ରକାଶ କରିଛନ୍ତି। ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ନୀତି (ଏନଏଚପି)ରେ ଲକ୍ଷ୍ୟ ରହିଛି ସରକାରୀ ପାଣ୍ଠିକୁ ଚିକିତ୍ସା ଲାଗି ଦୁଇଗୁଣ ବଢାଇବା। ସଂପ୍ରତି ମୋଟ ଜାତୀୟ ଆୟର ମାତ୍ର ୧.୧୫ ପ୍ରତିଶତ ରହିଛି। ଏହି ବ୍ୟୟବରାଦକୁ ୨୦୨୫ ମସିହା ସୁଦ୍ଧା ୨.୫ ପ୍ରତିଶତକୁ ବଢାଇବାକୁ ପଡିବ। ତେବେ ଚଳିତ ବଜେଟ୍ ୨୦୧୮-୧୯ରେ ସ୍ୱାସ୍ଥ୍ୟ କ୍ଷେତ୍ରକୁ ପୂର୍ବବର୍ଷ ତୁଳନାରେ ୫ ପ୍ରତିଶତ ଅଧିକ ଅର୍ଥ ବରାଦ କରାଯାଇଛି। ୨୦୧୭-୧୮ରେ ଏହି ବ୍ୟୟବରାଦ ୫୦,୦୭୯ କୋଟି ଟଙ୍କା ଥିବାବେଳେ ଏଥର ୫୨,୮୦୦ କୋଟି ଟଙ୍କାକୁ ବଢାଯାଇଛି।

ଏନ୍‌ଏଚ୍‌ପିର ଲକ୍ଷ୍ୟକୁ ହାସଲ କରିବା ଅର୍ଥାତ୍ ସମସ୍ତଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସୁବିଧା ଯୋଗାଇବାକୁ ହେଲେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରମାନେ ମୋଟ ବ୍ୟୟବରାଦକୁ ଏକ୍ଷେତ୍ରରେ ୮ ଲକ୍ଷ କୋଟି ଟଙ୍କା ୨୦୨୫ ମସିହା ସୁଦ୍ଧା ବଢାଇବାକୁ ପଡିବ। ସଂପ୍ରତି କେନ୍ଦ୍ର ଓ ରାଜ୍ୟମାନଙ୍କର ମୋଟ ବ୍ୟୟବରାବ ୨ଲକ୍ଷ କୋଟି ଟଙ୍କା ରହିଛି। ଅର୍ଥାତ୍ ଯଦି କ୍ରମାଗତ ଭାବେ ୭ରୁ ୮ ବର୍ଷ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସେମାନଙ୍କ ବାର୍ଷିକ ବଜେଟ୍‌ରେ ୨୦ ପ୍ରତିଶତ ଲେଖାଏଁ ଅର୍ଥ ବଢାଇବେ ତେବେ ଯାଇ ଏହି ଲକ୍ଷ୍ୟ ପୂରଣ ହୋଇପାରିବ।

ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି କେନ୍ଦ୍ର ସରକାର ଏହି ନୀତିରେ ଦିଆଯାଇଥିବା ପ୍ରସ୍ତାବକୁ କାର୍ଯ୍ୟକାରୀ କରିବା ସହ ଲକ୍ଷ୍ୟହାସଲ ଲାଗି ମଧ୍ୟ ବେଶ୍ ଗୁରୁତ୍ୱ ଦେଉଥିବା ଦେଖାଯାଉଛି। ୨୦୧୬-୧୭ରେ ସ୍ୱାସ୍ଥ୍ୟକ୍ଷେତ୍ରକୁ ବଜେଟ୍ ବରାଦ ୩୭,୬୭୧ କୋଟି ଥିବାବେଳେ ୨୦୧୭-୧୮ରେ ଏଥିରେ ୨୫ ପ୍ରତିଶତ ଅଧିକ ବୃଦ୍ଧି କରି ୫୦ ହଜାର କୋଟି ଡେଇଁଥିଲା।

ଓଡ଼ିଶା ଏବେ ନବଜାତ ମୃତ୍ୟୁହାର କ୍ଷେତ୍ରରେ ଏକନମ୍ବର ସ୍ଥାନରେ ରହିଛି। ନବଜାତ ଶିଶୁଙ୍କ ମୃତ୍ୟୁ, ଅପପୁଷ୍ଟି, ଓଜନ ହ୍ରାସ ଓ କୁପୋଷଣ କ୍ଷେତ୍ରରେ ଓଡ଼ିଶାର ଦୟନୀୟ ସ୍ଥିତି ନିକଟରେ ବୟାନ କରିଛି ସାମ୍ପୁଲ ରେଜିଷ୍ଟ୍ରେସନ୍ ସର୍ଭେ (ଏସଆରଏସ)ର ୨୦୧୬ ରିପୋର୍ଟ। ରେଜିଷ୍ଟ୍ରାର ଜେନେରାଲ ଓ ସେନ୍‌ସସ୍ କମିଶନରଙ୍କ ତଥ୍ୟ ଆଧାରିତ ଏହି ସର୍ଭେ ଅନୁସାରେ ଓଡ଼ିଶା ନବଜାତକ ଶିଶୁ ମୃତ୍ୟୁ (ନିଓନାଟାଲ ମୋର୍ଟାଲିଟି ରେଟ୍)ରେ ଦେଶରେ ଏକ ନମ୍ବର ସ୍ଥାନରେ ରହିଛି। ଜାତୀୟ ସ୍ତରରେ ନବଜାତକ ଶିଶୁ ମୃତ୍ୟୁହାର ୨୪ ପ୍ରତିଶତ ରହିଥିବାବେଳେ ଓଡ଼ିଶାରେ ଏହା ୩୨ ପ୍ରତିଶତ ରହିବା ଉଦ୍‌ବେଗଜନକ ସ୍ଥିତିକୁ ପ୍ରତିଫଳିତ କରିଛି। ଜନ୍ମରୁ ୨୮ ଦିନ ମଧ୍ୟରେ ଶିଶୁଙ୍କ ମୃତ୍ୟୁକୁ ନବଜାତ ଶିଶୁ ମୃତ୍ୟୁ ରୂପେ ବିବେଚନା କରାଯାଇଥାଏ। ରାଜ୍ୟରେ ୨୦୧୬ ମସିହାରେ ୮ ଲକ୍ଷ ୩୦ ହଜାର ଶିଶୁ ଜନ୍ମ ଗ୍ରହଣ କରିଥିବାବେଳେ ସେଥିରୁ ୨୮ ଦିନ ମଧ୍ୟରେ ୨୬ ହଜାରରୁ ଉର୍ଦ୍ଧ୍ୱ ଶିଶୁଙ୍କ ମୃତ୍ୟୁ ଘଟିଥିବା ରିପୋର୍ଟରେ ପ୍ରକାଶ ପାଇଛି।

ତେବେ ୨୦୧୭-୧୮ରେ ଏନଏଚପିକୁ ତ୍ୱରାନ୍ୱିତ କରିବା ଲାଗି ବଜେଟ୍‌ରେ ବ୍ୟୟବରାଦ ୪୭,୩୫୨ କୋଟି (ସଂଶୋଧିତ ଆକଳନ ନୁହେଁ) ହୋଇଥିଲା। ଏଥର ଏଥିରେ ଆବଶ୍ୟକ ବୃଦ୍ଧିର ଅଧା ଅର୍ଥାତ୍ ୧୧ ପ୍ରତିଶତ କରାଯାଇଛି।

ଏଥର ବଜେଟ୍‌ରେ ସ୍ୱାସ୍ଥ୍ୟକ୍ଷେତ୍ର ଲାଗି କେତେକ ଗୁରୁତ୍ୱପୂର୍ଣ୍ଣ ତଥା ବଡ଼ ବଡ଼ ଯୋଜନା ମଧ୍ୟ ଘୋଷଣା କରାଯାଇଛି। ସେଥିମଧ୍ୟରୁ ୧.୫ ଲକ୍ଷ ସ୍ୱାସ୍ଥ୍ୟ ଓ ନିରାମୟ କେନ୍ଦ୍ର ଖୋଲାଯିବା ପ୍ରସ୍ତାବ ରହିଛି। ଭାରତୀୟ ସ୍ୱାସ୍ଥ୍ୟ ଭିତ୍ତିଭୂମି ସୁଧାରିବାରେ ଏହା ପ୍ରମୁଖ ଭୂମିକା ତୁଲାଇବା ଆଶା କରାଯାଉଛି। ଏହାଫଳରେ ଲୋକଙ୍କୁ ଘର ନିକଟରେ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଇପାରିବ। ବିଶେଷକରି ଅଣ ସଂକ୍ରମିତ ରୋଗ ନିୟନ୍ତ୍ରଣ ସହିତ ଶିଶୁ ଓ ମାତୃ ସେବାକୁ ଅଧିକ କ୍ରିୟାଶୀଳ କରାଯାଇପାରିବ। ଏହି ନିରାମୟ କେନ୍ଦ୍ର ଦ୍ୱାରା ଲୋକଙ୍କୁ ମାଗଣା ଔଷଧ ଓ ରୋଗତତ୍ତ୍ୱ ପରୀକ୍ଷା ସେବା ମିଳିପାରିବ। ଏହି ଛାମୁଆଁ କାର୍ଯ୍ୟକ୍ରମ ଲାଗି ବଜେଟ୍‌ରେ ଏଥର ୧୨୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। କେବଳ ସେତିକି ନୁହେଁ, ଘରୋଇ କ୍ଷେତ୍ରରୁ ଉଦ୍ୟୋଗ ସାମାଜିକ ଉତ୍ତରଦାୟିତ୍ୱ (ସିଏସଆର) ବହନକାରୀ ସଂସ୍ଥା ଓ ସ୍ୱେଚ୍ଛାସେବୀ ସଂଗଠନ ଗୁଡ଼ିକଠାରୁ ମଧ୍ୟ ଏଥିପାଇଁ ସହଯୋଗ ଲୋଡ଼ାଯାଇଛି। ଏହି ସବୁ ସଂସ୍ଥା ମଧ୍ୟ କେତେକ ସ୍ୱାସ୍ଥ୍ୟକେନ୍ଦ୍ର ଓ ନିରାମୟ କେନ୍ଦ୍ରକୁ ଚଳାଇବାର ଦାୟିତ୍ୱ ଗ୍ରହଣ କରିପାରିବେ।

ଏହି ଯୋଜନାରେ ବିଶେଷକରି ଓଡ଼ିଶା ଭଳି ସ୍ୱାସ୍ଥ୍ୟ ଭିତ୍ତିଭୂମି ଦୁର୍ବଳ ଥିବା ରାଜ୍ୟ ଅଧିକ ଉପକୃତ ହୋଇପାରିବ। ଓଡ଼ିଶାରେ ଆବଶ୍ୟକ ସ୍ୱାସ୍ଥ୍ୟକେନ୍ଦ୍ର ଓ ନିରାମୟ କେନ୍ଦ୍ର ନାହିଁ। ଏବେ ବି ହସ୍ପିଟାଲରେ ରୋଗୀଟିକୁ ପହଞ୍ଚାଇବା ଲାଗି ଆବଶ୍ୟକ ଭିତ୍ତିଭୂମିର ଯେଉଁ ଅଭାବ ରହିଛି ତାହା ଏହାଦ୍ୱାରା ଦୂର ହୋଇପାରିବ। ସବୁଠୁ ବଡ଼ କଥା ହେଲା ଏହି ଯୋଜନା ଦ୍ୱାରା ବିଶେଷକରି ଶିଶୁ ଓ ମାତୃ ଚିକିତ୍ସା ଅଧିକ ସହଜ ଓ ଦେୟମୁକ୍ତ ରହିବ।

ଓଡ଼ିଶା ଏବେ ନବଜାତ ମୃତ୍ୟୁହାର କ୍ଷେତ୍ରରେ ଏକନମ୍ବର ସ୍ଥାନରେ ରହିଛି। ନବଜାତ ଶିଶୁଙ୍କ ମୃତ୍ୟୁ, ଅପପୁଷ୍ଟି, ଓଜନ ହ୍ରାସ ଓ କୁପୋଷଣ କ୍ଷେତ୍ରରେ ଓଡ଼ିଶାର ଦୟନୀୟ ସ୍ଥିତି ନିକଟରେ ବୟାନ କରିଛି ସାମ୍ପଲ୍ ରେଜିଷ୍ଟ୍ରେସନ୍ ସର୍ଭେ (ଏସଆରଏସ)ର ୨୦୧୬ ରିପୋର୍ଟ। ରେଜିଷ୍ଟ୍ରାର ଜେନେରାଲ ଓ ସେନ୍‌ସସ୍ କମିଶନରଙ୍କ ତଥ୍ୟ ଆଧାରିତ ଏହି ସର୍ଭେ ଅନୁସାରେ ଓଡ଼ିଶା ନବଜାତକ ଶିଶୁ ମୃତ୍ୟୁ (ନିଓନାଟାଲ ମୋର୍ଟାଲିଟି ରେଟ୍)ରେ ଦେଶରେ ଏକ ନମ୍ବର ସ୍ଥାନରେ ରହିଛି। ଜାତୀୟ ସ୍ତରରେ ନବଜାତକ ଶିଶୁ ମୃତ୍ୟୁହାର ୨୪ ପ୍ରତିଶତ ରହିଥିବାବେଳେ ଓଡ଼ିଶାରେ ଏହା ୩୨ ପ୍ରତିଶତ ରହିବା ଉଦ୍‌ବେଗଜନକ ସ୍ଥିତିକୁ ପ୍ରତିଫଳିତ କରିଛି। ଜନ୍ମରୁ ୨୮ ଦିନ ମଧ୍ୟରେ ଶିଶୁଙ୍କ ମୃତ୍ୟୁକୁ ନବଜାତ ଶିଶୁ ମୃତ୍ୟୁ ରୂପେ ବିବେଚନା କରାଯାଇଥାଏ। ରାଜ୍ୟରେ ୨୦୧୬ ମସିହାରେ ୮ ଲକ୍ଷ ୩୦ ହଜାର ଶିଶୁ ଜନ୍ମ ଗ୍ରହଣ କରିଥିବାବେଳେ ସେଥିରୁ ୨୮ ଦିନ ମଧ୍ୟରେ ୨୬ ହଜାରରୁ ଊର୍ଦ୍ଧ୍ୱ ଶିଶୁଙ୍କ ମୃତ୍ୟୁ ଘଟିଥିବା ରିପୋର୍ଟରେ ପ୍ରକାଶ ପାଇଛି।

ସେହିପରି ଏସ୍‌ଆରଏସ୍ ରିପୋର୍ଟ ଅନୁଯାୟୀ ଓଡ଼ିଶାରେ ଶିଶୁ ମୃତ୍ୟୁହାର (ଆଇଏମଆର) ୪୪ ପ୍ରତିଶତ ରହିଛି; ମାତ୍ର ଜାତୀୟହାର ଏହାଠାରୁ ୧୦ ପ୍ରତିଶତ କମ୍ ଅର୍ଥାତ୍ ୩୪ % ରହିବା ରାଜ୍ୟର ଶିଶୁମୃତ୍ୟୁ ବୃଦ୍ଧି ଭୟାବହତାକୁ ସୂଚୀତ କରିଛି। ଜନ୍ମର ଏକ ବର୍ଷ ମଧ୍ୟରେ ମୃତ୍ୟୁ ଘଟୁଥିବା ସଂଖ୍ୟାକୁ ନେଇ ଆଇଏମଆର ସ୍ଥିର ହୋଇଥାଏ। ଆଉ ଏକ ଉଦ୍‌ବେଗଜନକ ତଥ୍ୟ ହେଉଛି ଜନ୍ମରୁ ୫ ବର୍ଷ ମଧ୍ୟରେ ଥିବା ଶିଶୁଙ୍କ ମୃତ୍ୟୁହାର ଓଡ଼ିଶାରେ ୫୦ ପ୍ରତିଶତ ରହିବା, ଯାହାକି ଜାତୀୟ ସ୍ତରରେ ୩୯ ପ୍ରତିଶତ। ରିପୋର୍ଟ ଅନୁଯାୟୀ, ୨୦୧୬ ମସିହାରେ ରାଜ୍ୟରେ ଏକବର୍ଷରୁ ୫ ବର୍ଷ ମଧ୍ୟରେ ୪୧,୦୦୦ରୁ ଊର୍ଦ୍ଧ୍ୱ ଶିଶୁଙ୍କ ମୃତ୍ୟୁ ଘଟିଛି। ମାଲକାନଗିରିରେ ଜାପାନୀ ମସ୍ତିଷ୍କ ପ୍ରଦାହ (ଏନସେଫାଲାଇଟିସ୍) ହେଉ କି ଯାଜପୁର ଜିଲା ନଗଡ଼ାର କଙ୍କାଳସାର ଅପପୁଷ୍ଟି ଶିଶୁ ଘଟଣା;



ଏହାକିନ୍ତୁ ରାଜ୍ୟର ସ୍ୱାସ୍ଥ୍ୟ କ୍ଷେତ୍ରରେ ଭିତ୍ତିଭୂମି ସୁଧାରିବା ଲାଗି ବହୁତ କିଛି କରିବାକୁ ପଡିବ ବୋଲି ଆହ୍ୱାନ ସୃଷ୍ଟି କରିଛି।

ନିକଟରେ ନିତି ଆୟୋଗ ଦ୍ୱାରା ପ୍ରକାଶିତ ରିପୋର୍ଟରେ ରାଜ୍ୟର ସ୍ୱାସ୍ଥ୍ୟଚିତ୍ର ଅସୁସ୍ଥ ଥିବା ଦର୍ଶାଯାଇଥିଲା। ଓଡ଼ିଶା ପୂର୍ବର ୧୬ତମ ସ୍ଥାନରୁ ଖସି ୧୮ରେ ପହଞ୍ଚିଛି। ଏସଆରଏସ ରିପୋର୍ଟକୁ ନେଇ ଗବେଷଣାମୂଳକ ସଂସ୍ଥା ସିଦ୍ଧ ଡେଭଲପ୍‌ମେଣ୍ଟ ରିସର୍ଚ୍ଚ କନ୍‌ସଲ୍‌ଟାନ୍ସି (ଏସଡ଼ିଆରସି) ଡାଟା ଫର୍ ଚେଞ୍ଜ୍ ନାଁରେ ପ୍ରକାଶିତ ପ୍ରଥମ ସୂଚନା ଗ୍ରାଫ୍‌ରେ ଏହି ତଥ୍ୟ ପ୍ରଦାନ କରିଛି। ରାଜ୍ୟ ସରକାର ଯେଉଁଳି ଢଙ୍ଗରେ କାର୍ଯ୍ୟ କରୁଛନ୍ତି ତାହାଦ୍ୱାରା କୁପୋଷଣକୁ କେବଳ ୨୬ ପ୍ରତିଶତକୁ ମାତ୍ର ହ୍ରାସ କରାଯାଇପାରିବ ବୋଲି ଦର୍ଶାଯାଇଛି। ହେଲେ ୨୦୨୫ ମସିହା ସୁଦ୍ଧା ଏହାକୁ ୨୦ ପ୍ରତିଶତକୁ କମାଇବାକୁ ପଡିବ ବୋଲି ଲକ୍ଷ୍ୟଧାର୍ଯ୍ୟ କରାଯାଇଛି।

ସେହିଭଳି ରାଜ୍ୟ ସରକାର ଶିଶୁଙ୍କ କ୍ଷେତ୍ରରେ ଅଳ୍ପ ଓଜନ ହାରକୁ ୨୦୨୦ ସୁଦ୍ଧା ୨୦.୭ ପ୍ରତିଶତରେ ରଖିବାକୁ ଲକ୍ଷ୍ୟସ୍ଥିର କରିଛନ୍ତି। ମାତ୍ର ଯେଉଁଳି ଢଙ୍ଗରେ କାର୍ଯ୍ୟ ଚାଲିଛି ତାହା ଅପରିବର୍ତ୍ତିତ ରହିଲେ ଏହା ମାତ୍ର ୩୧.୧ ପ୍ରତିଶତରେ ହିଁ ପହଞ୍ଚିପାରିବ। ୨୦୨୫ ସୁଦ୍ଧା ଜାତୀୟ ସ୍ତରରେ ଏହି ସ୍ଥିତିକୁ ୪.୯ ପ୍ରତିଶତରେ ସୀମୀତ ରଖିବାକୁ ସ୍ଥିର କରାଯାଇଥିବାବେଳେ ରାଜ୍ୟ କ୍ଷେତ୍ରରେ ଏହି ସମୟ ସୁଦ୍ଧା ୨୧.୧ ପ୍ରତିଶତକୁ କମାଯାଇପାରିବ ବୋଲି ଆଶଙ୍କା କରାଯାଉଛି। ଗୋଷ୍ଠୀଗତ ଶିକ୍ଷା, ରାଜନୈତିକ ଓ ପ୍ରଶାସନିକ ଇଚ୍ଛାଶକ୍ତିର ଅଭାବ, ପାନୀୟ ଜଳ, ପରିଛନ୍ନତା, ସ୍ୱାସ୍ଥ୍ୟସେବା ଆଦି କ୍ଷେତ୍ରରେ ବ୍ୟାପକ ସଚେତନତାର ଅଭାବ ଏହାର କାରଣ ବୋଲି କୁହାଯାଉଛି। ଏଭଳିସ୍ଥିତି ସୁଧୁରିବା ଲାଗି କେନ୍ଦ୍ର ବଜେଟ୍‌ରେ ଯେଉଁ ବ୍ୟବସ୍ଥା ତଥା ଯୋଜନା କରାଯାଇଛି ଓଡ଼ିଶା ତା'ର ସୁବିନିଯୋଗ କରିପାରିଲେ ସମସ୍ୟା ସୁଧୁରିବାକୁ ବେଶୀ ସମୟ ଲାଗି ନପାରେ।

ଏଥର କିନ୍ତୁ ବଜେଟ୍‌ରେ କେନ୍ଦ୍ର ସରକାର ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ପରିସରକୁ ଅଧିକ ବ୍ୟାପକ କରିଛନ୍ତି। ୨୦୦୮ ମସିହାରୁ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟବୀମା ଯୋଜନା(ଆରଏସବିୱାଇ)ରେ ଦାରିଦ୍ର ସୀମାରେଖା ତଳେ ଥିବା (ବିପିଏଲ) ପରିବାରକୁ ବାର୍ଷିକ ୩୦ ହଜାର ଟଙ୍କାର ସ୍ୱାସ୍ଥ୍ୟବୀମା ସୁବିଧା ପ୍ରଦାନ କରାଯାଉଛି। କେନ୍ଦ୍ର ଶ୍ରମ ମନ୍ତ୍ରଣାଳୟରୁ ଆରମ୍ଭ ହୋଇଥିବା ଏହି ଯୋଜନା ୨୦୧୫ରୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଅଧିନକୁ ଯାଇଛି। ଏହି ଯୋଜନା ଦ୍ୱାରା ସମସ୍ତ ସରକାରୀ ଓ ଅନୁବନ୍ଧିତ ହସ୍ପିଟାଲ ଗୁଡ଼ିକରେ କ୍ୟାସ୍‌ଲେସ୍ ଚିକିତ୍ସା ସୁବିଧା ବିପିଏଲ ପରିବାରର ସଦସ୍ୟଙ୍କୁ ମିଳିପାରୁଛି। ତେବେ ଏଥର 'ଆୟୁଷ୍ମାନ ଭାରତ' ଭଳି ଜାତୀୟ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନାରେ ଯେଉଁ ସ୍ୱାସ୍ଥ୍ୟବୀମା ଦେଶର ୧୦ କୋଟି ପରିବାରର ୫୦ ଲକ୍ଷ ହିତାଧିକାରୀଙ୍କୁ ବୀମାଭୁକ୍ତ କରାଯିବାକୁ ବଜେଟ୍ ବ୍ୟବସ୍ଥା କରାଯାଇଛି ତାହା ବିଶ୍ୱର ସବୁଠୁ ବୃହତ୍ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନା ବୋଲି କୁହାଯାଉଛି। କାରଣ ଜଟିଳ ଓ ଗୁରୁତର ରୋଗ କ୍ଷେତ୍ରରେ ୧୦ କୋଟି ପରିବାରକୁ ବାର୍ଷିକ ୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମା ସହାୟତା ଦେବାକୁ ବଜେଟ୍‌ରେ ଅର୍ଥମନ୍ତ୍ରୀ ଅରୁଣ ଜେଟଲୀ ଘୋଷଣା କରିଛନ୍ତି। ଏହାକୁ ସାଧାରଣରେ ଆମେରିକାର 'ଓବାମା କେୟାର' ଭଳି ଭାରତରେ 'ମୋଦି କେୟାର' ନାଁରେ ଚର୍ଚ୍ଚା କରାଯାଉଛି। ଏହା ଚିକିତ୍ସା ସହାୟତା କ୍ଷେତ୍ରରେ ଏକ ବ୍ୟାପକ ପରିବର୍ତ୍ତନ ଆଣିବା ଆଶା କରାଯାଉଛି। ତେବେ ଏଭଳି ବୃହତ୍ ଯୋଜନା ଲାଗି ଅର୍ଥ କେଉଁଠାରୁ ଆସିବ ବୋଲି ବିରୋଧୀ ଦଳ ପ୍ରଶ୍ନ ଉଠାଇ ଏହା ପ୍ରଧାନମନ୍ତ୍ରୀଙ୍କ କେବଳ ପ୍ରତିଶ୍ରୁତି ବୋଲି ସମାଲୋଚନା କରିଛନ୍ତି। ମାତ୍ର ସରକାରଙ୍କ ଲାଗି କମ୍ ପ୍ରିମିୟମରେ ଏହି ଯୋଜନା ୫୦ କୋଟି ଜନତାଙ୍କ ସୁସ୍ଥତା ଲାଗି ଲାଗୁ କରିବାକୁ କେନ୍ଦ୍ର ସରକାର ପ୍ରତିଶ୍ରୁତିବଦ୍ଧ ଥିବା କୁହାଯାଉଛି।

ଏହାବ୍ୟତୀତ ଭାରତ ସରକାରଙ୍କ ଶ୍ରମ ଓ ନିଯୋଜନ ମନ୍ତ୍ରଣାଳୟ ପକ୍ଷରୁ ପୁରୁଣା ତଥା ସର୍ବାଧିକ ବ୍ୟକ୍ତି ଓ ପରିବାରକୁ ସ୍ୱାସ୍ଥ୍ୟସେବା

ଏଥର ବଜେଟ୍‌ରେ ସ୍ୱାସ୍ଥ୍ୟକ୍ଷେତ୍ର ଲାଗି କେତେକ ଗୁରୁତ୍ୱପୂର୍ଣ୍ଣ ତଥା ବଡ଼ ବଡ଼ ଯୋଜନା ମଧ୍ୟ ଘୋଷଣା କରାଯାଇଛି। ସେଥିମଧ୍ୟରୁ ୧.୫ ଲକ୍ଷ ସ୍ୱାସ୍ଥ୍ୟ ଓ ନିରାମୟ କେନ୍ଦ୍ର ଖୋଲାଯିବା ପ୍ରସ୍ତାବ ରହିଛି। ଭାରତୀୟ ସ୍ୱାସ୍ଥ୍ୟ ଭିତ୍ତିଭୂମି ସୁଧାରିବାରେ ଏହା ପ୍ରମୁଖ ଭୂମିକା ତୁଲାଇବା ଆଶା କରାଯାଉଛି। ଏହାଫଳରେ ଲୋକଙ୍କୁ ଘର ନିକଟରେ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଇପାରିବ। ବିଶେଷକରି ଅଣ ସଂକ୍ରମିତ ରୋଗ ନିୟନ୍ତ୍ରଣ ସହିତ ଶିଶୁ ଓ ମାତୃ ସେବାକୁ ଅଧିକ କ୍ରିୟାଶୀଳ କରାଯାଇପାରିବ। ଏହି ନିରାମୟ କେନ୍ଦ୍ର ଦ୍ୱାରା ଲୋକଙ୍କୁ ମାଗଣା ଔଷଧ ଓ ରୋଗତତ୍ତ୍ୱ ପରୀକ୍ଷା ସେବା ମିଳିପାରିବ। ଏହି ଛାମୁଆଁ କାର୍ଯ୍ୟକ୍ରମ ଲାଗି ବଜେଟ୍‌ରେ ଏଥର ୧୨୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। କେବଳ ସେତିକି ନୁହେଁ, ଘରୋଇ କ୍ଷେତ୍ରରୁ ଉଦ୍ୟୋଗ ସାମାଜିକ ଉତ୍ତରଦାୟିତ୍ୱ (ସିଏସଆର) ବହନକାରୀ ସଂସ୍ଥା ଓ ସ୍ୱେଚ୍ଛାସେବୀ ସଂଗଠନ ଗୁଡିକଠାରୁ ମଧ୍ୟ ଏଥିପାଇଁ ସହଯୋଗ ଲୋଡ଼ାଯାଇଛି। ଏହି ସବୁ ସଂସ୍ଥା ମଧ୍ୟ କେତେକ ସ୍ୱାସ୍ଥ୍ୟକେନ୍ଦ୍ର ଓ ନିରାମୟ କେନ୍ଦ୍ରକୁ ଚଳାଇବାର ଦାୟିତ୍ୱ ଗ୍ରହଣ କରିପାରିବେ।

> ଏଥର କିନ୍ତୁ ବଜେଟ୍‌ରେ କେନ୍ଦ୍ର ସରକାର ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ପରିସରକୁ ଅଧିକ ବ୍ୟାପକ କରିଛନ୍ତି । ୨୦୦୮ ମସିହାରୁ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟବୀମା ଯୋଜନା(ଆରଏସବିୱାଇ)ରେ ଦାରିଦ୍ର ସୀମାରେଖା ତଳେ (ବିପିଏଲ) ପରିବାରକୁ ବାର୍ଷିକ ୩୦ ହଜାର ଟଙ୍କାର ସ୍ୱାସ୍ଥ୍ୟବୀମା ସୁବିଧା ପ୍ରଦାନ କରାଯାଉଛି । କେନ୍ଦ୍ର ଶ୍ରମ ମନ୍ତ୍ରଣାଳୟରୁ ଆରମ୍ଭ ହୋଇଥିବା ଏହି ଯୋଜନା ୨୦୧୫ରୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଅଧିନକୁ ଯାଇଛି । ଏହି ଯୋଜନା ଦ୍ୱାରା ସମସ୍ତ ସରକାରୀ ଓ ଅନୁବନ୍ଧିତ ହସ୍ପିଟାଲ ଗୁଡିକରେ କ୍ୟାସ୍‌ଲେସ୍ ଚିକିତ୍ସା ସୁବିଧା ବିପିଏଲ ପରିବାରର ସଦସ୍ୟଙ୍କୁ ମିଳିପାରୁଛି । ତେବେ ଏଥର 'ଆୟୁଷ୍ମାନ ଭାରତ' ଭଳି ଜାତୀୟ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନାରେ ଯେଉଁ ସ୍ୱାସ୍ଥ୍ୟବୀମା ଦେଶର ୧୦ କୋଟି ପରିବାରର ୫୦ ଲକ୍ଷ ହିତାଧିକାରୀଙ୍କୁ ବୀମାଭୁକ୍ତ କରାଯିବାକୁ ବଜେଟ୍ ବ୍ୟବସ୍ଥା କରାଯାଉଛି ତାହା ବିଶ୍ୱର ସବୁଠୁ ବୃହତ୍ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନା ବୋଲି କୁହାଯାଉଛି । କାରଣ ଜଟିଳ ଓ ଗୁରୁତର ରୋଗ କ୍ଷେତ୍ରରେ ୧୦ କୋଟି ପରିବାରକୁ ବାର୍ଷିକ ୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମା ସହାୟତା ଦେବାକୁ ବଜେଟ୍‌ରେ ଅର୍ଥମନ୍ତ୍ରୀ ଅରୁଣ ଜେଟଲୀ ଘୋଷଣା କରିଛନ୍ତି ।

କ୍ଷେତ୍ରରେ ସୁରକ୍ଷା ପ୍ରଦାନ ଦେଉଥିବା ଯୋଜନା ହେଉଛି କର୍ମଚାରୀ ରାଜ୍ୟ ବୀମା ନିଗମ (ଇଏସଆଇସି) । ନିଗମ ଜରିଆରେ ଶିଳ୍ପ ତଥା ଅନ୍ୟାନ୍ୟ ଅଣ ସଂଗଠିତ ଓ ସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ ବେସରକାରୀ କର୍ମଚାରୀଙ୍କ ଲାଗି ଏହା ସାମାଜିକ ସୁରକ୍ଷା କ୍ଷେତ୍ରର ଏକ ବଡ଼ ଉପଲବ୍ଧି ବୋଲି କୁହାଯାଇଆସୁଛି । କର୍ମଚାରୀ ଓ ସଂସ୍ଥାର ମାଲିକ ଏହି ବୀମା ଲାଗି ଅର୍ଥ ପୈଠ କରୁଥିବାବେଳେ ଏଥିଲାଗି କର୍ମଚାରୀଙ୍କ ଅସୁସ୍ଥତା, ସାମୟିକ ତଥା ସ୍ଥାୟୀ ଶାରୀରିକ ଭିନ୍ନକ୍ଷମତା, କାର୍ଯ୍ୟରତ ସମୟରେ ଆହତ, ଗୁରୁତର ତଥା ମୃତ୍ୟୁ ଘଟିବା ଭଳି କ୍ଷେତ୍ରରେ ଇଏସଆଇ ପକ୍ଷରୁ ଉଭୟ ଚିକିତ୍ସା ଓ ଆର୍ଥିକ ସହାୟତା ପ୍ରଦାନ କରାଯାଇଥାଏ ।

ଏତଦ୍‌ଭିନ୍ନ ଆଞ୍ଚଳିକ ଅସନ୍ତୁଳନତାକୁ ସୁଧାରିବା, ପ୍ରତିଟି ରାଜ୍ୟରେ ଉନ୍ନତ, ଆଧୁନିକ ସ୍ୱାସ୍ଥ୍ୟସେବା ପ୍ରଦାନ ଲାଗି ଦୁର୍ବଳ ଭିତ୍ତିଭୂମିକୁ ସୁଦୃଢ କରିବାକୁ ଆରମ୍ଭ ହୋଇଛି ପ୍ରଧାନମନ୍ତ୍ରୀ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନା (ପିଏମଏସଏସୱାଇ) । ଏହାଦ୍ୱାରା ୨୦୦୩ ମସିହାରୁ ନୂଆଦିଲ୍ଲୀର ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ ଭଳି ଓଡ଼ିଶା ସମେତ ୬ଟି ରାଜ୍ୟରେ ଏଭଳି ହସ୍ପିଟାଲ ଆରମ୍ଭ କରାଯାଇ ଏବେ ଲୋକସେବାରେ ନିୟୋଜିତ ରହିଛି । ଭୁବନେଶ୍ୱରରେ ପ୍ରତିଷ୍ଠିତ ଏମ୍ସରେ ସାଧାରଣ ଚିକିତ୍ସା ସେବା ବ୍ୟତୀତ ୧୮ଟି ସ୍ପେଶିଆଲିଟି ଓ ୧୫ଟି ସୁପରସ୍ପେଶିଆଲିଟି ବିଭାଗରେ ଚିକିତ୍ସା ପ୍ରଦାନ କରାଯାଉଛି । ଏହାବ୍ୟତୀତ ଏହି ଯୋଜନାରେ ଜିଲା ହସ୍ପିଟାଲ ଗୁଡିକୁ କୋଟି କୋଟି ଟଙ୍କାର ପାଣ୍ଠି ପ୍ରଦାନ କରାଯାଇ ସ୍ୱାସ୍ଥ୍ୟସେବା ଭିତ୍ତିଭୂମିର ନବନିର୍ମାଣ କରାଯାଇପାରିଛି । ଆୟୁଷ୍ ସେବା ସହ ସ୍ପେଶିଆଲିଟି ଓ ସୁପରସ୍ପେଶିଆଲିଟି ଚିକିତ୍ସା ସେବା ଏହି ଯୋଜନା ଜରିଆରେ ଲୋକଙ୍କୁ ମିଳିପାରୁଛି । ଏପରିକି ରାଜ୍ୟର ତିନିଟି ପ୍ରମୁଖ ମେଡିକାଲ କଲେଜ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ (କଟକ), ଏମକେସିଜି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ (ବ୍ରହ୍ମପୁର) ଓ ଭିଏସଏସ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ (ବୁର୍ଲା)ର ଉନ୍ନତିକରଣ କରାଯାଉଛି । ଦେଶରେ ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ତ୍ୱରାନ୍ୱିତ କରିବା ଲାଗି ଆଉ ୨୪ଟି ମେଡିକାଲ କଲେଜ ପ୍ରତିଷ୍ଠା ପ୍ରସ୍ତାବ ଏଥର ବଜେଟ୍‌ରେ ରହିଛି । ପ୍ରତି ତିନିଟି ସଂସଦୀୟ କ୍ଷେତ୍ରରେ ଗୋଟିଏ ମେଡ଼ିକାଲ କଲେଜ ପ୍ରତିଷ୍ଠା କରାଯିବ ।

ସେହିଭଳି ଯକ୍ଷ୍ମା ରୋଗୀଙ୍କ ଲାଗି କେନ୍ଦ୍ର ସରକାର ବଜେଟ୍‌ରେ ଏକ ସ୍ୱତନ୍ତ୍ର ୬୦୦ କୋଟି ଟଙ୍କାର ବ୍ୟବସ୍ଥା କରିଛନ୍ତି । ଏହି ରୋଗୀମାନଙ୍କୁ ପୁଷ୍ଟିକର ଖାଦ୍ୟ ଲାଗି ମାସିକ ୫୦୦ ଟଙ୍କା ଲେଖାଏଁ ଭତ୍ତା ପ୍ରଦାନ ବ୍ୟବସ୍ଥା ଏଥର ବଜେଟ୍‌ରେ କରାଯିବା ନିଶ୍ଚିତ ରୂପେ ଭଲ ପ୍ରୟାସଟିଏ ।

ବଜେଟ୍‌ରେ ମଧ୍ୟବିତ୍ତ ଓ ନିମ୍ନ ଆୟକାରୀଙ୍କ ସିଧାସଳଖ ଆୟକର ସୀମାକୁ ବଢାଯାଇନାହିଁ । କିନ୍ତୁ ସେମାନଙ୍କୁ ସିଧାସଳଖ ୪୦ ହଜାର ଟଙ୍କାର ମେଡିକାଲ ସହାୟତା ଓ ପରିବହନ କ୍ଷେତ୍ରରେ ରିଆତି ପ୍ରଦାନ କରାଯିବାର ବ୍ୟବସ୍ଥା ସ୍ୱାସ୍ଥ୍ୟପ୍ରତି ସରକାରଙ୍କ ପ୍ରତିବଦ୍ଧତା ପ୍ରମାଣିତ କରିଛି ।

'ଇଣ୍ଡିଆ' ଓ 'ଭାରତ' ଭିତରେ ଏବେବି ବ୍ୟାପକ ଦୂରତ୍ୱ ବଢ଼ିଛି । ସହରାଞ୍ଚଳରେ ସ୍ୱାସ୍ଥ୍ୟସେବା ବ୍ୟୟବହୁଳ ସତ୍ତ୍ୱେ ଉପଲବ୍ଧ । ଏଠାକାର ଭିତ୍ତିଭୂମି ସୁଦୃଢ; ସରକାରୀ ଓ ଘରୋଇ ହସ୍ପିଟାଲ ତଥା ନର୍ସିଂହୋମ ଛତୁଫୁଟିଲା ଭଳି । କାରଣ ଏଠି ଲୋକଙ୍କ ବ୍ୟୟ ତଥା ସେବାକ୍ରୟ କ୍ଷମତା ଉନ୍ନତ । ମାତ୍ର ଗ୍ରାମାଞ୍ଚଳରେ ସ୍ଥିତି ଦୟନୀୟ । ଏଠି ରାସ୍ତାଘାଟ ନାହିଁ । ଆମ୍ବୁଲାନ୍ସ ସେବା ବିପର୍ଯ୍ୟସ୍ତ । ଆବଶ୍ୟକ ହସ୍ପିଟାଲ କିମ୍ବା ନର୍ସିଂହୋମ ଭିତ୍ତିଭୂମି ବୃଦ୍ଧି ପ୍ରତି ଅନାଗ୍ରହଭାବ ପଛରେ ଗ୍ରାମାଞ୍ଚଳ ଗରିବଙ୍କ ଆର୍ଥିକ ଦୂରାବସ୍ଥା କାରଣ ସାଜିଛି । ଚତୁର୍ଥ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ (ଏନଏଫଏଚଏସ-୪) ୨୦୧୫-୧୬ରେ କରାଯାଇଥିଲା । ଦେଶର ୪୮ ପ୍ରତିଶତ ରୋଗୀ ଘରୋଇ ହସ୍ପିଟାଲ ଓ ନର୍ସିଂହୋମ୍‌ରୁ ସ୍ୱାସ୍ଥ୍ୟସେବା ନେଇଥାନ୍ତି । ପୂର୍ବରୁ ୨୧.୬ ପ୍ରତିଶତ ପରିବାର ଠାରେ ସ୍ୱାସ୍ଥ୍ୟବୀମା ରହିଥିବାବେଳେ ସଂପ୍ରତି ଏହା ୨୮.୯ ପ୍ରତିଶତକୁ ବୃଦ୍ଧି ପାଇଛି ।

ନେସ୍‌ନାଲ୍ ହେଲ୍‌ଥ ଆକାଉଣ୍ଟସ୍ (ଏନ୍‌ଏଚ୍‌ଏ) ୨୦୧୪-୧୫ ଆକଳନ ଅନୁଯାୟୀ, ଦେଶର ସଂପ୍ରତି ସ୍ୱାସ୍ଥ୍ୟକ୍ଷେତ୍ରର ବ୍ୟୟର ୬୭% (୩,୦୨,୪୨୫ କୋଟି ଟଙ୍କା) ଅଟକଳ ବାହାର

ଖର୍ଚ୍ଚ । ସେଥିମଧ୍ୟରୁ କେବଳ ୯୬,୦୦୦ କୋଟି ହସ୍ପିଟାଲରେ ଥିବା ରୋଗୀଙ୍କ ଲାଗି ଖର୍ଚ୍ଚ ହୋଇଥାଏ । ଏହି ଖର୍ଚ୍ଚ ଗରିବ ଓ ନିମ୍ନ ଆୟକାରୀ ବର୍ଗଙ୍କ କ୍ଷେତ୍ରରେ ଗୁରୁତର ପ୍ରଭାବ ପକାଇଥାଏ । ଏହାକୁ ଦୃଷ୍ଟିରେ ରଖି ମୋଦି ସରକାରଙ୍କ ସରକାରୀ ସ୍ୱାସ୍ଥ୍ୟସେବା ପ୍ରଦାନ କ୍ଷେତ୍ରରେ ଗରିବଙ୍କୁ ଗୁରୁତ୍ୱ ଦିଆଯାଇଥିବା ପ୍ରତୀୟମାନ ହୁଏ ।

ଗୁଜରାଟ ଓ ଆନ୍ଧ୍ରପ୍ରଦେଶରେ ଅନୁରୂପ ଯୋଜନା କାର୍ଯ୍ୟକାରୀ ହେଉଛି । ଏଭଳି ଯୋଜନାର ସଫଳତା ହାର ବ୍ୟାପକ ଥିବାବେଳେ ହିତାଧିକାରୀଙ୍କ ଲାଗି ଏହା ଏକ ଜନପ୍ରିୟ ଯୋଜନା ଭାବେ ବିଚାର କରାଯାଏ । ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନାରେ ସ୍ୱାସ୍ଥ୍ୟସ୍ଥିତି ସୁଧାରିବା ଲାଗି ୧୬ ପ୍ରତିଶତ ବ୍ୟୟବରାଦ ବଢ଼ାଯାଇଛି । ସଂପ୍ରତି ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନା ସ୍କିମ୍‌ରେ ହାରାହାରି ପ୍ରିମିୟମ୍ ୫୨୦ ଟଙ୍କା ସରକାରଙ୍କ ପକ୍ଷରୁ ଦେବାକୁ ପଡୁଥିବାବେଳେ ଏହାର ବୀମା ମୂଲ୍ୟ ବାର୍ଷିକ ୩୦ ହଜାର ଟଙ୍କା ରହିଛି । ନିତି ଆୟୋଗ ହିସାବ ଅନୁଯାୟୀ ଆୟୁଷ୍ମାନ୍ ଭାରତ ଯୋଜନାରେ ବାର୍ଷିକ ୫ ଲକ୍ଷ ଟଙ୍କାର ବୀମା ରାଶି ଲାଗି ପରିବାର ପିଛା ପ୍ରିମିୟମ୍ ୧୦୦୦ରୁ ୧୨୦୦ ଟଙ୍କା ମଧ୍ୟରେ ସରକାରଙ୍କୁ ଦେବାକୁ ପଡିବ । ଏହା ଏକ କେନ୍ଦ୍ରୀୟ ଯୋଜନା ହୋଇଥିବାରୁ କେନ୍ଦ୍ର ସରକାରଙ୍କୁ ଏଥିଲାଗି ୬୦୦୦ରୁ ୭୨୦୦ କୋଟି ଟଙ୍କା ବୀମା କମ୍ପାନୀଙ୍କୁ ପ୍ରିମିୟମ୍ ଦେବାକୁ ପଡିବ । ଆୟୁଷ୍ମାନ୍ ଭାରତ ଲାଗି ବଜେଟ୍‌ରେ କେନ୍ଦ୍ର-ରାଜ୍ୟ ଅନୁପାତରେ ୨୦୦୦ କୋଟି ଟଙ୍କା ଆବଣ୍ଟନ କରାଯାଉଛି । ତେବେ ଉତ୍ତରପୂର୍ବାଞ୍ଚଳ ଓ ପାର୍ବତ୍ୟାଞ୍ଚଳ ରାଜ୍ୟ ଗୁଡିକ ଲାଗି ଏହି ଅନୁପାତ ୯୦:୧୦ ରହିବ ।

ସଂଘୀୟ ବ୍ୟବସ୍ଥାରେ ରାଜ୍ୟଗୁଡିକଙ୍କ ମଧ୍ୟରେ ସହଯୋଗ ମନୋଭାବ ଓ ସକାରାତ୍ମକ ପ୍ରତିଦ୍ୱନ୍ଦ୍ୱିତା ଆସିପାରିଲେ ସ୍ୱାସ୍ଥ୍ୟସେବାରେ ଉନ୍ନତି ହୋଇପାରିବ । ସୃଷ୍ଟି ହୋଇପାରିବ ଆରୋଗ୍ୟ-ନିରାମୟ ତଥା ଆୟୁଷ୍ମାନ୍ ଭାରତ । ନିତି ଆୟୋଗ ଏବେ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଗୁଡ଼ିକର ସ୍ୱାସ୍ଥ୍ୟସେବା ରିପୋର୍ଟ କାର୍ଡ ପ୍ରକାଶ କରିଛି । ଆଗକୁ ଅର୍ଥାତ୍ ଚଳିତ ବର୍ଷ ଜୁନ୍ ସୁଦ୍ଧା ପ୍ରଦର୍ଶନ ଭିତ୍ତିରେ ଦେଶର ୭୩୦ ଜିଲା ହସ୍ପିଟାଲ୍‌ଗୁଡିକର ର୍ୟାଙ୍କ କରାଯିବ ବୋଲି ଯୋଜନା ରହିଛି । ଏପରିକି ଯେଉଁ ଜିଲା ହାସ୍‌ପାତାଳ ଉତ୍ତମ ପ୍ରଦର୍ଶନକାରୀ ହେବେ ସେମାନଙ୍କୁ ପ୍ରୋତ୍ସାହିତ କରାଯିବ ବୋଲି କେନ୍ଦ୍ର ସରକାର ଖସଡ଼ା ପ୍ରସ୍ତୁତ କରିଛନ୍ତି । ଏକ୍ଷେତ୍ରରେ ରାଜ୍ୟ-ରାଜ୍ୟ ମଧ୍ୟରେ ଉତ୍ତମ ପ୍ରଦର୍ଶନ ଲାଗି ଏକ ଉନ୍ନତ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ପରିବେଶ ତଥା ବାତାବରଣ ସୃଷ୍ଟି କରାଯିବା ଲାଗି ଉଦ୍ୟମ ଆରମ୍ଭ ହୋଇଛି । ବିଶ୍ୱ ବ୍ୟାଙ୍କ ମଧ୍ୟ ଏକ୍ଷେତ୍ରକୁ ପ୍ରୋତ୍ସାହନ ଦେବାକୁ ସହମତି ପ୍ରଦାନ କରିଛି । କାରଣ ଭାରତ ହେଉଛି ଏଭଳି ରାଷ୍ଟ୍ର ଯେଉଁଠାରେ ଏଭଳି କାର୍ଯ୍ୟକ୍ରମର ସଫଳ ରୂପାୟନ କରାଯାଇପାରିବ ।


## New Rates for Subscription of Journals

| S.No | Name of the Journal | Subscription Price Per Copy Rs | Subscription Price for 1 Year Rs | Subscription Price for 2 Years Rs | Subscription Price for 3 Years Rs | Subscription Price for Special Issue Rs |
|---|---|---|---|---|---|---|
| 1 | Yojana * | 22 | 230 | 430 | 610 | 30 |
| 2 | Kurukshetra * | 22 | 230 | 430 | 610 | 30 |
| 3 | Ajkal * | 22 | 230 | 430 | 610 | 30 |
| 4 | Bal Bharti * | 15 | 160 | 300 | 420 | 20 |
| 5 | Employment News # | 12 | 530 | 1000 | 1400 | NA |

* The prices of Journals are being revised from April 2016 issue onwards
# The price of Employment News is being revised from 6th February 2016 issue onwards


ଲେଖକ ଜଣେ ବରିଷ୍ଠ ସାମ୍ବାଦିକ ।

# ବୟୋଜ୍ୟେଷ୍ଠଙ୍କ ପାଇଁ ଆଶ୍ୱସ୍ତି

● ସୁମତି କୁଲ୍‌କର୍ଣ୍ଣୀ

ଏହା ଜଣାଶୁଣା ଯେ ବାର୍ଷିକ କେନ୍ଦ୍ରୀୟ ବଜେଟ୍ ପ୍ରସ୍ତୁତିକରଣ ଏକ ନିହାତି କଷ୍ଟସାଧ୍ୟ କାର୍ଯ୍ୟ। ଏଥିରେ ଉଚ୍ଚତର ଅଭିଳାଷ ଏବଂ ବିଭିନ୍ନ ବର୍ଗଙ୍କ ସୁବିଧା ମଧ୍ୟରେ ଏକ ସନ୍ତୁଳନ ରକ୍ଷା କରିବା ଅପରିହାର୍ଯ୍ୟ ହୋଇପଡ଼େ। ଏଥିରେ ପୁଣି ନିହିତ ଥାଏ ଜନସାଧାରଣଙ୍କ ବିଭିନ୍ନ ଆବଶ୍ୟକତା, ରାଜନୈତିକ ବାଧ୍ୟବାଧକତା, ସମ୍ବଳ ସଙ୍କୋଚନ, ପୁଞ୍ଜିନିବେଶ ଉପରେ ବିଭିନ୍ନ ପ୍ରତ୍ୟକ୍ଷ ଟିକସର ପ୍ରଭାବ ଏବଂ ମୁଦ୍ରାସ୍ଫୀତିର ଭୟ।

ଅବଶ୍ୟ ଶିଶୁ ଏବଂ ଯୁବଗୋଷ୍ଠୀଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଯୋଜନା ବଜେଟ୍‌ରେ ଅଗ୍ରାଧିକାର ପାଇବା ପାଇଁ ଯୋଗ୍ୟ। କାରଣ ସେମାନେ ହିଁ ହେଉଛନ୍ତି ଆମ ଦେଶର ଭବିଷ୍ୟତ। ଏହାସହିତ ମାନବ ସମ୍ବଳରେ ପୁଞ୍ଜି ବିନିଯୋଗ ଅଭାବରେ ଦେଶକୁ ଏହାର ବିଶାଳ ମାନବ ସମ୍ବଳର ଲାଭ ମିଳିପାରିବ ନାହିଁ। ଭାରତର ଯୁବଗୋଷ୍ଠୀଙ୍କ ସଂଖ୍ୟାକୁ ଦେଖିଲେ ଏହା ଏକ ସୁବର୍ଣ୍ଣ ସୁଯୋଗ ଭଳି ମନେହୁଏ। ତେବେ ଏହା ସହିତ ଆମ ଜନସଂଖ୍ୟାର ଅନ୍ୟ ଏକ ପ୍ରମୁଖ ଅଙ୍ଗ- ବୟୋଜେଷ୍ଠ (୬୦+) ଯେଉଁମାନଙ୍କ ସଂଖ୍ୟା ପ୍ରାୟ ୯% ସେମାନଙ୍କ ପାଇଁ ମଧ୍ୟ ଉପଯୁକ୍ତ ବଜେଟୀୟ ବ୍ୟବସ୍ଥା କରିବା ବାଞ୍ଛନୀୟ। ଏମାନଙ୍କ ସଂଖ୍ୟା ୨୦୦୧ ମସିହାରେ ୭୦.୬ ନିୟୁତ ଥିଲାବେଳେ ୨୦୧୧ ମସିହାରେ ତାହା ବୃଦ୍ଧି ପାଇ ୧୦୪ ନିୟୁତରେ ପହଞ୍ଚିଥିଲା। ୨୦୨୬ ମସିହା ବେଳକୁ ଏହି ସଂଖ୍ୟା ୧୭୩ ନିୟୁତରେ ପହଞ୍ଚିବାର ଆଶା କରାଯାଏ। ଆମ ଦେଶର ବୟୋଜେଷ୍ଠଙ୍କ ମଧ୍ୟରୁ ଅଧିକାଂଶଙ୍କ ସାମାଜିକ, ଅର୍ଥନୈତିକ ଅବସ୍ଥା ସେତେ ଭଲ ନୁହଁ। ଉଦାହରଣ ସ୍ୱରୂପ ଏମାନଙ୍କ ମଧ୍ୟରୁ ପ୍ରାୟ ୪୫% ବିପିଏଲ୍ ଏବଂ ଅନ୍ତ୍ୟୋଦୟ ପରିବାରର ହୋଇଥିବାବେଳେ ୨୩%ଙ୍କ ପାଖରେ କୌଣସି ସମ୍ପତ୍ତି ନାହିଁ। ସେହିଭଳି ୪୩%ଙ୍କ ପାଖରେ ଆୟର କୌଣସି ପନ୍ଥା ନଥିବାବେଳେ ୫୦% ନିଜର ଦୈନନ୍ଦିନ ଖର୍ଚ୍ଚ ପାଇଁ ଅନ୍ୟମାନଙ୍କ ଉପରେ ଆର୍ଥିକ ଭାବରେ ନିର୍ଭରଶୀଳ। ପୁଣି ଏମାନଙ୍କ ମଧ୍ୟରୁ ୨୭% ଅନୁସୂଚିତ ଜାତି ଜନଜାତି ବର୍ଗର ହୋଇଥିବାବେଳେ ପ୍ରାୟ ଏକତୃତୀୟାଂଶ ବ୍ୟକ୍ତିଙ୍କର ମାସିକ ମୁଣ୍ଡପିଛା ବ୍ୟୟ ପରିମାଣ ୧୦୦୦ ଟଙ୍କାରୁ ମଧ୍ୟ କମ୍ (ୟୁଏନ୍‌ଏଫ୍‌ପିଏ ୨୦୧୨)। ତେଣୁ ୨୦୧୮-୧୯ ମସିହାର କେନ୍ଦ୍ରୀୟ ବଜେଟ୍‌ର କେଉଁ କେଉଁ ବ୍ୟବସ୍ଥା ଏହି ବର୍ଗର ଜନସାଧାରଣଙ୍କ ପାଇଁ ଯୁକ୍ତିଯୁକ୍ତ ଏବଂ ସେହି ବ୍ୟବସ୍ଥାଗୁଡ଼ିକ ଦ୍ୱାରା ବୟୋଜ୍ୟେଷ୍ଠମାନେ କିପରି ଭାବରେ ଉପକୃତ ହୋଇପାରିବେ ସେସବୁର ଏକ ସମ୍ୟକ୍ ଆଲୋଚନା ଏଥିରେ କରାଯାଇଛି।



**ବୟୋଜ୍ୟେଷ୍ଠ କରଦାତାଙ୍କ ପାଇଁ ସୁବିଧା:** ଅବଶ୍ୟ ବ୍ୟକ୍ତିଗତ ଆୟକର ଉପରେ ବୟୋଜେଷ୍ଠଙ୍କ ପାଇଁ ଏଥର ବଜେଟ୍‌ରେ ସେମିତି କୌଣସି ସୁବିଧା ନାହିଁ। ତେବେ ବଜେଟ୍‌ରେ କରାଯାଇଥିବା କେତେକ ବ୍ୟବସ୍ଥାରୁ ବୟୋଜ୍ୟେଷ୍ଠ କରଦାତାମାନେ ମଧ୍ୟ ଉପକୃତ ହୋଇପାରିବେ।

ବର୍ତ୍ତମାନର ବଜେଟ୍‌ରେ ଆୟକର ଆଇନ୍‌ର ୮୦ ଟିଟିଏ ଅଧିନରେ ଟିକସଯୁକ୍ତ ସୁଧ ପରିମାଣକୁ ୧୦ ହଜାର ଟଙ୍କାରୁ ବୃଦ୍ଧି କରାଯାଇ ୫୦ ହଜାର ଟଙ୍କା କରାଯାଇଛି। ଏହା କେବଳ ପୋଷ୍ଟ୍ ଅଫିସ୍ ଏବଂ ବ୍ୟାଙ୍କ୍ ଜମା ପାଇଁ ଲାଗୁ ନୁହଁ ବରଂ ବ୍ୟାଙ୍କ୍‌ରେ ରଖାଯାଇଥିବା ଫିକ୍ସ ଡିପୋଜିଟ୍ ଏବଂ ରିକରିଂ ଡିପୋଜିଟ୍ ପାଇଁ ମଧ୍ୟ ଉଦ୍ଦିଷ୍ଟ। ତେଣୁ ଅଧିକାଂଶ ବୟୋଜ୍ୟେଷ୍ଠଙ୍କ କ୍ଷେତ୍ରରେ ଆୟର ମୂଳ ଉତ୍ସ ଉପରେ ଟିକସ ଲାଗୁ ହେବନାହିଁ। ଏକ ସର୍ଭେ ଅନୁଯାୟୀ ୨୧% ଗ୍ରାମୀଣ ବୟୋଜ୍ୟେଷ୍ଠ ଏବଂ ୨୮% ସହରୀ ବୟୋଜ୍ୟେଷ୍ଠଙ୍କ ପାଖରେ କେବଳ ବ୍ୟାଙ୍କ୍ ଏବଂ ପୋଷ୍ଟ ଅଫିସ୍‌ରେ କିଛି ଜମା ପୁଞ୍ଜି ଥାଏ। ଏମାନଙ୍କ ମଧ୍ୟରୁ କ୍ୱଚିତ୍ ସେୟାର୍ ଏବଂ ବଣ୍ଡ୍ ଇତ୍ୟାଦିରେ ପୁଞ୍ଜିନିବେଶ କରିଥାନ୍ତି।

ଆୟକର ଆଇନ ୮୦ ଡି ଧାରା ଅଧିନରେ ଟିକସଯୁକ୍ତ ସ୍ୱାସ୍ଥ୍ୟ ବୀମା ପ୍ରିମିୟମ୍ ପରିମାଣକୁ ୩୦ ହଜାର ଟଙ୍କାରୁ ବୃଦ୍ଧି କରାଯାଇ ୫୦ ହଜାର ଟଙ୍କା କରାଯାଇଛି।

ବିଭିନ୍ନ ସାଂଘାତିକ ରୋଗର ଶିକାର ହୋଇଥିବା ବୟୋଜେଷ୍ଠଙ୍କ ପାଇଁ ମଧ୍ୟ ଏହି ବଜେଟ୍‌ରେ ଆର୍ଥିକ ରିଆତିର ବ୍ୟବସ୍ଥା କରାଯାଇଛି। ଏଥିପାଇଁ କେତୋଟି ନିର୍ଦ୍ଦିଷ୍ଟ ସାଂଘାତିକ ବ୍ୟାଧି କ୍ଷେତ୍ରରେ ଏହି ପରିମାଣକୁ ୬୦ ହଜାର ଟଙ୍କାରୁ ୧ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ୮୦ ବର୍ଷରୁ ଊର୍ଦ୍ଧ୍ୱ ବୟୋଜେଷ୍ଠଙ୍କ ପାଇଁ ମଧ୍ୟ ଏହି ପରିମାଣ ୮୦ ହଜାର ଟଙ୍କାରେ ଧାର୍ଯ୍ୟ କରାଯାଇଛି।

ଚଳିତ ବଜେଟ୍‌ରେ ବେତନଭୋଗୀ କର୍ମଚାରୀଙ୍କ ପାଇଁ ଯାତ୍ରା ଏବଂ ଚିକିତ୍ସା ଭତ୍ତା କ୍ଷେତ୍ରରେ ୪୦ ହଜାର ଟଙ୍କାର ଷ୍ଟାଣ୍ଡାର୍ଡ ଡିଡକ୍‌ସନ୍ ବ୍ୟବସ୍ଥା ପ୍ରସ୍ତାବିତ କରାଯାଇଛି। ଯେହେତୁ ଆୟକର ରିଟର୍ଣ୍ଣ ଦାଖଲ ବେଳେ ପେନ୍‌ସନ୍ ଆୟକୁ ବେତନ ଜରିଆରେ ମିଳୁଥିବା ଆୟ ଭାବେ ଗଣନା କରାଯାଏ, ସେହି ଦୃଷ୍ଟିରୁ ପେନ୍‌ସନ୍‌ଭୋଗୀ ବୟୋଜେଷ୍ଠମାନଙ୍କୁ ମଧ୍ୟ ଏହି ସୁବିଧା ମିଳିପାରିବ। ଏହିସବୁ ବ୍ୟବସ୍ଥା ପାଇଁ ଆୟକର ସ୍ଲାବ୍‌ର ନିମ୍ନଦେଶରେ ଥିବା ବରିଷ୍ଠ ନାଗରିକମାନଙ୍କୁ କୌଣସି ଆୟକର ଦେବାକୁ ପଡ଼ିନପାରେ। ଅନ୍ୟପକ୍ଷରେ ଅନ୍ୟାନ୍ୟ ବୟୋଜେଷ୍ଠ ବ୍ୟକ୍ତିମାନେ ଏହାଦ୍ୱାରା କିଛିଟା



ଆମ ଦେଶର ବୟୋଜେଷ୍ଠଙ୍କ ମଧ୍ୟରୁ ଅଧିକାଂଶଙ୍କ ସାମାଜିକ, ଅର୍ଥନୈତିକ ଅବସ୍ଥା ସେତେ ଭଲ ନୁହଁ। ଉଦାହରଣ ସ୍ୱରୂପ ଏମାନଙ୍କ ମଧ୍ୟରୁ ପ୍ରାୟ ୪୫% ବିପିଏଲ୍ ଏବଂ ଅନ୍ତ୍ୟୋଦୟ ପରିବାରର ହୋଇଥିବାବେଳେ ୨୩%ଙ୍କ ପାଖରେ କୌଣସି ସମ୍ପତ୍ତି ନାହିଁ। ସେହିଭଳି ୪୩%ଙ୍କ ପାଖରେ ଆୟର କୌଣସି ପନ୍ଥା ନଥିବାବେଳେ ୫୦% ନିଜର ଦୈନନ୍ଦିନ ଖର୍ଚ୍ଚ ପାଇଁ ଅନ୍ୟମାନଙ୍କ ଉପରେ ଆର୍ଥିକ ଭାବରେ ନିର୍ଭରଶୀଳ। ପୁଣି ଏମାନଙ୍କ ମଧ୍ୟରୁ ୨୭% ଅନୁସୂଚିତ ଜାତି ଜନଜାତି ବର୍ଗର ହୋଇଥିବାବେଳେ ପ୍ରାୟ ଏକତୃତୀୟାଂଶ ବ୍ୟକ୍ତିଙ୍କର ମାସିକ ମୁଣ୍ଡପିଛା ବ୍ୟୟ ପରିମାଣ ୧୦୦୦ ଟଙ୍କାରୁ ମଧ୍ୟ କମ୍ (ୟୁଏନ୍‌ଏଫ୍‌ପିଏ ୨୦୧୨)। ତେଣୁ ୨୦୧୮-୧୯ ମସିହାର କେନ୍ଦ୍ରୀୟ ବଜେଟ୍‌ର କେଉଁ କେଉଁ ବ୍ୟବସ୍ଥା ଏହି ବର୍ଗର ଜନସାଧାରଣଙ୍କ ପାଇଁ ଯୁକ୍ତିଯୁକ୍ତ ଏବଂ ସେହି ବ୍ୟବସ୍ଥାଗୁଡ଼ିକ ଦ୍ୱାରା ବୟୋଜ୍ୟେଷ୍ଠମାନେ କିପରି ଭାବରେ ଉପକୃତ ହୋଇପାରିବେ ସେସବୁର ଏକ ସମ୍ୟକ୍ ଆଲୋଚନା ଏଥିରେ କରାଯାଇଛି।

ଆର୍ଥିକ ସଞ୍ଚୟ ମଧ୍ୟ କରିପାରିବେ।

ଏହିସବୁ ବ୍ୟବସ୍ଥାଗୁଡ଼ିକ ପାଇଁ ଅଧିକ ସ୍ୱାସ୍ଥ୍ୟ ସମ୍ପର୍କିତ ବୀମା ଯୋଜନା କରିବାକୁ ବୟୋଜ୍ୟେଷ୍ଠମାନେ ପ୍ରରୋଚିତ ହୋଇପାରିବେ ଏବଂ ତା' ସହିତ ବ୍ୟାଙ୍କରେ ଅଧିକରୁ ଅଧିକ ସଞ୍ଚୟ କରିବାକୁ ମନ ବଳାଇବେ।

**ପ୍ରଧାନମନ୍ତ୍ରୀ ବୟବନ୍ଦନ ଯୋଜନା:** ଏହି ଯୋଜନାଟିକୁ ଗୋଟିଏ ବର୍ଷ ପାଇଁ ୨୦୧୭ ମସିହା ମେ' ମାସରେ ଆରମ୍ଭ କରାଯାଇଥିଲା। ତେବେ ଏହି ବଜେଟ୍‌ରେ ଏହି ଅବଧିକୁ ୨୦୨୦ ମେ' ମାସ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏତଦ୍‌ବ୍ୟତୀତ ଏହି ଯୋଜନା ଅଧିନରେ ପୁଞ୍ଜିନିବେଶ ପରିମାଣକୁ ସାଢ଼େ ସାତ ଲକ୍ଷ ଟଙ୍କାରୁ ପନ୍ଦର ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ୬୦ ବର୍ଷ ବୟସରୁ ଊର୍ଦ୍ଧ୍ୱ ବ୍ୟକ୍ତିମାନଙ୍କ ପାଇଁ ଭାରତୀୟ ଜୀବନ ବୀମା ନିଗମ ଦ୍ୱାରା ପରିଚାଳିତ ଏହି ଯୋଜନା ଅଧୀନରେ ପେନ୍‌ସନ୍‌ଭୋଗୀ ବଞ୍ଚିଥିବା ଅବସ୍ଥାରେ ୧୦ ବର୍ଷ ଅବଧିର କୌଣସି ବୀମା କରିଥିବା ବ୍ୟକ୍ତିଙ୍କୁ ଅର୍ଥ ପୈଠ କରାଯିବାର ବ୍ୟବସ୍ଥା ରହିଛି। ତେବେ ୧୦ ବର୍ଷ ସମୟ ଅବଧି ଭିତରେ ଯଦି କୌଣସି ପେନ୍‌ସନଭୋଗୀଙ୍କ ମୃତ୍ୟୁ ହୁଏ, ତେବେ ବୀମାର କ୍ରୟ ରାଶି ତାଙ୍କର ନିକଟ ସମ୍ପର୍କୀୟ ହିତାଧିକାରୀଙ୍କୁ ଫେରସ୍ତ କରାଯିବାର ସୁବିଧା ଅଛି। ଯଦି ସମ୍ପୃକ୍ତ ପେନ୍‌ସନ୍‌ଭୋଗୀ ୧୦ ବର୍ଷ ପଲିସି ଅବିଧିବେଳକୁ ବଞ୍ଚିଥାଆନ୍ତି, ତେବେ ତାଙ୍କୁ ବୀମାର କ୍ରୟ ରାଶି ସମେତ ପରିଶେଷ ପେନ୍‌ସନ୍ ଇନ୍‌ଷ୍ଟଲ୍‌ମେଣ୍ଟ ମଧ୍ୟ ପ୍ରଦାନ କରାଯିବାର ବ୍ୟବସ୍ଥା ଅଛି।

ଯଦିଓ ମ୍ୟାଚୁରିଟୀ ପରେ ମିଳୁଥିବା ଅର୍ଥ ଉପରେ ଟିକସ ଲାଗୁ କରାଯିବାର ବ୍ୟବସ୍ଥା ରହିଛି ତଥାପି ଏହା ବାର୍ଷିକ ୮ରୁ ୧୦% ନିଶ୍ଚିତ ଆୟର ସମ୍ଭାବନା ବହନ କରୁଥିବାରୁ ଏହା ବରିଷ୍ଠ ନାଗରିକଙ୍କ ପାଇଁ ଲାଭଦାୟକ ହେବ ନିଶ୍ଚୟ।

ଏହି ବ୍ୟବସ୍ଥାଗୁଡ଼ିକ ଯଦିଓ ସମସ୍ତ ବୟୋଜ୍ୟେଷ୍ଠଙ୍କ ପାଇଁ ଉଦ୍ଦିଷ୍ଟ ତଥାପି ସାମଗ୍ରିକ ଦୃଷ୍ଟିରୁ ବିଚାର କଲେ କେବଳ ବୟୋଜ୍ୟେଷ୍ଠଙ୍କ ଏକ ସ୍ୱଳ୍ପ ଭାଗ ଏହାଦ୍ୱାରା ଉପକୃତ ହେବେ। କାରଣ ଗ୍ରାମାଞ୍ଚଳର ଅଧିକାଂଶ ବୟୋଜ୍ୟେଷ୍ଠ ବ୍ୟକ୍ତି ହେଉଛନ୍ତି ଚାଷୀ ପରିବାରର। ସେମାନଙ୍କୁ ଏଭଳି ଆୟକର ରିଆତିରୁ କୌଣସି ଲାଭ ମିଳିବ ନାହିଁ। ଏକ ସର୍ବେକ୍ଷଣ ଅନୁଯାୟୀ କେବଳ ୧୦% ଗ୍ରାମୀଣ ବୟୋଜ୍ୟେଷ୍ଠ ଏବଂ ୧୬% ସହରୀ ବୟୋଜ୍ୟେଷ୍ଠଙ୍କୁ ପେନ୍‌ସନ୍ ମିଳିଥାଏ। ଏତଦ୍‌ବ୍ୟତୀତ ୪୨% ଗ୍ରାମୀଣ ବୟୋଜ୍ୟେଷ୍ଠ ଏବଂ ୪୭% ସହରୀ ବୟୋଜ୍ୟେଷ୍ଠଙ୍କ ପାଖରେ ଆୟର କୌଣସି ପନ୍ଥା ନାହିଁ। ଗ୍ରାମୀଣ ବୟୋଜ୍ୟେଷ୍ଠଙ୍କ ମଧ୍ୟରୁ କେବଳ ୧୨.୫% ଏବଂ ସହରୀ ବୟୋଜ୍ୟେଷ୍ଠଙ୍କ ମଧ୍ୟର ୧୭%ଙ୍କ ବାର୍ଷିକ ଆୟ ୫୦ ହଜାର ଟଙ୍କା କିମ୍ବା ତତୁର୍ଦ୍ଧ୍ୱ। ତେଣୁ ବୟୋଜ୍ୟେଷ୍ଠମାନଙ୍କ ଗୋଷ୍ଠୀର ଊର୍ଦ୍ଧ୍ୱରେ ଥିବା କେତେକ ବ୍ୟକ୍ତିବିଶେଷଙ୍କୁ ଆୟକର ସମ୍ପର୍କିତ ଏହି ବ୍ୟବସ୍ଥାଗୁଡ଼ିକ ଲାଭାନ୍ୱିତ କରିପାରିବ।

**ଜାତୀୟ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନା:** ବାସ୍ତବରେ ବୟୋଜ୍ୟେଷ୍ଠମାନଙ୍କ ପାଇଁ ସର୍ବାଧିକ ଉପକାରୀ ଯୋଜନାଟି ହେଉଛି 'ଆୟୁଷ୍ମାନ'





ଯୋଜନା। ଏହା ଏକ ବୃହତ୍ ଜାତୀୟ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନା, ଯାହା ସମ୍ପୂର୍ଣ୍ଣ ଭାବେ ସରକାରଙ୍କ ଯୋଜନା। ଅବଶ୍ୟ ଏହା ମୋଟାମୋଟି ଭାବେ ସମସ୍ତ ବିପିଏଲ୍ ପରିବାର ପାଇଁ ଉଦ୍ଦିଷ୍ଟ ଏବଂ କେବଳ ବୟସ୍କଙ୍କ ପାଇଁ ଉଦ୍ଦିଷ୍ଟ ନୁହଁ। ତେବେ ଯଦି ଏହି ମହତ୍ୱାକାଂକ୍ଷୀ ଯୋଜନାଟି ସଫଳ ହୁଏ, ତେବେ ବୟସ୍କମାନଙ୍କ ଉପରେ ମଧ୍ୟ ଏହାର ସୁପ୍ରଭାବ ପଡ଼ିବ। ବୟୋଜ୍ୟେଷ୍ଠମାନେ ଆର୍ଥିକ ଭାବେ ଅନ୍ୟ ଉପରେ ନିର୍ଭରଶୀଳ ହେବା ସହିତ ବୟସାଧିକ ଯୋଗୁଁ ସେମାନେ ଶାରିରୀକ ଭାବେ ମଧ୍ୟ ଅନ୍ୟମାନଙ୍କ ଉପରେ ନିର୍ଭର କରିବାକୁ ବାଧ୍ୟ ହୋଇଥାନ୍ତି। ଏହାଦ୍ୱାରା ସେମାନଙ୍କ ସ୍ୱାସ୍ଥ୍ୟ ଅବନତି ସହିତ କେତେକାଂଶରେ ଆଂଶିକ କିମ୍ବା ସମ୍ପୂର୍ଣ୍ଣ ଶାରିରୀକ ଅକ୍ଷମତା ମଧ୍ୟ ପ୍ରକାଶ ପାଇଥାଏ। ଏକ ସର୍ବେକ୍ଷଣ ଅନୁଯାୟୀ, ପ୍ରାୟ ୫୦% ବୟୋଜ୍ୟେଷ୍ଠ କହିଛନ୍ତି ଯେ ସେମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଭଲ ନୁହଁ। ସର୍ବେକ୍ଷଣ ଅଧିନରେ ଥିବା ବୟୋଜ୍ୟେଷ୍ଠଙ୍କ ମଧ୍ୟରୁ ୫ ଭାଗରୁ ଭାଗେ ବୟୋଜେଷ୍ଠଙ୍କ ସ୍ୱାସ୍ଥ୍ୟ ଅବସ୍ଥା ମନ୍ଦ। ୧୩% ବୟୋଜ୍ୟେଷ୍ଠଙ୍କ ଶାରିରୀକ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇଥିବାବେଳେ ୮% ବ୍ୟକ୍ତି ଦୈନିକ ଅନ୍ତତଃ ଗୋଟିଏ କାର୍ଯ୍ୟ କରିବା ପାଇଁ ଅନ୍ୟମାନଙ୍କ ସାହାଯ୍ୟ ଲୋଡ଼ିଥାନ୍ତି। ୬୦ ପ୍ରତିଶତ ବୟୋଜେଷ୍ଠଙ୍କ ସମ୍ପୂର୍ଣ୍ଣ ଦୃଷ୍ଟିଶକ୍ତି ବାଧିତ ହୋଇଥିବାବେଳେ ଚାରି ଭାଗରୁ ଭାଗେ ବୟୋଜେଷ୍ଠଙ୍କ କ୍ଷେତ୍ରରେ ସ୍ମୃତିଶକ୍ତି ହ୍ରାସ ପାଇଥାଏ ଏବଂ ତା' ସାଙ୍ଗକୁ କାର୍ଯ୍ୟ କରିବାର କ୍ଷମତା ମଧ୍ୟ ଅବନତି ହୋଇଥାଏ।

ଖୁସିର କଥା ଯେ ଏଭଳି ଅନେକ ବୟୋଜ୍ୟେଷ୍ଠଙ୍କ ସ୍ୱାସ୍ଥ୍ୟଗତ ସୁବିଧା ପାଇଁ ଉପରୋକ୍ତ ସ୍ୱାସ୍ଥ୍ୟ ସମ୍ପର୍କିତ ଯୋଜନା ବିଶେଷ ଭାବେ ଲାଭଦାୟକ ହୋଇପାରିବ। ଏହି ଯୋଜନା ଅଧିନରେ ଦେଶର ପ୍ରାୟ ୧୦ କୋଟି ପରିବାରଙ୍କୁ ବାର୍ଷିକ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ଖର୍ଚ୍ଚ ଛାଡ଼ର ସୁବିଧା ମିଳିପାରିବ। ଏହାଦ୍ୱାରା ପ୍ରାୟ ୫୦ କୋଟି ଗରିବ ଭାରତୀୟ ଉପକୃତ ହେବେ। ଏହି ଯୋଜନାଟି ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନା ବଦଳରେ ଲାଗୁ ହେବ। ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନା ଅଧିନରେ ବିଭିନ୍ନ ପ୍ରକାରର ଚିକିତ୍ସା ସକାଶେ ପ୍ରାୟ ୧୮ କୋଟି ଗରିବ ଲୋକଙ୍କୁ ୧ ହଜାର କୋଟି ଟଙ୍କା ପ୍ରଦାନ କରାଯିବାର ବ୍ୟବସ୍ଥା ଥିଲା। ତେବେ ଏହି ନୂଆ ଯୋଜନା ପାଇଁ ଚଳିତ ବଜେଟ୍‌ରେ ୨ ହଜାର କୋଟି ଟଙ୍କା ଆବଣ୍ଟିତ କରାଯାଇଛି। ଯେଉଁ ପରିମାଣ ଚଳିତ ବର୍ଷ ଶେଷ ସୁଦ୍ଧା ୧୨ ହଜାର କୋଟି ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯିବ ବୋଲି ଆଶା କରାଯାଉଛି। ଏଥିପାଇଁ ଆବଶ୍ୟକ ପୁଞ୍ଜି, ୩% ବଦଳରେ ୪% ଶିକ୍ଷା ଏବଂ ସ୍ୱାସ୍ଥ୍ୟ ଉପକର ମାଧ୍ୟମରେ ଆଦାୟ କରାଯିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏତଦ୍‌ବ୍ୟତୀତ ଏହି ଯୋଜନାର ୪୦% ବ୍ୟୟଭାର ରାଜ୍ୟ ସରକାରଗୁଡ଼ିକ ବହନ କରି ଅତିରିକ୍ତ ୮ ହଜାର କୋଟି ଟଙ୍କା ଏହି ପାଣ୍ଠିକୁ ଯୋଗାଣ କରିବାର ବ୍ୟବସ୍ଥା ରହିଛି।

ତେବେ ଏହି ମହତ୍ୱାକାଂକ୍ଷୀ ଯୋଜନାକୁ କେତେକାଂଶରେ ସ୍ୱାଗତ କରାଯାଉଥିବାବେଳେ ଅନ୍ୟ କେତେକ ବ୍ୟକ୍ତି ଏହା ଏକ କାର୍ଯ୍ୟକ୍ଷମ ନହୋଇପାରିବା ଯୋଜନା ବୋଲି ସମାଲୋଚନା କରିଛନ୍ତି। ପ୍ରମୁଖ ସମାଲୋଚନାଗୁଡ଼ିକ ହେଉଛି-

ଅପର୍ଯ୍ୟାପ୍ତ ପାଣ୍ଠି- ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନା ଅଧିନରେ ଆବଶ୍ୟକ ପାଣ୍ଠି ପରିମାଣ ୪୭୦ କୋଟିରୁ ବୃଦ୍ଧି ପାଇ ୨୦୧୯ ମସିହା ବେଳକୁ ୨ ହଜାର କୋଟି ଟଙ୍କା ହେବାର ଆଶା ଥିଲା। ତେବେ ଏହି ଅନୁଭୂତି ଆଧାରରେ ଏହି ନୂଆ ଯୋଜନା ପାଇଁ ପ୍ରାୟ ୩୦ ହଜାର କୋଟି ଟଙ୍କା ପାଣ୍ଠିର ଆବଶ୍ୟକତା ପଡ଼ିବ।

ଏହା ମଧ୍ୟ ସନ୍ଦେହଜନକ ଯେ ସମ୍ୱଳର ଅଭାବରେ ରାଜ୍ୟ ସରକାରଗୁଡ଼ିକ ଏହି ଯୋଜନା ପାଇଁ ୪୦% ଅର୍ଥ ଯୋଗାଣ କରିପାରିବାରେ ସମର୍ଥ ହେବେ।

ଏହି ମହତ୍ୱାକାଂକ୍ଷୀ ଯୋଜନାଟିର କାର୍ଯ୍ୟାନ୍ୱୟନ ସମ୍ପର୍କରେ ସବିଶେଷ ସ୍ୱଚ୍ଛତା ନାହିଁ। ତେବେ ପ୍ରତୀୟମାନ ହୁଏ, ଯେ ବିଭିନ୍ନ ବୀମା ସଂସ୍ଥାଗୁଡ଼ିକ ମାଧ୍ୟମରେ ଏହି ଯୋଜନାର କ୍ରିୟାନ୍ୱୟନ ପାଇଁ ରାଜ୍ୟ ସରକାରଗୁଡ଼ିକୁ ସ୍ୱାଧୀନତା ଦିଆଯିବ। ସେମାନେ ଅନ୍ୟ କୌଣସି ସ୍ୱୟଂଚାଳିତ ସଂସ୍ଥା ମାଧ୍ୟମରେ ମଧ୍ୟ ଏହାକୁ କାର୍ଯ୍ୟକାରୀ କରିପାରିବେ। ତେବେ ପ୍ରତ୍ୟେକ ପଞ୍ଜୀକୃତ ପରିବାର ପିଛା ବାର୍ଷିକ କେବଳ ୧୦୮୨ ଟଙ୍କା ବଦଳରେ ଏହି ସ୍ୱାସ୍ଥ୍ୟ ସେବା ପ୍ରଦାନ କରାଯିବାକୁ ନେଇ ମଧ୍ୟ ସନ୍ଦେହ ପ୍ରକଟ କରାଯାଇଛି। କାରଣ ଏତିକି ମାତ୍ର ପ୍ରିମିୟମ୍ ବଦଳରେ ଏତେ ବେଶୀ ବୀମା ରାଶି ପ୍ରଦାନ କରିବାକୁ ହୁଏତ ବୀମା କମ୍ପାନୀମାନେ କୁଣ୍ଠିତ ହୋଇପାରନ୍ତି।

ଜାତୀୟ ନମୁନା ସର୍ବେକ୍ଷଣ ତଥ୍ୟ ଅନୁଯାୟୀ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନାର ଅନୁଭୂତି ଅତ୍ୟନ୍ତ ନିରୁତ୍ସାହଜନକ ଥିଲା। ଏହି ଯୋଜନା ଅଧୀନରେ ମାତ୍ର ୧.୨% ଗ୍ରାମୀଣ ଏବଂ ୬.୨% ସହରୀ ପରିବାର ଉପକୃତ ହୋଇଥିଲେ। ଏତଦ୍‌ବ୍ୟତୀତ ଏହି ଯୋଜନା, ବିଭିନ୍ନ ପରିବାର ନିଜେ ଖର୍ଚ୍ଚ କରୁଥିବା ବାଧ୍ୟ ବାଧକତାରୁ ମଧ୍ୟ ମୁକ୍ତି ଦେଇପାରିନଥିଲା।

ଏହି ଉଚ୍ଚାଭିଳାଷୀ ଯୋଜନା ମାଧ୍ୟମରେ ହିତାଧିକାରୀ ପରିବାରଙ୍କୁ କେବଳ ହସ୍ପିଟାଲ୍ ଖର୍ଚ୍ଚ ମିଳିପାରିବ। ତେବେ ସ୍ୱାସ୍ଥ୍ୟଗତ ସମସ୍ୟା ପାଇଁ କରାଯାଉଥିବା ଖର୍ଚ୍ଚ ପରିମାଣର ଦୁଇ ତୃତୀୟାଂଶ ଖର୍ଚ୍ଚ ହସ୍ପିଟାଲ୍ ବହିଃର୍ଭୂତ ଖର୍ଚ୍ଚ ହୋଇଥାଏ।

ବୟୋଜ୍ୟେଷ୍ଠମାନଙ୍କ କ୍ଷେତ୍ରରେ ଏକ ସର୍ଭେର ରିପୋର୍ଟ ଅନୁଯାୟୀ ସର୍ଭେ ପୂର୍ବବର୍ତ୍ତୀ ଗୋଟିଏ ବର୍ଷ ମଧ୍ୟରେ କେବଳ ୧୦% ବୟୋଜ୍ୟେଷ୍ଠଙ୍କୁ ହସ୍ପିଟାଲରେ ଭର୍ତ୍ତି କରିବାର ଆବଶ୍ୟକତା ପଡ଼ିଥିଲା।

ପ୍ରାୟତଃ କୌଣସି ସ୍ୱାସ୍ଥ୍ୟଗତ ସମସ୍ୟାର ଶେଷ ପର୍ଯ୍ୟାୟରେ ହିଁ ବୟୋଜ୍ୟେଷ୍ଠମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥାଏ। ତେବେ ଏହି ନୂତନ ଯୋଜନା ଦ୍ୱାରା ବୟୋଜ୍ୟେଷ୍ଠମାନଙ୍କୁ ସ୍ୱାସ୍ଥ୍ୟଗତ ସମସ୍ୟାର ପ୍ରାରମ୍ଭିକ ପର୍ଯ୍ୟାୟରେ ଡାକ୍ତରଖାନାରେ ଭର୍ତ୍ତି କରିବା ପାଇଁ ପରିବାର ଲୋକଙ୍କୁ ପ୍ରୋତ୍ସାହନ ମିଳିବ।

ଏହି ଯୋଜନା କେବଳ ହସ୍ପିଟାଲ ଖର୍ଚ୍ଚ ପାଇଁ ଉଦ୍ଦିଷ୍ଟ। ଅନ୍ୟପକ୍ଷରେ ଅଧିକାଂଶ ବୟୋଜ୍ୟେଷ୍ଠ ବ୍ୟକ୍ତି ଗଣ୍ଠିବାତ, ଉଚ୍ଚ ରକ୍ତଚାପ, ମଧୁମେହ ଏବଂ ଅନ୍ୟାନ୍ୟ କେତେକ ରୋଗଦ୍ୱାରା ପୀଡ଼ିତ ହୋଇଥାନ୍ତି, ଯେଉଁଥିପାଇଁ ଉଚିତ୍ ସମୟରେ ରୋଗ ନିରୂପଣ, ଉଚିତ୍ ଔଷଧ ସେବନ ଏବଂ ନିୟମିତ ତଦାରଖ ଆବଶ୍ୟକ ହୋଇଥାଏ। ଏହି ଦୃଷ୍ଟିରୁ ଦୂରବର୍ତ୍ତୀ ଅଞ୍ଚଳରେ ସ୍ୱାସ୍ଥ୍ୟ ଭିତ୍ତିଭୂମିକର ସୁଦୃଢ଼ୀକରଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ତେବେ ଏଭଳି କ୍ଷେତ୍ରରେ ପର୍ଯ୍ୟାପ୍ତ ସ୍ୱାସ୍ଥ୍ୟକର୍ମୀଙ୍କ ଅଭାବ ମଧ୍ୟ ପରିଲକ୍ଷିତ ହୋଇଥାଏ। ଅବଶ୍ୟ ଏହି ନୂତନ ଯୋଜନା ଅଧିନରେ ଅନେକଗୁଡ଼ିଏ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ନୂତନ ସ୍ୱାସ୍ଥ୍ୟ ମହାବିଦ୍ୟାଳୟ ଖୋଲାଯିବାର ବ୍ୟବସ୍ଥା ରହିଛି। ଏହାଦ୍ୱାରା ପରୋକ୍ଷରେ ବୟୋଜ୍ୟେଷ୍ଠମାନେ ଲାଭାନ୍ୱିତ ହୋଇପାରିବେ ବୋଲି ଆଶା କରାଯାଏ। ପରିଶେଷରେ ଏତିକି କୁହାଯାଇପାରେ ଯେ ଏଥିପାଇଁ ଅଧିକରୁ ଅଧିକ ସରକାରୀ ବ୍ୟୟ ଆବଶ୍ୟକ ଏବଂ ସରକାରୀ ଘରୋଇ ଭାଗିଦାରୀ ମଧ୍ୟ ବାଞ୍ଛନୀୟ।

ତେବେ ଏସବୁ ସତ୍ତ୍ୱେ ମଧ୍ୟ ଏହି ବଜେଟ୍‌ରେ ସାମାଜିକ କ୍ଷେତ୍ର ପାଇଁ କରାଯାଇଥିବା ବ୍ୟବସ୍ଥାଗୁଡ଼ିକ ଦ୍ୱାରା ସ୍ୱାଧୀନ ଭାରତରେ ଏପର୍ଯ୍ୟନ୍ତ ସ୍ୱାସ୍ଥ୍ୟ କ୍ଷେତ୍ରକୁ ସବୁଠାରୁ ଅଧିକ ପ୍ରାଧାନ୍ୟ ଦିଆଯାଇଛି। ଏହି ଦୃଷ୍ଟିଭଙ୍ଗୀ ଜରିଆରେ ଦେଶର ବୟୋଜ୍ୟେଷ୍ଠଙ୍କ ଜୀବନର ମାନରେ ଯଥେଷ୍ଟ ଉନ୍ନତି ପରିଲକ୍ଷିତ ହେବ ବୋଲି ଆଶା କରାଯାଏ।

**ଉପସଂହାର:**

ଭାରତର ବୟୋଜ୍ୟେଷ୍ଠ ବ୍ୟକ୍ତିମାନଙ୍କ ସମ୍ପର୍କିତ ତଥ୍ୟ ଆଧାର ନିର୍ମାଣ ଉପରେ ୟୁଏନ୍‌ଏଫ୍‌ପିଏ ଦ୍ୱାରା କରାଯାଇଥିବା ଏକ ପ୍ରକଳ୍ପ ଅଧିନରେ ୯୮୫୨ ଜଣ ବୟୋଜ୍ୟେଷ୍ଠଙ୍କୁ ସର୍ବେକ୍ଷଣରେ ସାମିଲ୍ କରାଯାଇଥିଲା। ଏଥିରେ ହିମାଚଳପ୍ରଦେଶ, କେରଳ, ମହାରାଷ୍ଟ୍ର, ଓଡ଼ିଶା, ପଞ୍ଜାବ, ତାମିଲ୍‌ନାଡୁ ଏବଂ ପଶ୍ଚିମବଙ୍ଗର ୮୩୨୯ଟି ପରିବାର ସାମିଲ୍ ହୋଇଥିଲେ। ଏହି ସର୍ବେକ୍ଷଣ ୨୦୧୧ ମସିହାରେ କରାଯାଇଥିଲା।

**ମୁମ୍ବାଇସ୍ଥିତ ଜନସଂଖ୍ୟା ବିଜ୍ଞାନ ଆନ୍ତର୍ଜାତିକ ସଂସ୍ଥାନରେ ଲେଖକ ପୂର୍ବରୁ ଜଣେ ନିର୍ଦ୍ଦେଶକ ଥିଲେ।**

# ଆପଣ ଜାଣନ୍ତି କି ?

# ସ୍ୱର୍ଣ୍ଣ-ମୁଦ୍ରାୟନ ଯୋଜନା

୨୦୧୮-୧୯ ବଜେଟରେ ନିଜର ଭାଷଣ ଅବସରରେ କେନ୍ଦ୍ର ଅର୍ଥମନ୍ତ୍ରୀ କହିଥିଲେ ଯେ ସରକାର ଖୁବ୍ ଶୀଘ୍ର ଏକ ପୂର୍ଣ୍ଣାଙ୍ଗ ସ୍ୱର୍ଣ୍ଣନୀତି ପ୍ରସ୍ତୁତ କରିବେ। ସୁନାଭଳି ମୂଲ୍ୟବାନ ଧାତୁକୁ କିପରି ଅଧିକରୁ ଅଧିକ ବ୍ୟବହାର କରି ଏଥିରୁ ଅର୍ଥ ବାହାର କରାଯାଇପାରିବ ତାହା ଏହି ନୀତିର ପ୍ରମୁଖ ଉଦ୍ଦେଶ୍ୟ। ଏହାର ସହଜ ଅର୍ଥ ହେଲା ସୁନା ଏକ ମୂଲ୍ୟବାନ ଧାତୁ ହୋଇଥିଲେ ହେଁ ଏହାକୁ ଲୋକେ ମୁଖ୍ୟତଃ ସାଇତି ରଖନ୍ତି ଏବଂ ଏହାକୁ କାର୍ଯ୍ୟରେ ଲଗାଇବା ସହ ଏହାର ବିନିମୟ ମୂଲ୍ୟକୁ ବ୍ୟବହାର କରି କମ୍ ଅର୍ଥ ଉପାର୍ଜନ କରିଥାନ୍ତି। ସେଥିପାଇଁ ଗୋଲ୍ଡ ମନିଟାଇଜେସନ ସ୍କିମ୍ ବା ସୁନା ମୁଦ୍ରାୟନ ଯୋଜନା ପ୍ରସ୍ତୁତ କରି ତାହାକୁ ପ୍ରବର୍ତ୍ତନ କରିବାକୁ ସରକାର ଆଗ୍ରହୀ। ଲୋକେ ସୁନା ଜମା ଆକାଉଣ୍ଟରେ ଜଞ୍ଜାଳମୁକ୍ତ ବ୍ୟବସ୍ଥାରେ ସୁନା ଜମା ରଖି ଲାଭ ବାନ ହୋଇପାରିବେ। ସେଥିପାଇଁ ସରକାର ଏକ ଖାଉଟି ଅନୁକୂଳ ଏବଂ ବାଣିଜ୍ୟ ଦକ୍ଷ ନିୟନ୍ତ୍ରିତ ସୁନା ଏକ୍ସଚେଞ୍ଜ ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ବିଚାର କରୁଛନ୍ତି।



ଗୋଲ୍ଡ ଏକ୍ସଚେଞ୍ଜ ଏକ ଆନ୍ତର୍ଜାତିକ ବ୍ୟବସ୍ଥା ଯେଉଁଥିରେ ସୁନାର ବ୍ୟବସାୟିକ ପରିଚାଳନା ସ୍ୱଚ୍ଛ ଓ ପେସାଦାରୀ ଢଙ୍ଗରେ କରାଯାଇଥାଏ। ଏହା ହେଲେ ଭାରତର ସ୍ୱର୍ଣ୍ଣ ଉଦ୍ୟୋଗ ଅଧିକ ପୋଖତ ଓ ଡିଜିଟାଲ ଦୃଷ୍ଟିରୁ ଉନ୍ନତ ହୋଇପାରିବ। ଏହା ସହିତ ନୂଆ ବ୍ୟବସ୍ଥାରେ ମଧ୍ୟସ୍ଥତା ଓ ଦଲାଲଙ୍କ ସହାୟତା ନ'ଦେଇ ସୁନା କାରବାର ସହଜରେ କରାଯାଇପାରିବ। ଗ୍ରାମାଞ୍ଚଳରେ ଟିକସ ଫାଙ୍କି ସୁନା କାରବାର କରୁଥିବା ବ୍ୟବସାୟୀଙ୍କୁ ସହଜରେ ଧରିହେବ। ସୂଚନାଯୋଗ୍ୟ ଯେ ଭାରତର ଗ୍ରାମାଞ୍ଚଳ ଦେଶର ମୋଟ ସୁନାର ୬୫ଭାଗ କାରବାର ହୋଇଥାଏ। ଏହି କାରବାରରେ ମଧ୍ୟସ୍ଥତା କରୁଥିବା ବ୍ୟକ୍ତି ବା ଦଲାଲମାନେ ବିପୁଳ କାରବାରର ହିସାବ ଲୁଚାଇ ରଖନ୍ତି ଏବଂ ପ୍ରଚୁର ଲାଭ ଉଠାନ୍ତି। ନୂଆ ବ୍ୟବସ୍ଥା କର୍ଯ୍ୟକାରୀ ହେଲେ ଏହି ବ୍ୟବସ୍ଥା ବନ୍ଦ ହୋଇଯିବ।

୨୦୧୫-୧୬ କେନ୍ଦ୍ରୀୟ ବଜେଟରେ ସ୍ୱର୍ଣ୍ଣ ମୁଦ୍ରାୟନ ଯୋଜନା ପ୍ରଥମେ ଉପସ୍ଥାପିତ ହୋଇଥିଲା। ଏହାର ଲକ୍ଷ୍ୟ ଥିଲା ଦେଶରେ ଲୋକଙ୍କ ଘରେ ଥିବା ସୁନାର ସୁରକ୍ଷା ସହିତ ଏହାକୁ ଲାଭଜନକ/ ଉତ୍ପାଦନକ୍ଷମ କାର୍ଯ୍ୟରେ ବିନିଯୋଗ କରିବା। ବୃହତ୍ତର ଲକ୍ଷ୍ୟ ଥିଲା ଦେଶର ସ୍ୱର୍ଣ୍ଣ ଆମଦାନୀ ପରିମାଣକୁ ହ୍ରାସ କରିବା ସହ ଘରୋଇ ଚାହିଦାକୁ କମାଇବା। ସୂଚନାଯୋଗ୍ୟ ଯେ ବିଶ୍ୱରେ ଚୀନ ପରେ ଭାରତରେ ସୁନାର ଚାହିଦା ଓ ଗ୍ରାହକ ସଂଖ୍ୟା ସର୍ବାଧିକ।

ସ୍ୱର୍ଣ୍ଣ ମୁଦ୍ରାୟନ ଯୋଜନାରେ ଲୋକଙ୍କୁ ନିଜର ମେଟାଲ ଆକାଉଣ୍ଟ (ଧାତୁ ଜମା ଖାତା)ରେ ସୁନା ଜମା ଉପରେ ସୁଧ ଦେବାର ବ୍ୟବସ୍ଥା ରହିଛି। ନିଜ ମେଟାଲ ଆକାଉଣ୍ଟରେ ସୁନା ଜମା ରଖିବା ମାତ୍ରେ ଏହା ଉପରେ ସୁଧ ପ୍ରଦାନ କରାଯାଇଥାଏ।

ସ୍ୱର୍ଣ୍ଣ ମୁଦ୍ରାୟନ ଯୋଜନାର ରୂପରେଖ ନିମ୍ନରେ ପ୍ରଦାନ କରାଯାଇଛି।

**ସହଜ ଜମା ଓ ସୁରକ୍ଷା:**

ଏହି ଯୋଜନାରେ ସୁନା ଜମା ଦେବା ସହଜ। ଜମା ସୁନା ସୁରକ୍ଷିତ ଏବଂ ଜମାକାରୀ ଜମା ଯୋଜନାର ମିଆଦ ଶେଷରେ ସେସବୁ ଫେରିପାଇବାର ବ୍ୟବସ୍ଥା ଅଛି।

ପାରମ୍ପରିକ ବ୍ୟବସ୍ଥାରେ ଭାରତୀୟମାନେ ବ୍ୟାଙ୍କ ଲକରରେ ସୁନା ଓ ମୂଲ୍ୟବାନ ଧାତୁ ସାଇତି ରଖନ୍ତି ଏବଂ ସେଥିପାଇଁ ବାର୍ଷିକ ବ୍ୟାଙ୍କକୁ କିଛି ଅର୍ଥ ମଧ୍ୟ ଲକର ସେବା ବାବଦରେ ପ୍ରଦାନ କରିଥାନ୍ତି। ବିବାହ ଓ ଅନ୍ୟାନ୍ୟ ପାରିବାରିକ ଉତ୍ସବରେ ପିନ୍ଧିବା ପାଇଁ କିମ୍ବା ବିକ୍ରିବଟା କରିବାକୁ ଲକରରୁ ଜମାକାରୀ ସୁନାଗହଣା ନେଇଥାନ୍ତି। ତେଣୁ ଲକରରେ ରଖିବା ବେଳେ ସେମାନଙ୍କୁ ସୁନା ବା ମୂଲ୍ୟବାନ ଧାତୁ ବାବଦରେ କିଛି ଆୟ ମିଳେ ନାହିଁ, ବରଂ ସେମାନେ ଏହାର ସୁରକ୍ଷା ବାଦରେ ପ୍ରତିବର୍ଷ ଅର୍ଥ ବ୍ୟୟ କରିଥାନ୍ତି।

**ଉପଯୋଗହୀନ ସୁନାର ଉପଯୋଗ:**

ପୁରୁଣା କିମ୍ବା ବ୍ୟବହୃତ ହେଉଥିବା ସୁନାକୁ ବ୍ୟାଙ୍କ ଲକର କିମ୍ବା ଘର ସିନ୍ଦୁକରେ ଲୋକେ ସାଇତି ରଖିଥାନ୍ତି। ଅତଏବ ସେଇ ସୁନାର ବା ସ୍ୱର୍ଣ୍ଣ ଅଳଙ୍କାରର କୌଣସି ଉପଯୋଗିତା ନ ଥାଏ। ବେକାର ହୋଇ ପଡ଼ିରହିଥିବା ଏହି ସୁନାରୁ କିଛି ଆୟ ଆସେ ନାହିଁ। କେବଳ ଏହାକୁ ବିକି ତତ୍କାଳ କିଛି ଅର୍ଥ ସଂଗ୍ରହ କରାଯାଇପାରେ। ସ୍ୱର୍ଣ୍ଣ ମୁଦ୍ରାୟନ ଯୋଜନାରେ ଜମାକାରୀ ଜମା ସୁନା ଉପରେ ସୁଧ ପାଇବା ସହ ମିଆଦ ଶେଷରେ ସମାନ ଓଜନର ସୁନା ପାଇବାର ଗ୍ୟାରେଣ୍ଟି ପାଇଥାନ୍ତି। ଏହା ଫଳରେ ସୁନାର ଖେସଖସରା ବାବଦ ମୂଲ୍ୟ ହ୍ରାସ ନ'ଘଟି ଚଳନ୍ତି ହାରରେ ଜମାକାରୀ ଯେଉଁ ମୂଲ୍ୟ ପାଇବେ ତାହା ଲାଭଜନକ।

**ଉଦାରବାଦୀ ଜମା ବ୍ୟବସ୍ଥା:**

ମୁଣ୍ଡାସୁନା, ଗହଣା, ମୁଦ୍ରା, ଖଣ୍ଡ (ବାର୍) ଆଦି ବିଭିନ୍ନ ରୂପ ବା ଆକାରରେ ଥିବା ସୁନାକୁ ଏହି ଯୋଜନାରେ ଜମା ଦେଇହେବ। ତେବେ ଯେଉଁ ସୁନା ଗହଣାରେ ରତ୍ନପଥର ରହିଛି ତାହାକୁ ଜମା ଦେଇହେବନାହିଁ।

**ଜମା ବ୍ୟବସ୍ଥା ଉଦାର:**

ଏହି ଯୋଜନାରେ ସୁନା ଜମା କରିବାରେ ସେମିତି କଠୋର ନୀତି ନିୟମ ନାହିଁ। ସର୍ବନିମ୍ନ ୩୦ ଗ୍ରାମ ସୁନା ମଧ୍ୟ ଜମା ଦେଇହେବ। ଜମାର ସର୍ବୋଚ୍ଚ ସୀମା ନାହିଁ। ସବୁଠୁ ବଡ଼ କଥା ହେଲା ଯେକୌଣସି ଶୁଦ୍ଧତା (ବିଭିନ୍ନ କ୍ୟାରେଟ୍)ର ସୁନା ଜମା ଦେବାର ବ୍ୟବସ୍ଥା ଅଛି।

**ମିଆଦ ଓ ସୁଧ:**

ସୁନା ମୁଦ୍ରାୟନ କ୍ଷେତ୍ରରେ ତିନି ପ୍ରକାର ଯୋଜନା ରହିଛି। ସ୍ୱଳ୍ପ ମିଆଦି ଯୋଜନାରେ ୧ ରୁ ୩ ବର୍ଷ ପର୍ଯ୍ୟନ୍ତ ସୁନା ଜମା କରିହେବ। ଏହି ସମୟ ପୂର୍ବରୁ ଯଦି କେହି ସୁନା ଉଠାଇବାକୁ ଚାହିଁବେ ତା'ହେଲେ ତାଙ୍କୁ ଅଳ୍ପକିଛି ଜୋରିମାନା ଦେବାକୁ ପଡ଼ିବ। ଏହି ଜମା ଉପରେ ସୁଧ ବ୍ୟାଙ୍କ କର୍ତ୍ତୃପକ୍ଷ ନିର୍ଦ୍ଧାରଣ କରିବେ।

ସୁନା ଜମା ଉପରେ ସୁଧହାର ଏହାର ମିଆଦିକୁ ନେଇ ୦.୫ ରୁ ୨.୫ ଶତାଂଶ ପର୍ଯ୍ୟନ୍ତ ନିର୍ଦ୍ଧାରିତ ହୋଇଛି। ମଧ୍ୟମ ଓ ଦୀର୍ଘ ମିଆଦି ସୁନାର ଜମା ଉପରେ ସୁଧ ହାର କେନ୍ଦ୍ର ସରକାର ନିର୍ଦ୍ଧାରଣ କରିବାର ବ୍ୟବସ୍ଥା ଅଛି। ତେବେ ସ୍ୱଳ୍ପ ମିଆଦୀ ସୁନା ଜମା ଉପରେ ସୁଧ ହାର ଟଙ୍କା ହିସାବରେ ନିର୍ଦ୍ଧାରିତ ହୁଏନାହିଁ। ଏହା ଜମା ସୁନାର ଓଜନ (ଗ୍ରାମ) ଅନୁସାରେ ନିର୍ଦ୍ଧାରିତ ହୁଏ। ତେଣୁ ଯଦି ସୁଧ ବାର୍ଷିକ ଏକ ଶତାଂଶ ହୁଏ ଜମାକରୀଙ୍କୁ ୧୦୦ଗ୍ରାମ ସୁନାର ଓଜନ ଅନୁସାରେ ଏକ ଗ୍ରାମ ସୁନାର ସୁଧ ମିଳେ।

ତେବେ ମଧ୍ୟମ ଓ ଦୀର୍ଘ ମିଆଦୀ ସୁନା ଜମାକ୍ଷେତ୍ରରେ ଟଙ୍କା ମୂଲ୍ୟରେ ସୁଧ ନିର୍ଦ୍ଧାରିତ ହୋଇଥାଏ। ଏହାର ଅର୍ଥ ଜମା ସମୟରେ ସୁନାର ମୂଲ୍ୟ ଅନୁସାରେ ସୁଧ ନିର୍ଦ୍ଧାରଣ ହୁଏ।

**ଶୁଦ୍ଧତା ଯାଞ୍ଚ:**

ସୁନା ଜମା ଓ ଉଦ୍ଦିଷ୍ଟ ସୁନାର ଶୁଦ୍ଧତା ତଥା ମାନ ପରୀକ୍ଷା ପାଇଁ ସାରା ଦେଶରେ ୩୩୦ଟି କେନ୍ଦ୍ରକୁ ଅନୁମୋଦନ ମିଳିଛି। ସେମାନେ ସୁନାର ମାନ ଓ ଶୁଦ୍ଧତା ପରୀକ୍ଷା କରି ରିପୋର୍ଟ ଦେଇଥାନ୍ତି। ଜମାକାରୀଙ୍କଠାରୁ ସୁନା ଗ୍ରହଣ କରି କେନ୍ଦ୍ରସରକାର ରସିଦ ଦେଇଥାନ୍ତି। ସେଥିରେ ସୁନାର ପରିମାଣ ଉଲ୍ଲେଖ ଥାଏ। ଏହାପରେ ସେହି ସୁନା ବ୍ୟାଙ୍କରେ ଜମା ହୁଏ ଓ ଜମାକରୀଙ୍କ ଅନୁମୋଦନକ୍ରମେ ମିଆଦ ନିର୍ଦ୍ଧାରଣ ହୁଏ।

**ଟିକସ ସୁବିଧା:**

ଏହି ଯୋଜନାରେ ଜମା ସୁନା ଉପରେ ଯେଉଁ ସୁଧ ମିଳେ ତାହା ପୁଞ୍ଜି ଲାଭ ଟିକସର ପରିସରଭୁକ୍ତ (କ୍ୟାପିଟାଲ ଗେନ୍ ଟ୍ୟାକ୍ସ) ନୁହେଁ। ଏହା ମଧ୍ୟ ଆୟକର ଓ ସମ୍ପତ୍ତି କରରୁ ମୁକ୍ତ।

ସାମ୍ପ୍ରତିକୀ

# ନୂଆଦିଲ୍ଲୀରେ ଓଡ଼ିଶା ପର୍ବ



ଓଡ଼ିଆର ଚରିତ୍ରରେ ସନ୍ଧି ଶବ୍ଦ ନାହିଁ । ସଂଘର୍ଷ କରିବା ହିଁ ଓଡ଼ିଆର ଚରିତ୍ର ବୋଲି ସର୍ବୋଚ୍ଚ ନ୍ୟାୟାଳୟର ପ୍ରଧାନ ବିଚାରପତି ଜଷ୍ଟିସ୍ ଦୀପକ ମିଶ୍ର ମତବ୍ୟକ୍ତ କରିଛନ୍ତି । ଗତ ମାର୍ଚ୍ଚ ମାସ ୯ ତାରିଖ ଦିନ ନୂଆଦିଲ୍ଲୀର ଇଣ୍ଡିଆ ଗେଟ୍ ପଡ଼ିଆରେ ଏହି ତିନିଦିନବ୍ୟାପୀ ପର୍ବର ଉଦ୍‌ଘାଟନ ଉତ୍ସବକୁ ସମ୍ବୋଧିତ କରି ଜଷ୍ଟିସ୍ ମିଶ୍ର କହିଛନ୍ତି ଯେ ଓଡ଼ିଆମାନଙ୍କ ବୀରତ୍ୱ ଯୋଗୁଁ ଦିନେ ଓଡ଼ିଶାର ସୀମା ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା ।

ଏହି ପର୍ବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ର ପେଟ୍ରୋଲିୟମ୍ ଓ ପ୍ରାକୃତିକ ବାଷ୍ପ ତଥା କୌଶଳ ବିକାଶ ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ ଓଡ଼ିଶାର ପାଇକ ବିଦ୍ରୋହରେ ନିହିତ ଥିବା ଓଡ଼ିଶା ବୀରତ୍ୱ କେବଳ ଜାତୀୟ ରାଜଧାନୀ କ୍ଷେତ୍ର ନୁହଁ ବରଂ ସମଗ୍ର ବିଶ୍ୱରେ ରହୁଥିବା ଓଡ଼ିଆଙ୍କ ଆତ୍ମ ସ୍ୱାଭିମାନ ଓ ଗୌରବକୁ ବହୁଗୁଣିତ କରିବ । ସେ କହିଛନ୍ତି ଯେ ସିପାହୀ ବିଦ୍ରୋହକୁ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ ବୋଲି କୁହାଯାଉଥିବାବେଳେ ୧୮୧୭ ମସିହାରେ ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ଓଡ଼ିଆ ଜାତି ଦେଶର ପ୍ରଥମ ସଂଗଠିତ ସଶସ୍ତ୍ର ସ୍ୱାଧୀନତା ସଂଗ୍ରାମ ଲଢ଼ିଥିଲା । ସେ କହିଛନ୍ତି ଯେ ଓଡ଼ିଆ ଜାତିର ଏଭଳି ବୀରତ୍ୱ, ସ୍ୱାଭିମାନ ଓ ସଂସ୍କୃତି ସମଗ୍ର ବିଶ୍ୱକୁ ପ୍ରଭାବିତ

## ସାମ୍ପ୍ରତିକୀ



କରିପାରିବାର ଦକ୍ଷତା ରଖିଛି । ତିନିଦିନ ବ୍ୟାପୀ ଏହି ଉତ୍ସବରେ କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା, ଦିଲ୍ଲୀର ସାଂସଦ ତଥା ବିଶିଷ୍ଟ ଭୋଜପୁରୀ ଗାୟକ ଶ୍ରୀ ମନୋଜ ତିୱାରୀ, ପଦ୍ମଶ୍ରୀ ହଳଧର ନାଗ୍, ବିଶିଷ୍ଟ ଅଭିନେତ୍ରୀ ମହାଶ୍ୱେତା ରାୟ, ଅପରାଜିତା ମହାନ୍ତି ଓ ମିହିର ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଏହି ପର୍ବ ଅବସରରେ ଓଡ଼ିଆ ଖାଦ୍ୟ, ହସ୍ତତନ୍ତ ଓ ହସ୍ତକଳା ଷ୍ଟଲ୍‌ମାନଙ୍କରେ ପ୍ରବଳ ଜନଗହଳି ପରିଲକ୍ଷିତ ହୋଇଥିଲା ।

# ଜନଜାତି ଉନ୍ନୟନ

ଶ୍ରୀଯୁକ୍ତ ନରେନ୍ଦ୍ର ମୋଦିଙ୍କ ସରକାର ଜନଜାତିମାନଙ୍କ ଶିକ୍ଷାକୁ ଅତ୍ୟନ୍ତ ଗୁରୁତ୍ୱ ଦେଇଆସୁଛି । ସେଥିପାଇଁ ଆଦିବାସୀ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ସକାଶେ ଦେଶରେ ଅଧିକ ଏକଲବ୍ୟ ମଡେଲ୍ ସ୍କୁଲ୍ ସ୍ଥାପନ କରାଯିବ ବୋଲି କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଶ୍ରୀ ଜୁଏଲ୍ ଓରାମ୍ ସୂଚନା ଦେଇଛନ୍ତି । ସେ କହିଛନ୍ତି, ୫୦ ପ୍ରତିଶତ ଆଦିବାସୀ କିମ୍ବା ଅତି କମ୍‌ରେ ୨୦ ହଜାର ଆଦିବାସୀ ବସବାସ କରୁଥିବା ବ୍ଲକ୍‌ମାନଙ୍କରେ ଏକଲବ୍ୟ ମଡେଲ୍ ଆବାସିକ ବିଦ୍ୟାଳୟ ସ୍ଥାପନ କରାଯିବ । ସେ ପୁଣି କହିଛନ୍ତି ଯେ ଜନଜାତିମାନଙ୍କ ସର୍ବାଙ୍ଗୀଣ ବିକାଶ ପାଇଁ ବିଗତ ଚାରୋଟି ଆର୍ଥିକ ବର୍ଷରେ କେନ୍ଦ୍ର ସରକାର ଓଡ଼ିଶାକୁ ସମ୍ବିଧାନର ୨୭୫(୧) ଧାରା ଅନୁସାରେ ୫୭୨୩୧.୯୮ ଲକ୍ଷ୍ୟ ଟଙ୍କା ଏବଂ ଟ୍ରାଇବାଲ୍ ସବ୍-ପ୍ଲାନ୍‌ରେ ୫୩୧୨୫.୭୯ ଲକ୍ଷ ଟଙ୍କା ଅନୁମୋଦନ କରିଛନ୍ତି ।

## FORM IV

Statement about Ownership and other particulars about **Yojana (Odia) (To be published in the first issue every year after the last day of February)**

| | | | |
|---|---|---|---|
| 1. | Place of Publication | : | Bhubaneswar |
| 2. | Periodicity of Publication | : | Monthly |
| 3. | Printer's Name | : | Dr. Sadhana Rout |
| 4. | Nationality | : | Indian |
| | Address | : | Publications Division, Soochna Bhavan, New Delhi - 110 003. |
| 5. | Publisher's Name | : | Dr. Sadhana Rout |
| | Nationality | : | Indian |
| | Address | : | Publications Division, Soochna Bhavan, New Delhi - 110 003. |
| 6. | Editor's Name | : | Dr. G.C.DASH |
| | Nationality | : | Indian |
| | Address | : | PRO,CPRF Block No.1, C.G.O Complex Lodhi Road, New Delhi-110003 |
| 7. | Name & Address of Individual who own the newspaper and Partner or shareholder holding more than one Percent of the total capital. | : | Wholly owned by Ministry of Information & Broadcasting, Government of India, New Delhi - 110 001. |

I, **Sadhana Rout** , hereby declare that the particular given above are true to the best of my Knowledge and belief.

(Dr.Sadhana Rout )

**Date: 13.02.2018**

Signature of Publisher

# 'ଆଡଭାଣ୍ଟେଜ ଆସାମ' - ବିଶ୍ୱ ନିବେଶକ ଶିଖର ବୈଠକ




ଆସାମର ଗୁଆହାଟିଠାରେ ୨୦୧୮ ଫେବୃଆରୀ ତିନି ତାରିଖରେ ଦୁଇ ଦିନିଆ ବିଶ୍ୱ ନିବେଶକ ଶିଖର ବୈଠକ ଅନୁଷ୍ଠିତ ହୋଇଥିଲା। ଏହାର ନାମ ରଖାଯାଇଥିଲା 'ଆଡ୍‌ଭାଣ୍ଟେଜ୍ ଆସାମ'। ଏହାର ଉଦ୍ଦେଶ୍ୟ ଥିଲା ଆସାମର ଭୌଗୋଳିକ ଓ ବ୍ୟାବସାୟିକ ସୁବିଧା ସୁଯୋଗକୁ ପ୍ରଦର୍ଶନ କରି ଏହି ରାଜ୍ୟରେ ପୁଞ୍ଜିନିବେଶ ପାଇଁ ଅଧିକରୁ ଅଧିକ ନିବେଶକଙ୍କୁ ଆକୃଷ୍ଟ କରିବା। ଦକ୍ଷିଣ ଓ ଦକ୍ଷିଣ ପୂର୍ବ ଏସିଆକୁ ସଂଯୁକ୍ତ କରିବାରେ ଆସାମ ଭୌଗୋଳିକ ଦୃଷ୍ଟିରୁ ଏକ ସୁବିଧାଜନକ ସ୍ଥିତିରେ ଥିବାରୁ ଏହି ରାଜ୍ୟରେ ଅଧିକରୁ ଅଧିକ ରପ୍ତାନୀଭିତ୍ତିକ ଉଦ୍ୟୋଗ ସ୍ଥାପନ କରିବାକୁ ସେଠା ସରକାର ନିବେଶକଙ୍କୁ ଅବଗତ କରାଇଥିଲେ।

**'ଆଡଭାଣ୍ଟେଜ୍ ଆସାମ' ଆସିଆନକୁ ଭାରତର ଏକ୍ସପ୍ରେସ୍ ପଥ**

ଏହି ଶିଖର ବୈଠକକୁ ପ୍ରଧାନମନ୍ତ୍ରୀ ଉଦ୍‌ଘାଟନ କରିବା ସହ ସମଗ୍ର ଉତ୍ତର ପୂର୍ବାଞ୍ଚଳ କିପରି କେନ୍ଦ୍ର ସରକାରଙ୍କ ବିକାଶ କାର୍ଯ୍ୟସୂଚୀରେ ଅଗ୍ରାଧିକାର ପାଇଛି ତାହା କହିଥିଲେ। ଏହି ଅବସରରେ କେନ୍ଦ୍ର ସରକାରଙ୍କ 'ଆକ୍ଟ ଇଷ୍ଟ' ନୀତି ଦ୍ୱାରା ଏ ଅଞ୍ଚଳରେ ପଡ଼ୋଶୀ ରାଷ୍ଟ୍ରଙ୍କ ସହ ଭାରତର ଜନତା-ଜନତା ସ୍ତରରେ ସମ୍ପର୍କ ବୃଦ୍ଧି ସମ୍ପର୍କରେ ସୂଚନା ଦେଇଥିଲେ। ଏଭଳି ନୀତି ଦ୍ୱାରା ଆସିଆନ ରାଷ୍ଟ୍ରସମୂହଙ୍କ ସହିତ ବାଣିଜ୍ୟ କାରବାର ତ୍ୱରାନ୍ୱିତ ହେବା ନେଇ ସେ ଦୃଢ଼ ଆଶା ପୋଷଣ କରିଥିଲେ।

ଉତ୍ତରପୂର୍ବାଞ୍ଚଳର ଜନତାଙ୍କ ସମତୁଲ ବିକାଶ ଏବଂ ଜୀବନଧାରଣର ମାନବୃଦ୍ଧି ପାଇଁ କେନ୍ଦ୍ର ସରକାର ଗ୍ରହଣ କରୁଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ପ୍ରଧାନମନ୍ତ୍ରୀ ସୂଚନା ଦେଇଥିଲେ। ଜାତୀୟ ବାଉଁଶ ମିଶନ, ଏଲ୍‌ଇଡି ଯୋଜନା, ଉଜ୍ଜ୍ୱଳା ଯୋଜନା, ଜାତୀୟ ଆବାସ ନିର୍ମାଣ କାର୍ଯ୍ୟକ୍ରମ ଦ୍ୱାରା ଉତ୍ତରପୂର୍ବାଞ୍ଚଳ ଲୋକ ବିଶେଷ ଉପକୃତ ହେବବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

ଏହି ଦୁଇଦିନିଆ ବିଶ୍ୱନିବେଶକ ସମ୍ମିଳନୀ ଆୟୋଜନ ଆସାମ ସରକାରଙ୍କର ସବୁଠୁ ବୃହତ୍ କାର୍ଯ୍ୟକ୍ରମ। ଏହି ଅବସରରେ ଆସାମରେ ଏକ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ପାଇଁ ୨୦୦ ରୁ ଅଧିକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଆସାମ ମୁଖ୍ୟମନ୍ତ୍ରୀ ନିବେଶକମାନଙ୍କୁ କହିଥିଲେ ଯେ ସେମାନଙ୍କୁ ସବୁ ସୁବିଧା ସୁଯୋଗ ଯୋଗାଇଦିଆଯିବ ଏବଂ ରାଜ୍ୟ ସରକାରଙ୍କୁ ସେମାନେ ଜଣେ ଅଙ୍ଗୀକୃତ, ସଚ୍ଚୋଟ ଓ ବିଶ୍ୱସ୍ତ ଅଂଶୀଦାର ଭାବେ ବିଚାର କରିବା ଉଚିତ୍।

ଆସିଆନ ରାଷ୍ଟ୍ରସମୂହ ପାଇଁ ଆସାମ ଭାରତର 'ଏକ୍ସପ୍ରେସ ପଥ' ହୋଇଥିବାରୁ ଏହାର ପୂର୍ଣ୍ଣ ସୁଯୋଗ ନେବାକୁ ସେ ନିବେଶକଙ୍କୁ ଅନୁରୋଧ କରିଥିଲେ। ରାଜ୍ୟର ଏହି ପ୍ରଥମ ବିଶ୍ୱସ୍ତରୀୟ ନିବେଶକ ଶିଖର ବୈଠକ ସଫଳତାର ସହ ସମ୍ପନ୍ନ ହୋଇଛି।

**YOJANA (Odia) : Monthly** **March 2018** **RNI No. 57203/93**
**ISSN 0971-8346** **Total Number of Pages (76)**


# କେନ୍ଦ୍ରୀୟ ତଥା ରାଜ୍ୟ ସିଭିଲ ସର୍ଭିସ ଆଶାୟୀ ପ୍ରତିଯୋଗୀମାନଙ୍କୁ ଏକ ଆହ୍ୱାନ

ସମ୍ମାନଜନକ ସିଭିଲ ସର୍ଭିସ ଓ ଅନ୍ୟାନ୍ୟ ନିଯୁକ୍ତି ସଂକ୍ରାନ୍ତ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ନିଜ ନିଜକୁ ଉପଯୁକ୍ତ ପ୍ରତିଯୋଗୀ ରୂପେ ଗଢିତୋଳନ୍ତୁ ।

## ଯୋଜନା ପଢନ୍ତୁ ଏବଂ ଜ୍ଞାନ ପରିସର ପରିବ୍ୟାପ୍ତ କରନ୍ତୁ ।

ଯୋଜନା, ଦେଶର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ପ୍ରତି ସମର୍ପିତ, ଜାତୀୟ ତଥା ସାଂପ୍ରତିକ ଜ୍ୱଳନ୍ତ ସମସ୍ୟାବଳୀ, ଅର୍ଥନୈତିକ ଓ ସାମାଜିକ ବିକାଶ, କୃଷି, ଶିକ୍ଷା, ବାଣିଜ୍ୟ, ପରିବହନ, ଯୋଗାଯୋଗ, ଖାଉଟୀସୁରକ୍ଷା, ପରିବେଶ ସଂରକ୍ଷଣ, ପଞ୍ଚାୟତିରାଜ ଏବଂ ଗ୍ରାମ୍ୟ ଉନ୍ନୟନ ବିଷୟ ସାଙ୍ଗକୁ ସାଂସ୍କୃତିକ ତଥା ମହିଳା, ଯୁବ ଓ ଶିଶୁ ବିକାଶ ଇତ୍ୟାଦି ବିଷୟରେ ସୁପ୍ରତିଷ୍ଠିତ ଗବେଷକ ତଥା ବିଶେଷଜ୍ଞମାନଙ୍କ ଦ୍ୱାରା ଲିଖିତ ବିଶ୍ଳେଷଣାତ୍ମକ ପ୍ରବନ୍ଧମାନ ପ୍ରକାଶ କରିଥାଏ । ଯୋଜନା ନିୟମିତ ପଠନ ଦ୍ୱାରା ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାର୍ଥୀ, ମହାବିଦ୍ୟାଳୟ ତଥା ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ, ଅଧ୍ୟାପକ, ଗବେଷକ, ବୁଦ୍ଧିଜୀବୀ ତଥା ଜ୍ଞାନପିପାସୁ ସାଧାରଣ ପାଠକ ପାଠିକା ଉପକୃତ ହେଉଛନ୍ତି ।

**ଆପଣ ମଧ୍ୟ କାହିଁକି ଉପକୃତ ହେବେ ନାହିଁ ?**

ଯୋଜନାର ଗ୍ରାହକ ହୁଅନ୍ତୁ ଏବଂ ନିଯୁକ୍ତି କ୍ଷେତ୍ର ଲାଗି ନିଜକୁ ଉପଯୁକ୍ତ ପ୍ରତିଯୋଗୀ ରୂପେ ଗଢି ତୋଳନ୍ତୁ ।

## ଓଡିଶାରେ ଯୋଜନା ପତ୍ରିକାର ମୁଖ୍ୟ ଏଜେଣ୍ଟ

*ଅକ୍ଷୟ କୁମାର ନାୟକ, ବସଷ୍ଟାଣ୍ଡ ବୁକ୍ ଷ୍ଟଲ, ଭୁବନେଶ୍ୱର -୯ * ମାଧବ ବୁକ୍ ଷ୍ଟୋର, ବାଦାମବାଡି, କଟକ -୯ * ମୂର୍ତ୍ତି ନ୍ୟୁଜ୍ ଏଜେନସୀ, ଓଲ୍ଡ ବସ୍ ଷ୍ଟାଣ୍ଡ, ବ୍ରହ୍ମପୁର, ଗଞ୍ଜାମ * ଶିବ ଶକ୍ତି, ପୁସ୍ତକାଳୟ ସେକ୍ଟର-୨, ବସ୍‌ଷ୍ଟାଣ୍ଡ, ରାଉରକେଲା । *ଗାୟତ୍ରୀ ଭଣ୍ଡାର, ବସନ୍ତ ବିହାର, ଯୁବଲୀଟାଉନ, ଭାପୁର-ଶଙ୍କରପୁର ରୋଡ, ଢେଙ୍କାନାଳ ଏବଂ ସମସ୍ତ **Employment News** ବିକ୍ରେତା ।

## "ଯୋଜନା"ର ଗ୍ରାହକ ଦେୟ

* ପ୍ରତି ଖଣ୍ଡ -୨୨/-ଟଙ୍କା, ବାର୍ଷିକ -୨୩୦/-ଟଙ୍କା, ଦ୍ୱିବାର୍ଷିକ -୪୩୦/- ଟଙ୍କା, ତ୍ରୈବାର୍ଷିକ -୬୧୦/-ଟଙ୍କା, ବିଶେଷାଙ୍କ - ୩୦/- ଟଙ୍କା

## ଗ୍ରାହକ ଦେୟ ପଠାଇବା ଠିକଣା :

**Advertisement & Circulation Manager, YOJANA**
**Publications Division, Min. of I & B,**
**Soochna Bhawan, Room 48-53, CGO Complex, Lodi Road, New Delhi - 110003**
**The subscription may be sent through IPO/MO or Bank Draft in favour of the**
**"Director, Publications Division, Ministry of Information & Broadcasting, New Delhi**


Printed and Published by Dr. (Ms) Sadhana Rout, Director General & Head on behalf of Publications Division, Ministry of I & B, Govt. of India, Published from Soochna Bhavan, CGO Complex, Lodhi Road, New Delhi-110003 and Printed at : Print-Tech Offset Pvt. Ltd., Plot No. F66/1 & F66/2, Chandaka Industrial Area, Bhubaneswar - 24
Editor : Dr. Girish Chandra Dash